R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୩୧
ତିଥି : ତୃତୀୟା
୨୯ ମେ' ୨୦୨୫, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 231
29 May 2025, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur



## ପୁଞ୍ଜିଲାଲକୁ ଆଜୀବନ

- ବହୁ ଚର୍ଚ୍ଚିତ ପାଟଣାଗଡ ପାର୍ସଲ ବୋମା ବିସ୍ଫୋରଣ
- ମୃତ୍ୟୁ ପର୍ଯ୍ୟନ୍ତ ରହିବ ଜେଲ୍‌ରେ
- ୧ ଲକ୍ଷ ୪୦ ହଜାର ଟଙ୍କା ଜରିମାନା

ପାଟଣାଗଡ଼, ୨୮।୫ (ସବ୍ୟୁ): ଦୀର୍ଘ ସାତ ବର୍ଷ ଅପେକ୍ଷାର ଅନ୍ତ ଘଟିଛି । ପୀଡିତା ପରିବାରକୁ ମିଳିଛି ନ୍ୟାୟ । ବହୁ ଚର୍ଚ୍ଚିତ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ପାର୍ସଲ ବୋମା ମାମଲାର ବୁଧବାର ଚୂଡାନ୍ତ ଐତିହାସିକ ରାୟ ପ୍ରକାଶ ପାଇଛି । ମାମଲାର ଶୁଣାଣି କରି ପାଟଣାଗଡ଼ ଅତିରିକ୍ତ ଜିଲ୍ଲା ଦୌରା ଜଜ ସୋନାଲି ପଟ୍ଟନାୟକ ଅଭିଯୁକ୍ତ ପୁଞ୍ଜିଲାଲ ମେହେରକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ସହ ଏକ ଲକ୍ଷ ଚାଳିଶ ହଜାର ଟଙ୍କାର ଅର୍ଥ ଦଣ୍ଡରେ ଦଣ୍ଡିତ କରିଛନ୍ତି ।

ଦଫା ୩୦୨ ପାଇଁ ହତ୍ୟା ଅଭିଯୋଗରେ ଆଜୀବନ ଦଣ୍ଡାଦେଶ ସହ ୫୦ ହଜାର ଟଙ୍କା ଜରିମାନା ଅନାଦେୟ ଅତିରିକ୍ତ ଏକ ବର୍ଷ ଜେଲରେ ଦଣ୍ଡିତ କରିଛନ୍ତି । ଦଫା ୩୦୭ରେ ହତ୍ୟା ଉଦ୍ୟମ ଅଭିଯୋଗରେ ୧୦ ବର୍ଷ ଜେଲ ସହ ଜରିମାନା ୨୦ ହଜାର ଅନାଦେୟ ଅତିରିକ୍ତ ୬ ମାସ ଜେଲ, ଦଫା ୨୦୧ ପାଇଁ ପ୍ରମାଣ ନଷ୍ଟ ଅଭିଯୋଗରେ ୭ ବର୍ଷ ଜେଲ ସହ ଜରିମାନା ୧୦ ହଜାର, ଅନାଦେୟ ଅତିରିକ୍ତ ତିନି ମାସ ଜେଲ, ଧାରା ୩ ପାଇଁ ବିସ୍ଫୋରକ ସାମଗ୍ରୀ ମହଜୁଦ ଅଭିଯୋଗରେ ଆଜୀବନ କାରାଦଣ୍ଡାଦେଶ ସହ ୫୦ ହଜାର ଜରିମାନା ଓ ଧାରା ୪ ପାଇଁ ବିସ୍ଫୋରକ ସାମଗ୍ରୀ ଆଇନ ଅଭିଯୋଗରେ ୭ ବର୍ଷ ଜେଲ ସହ ୧୦ ହଜାର ଜରିମାନା ଓ (୯ ପୃଷ୍ଠାରେ)

## ଓଡ଼ିଶା ଏଆଇ ନୀତି ମଞ୍ଜୁର



- ୫ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ
- ଓଡ଼ିଶା ବେସାମରିକ ସେବା ପ୍ରବେଶ ଲାଗି ବୟସ ସୀମା ୪୨କୁ ବୃଦ୍ଧି
- ମହିମା ଗାଦିର ବିକାଶ ଲାଗି ୧୭୧ କୋଟି ଟେଣ୍ଡର
- ଓଡ଼ିଶା ଚକ୍ଷୁ ଚିକିତ୍ସା ସେବା ନିୟମାବଳୀ ଅନୁମୋଦନ
- ୫୩୮ ପଦବୀ ସୃଷ୍ଟି ହେବ, ପଦୋନ୍ନତି ବ୍ୟବସ୍ଥା ରହିବ
- ଓଡ଼ିଶା ଏଆଇ ନୀତି ୨୦୨୫କୁ ଅନୁମୋଦନ
- ଜଟାଧାରୀ ମୁହାଣରେ ଜେଏସ୍‌ଡବ୍ଲ୍ୟୁର ଜେଟି ନିର୍ମାଣକୁ ମଞ୍ଜୁର

ଭୁବନେଶ୍ୱର, ୨୮।୫ (ସବ୍ୟୁ) : ଜଗତସିଂହପୁର ଜିଲ୍ଲା ଜଟାଧାରୀ ମୁହାଣରେ ଏକ ନିଜସ୍ୱ ଜେଟିର ସ୍ଥାପନ ନିମନ୍ତେ ରାଜ୍ୟ ସରକାର ଓ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ସେଲ୍ସ ମଧ୍ୟରେ ହେବାକୁ ଥିବା ଚୁକ୍ତିନାମାକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି । ଉପରୋକ୍ତ ପ୍ରସ୍ତାବ ସମେତ ରାଜ୍ୟ କ୍ୟାବିନେଟ୍ ୫ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ସଚିବ ମନୋଜ ଆହୁଜା କହିଛନ୍ତି ଯେ ଓଡ଼ିଶା ବନ୍ଦର ନୀତି ୨୦୨୨ ଅନୁଯାୟୀ ବନ୍ଦର ସମ୍ପର୍କିତ ଶିଳ୍ପର ବିକାଶ ସହିତ ବନ୍ଦରକୁ ସଂଯୁକ୍ତ କରିବା ପାଇଁ ଏହି ଜେଟି ପ୍ରୋତ୍ସାହିତ କରିବ । ଏହା ମଧ୍ୟ ରାଜ୍ୟ ପାଇଁ ରାଜସ୍ୱ ସୃଷ୍ଟି କରିବ । ପ୍ରକଳ୍ପ ମାଧ୍ୟମରେ ୩୪୫୦ ଲୋକଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ମିଳିବାର ଲକ୍ଷ୍ୟ ରଖାଯାଇଛି । ସେହିଭଳି କ୍ୟାବିନେଟ୍‌ରେ ଓଡ଼ିଶା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ନୀତି ୨୦୨୫କୁ ଅନୁମୋଦନ କରିଛନ୍ତି । ଏହାଦ୍ୱାରା ରାଜ୍ୟରେ ବୈଷୟିକ ବିକାଶ ଆହୁରି ସୁଦୃଢ଼ ହେବ । ଏହି ନୀତି ୪ ସ୍ତମ୍ଭ ଉପରେ ଯଥା କୃତ୍ରିମ ବୁଦ୍ଧିମତାର ମୌଳିକ ଭିତ୍ତିଭୂମି, ଦକ୍ଷତା, ଶକ୍ତି ଏବଂ ନିୟନ୍ତ୍ରଣାତ୍ମକ ଢ଼ାଞ୍ଚା ଉପରେ ଆଧାରିତ । ଏହା ରାଜ୍ୟର କମ୍ପ୍ୟୁଟିଂ କ୍ଷମତାକୁ ସରଳ କରିବା ସହ ପରିପକ୍ୱ ତଥ୍ୟ ପ୍ରଦାନ କରିପାରିବ । ଶିଳ୍ପ ଓ ଶିକ୍ଷା ମଧ୍ୟରେ ସହଯୋଗକୁ ପ୍ରୋତ୍ସାହିତ କରିବ । ଏକ ସ୍ୱତନ୍ତ୍ର ଏଆଇ ମିଶନ ସୃଷ୍ଟି କରାଯାଇ ସରକାରୀ ବିଭାଗ ମଧ୍ୟରେ ଏଆଇ ପ୍ରୟୋଗ ପ୍ରୟାସଗୁଡ଼ିକୁ କାର୍ଯ୍ୟାନ୍ୱିତ କରିବା ପାଇଁ ସର୍ବୋଚ୍ଚ ପ୍ରତିଷ୍ଠାନ ଭାବେ କାର୍ଯ୍ୟ କରିବ । ଉଚ୍ଚସ୍ତରୀୟ ଏଆଇ ଟାସ୍କଫୋର୍ସ ଓ ଏଆଇ ସେଲ୍ ଗଠନ କରାଯିବ । ମୁଖ୍ୟତଃ ସ୍ୱାସ୍ଥ୍ୟ, କୃଷି, ଶିକ୍ଷା ଏବଂ ବିପର୍ଯ୍ୟୟ ପରିଚାଳନା ଓ ଅନ୍ୟାନ୍ୟ ସରକାରୀ ବ୍ୟବସ୍ଥାକୁ ସାମିଲ କରାଯାଇ ଏ ସବୁକୁ ସୁଦୃଢ଼ ଓ ଲୋକାଭିମୁଖୀ କରାଯିବ । (୯ ପୃଷ୍ଠାରେ)

## ୧୫ ଦିନ ଆଗରୁ ମୌସୁମୀ

**୧୫ ବର୍ଷ ପରେ ସଅଳ ଆସିଲା**

**ପ୍ରଥମ ଦିନରେ ୫ ଜିଲ୍ଲାରେ ପ୍ରବେଶ**

ଭୁବନେଶ୍ୱର, ୨୮।୫ (ସବ୍ୟୁ): ରାଜ୍ୟକୁ ଏଥର ସଅଳ ଛୁଇଁଛି ମୌସୁମୀ । ନିର୍ଦ୍ଧାରିତ ସମୟର ୧୫ଦିନ ପୂର୍ବରୁ ଓଡ଼ିଶା ପ୍ରବେଶ କରିଛି । ଦକ୍ଷିଣ ଓଡ଼ିଶାର ୫ ଜିଲ୍ଲାକୁ ମୌସୁମୀ ସ୍ପର୍ଶ କରିଛି । ୧୯୯୯ ମସିହା ୨୮ ମେ' ଓ ୨୦୦୯ରେ ମେ' ୨୫ରେ ସଅଳ ମୌସୁମୀ ଓଡ଼ିଶା ଛୁଇଁଥିଲା । ଏଥର ପାଗ ଅନୁକୂଳ ଥିବାରୁ ୧୫ ବର୍ଷ ପରେ ଓଡ଼ିଶାକୁ ଶୀଘ୍ର ମୌସୁମୀ ଆସିଛି ।

୨୪ ମେ'ରେ କେରଳ ଛୁଇଁଥିଲା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ । ସ୍ୱାଭାବିକ ତାରିଖର ୮ ଦିନ ପୂର୍ବରୁ କେରଳ ଛୁଇଁଥିଲା ମୌସୁମୀ । ସାଧାରଣତଃ ଜୁନ୍ ୧ରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ କେରଳ ଛୁଇଁଥାଏ । କିନ୍ତୁ ଏଥର ୧୬ ବର୍ଷ ପରେ ମୌସୁମୀ ସଅଳ କେରଳ ଛୁଇଁଥିଲା । ଭୁବନେଶ୍ୱର ପାଣିପାଗ ବିଭାଗର କହିବାନୁସାରେ, ଓଡ଼ିଶାର ମାଲକାନଗିରି, କୋରାପୁଟ ଜିଲ୍ଲାକୁ ସମ୍ପୂର୍ଣ୍ଣ ଭାବେ ମୌସୁମୀ ସ୍ପର୍ଶ କରିଥିବା ବେଳେ ନବରଙ୍ଗପୁର, ରାୟଗଡ଼ା ଓ ଗଜପତି ଜିଲ୍ଲାର କିଛି ଅଞ୍ଚଳକୁ ଛୁଇଁଛି । (୯ ପୃଷ୍ଠାରେ)

## ଧାନ ଏମ୍‌ଏସ୍‌ପି ୬୯ ଟଙ୍କା ବୃଦ୍ଧି

ନୂଆଦିଲ୍ଲୀ, ୨୮।୫ : ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି)ରେ କେନ୍ଦ୍ର ସରକାର ୬୯ଟଙ୍କା ବୃଦ୍ଧି କରିଛନ୍ତି । ଚଳିତ ଖରିଫରେ ଚାଷୀମାନେ ଧାନର କ୍ୱିଣ୍ଟାଲ ପିଛା ୨୩୬୯ ଟଙ୍କାରେ ବିକ୍ରି କରିପାରିବେ । ପୂର୍ବରୁ ଏମ୍‌ଏସ୍‌ପି ୨୩୦୦ ଟଙ୍କା ଥିଲା । ସେହିଭଳି ଗ୍ରେଡ୍-ଏ ଧାନ ପାଇଁ ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ୨୩୮୯ ଟଙ୍କା ମିଳିବ । ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅର୍ଥନୈତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ୍ କମିଟି ବୈଠକରେ ୧୪ ଖରିଫ ଫସଲର ଏମ୍‌ଏସ୍‌ପି ବୃଦ୍ଧିକୁ ଅନୁମୋଦନ କରାଯାଇଛି ।

ବୈଠକର ନିଷ୍ପତ୍ତି ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି । ବୈଠକର ନିଷ୍ପତ୍ତି ଅନୁଯାୟୀ ଅଳସୀ ମଞ୍ଜିର ଏମ୍‌ଏସ୍‌ପିର ସର୍ବାଧିକ କ୍ୱିଣ୍ଟାଲ ପିଛା ୮୨୦ ଟଙ୍କା ବୃଦ୍ଧି ପାଇ ୯୫୩୭ରେ ପହଞ୍ଚିଛି । ମାଣ୍ଡିଆର ଏମ୍‌ଏସ୍‌ପି ୫୯୬ ଟଙ୍କା କ୍ୱିଣ୍ଟାଲ ପିଛା ହୋଇଥିବାବେଳେ କପାର ୫୮୯ ଟଙ୍କା, ରାଶିର ଏମ୍‌ଏସ୍‌ପି ୫୭୯ ଟଙ୍କା ବୃଦ୍ଧି ପାଇଛି । ସେହିଭଳି ମକା ଚାଷୀଙ୍କୁ ମଧ୍ୟ ନିରାଶ କରାଯାଇନାହିଁ । ଏହାର ଏମ୍‌ଏସ୍‌ପିକୁ ୨୨୨୫ ଟଙ୍କାରୁ ୨୪୦୦ ଟଙ୍କାକୁ ବୃଦ୍ଧି କରାଯାଇଥିବାବେଳେ ଚିନା ବାଦାମର ଏମ୍‌ଏସ୍‌ପି ୪୮୦ ଟଙ୍କା, ସୂର୍ଯ୍ୟମୁଖୀର ଏମ୍‌ଏସ୍‌ପି ୪୪୧ ଟଙ୍କା, ସୋୟାବିନ୍‌ର ଏମ୍‌ଏସ୍‌ପି (୯ ପୃଷ୍ଠାରେ)



# ଶ୍ରୀଲଙ୍କା ପୋଲ୍ ରୁଟି

**ସାମଗ୍ରୀ–** ୨ କପ ମଇଦା,୩ଟି କଞ୍ଚା ଲଙ୍କା, ଗୋଟିଏ କପ ନଡିଆ କୋରା, ଗୋଟିଏ ପିଆଜ କଟା, ଭୃସଙ୍ଗ ପତ୍ର ।

**ପ୍ରଣାଳୀ–** ପ୍ରଥମେ ଗୋଟିଏ ପାତ୍ରରେ ନଡିଆ କୋରା, କଞ୍ଚା ଲଙ୍କା କଟା, ପିଆଜ, ଭୃସଙ୍ଗ ପତ୍ର ଓ ଲୁଣ ପକାଇ ଗୋଳାନ୍ତୁ । କିଛି ସମୟ ପରେ ଏଥିରୁ ବାହାରୁଥିବା ଅଧିକ ପାଣି କାଢି ଦିଅନ୍ତୁ । ଏହାପରେ ଏଥିରେ ମଇଦା ମିଶାଇ ଚକଟି ଦିଅନ୍ତୁ । ଏହି ଚକଟାକୁ ୫ରୁ ୧୦ ମିନିଟ୍ ଅଲଗା କରି ରଖି ଦିଅନ୍ତୁ । ଏହାପରେ ହାତରେ ଅଳ୍ପ ତେଲ ମାରି ଗୁଳା ଗୁଡିକୁ ଅଲଗା କରି ନିଅନ୍ତୁ । ଗୋଟିଏ ଗୋଟିଏ ଗୁଳା ନେଇ ଏହାକୁ ହାତରେ ରୁଟି ଭଳି ସ୍ପ୍ରେଡ୍ କରନ୍ତୁ । ଏହାପରେ ତାୱାରେ ଏହି ରୁଟିକୁ ଉଭୟ ପଟେ ସେକି ନିଅନ୍ତୁ । ପସନ୍ଦ ଅନୁଯାୟୀ କିଛି ଘିଅ ଏଥିରେ ଲଗାଇ ପାରିବ । ଏହାକୁ ଚଟଣି ସହିତ ପରଷନ୍ତୁ ।



## ସୋସିଆଲ କୋଟ୍ସ



"ଟେଲି ଇଣ୍ଡଷ୍ଟ୍ରୀରେ ମଧ୍ୟ କାଷ୍ଟିଂ କାଉଚ ହୋଇଥାଏ । ମୁଁ ମୋ କ୍ୟାରିୟରରେ ଏହାକୁ ସାମନା କରିଛି । ଜଣେ କାଷ୍ଟିଂ ନିର୍ଦ୍ଦେଶକ ଗାଡି ଭିତରେ ମୋ ସହିତ ଅଶ୍ଳୀଳ ବ୍ୟବହାର କରିବାକୁ ଚେଷ୍ଟା କରିଥିଲେ ।

**ଐଶର୍ଯ୍ୟା ଶର୍ମା, ଅଭିନେତ୍ରୀ**



"ଜିୟାଙ୍କ ମୃତ୍ୟୁ ପରେ ମୋ ପାଇଁ ସମୟ ବହୁତ କଠିନ ଥିଲା । ସେତେବେଳେ ମୁଁ ଡିପ୍ରେସନରେ ଥିଲି । ପରିବାର ସହିତ ମୁଁ ଆଖି ମଧ୍ୟ ମିଶାଇ ପାରୁନଥିଲି ।

**ସୁରଜ ପଞ୍ଚୋଲି, ଅଭିନେତା**



"ଦୁନିଆରେ ସମସ୍ତେ ମାନସିକ କିମ୍ବା ଶାରୀରିକ ପରିଶ୍ରମ କରିଥାଆନ୍ତି । ହେଲେ ଅଭିନେତାମାନେ ଏଭଳି ଜଣେ ଜଣେ ଶ୍ରମିକ ଯିଏ ଭାବାତ୍ମକ ବା ଇମୋସନାଲ ପରିଶ୍ରମ କରିଥାନ୍ତି ।

**ପଙ୍କଜ ତ୍ରିପାଠୀ, ଅଭିନେତା**

# ପତଳା ହେବାର ଘରୋଇ ଉପାୟ



**ଆଜିକାଲି ମେଦବହୁଳତା ଏକ ଗମ୍ଭୀର ରୋଗରେ ପରିଣତ ହୋଇଛି, ତେଣୁ ସମସ୍ତେ ଚାହୁଁଛନ୍ତି ଏକ ପତଳା ଓ ସୁସ୍ଥ ଶରୀର । ତେବେ ଆମ ଶରୀର ବିଶେଷଭାବେ ଆମର ଖାଦ୍ୟ ଉପରେ ନିର୍ଭର କରିଥାଏ । ଆମେ ପ୍ରତିଦିନ କଣ ଖାଉଛୁ ସେହି ଅନୁସାରେ ଆମ ଶରୀରରେ ଚର୍ବି ଯମା ହୋଇଥାଏ, ଯେଉଁକାରଣରୁ ମେଦର ପରିମାଣ ବଢିଥାଏ ବା କମିଥାଏ । ତେବେ ଏଭଳି କିଛି ଖାଦ୍ୟ ରହିଛି ଯାହାକୁ ଦୈନନ୍ଦିନ ଜୀବନରେ ସାମିଲ କରିବା ଦ୍ୱାରା ଆମେ ସୁସ୍ଥ ସହ ଫିଟ୍ ରହିପାରିବା ।**

**ଗ୍ରୀନ ଟି–** ନିଜ ଦୈନନ୍ଦିନ ଖାଦ୍ୟରେ ଗ୍ରୀନ ଟିକୁ ସାମିଲ କରନ୍ତୁ । ଏହା ଆପଣଙ୍କୁ ପତଳା ରଖିବା ସହିତ ସୁସ୍ଥ ରଖିବାରେ ସାହାଯ୍ୟ କରିବ । ଏଥିରେ ଥିବା କାଟେଚିନ୍ ଆମର ମେଟାବଲିଜିମ୍ ପ୍ରକ୍ରିୟାକୁ ଭଲ ରଖିଥାଏ, ଯାହା ଫଳରେ ଆମର ଓଜନ ନିୟନ୍ତ୍ରଣ ରହିଥାଏ ଏବଂ ଆମେ ମୋଟା ହୋଇ ନଥାଉ ।



**ଲେମ୍ବୁ ମହୁ–** ସକାଳୁ ଲେମ୍ବୁ ପାଣି ସହିତ ମହୁ ପିଇଲେ ଆମର ପାଚନ ତନ୍ତ୍ର ଭଲ ରହିଥାଏ । ଏହା ଆମକୁ ବଦହଜମିରୁ ରକ୍ଷା କରିଥାଏ । ଏହାସହ ଆମ ଶରୀରରେ ଯମା ହୋଇଥିବା ଚର୍ବିକୁ କାଢିବାରେ ମଧ୍ୟ ଏହା ସହାୟକ ହୋଇଥାଏ ।

**ଡାଲଚିନି ପାଣି–** ଡାଲଚିନି ପାଣି ଆମର ମେଟାବଲିଜିମ୍‌କୁ ବୁଷ୍ଟ କରିଥାଏ ଯାହା ଆମର ରୋଗପ୍ରତିରୋଧକ ଶକ୍ତି ବଢାଇଥାଏ । ଏହା ଆମରେ ଓଜନ ନିୟନ୍ତ୍ରଣ ପାଇଁ ଖୁବ ସହାୟକ ହୋଇଥାଏ । ଏହାକୁ ନିଜର ଦୈନନ୍ଦିନ ଜୀବନରେ ସାମିଲ କରନ୍ତୁ ଏବଂ ସୁସ୍ଥ ରୁହନ୍ତୁ ।

# ବଗିଚାରେ ଫଳୁଛି ୧୩୮ ପ୍ରକାରର ଆମ୍ବ

ଉତ୍ତରପ୍ରଦେଶ ବିଷ୍ଣୁପୁର ଗ୍ରାମରେ ଅନିଲ ଯାଦବ ନାମକ ବ୍ୟକ୍ତିଙ୍କ ବଗିଚାରେ ଫଳୁଛି ୧୩୮ ପ୍ରକାରର ଆମ୍ବ । ସେ ପେଷାରେ ଜଣେ ଶିକ୍ଷକ ହେଲେ ତାଙ୍କର ପ୍ରକୃତି ପାଇଁ ରହିଛି ଅହେତୁକ ଦୁର୍ବଳତା । ସେ ଅନେକ ସମୟରେ ଅତ୍ୟାଧୁନିକ ଜ୍ଞାନକୌଶଳକୁ କିଭଳି କୃଷିରେ ବ୍ୟବହାର କରି ଏହାକୁ ଉନ୍ନତ କରିହେବ ସେ ନେଇ ଚେଷ୍ଟିତ ରହିଥାଆନ୍ତି । ସେ ନିଜ ଚେଷ୍ଟାରେ ବଗିଚାରେ ଫଳାଇଛନ୍ତି ୧୩୮ ପ୍ରକାରର ଆମ୍ବ ଯାହା ତାଙ୍କୁ ଆଣି ଦେଇଛି ସ୍ୱତନ୍ତ୍ର ପରିଚୟ । ସେ ଏହି ସମସ୍ତ ଆମ୍ବ କୌଣସି କେମିକାଲ ନୁହେଁ ବରଂ ଜୈବିକ କୃଷି ମାଧ୍ୟମରେ ଫଳାଇଛନ୍ତି । ଏଥିରେ ସେ ବିଭିନ୍ନ ପ୍ରକାର ଯଥା ଜାପାନର ମିୟାଜାକି, ମହାରାଷ୍ଟ୍ରର ଆଲ୍‌ଫୋନ୍ସ, ଉତ୍ତର ପ୍ରଦେଶର ଦସେରୀ, ଆନ୍ଧ୍ରର ତୋତାପୁରି, ଗୁଜରାଟର କେସର ଆଦି । ଏଥିରେ ଆହୁରି ଅନେକ ପ୍ରକାରର ଆମ୍ବ କିସମ ସାମିଲ ରହିଛି । ସେ ଏହାକୁ ସରକାରୀ ସୁବିଧାକୁ ବ୍ୟବହାର କରି ଚାଷ କରିଥିବା ପ୍ରକାଶ କରିଛନ୍ତି । ଆଗକୁ ଆମ୍ବ ଚାଷକୁ ଖୁବ ଆଗକୁ ନେବା ପାଇଁ ଲକ୍ଷ ରଖିଛନ୍ତି ଅନିଲ ।



## ଇତିହାସ

୧୭୨୭– ୧୧ ବର୍ଷ ବୟସରେ ରୁଷ୍‌ର ରାଜା ହେଲେ ପିଟର ଦ୍ୱିତୀୟ ।
୧୯୪୨– ପ୍ରସିଦ୍ଧ ଭାରତୀୟ ବଙ୍ଗ କବି ହୁଲ୍ଲଡ଼ ମୁରାଦାବାଦୀଙ୍କ ଜନ୍ମ ।
୧୯୫୩– ପ୍ରଥମ ଯୋଡ଼ି ଭାବେ ମାଉଣ୍ଟ ଏଭରେଷ୍ଟ ଆରୋହଣ କଲେ ଏଡ଼ମଣ୍ଡ ହିଲାରୀ ଓ ତେନ୍‌ଜିଂ ନାର୍ଗି ।
୧୯୭୦– ଭୂତଳ ପରମାଣୁ ପରୀକ୍ଷଣ କଲା ୟୁନାଇଟେଡ୍ ରୁଷ୍ ।
୧୯୭୨– ହିନ୍ଦୀ ଫିଲ୍ମ ଓ ରଙ୍ଗମଞ୍ଚ ଅଭିନୟର ଇତିହାସ ପୁରୁଷ ତଥା 'ପୃଥ୍ୱୀ ଥିଏଟର'ର ସ୍ଥାପକ ପୃଥ୍ୱୀରାଜ କପୁରଙ୍କ ନିଧନ ।
୧୯୮୫– ୟୁରୋପିୟାନ ଫୁଟବଲ କପ୍ ଫାଇନାଲକୁ ନେଇ ସୃଷ୍ଟ ଦଙ୍ଗାରେ ୩୯ କ୍ରୀଡ଼ାପ୍ରେମୀଙ୍କ ମୃତ୍ୟୁ ।
୧୯୮୭– ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହଙ୍କ ପରଲୋକ ।
୧୯୯୯– ନାଇଜେରିଆରେ ନାଗରିକ ସତ୍ତାର ସ୍ଥାପନା ।
୨୦୦୪– ମ୍ୟାଁମାର ଘୂର୍ଣ୍ଣିଝଡ଼ରେ ୧୪୦ ମୃତ ।
୨୦୦୭– ମିସ୍ ୟୁନିଭର୍ସ (୨୦୦୭) ହେଲେ ଜାପାନର ରିୟୋ ମୋରୀ ।



# ଦୀପିକାଙ୍କୁ କ୍ୟାନ୍ସର

ସସୁରାଲ ସିମର ଫେମ୍ ଦୀପିକା କକ୍କରଙ୍କୁ କ୍ୟାନ୍ସର ହୋଇଥିବା ନେଇ ସୂଚନା ମିଳିଛି । ଏହ ଖବର ଜଣା ପଡିବାପରେ ସମସ୍ତେ ତାଙ୍କ ଆଶୁ ଆରୋଗ୍ୟ କାମନା କରିବାରେ ଲାଗିଛନ୍ତି । ତାଙ୍କ ଫ୍ୟାନଙ୍କ ପାଇଁ ଏହା ଖୁବ ଦୁଃଖଦ ଖବର ଭାବେ ଉଭା ହୋଇଛି । ସମସ୍ତେ ତାଙ୍କ ପରିବାର ପାଇଁ ଖୁବ ଚିନ୍ତିତ ଅଛନ୍ତି । ଦୀପିକାଙ୍କର ଏକ ଛୋଟ ଛୁଆ ରହିଥିବାରୁ ସମସ୍ତେ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ତେବେ କ୍ୟାନ୍ସର ହୋଇଥିବାର ସୂଚନା ନିଜେ ଦୀପିକା ଦେଇଛନ୍ତି । ସୂଚନା ଅନୁସାରେ ତାଙ୍କ ଲିଭରରେ ଷ୍ଟୋନ ନେଇ ସୂଚନା ମିଳିବା ପରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା । ଯେଉଁଥିରେ ଏକ ଟ୍ୟୁମର ବାହାର କରାଯାଇଥିଲା ଏବଂ ପରେ ଏହି ଟ୍ୟୁମରର ପରୀକ୍ଷା କରାଯାଇଥିଲା । ଏହି ପରୀକ୍ଷାରେ ମିଳିଥିବା ସୂଚନା ଅନୁସାରେ ତାଙ୍କୁ ଷ୍ଟେଜ ୨ କ୍ୟାନ୍ସର ହୋଇଛି । ସେହିଭଳି ଦୀପିକାଙ୍କର ଭଗବାନଙ୍କ ଉପରେ ଭରସା ଅଛି ଏବଂ ସେ ଖୁବ ଶୀଘ୍ର ଏହି ରୋଗରୁ ମୁକ୍ତ ହୋଇଯିବେ ବୋଲି ପ୍ରକାଶ କରିଛନ୍ତି । ସେ ଏନେଇ ଖୁବ ସକରାତ୍ମକ ଭାବନା ରଖିଛନ୍ତି ଯାହା ତାଙ୍କୁ ଏହି ରୋଗ ସହ ଲଢିବାରେ ସହଯୋଗ କରିବ ବୋଲି ଦୀପିକା ପ୍ରକାଶ କରିଛନ୍ତି । ସେହିଭଳି ନିଜର ଫ୍ୟାନଙ୍କ ଭଲ ପାଇବା ଓ ପ୍ରାର୍ଥନା ପାଇଁ ସେ ସମସ୍ତଙ୍କୁ ଧନ୍ୟବାଦ ମଧ୍ୟ ଦେଇଛନ୍ତି । ଦୀପିକାଙ୍କ ସୋସିଆଲ ମିଡିଆ ସହିତ ତାଙ୍କ ସ୍ୱାମୀ ସୋଏବ ମଧ୍ୟ ଏକ ଭିଡିଓ ପୋଷ୍ଟ କରି ଏନେଇ ସୂଚନା ଦେଇଛନ୍ତି ।

# ଚାଉଳ ଅଖାରୁ ଲକ୍ଷାଧିକ ଟଙ୍କାର ପୋଷାକ

ଆଜିକାଲିର ଫ୍ୟାଶନରେ ରିସାଇକିଲିଂ ବା ପୁନଃବ୍ୟବହାର ଖୁବ ଅଧିକ ଦେଖିବାକୁ ମିଳୁଛି । ବିଭିନ୍ନ ପୁରୁଣା ସାମଗ୍ରୀକୁ ବ୍ୟବହାର କରି ନୂଆ ଫ୍ୟାଶନ ସାମଗ୍ରୀ ତିଆରି କରାଯାଉଛି । ଅନେକ ଏଭଳି ନାମୀ ଦାମୀ ବ୍ରାଣ୍ଡ୍ ରହୁଛନ୍ତି ଯେଉଁମାନେ ପୁରୁଣା ପୋଷାକରୁ ନୂଆ ଫ୍ୟାଶନେବଲ ପୋଷାକ ନିର୍ମାଣ କରୁଛନ୍ତି । ଏହି ଟ୍ରେଣ୍ଡରେ ସାଧାରଣ ଲୋକ ମଧ୍ୟ ସାମିଲ ହୋଇଛନ୍ତି । ସେହିଭଳି ଏକ ଉଦାହରଣ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଜଣେ ଯୁବତୀ ସୋସିଆଲ ମିଡିଆରେ ଏକ ଭିଡିଓ ପୋଷ୍ଟ କରିଛନ୍ତି ଯେଉଁଥିରେ ବାସୁମତି ଚାଉଳର ପ୍ୟାକେଟ୍‌କୁ ବ୍ୟବହାର କରି ନିର୍ମାଣ ହୋଇଥିବା ଏକ ଲଙ୍ଗ୍ କୋଟ ରହିଛି । ତେବେ ଏହି କୋଟ୍‌ଟି ନିଜର ଦାମ ପାଇଁ ମଧ ଭାଇରାଲ ହେବାରେ ଲାଗିଛି । ଭିଡିଓରେ ଥିବା ସୂଚନା ଅନୁସାରେ କୋଟର ଦାମ ରହିଛି ୧.୬ ଲକ୍ଷ ଟଙ୍କା । ଏଥିରେ ରୟାଲ ବାସୁମତି ବ୍ରାଣ୍ଡ୍‌ର ଲୋଗୋ ମଧ୍ୟ ରହିଛି । ଲୋକମାନେ ଚାଉଳ ଅଖାକୁ କୋଟ ପ୍ରସ୍ତୁତି ଆଇଡିଆକୁ ଗ୍ରହଣ କରୁଥିବାବେଳେ ତାର ଦାମକୁ ଗ୍ରହଣ କରିପାରୁ ନାହାନ୍ତି । ଏହାର ଦାମକୁ ସମସ୍ତେ ନାପସନ୍ଦ କରି କଟାକ୍ଷ କରୁଥିବା ଦେଖିବାକୁ ମିଳିଛି । ଜାକେଟ୍‌ର ଦାମ ଏତେ ରହିଛି ଯାହା ଏଥିରେ ବ୍ୟବହାର ହୋଇଥି ଚାଉଳ ଭର୍ତ୍ତି ଅଖା ଠାରୁ ମଧ୍ୟ ଅଧିକ ବୋଲି ମତ ପ୍ରକାଶ ପାଇଛି ।









## ହାହାଃ..ହାହାଃ..

ବାବା – ହାତ କୁଣ୍ଡାଇ ହେଲେ ଅର୍ଥ ମିଳିବାର ସମ୍ଭାବନା ରହିଛି ।
ଭକ୍ତ – ବାବା ମୋର ଡାହାଣ ହାତ କୁଣ୍ଡାଇ ହେଉଛି ।
ବାବା – ଅର୍ଥ ପ୍ରାପ୍ତିର ଯୋଗ ରହିଛି ।
କିଛି ସମୟ ପରେ
ଭକ୍ତ – ବାବା ମୋର ବାମ ହାତ ସହ ଗୋଡ ବି କୁଣ୍ଡାଇ ହେଉଛି ।
ବାବା – ତୁରନ୍ତ ଯାଇ ଡାକ୍ତର ଦେଖାଇ ଔଷଧ ଖାଅ ।

# ୯ ଦଶନ୍ଧି ଧରି ଚାଲୁ ରହିଥିବା ପଙ୍ଖା

ରାଜସ୍ଥାନର ବିକାନେର ଏକ ଏଭଳି ସ୍ଥାନ ଯେଉଁଠି ଅନେକ ଐତିହାସିକ ସାମଗ୍ରୀ ଦେଖିବାକୁ ମିଳିଥାଏ । ତେବେ ଏଠାରେ ଅନେକ ପୁରାତନ ମହଲ ମଧ୍ୟ ରହିଛି ଯେଉଁଠାରେ ପ୍ରାଚୀନ ସମୟର ସାମଗ୍ରୀ ଦେଖିବାକୁ ମିଳିଥାଏ । ସେହିଭଳି ଏକ ସାମଗ୍ରୀ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏହି ସାମଗ୍ରୀଟି ହେଉଛି ଏକ ସିଲିଂ ଫ୍ୟାନ୍ ବା ପଙ୍ଖା । ଏହି ଫ୍ୟାନ୍‌ଟି ଇଂଲଣ୍ଡରୁ ୧୯୩୨ ମସିହାରେ ଏହି ସ୍ଥାନକୁ ଆସିଥିବା ନେଇ ସୂଚନା ରହିଛି । ସବୁଠାରୁ ବଡ କଥା ହେଲା ଏହି ପଙ୍ଖାଟି ପାଖାପାଖି ୯ଦଶନ୍ଧି ଧରି ଖରାପ ନହୋଇ କାମ କରୁଛି । ପଙ୍ଖାଟିକୁ ଲୁହା ଓ ପିତ୍ତଳରୁ ନିର୍ମାଣ କରାଯାଇଛି । ବର୍ତ୍ତମାନ ଏହି ମହଲର ମାଲିକ ଖୁବ ଗର୍ବର ସହିତ ଏହି ପଙ୍ଖାଟିର କାହାଣୀ ସମସ୍ତଙ୍କୁ ବର୍ଣ୍ଣନା କରିଥାଆନ୍ତି । ପଙ୍ଖାଟିକୁ ସୋସିଆଲ ମିଡିଆରେ ଭିଣ୍ଟେଜ ଫ୍ୟାନ୍‌ର ଆଖ୍ୟା ମିଳିଛି ।



## ଭରତପୁର ଥାନାର ପିଛା ଛାଡୁନି ବିବାଦ

# ଏତଲାକାରୀଙ୍କ ଆତ୍ମହତ୍ୟା, ରାସ୍ତାରୋକ

ଭୁବନେଶ୍ୱର, (ସବ୍ୟୁ) : ଭରତପୁର ଥାନାରେ ନିର୍ଯାତିତ ହୋଇଥିବା ଜଣେ ଏତଲାକାରୀ ବୁଧବାର ଆତ୍ମହତ୍ୟା କରିବା ପରେ ପରିବାର ଓ ସ୍ଥାନୀୟ ଲୋକେ ରାସ୍ତାରୋକ କରିଥିଲେ । ଦୀର୍ଘ ସମୟ ରାସ୍ତାରୋକ ହେବା ପରେ ଖଣ୍ଡଗିରି-ଚନ୍ଦକା ରାସ୍ତାରେ ଗାଡି ଚଳାଚଳ ବ୍ୟାହତ ହୋଇଥିଲା ।



ଭରତପୁର ଥାନା ଅଞ୍ଚଳରେ ପରିବାର ସହ ରୁହନ୍ତି ମୁନା ସେଠୀ । ମୁନା ସେଠୀଙ୍କର ତାଙ୍କ ସ୍ତ୍ରୀଙ୍କ ସହ ବିବାଦ ହେବାରୁ ସେ ଥାନାରେ ଏତଲା କରିଥିଲେ । ତାଙ୍କ ଏତଲାକୁ ପୋଲିସ ବିଚାର ନକରି ତାଙ୍କୁ ବିଭିନ୍ନ କଥା କହିବା ଫଳରେ ସେ ମାନସିକ ସ୍ତରରେ ନିର୍ଯାତିତ ହୋଇଥିଲେ । ଏହାର କିଛିଦିନ ପରେ ତାଙ୍କ ସ୍ତ୍ରୀ ଛୋଟ ପୁଅକୁ ସାଙ୍ଗରେ ନେଇ ଜଣେ ବିହାରୀ ସହ ଫେରାର ହୋଇଯାଇଥିଲେ । ଏ ସମ୍ପର୍କରେ ମୁନା ଭାରତପୁର ଥାନାରେ ଅଭିଯୋଗ କରିଥିଲେ । ସେ ଅଭିଯୋଗକୁ ପୋଲିସ ଅଣଦେଖା କରିଥିଲା । ମୁନାଠାରୁ ଅଭିଯୋଗ ଗ୍ରହଣ କରି କୌଣସି କାର୍ଯ୍ୟାନୁଷ୍ଠାନ ପୋଲିସ ନିଏ ନାହିଁ ।

ଏହିସବୁ ଘଟଣାର କିଛିଦିନ ବିତିଯିବା ପରେ ମୁନା ଶ୍ୱଶୁର ଘରକୁ ଯାଇଥିଲେ । ତାଙ୍କ ସ୍ତ୍ରୀକୁ କହିଥିଲେ ଯେ, ତୁମର ଯଦି ବିହାରୀ ସହ ରହିବାର ଅଛି ମୋ ପୁଅକୁ ମୋତେ ଦେଇଦିଅ । ଏହି କଥାକୁ ନେଇ ସେମାନଙ୍କ ମଧ୍ୟରେ ତୁମୁଳ ପାଟିତୁଣ୍ଡ ହୋଇଥିଲା । ମୁନାର ସ୍ତ୍ରୀ ସ୍ୱାମୀ ଭାବେ ଗ୍ରହଣ କରିଥିବା ବିହାରୀ ଯୁବକ ମଧ୍ୟ ଆସି ପହଞ୍ଚି ଯାଇଥିଲେ । ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ତୀବ୍ର ହେବାରୁ ମୁନାଙ୍କୁ ସେମାନେ ମିଳିମିଶି ଆକ୍ରମଣ କରିବା ଦ୍ୱାରା ତାଙ୍କ ଗୋଡ ଭାଙ୍ଗି ଯାଇଥିଲା । ସେମାନେ ଆକ୍ରମଣ କରି ଗୋଡ ଭାଙ୍ଗିଦେବା ସମ୍ପର୍କରେ ମୁନା ଭରତପୁର ଥାନାରେ ଅଭିଯୋଗ କରିଥିଲେ । ପୂର୍ବଭଳି ପୋଲିସ ଅଭିଯୋଗ ଗ୍ରହଣ କରିବା ସହ ମୁନାଙ୍କୁ କଟୂ ଭାଷାରେ ଗାଳିଗୁଲଜ କରିଥିଲା । ମୁନା ପୋଲିସର ଗାଳିଗୁଲଜରେ ମାନସିକ ଭାରସାମ୍ୟ ହରାଇ ବୁଧବାର ଆତ୍ମହତ୍ୟା କରିଥିବା ଆନ୍ଦୋଳନକାରୀମାନେ କହିଛନ୍ତି । ରାସ୍ତାରୋକରେ ମୁନାଙ୍କ ପରିବାର ଭାଗନେବା ସହ ଶତାଧିକ ଲୋକ ରାସ୍ତାରୋକରେ ସାମିଲ ହୋଇଥିଲେ । ମୁନାଙ୍କ ପରିବାର ମା' ଓ ଅନ୍ୟମାନେ ରାସ୍ତା ଉପରେ କାନ୍ଦି ଗଡୁଥିବା ବେଳେ ଆନ୍ଦୋଳନକାରୀମାନେ ପୋଲିସ ବିରୋଧୀ ନାରାବାଜି କରିଥିଲେ । ଭରତପୁର ନୂଆ ଥାନାରେ କାମ ଆରମ୍ଭ ହେବା ପରେ ବିବାଦ ପିଛା ଛାଡୁନାହିଁ । ଏତଲାକାରୀ କର୍ଣ୍ଣେଲ ଓ ତାଙ୍କ ବାନ୍ଧବୀଙ୍କୁ ନିର୍ଯାତନା ଦେବା ଘଟଣା ସାରା ଦେଶରେ ଚର୍ଚ୍ଚା ହୋଇଥିଲା । ସେହିପରି ଏତଲାକାରୀ ମୁନା ସେଠୀ ପୋଲିସ ଠାରୁ ନ୍ୟାୟ ନପାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ଦୀର୍ଘ ସମୟ ରାସ୍ତାରୋକ ଯୋଗୁ ଗାଡି ଚଳାଚଳ ବ୍ୟାହତ ହେବା ଫଳରେ ଏସିପି ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ । ମୁନାଙ୍କୁ ଯେଉଁମାନେ ଆକ୍ରମଣ କରିଥିଲେ ସେହି ଅଭିଯୁକ୍ତଙ୍କୁ ପୋଲିସ କାହିଁକି ଗିରଫ କଲାନାହିଁ ବୋଲି ଆନ୍ଦୋଳନକାରୀମାନେ ଏସିପିଙ୍କୁ ପ୍ରଶ୍ନ କରିଥିଲେ । ଏଥିସହ ଯେଉଁ ଅଫିସର ମୁନାଙ୍କୁ ନିର୍ଯାତନା ଦେଇଛନ୍ତି ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଆକ୍ରମଣକାରୀଙ୍କୁ ଗିରଫ କରିବାକୁ ଲୋକମାନେ ଜିଦ୍ ଧରିଥିଲେ । ଏସିପି ତାଙ୍କ କଥାକୁ ଗ୍ରହଣ କରିବା ସହ ମୁନାଙ୍କ ଏତଲା ଓ ନିର୍ଯାତନା ମାମଲାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି । ଏସିପିଙ୍କ ପ୍ରତିଶ୍ରୁତି ପରେ ରାସ୍ତାରୋକ କରିଥିବା ଆନ୍ଦୋଳନକାରୀମାନେ ଆନ୍ଦୋଳନରୁ ହଟିବା ପରେ ରାସ୍ତାରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା । ଆନ୍ଦୋଳନ ପରେ ସ୍ୱାମୀର ମୃତ୍ୟୁ ପାଇଁ ସ୍ତ୍ରୀ ଭାରତୀ ସେଠୀକୁ ପୋଲିସ ଗିରଫ କରିଛି ।

### ୨୪ ଘଣ୍ଟାରେ ଅବପାତ, ରାଜ୍ୟରେ ପ୍ରବଳ ବର୍ଷିବ

# ପୁରୀରେ ସର୍ବାଧିକ ୭୪ ମିମି, ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ଭୁବନେଶ୍ୱର(ସବ୍ୟୁ): ବଙ୍ଗୋପସାଗରରେ ସୃଷ୍ଟି ହେଲା ସ୍ୱଷ୍ଟଚିହ୍ନିତ ଲଘୁଚାପ । ସ୍ୱଷ୍ଟ ଚିହ୍ନିତ ଲଘୁଚାପରେ ପରିଣତ ହେଲା ପରେ ୨୪ ଘଣ୍ଟା ମଧ୍ୟରେ ଉତ୍ତର ଆଡକୁ ଗତି କରିବା ସହ ଆହୁରି ଘନୀଭୂତ ହୋଇ ଅବପାତରେ ପରିଣତ ହେବ । ଏହାର ପ୍ରଭାବରେ ରାଜ୍ୟରେ ଭୀଷଣ ବର୍ଷା ହୋଇଛି । ତେବେ ବୁଧବାର ପୁରୀରେ ସର୍ବାଧିକ ୭୪ ମିମି ବର୍ଷା ରେକର୍ଡ କରାଯାଇଛି । ଆସନ୍ତା ଦୁଇଦିନ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି ।

ରାଜ୍ୟର ଅଧିକାଂଶ ସ୍ଥାନରେ ଜାରି ରହିଛି ଲଘୁଚାପ ଜନିତ ବର୍ଷା । ବଙ୍ଗୋପସାଗରରେ ୱେଲମାର୍କଡ୍ ବା ସ୍ୱଷ୍ଟ ଚିହ୍ନିତ ଲଘୁଚାପ ବଳ ଗୋଟାଉଥିବା ବେଳେ ପୁରୀ, କୋଣାର୍କ, ସୋନପୁର ଆଦି ଅଞ୍ଚଳରେ ଏହାର ପ୍ରଭାବ ପଡ଼ିଛି । କୋଣାର୍କ ସୂର୍ଯ୍ୟ ମନ୍ଦିର ପରିସରରେ ଜମି ବର୍ଷା ପାଣି ରହିଛି । ଖଡ଼ିଆଳରେ ପାଣିରେ ବୁଡିଛି ପାଚିଲା ଧାନ, ଆଉ ପାଣି ଭିତରୁ ଧାନ କାଟୁଛି ଚାଷୀ । ବୌଦ୍ଧ କଣ୍ଟାମାଳ ବ୍ଲକ ଘଣ୍ଟାପଡାରେ ପୋଲ ଉପରେ ଚାଲୁଛି ୪ ଫୁଟର ପାଣି । ଫଳରେ ଯାତାୟତ ବାଧାପ୍ରାପ୍ତ ହୋଇଛି । ସେପଟେ ମାଟି ଅତଡା ଖସିବାରୁ ଗଜପତି ଜିଲ୍ଲା ମୋହନା ବ୍ଲକର ୬ ଖଣ୍ଡ ଗାଁକୁ ଯାତାୟାତ ବାଧାପ୍ରାପ୍ତ ହୋଇଛି ।



ଆସନ୍ତାକାଲିଠୁ ଦୁଇ ଦିନ ଯାଏଁ ଲଘୁଚାପ ପ୍ରଭାବରେ ବର୍ଷାର ପରିମାଣ ବଢିବ । ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏଥିପାଇଁ ଏସବୁ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । କେନ୍ଦୁଝର, ଜଗତସିଂହପୁର, ଯାଜପୁର, ଢେଙ୍କାନାଳ, କଟକ, କୋରାପୁଟ, ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ଗଜପତି, ସୁନ୍ଦରଗଡ଼ ଓ ଅନୁଗୁଳ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ୩୦ ତାରିଖ ଯାଏଁ ପବନର ବେଗ ଘଣ୍ଟାପ୍ରତି ୬୫ କିମି ରହିବାର ସମ୍ଭାବନା ରହିଥିବାରୁ ମତ୍ସ୍ୟଜୀବୀମାନଙ୍କୁ ଗଭୀର ସମୁଦ୍ରକୁ ନଯିବା ଲାଗି ପରାମର୍ଶ ଦେଇଛି ପାଣିପାଗ କେନ୍ଦ୍ର ।

# ରାଜ୍ୟରେ ଆଉ ୫ କୋଭିଡ ଆକ୍ରାନ୍ତ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ପୁଣି ବ୍ୟାପିଲାଣି କରୋନା । ଆଉ ୫ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଭୁବନେଶ୍ୱରରୁ ୪ ଜଣ ଓ ଖୋର୍ଦ୍ଧାରୁ ଜଣେ ଚିହ୍ନଟ ହୋଇଥିବା ଜଣାଯାଇଛି । ୫ଜଣ ମଧ୍ୟରେ ୪ ଜଣ ପୁରୁଷ ଓ ଜଣେ ମହିଳା ଅଛନ୍ତି । ଆଣ୍ଟିଜେନ୍ ପରୀକ୍ଷାରୁ ସମସ୍ତେ କରୋନା ପଜିଟିଭ୍ ବୋଲି ସ୍ୱଷ୍ଟ ହୋଇଛି । ଏବେ ସୁଦ୍ଧା ରାଜ୍ୟରେ ମୋଟ ୬ଜଣ ଆକ୍ରାନ୍ତ ହୋଇଛନ୍ତି ।

ଗତ ୨୨ ତାରିଖରେ ରାଜ୍ୟରେ ପ୍ରଥମ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲା । ଆକ୍ରାନ୍ତ ଜଣଙ୍କ ରାଜଧାନୀ ଭୁବନେଶ୍ୱରର ବୋଲି ଜଣାପଡ଼ିଥିଲା । ନିକଟରେ ସେ ଦିଲ୍ଲୀରୁ ଫେରିଥିଲେ । ଆକ୍ରାନ୍ତ ଜଣଙ୍କ ପୁରୁଷ ଥିବା ବେଳେ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ସେ ଘରୋଇ ହସପିଟାଲରେ ଚିକିତ୍ସାଧୀନ ଥିଲେ । ଆକ୍ରାନ୍ତ ବ୍ୟକ୍ତି ଜଣଙ୍କ ନାନା ରୋଗରେ ପୀଡ଼ିତ ଥିଲେ । ତେବେ ସ୍ୱାସ୍ଥ୍ୟ ପରୀକ୍ଷା ବେଳେ ସେ କୋଭିଡ୍ ପଜିଟିଭ୍ ବୋଲି ଜଣାପଡ଼ିଥିଲା । ଓଡିଶାରେ ପୁଣି ଆଉ ୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ରାଜ୍ୟବାସୀଙ୍କ ମଧ୍ୟରେ ଛନକା ପସିଲାଣି । ଅନ୍ୟପକ୍ଷରେ ଦେଶରେ ପ୍ରତିଦିନ ବଢୁଛି କରୋନା ଲହର ।

ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିଳକଣ୍ଠ ମିଶ୍ର କହିଛନ୍ତି, ରାଜ୍ୟରେ କୋଭିଡ୍ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି । କୌଣସି ସ୍ଥାନରେ ଅସ୍ୱାଭାବିକ ବୃଦ୍ଧି ଦେଖାଯାଇନି । ଏବେ ରାଜ୍ୟରେ ଦେଖାଦେଉଥିବା କୋଭିଡ୍ ଭାରିଆଣ୍ଟ ଘାତକ ନୁହେଁ । ତେଣୁ ବ୍ୟସ୍ତ କିମ୍ବା ଭୟଭୀତ ହେବାର କାରଣ ନାହିଁ । ଏମିତିକି କୋଭିଡକୁ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ କୌଣସି ନୂଆ ଗାଇଡ୍ ଲାଇନ୍ ଆସିନି । ୨୦୨୨ ମସିହାରେ ଜାରି ହୋଇଥିବା କୋଭିଡ୍ ଗାଇଡ୍ ଲାଇନ୍ ଅନୁସାରେ ନିଆଯାଉଛି ଆବଶ୍ୟକ ପଦକ୍ଷେପ । ଏସବୁ ଭିତରେ ଆସିଛି ରାଜ୍ୟରେ ଚିହ୍ନଟ ହୋଇଥିବା ପ୍ରଥମ କରୋନା ରୋଗୀଙ୍କ ଜିନମ୍ ସିକ୍ୱେନ୍ସିଂ ରିପୋର୍ଟ । ସେ କହିଛନ୍ତି, ବ୍ୟକ୍ତି ଜଣଙ୍କ ଓମିକ୍ରନ୍ ସବ୍ ଭାରିଆଣ୍ଟ ଜେଏନ୍-୧ରେ ଆକ୍ରାନ୍ତ ହୋଇଥିଲେ । ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଅଛି, ଖୁବଶୀଘ୍ର ଘରକୁ ଫେରିବେ । ତେବେ ଆମ ରାଜ୍ୟ ସମେତ ଦେଶରେ କରୋନା ସଂକ୍ରମଣ ଉପରମୁହାଁ ହୋଇଥିବାରୁ ଚିନ୍ତା ପ୍ରକଟ କରିଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ । ବହୁବିଧ ରୋଗୀ, ଗର୍ଭବତୀ ମହିଳା, ବୟସ୍କ ଓ ଶିଶୁମାନେ ଅଧିକ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତ । ମାସ୍କ ପରିଧାନ ସହ ସ୍ୱଚ୍ଛତା ଅବଲମ୍ବନ କରିବାକୁ ଅପିଲ୍ କରିଛନ୍ତି ।

### ।।। ଇ-ଗଭର୍ଣ୍ଣାନ୍ସ ପ୍ରଣୟନରେ ଉତ୍କର୍ଷ ଲାଗି ।।।

# କେନ୍ଦୁଝରର ଶୁଆକାଟୀ ପଞ୍ଚାୟତର ଜାତୀୟ ଜୁରି ପୁରସ୍କାର ହାସଲ

ଭୁବନେଶ୍ୱର,(ସବ୍ୟୁ): କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକର ଶୁଆକାଟୀ ଗ୍ରାମ ପଞ୍ଚାୟତ ୨୨ତମ ଜାତୀୟ ଇ-ଗଭର୍ଣ୍ଣାନ୍ସ ପୁରସ୍କାର ୨୦୨୫ରେ ଏକ ମର୍ଯ୍ୟାଦାଜନକ ଜୁରି ପୁରସ୍କାର ଜିତି ଓଡ଼ିଶା ଏବଂ କେନ୍ଦୁଝର ପାଇଁ ସୁନାମ ଆଣି ଦେଇଛି । ଚଳିତ ବର୍ଷ ପ୍ରଥମଥର ପାଇଁ ଗ୍ରାମ ପଞ୍ଚାୟତ ଲାଗି ଉଦ୍ଦିଷ୍ଟ ବର୍ଗରେ ଏହା ଦେଶର ଅନ୍ୟ ତିନୋଟି ସ୍ଥାନୀୟ ସଂସ୍ଥା ମଧ୍ୟରେ ସ୍ଥାନ ପାଇ ଏକ ବିରଳ ସଫଳତା ହାସଲ କରିପାରିଛି । ଏହି ସମ୍ମାନ ତୃଣମୂଳ ସ୍ତରରେ ଲୋକଙ୍କୁ ସେବା ପ୍ରଦାନକୁ ବୃଦ୍ଧି କରିବା ପାଇଁ ପ୍ରଯୁକ୍ତିବିଦ୍ୟାକୁ ପ୍ରଭାବଶାଳୀ ଭାବରେ ବ୍ୟବହାର କରିଥିବା ପଦକ୍ଷେପଗୁଡ଼ିକକୁ ପ୍ରୋତ୍ସାହିତ କରିବା ଲାଗି ଉଦ୍ଦିଷ୍ଟ ।

ଏହି ସମ୍ମାନରେ ଶୁଆକାଟି ସମେତ ଗୁଜରାଟର ପଲସାନା ଗ୍ରାମପଞ୍ଚାୟତ ଏବଂ ଉତ୍ତର ପ୍ରଦେଶର ଲଳିତପୁର ପୌର ପରିଷଦ ପୁରସ୍କାର ଜିଣିଛନ୍ତି । ଏହି ବର୍ଷ ପୂର୍ବରୁ ଗ୍ରାମପଞ୍ଚାୟତଗୁଡ଼ିକୁ ଜାତୀୟ ଇ-ଗଭର୍ଣ୍ଣାନ୍ସ ପୁରସ୍କାରରେ ଆନୁଷ୍ଠାନିକ ଭାବରେ ସ୍ୱୀକୃତି ଦିଆଯାଇ ନ ଥିଲା । କିନ୍ତୁ ଚଳିତ ବର୍ଷ ତୃଣମୂଳ ସ୍ତରରେ ଡିଜିଟାଲ୍ ସଶକ୍ତିକରଣ ଉପରେ ବୃଦ୍ଧି ପାଉଥିବା ଗୁରୁତ୍ୱକୁ ମାନ୍ୟତା ଦେବା ଲାଗି ଏହି ପୁରସ୍କାର ଅନ୍ତର୍ଭୁକ୍ତ କରାଯାଇଛି । ଦେଶର ସରକାରୀ ଏଜେନ୍ସି ଏବଂ ପ୍ରତିଷ୍ଠାନଗୁଡ଼ିକରେ ଡିଜିଟାଲ୍ ଶାସନରେ ଉତ୍କର୍ଷକୁ ସ୍ୱୀକୃତି ଏବଂ ପ୍ରୋତ୍ସାହିତ କରିବା ପାଇଁ କାର୍ମିକ, ସାଧାରଣ ଅଭିଯୋଗ ଏବଂ ପେନସନ୍ ମନ୍ତ୍ରଣାଳୟ ଦ୍ୱାରା ଇ-ଗଭର୍ଣ୍ଣାନ୍ସ ପାଇଁ ବାର୍ଷିକ ଜାତୀୟ ପୁରସ୍କାର ଅନୁଷ୍ଠିତ ହୋଇଥାଏ । କୃତ୍ରିମ ବୁଦ୍ଧିମତ୍ତା ଏବଂ ନୂତନ ଯୁଗର ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ନବସୃଜନ, ସାଇବର ସୁରକ୍ଷା ଅଭ୍ୟାସ, ଡାଟା ବିଶ୍ଳେଷଣ ମାଧ୍ୟମରେ ଡିଜିଟାଲ୍ ପରିବର୍ତ୍ତନ ଏବଂ ରାଜ୍ୟ କିମ୍ବା ଜିଲ୍ଲା ସ୍ତରରେ ସଫଳ ଜାତୀୟ ପ୍ରକଳ୍ପଗୁଡ଼ିକର ପ୍ରତିକୃତି ସମେତ ଛଅଟି ବର୍ଗରେ ମୋଟ ୧୦ଟି ସ୍ୱର୍ଣ୍ଣ ଏବଂ ୬ଟି ରୌପ୍ୟ ପୁରସ୍କାର ଘୋଷଣା କରାଯାଇଥିଲା ।

ପ୍ରତ୍ୟେକ ସ୍ୱର୍ଣ୍ଣ ପୁରସ୍କାରରେ ଏକ ଟ୍ରଫି, ପ୍ରମାଣପତ୍ର ଏବଂ ୧୦ ଲକ୍ଷ ପ୍ରୋତ୍ସାହନ ପ୍ରଦାନ କରାଯାଏ ଏବଂ ରୌପ୍ୟ ପୁରସ୍କାର ବାବଦରେ ୫ ଲକ୍ଷ ମିଳିବ । ଏହି ପାଣ୍ଠିକୁ ପୁରସ୍କୃତ ସଂସ୍ଥା କିମ୍ବା ସ୍ଥାନୀୟ ସଂସ୍ଥାଗୁଡ଼ିକ ଡିଜିଟାଲ୍ ପ୍ରକଳ୍ପଗୁଡ଼ିକୁ ଆହୁରି କାର୍ଯ୍ୟକାରୀ କରିବା କିମ୍ବା ସାର୍ବଜନୀନ ସେବା ପ୍ରଦାନରେ ଗୁରୁତ୍ୱପୂର୍ଣ୍ଣ ସମ୍ବଳ ଅଭାବକୁ ପୂରଣ କରିବା ପାଇଁ ବ୍ୟବହାର କରିବେ ।

ଇ-ଗଭର୍ଣ୍ଣାନ୍ସରେ ଭାରତର ପ୍ରଗତିକୁ ପାଳନ କରିବା ଏବଂ ପରବର୍ତ୍ତୀ ପଦକ୍ଷେପ ବିଷୟରେ ଆଲୋଚନା କରିବା ପାଇଁ ସାରା ଦେଶରୁ ଡିଜିଟାଲ୍ ଅଗ୍ରଣୀଙ୍କ ଏକ ସମାବେଶ ୨୮ତମ ଜାତୀୟ ଇ-ଗଭର୍ଣ୍ଣାନ୍ସ ସମ୍ମିଳନୀରେ ପୁରସ୍କାର ପ୍ରଦାନ କରାଯିବ ।

ଜିଲ୍ଲାରେ ଇ-ଗଭର୍ଣ୍ଣାନ୍ସକୁ ଆହୁରି ବ୍ୟାପକ କରିବା ପାଇଁ ପ୍ରତିଶ୍ରୁତିବଦ୍ଧତା ପ୍ରକାଶ କରି ଜିଲ୍ଲାପାଳ, କେନ୍ଦୁଝର ଶ୍ରୀ ବିଶାଳ ସିଂହ କହିଛନ୍ତି ଯେ ଶୁଆକାଟୀ ଗ୍ରାମପଞ୍ଚାୟତ ଜାତୀୟସ୍ତରରେ ପୁରସ୍କୃତ ହେବା କେନ୍ଦୁଝର ଜିଲ୍ଲା ପାଇଁ ଅତ୍ୟନ୍ତ ଗର୍ବ ଏବଂ ଆନନ୍ଦର ମୁହୂର୍ତ୍ତ । ଜାତୀୟ ଇ-ଗଭର୍ଣ୍ଣାନ୍ସ ପୁରସ୍କାରରେ ଶୁଆକାଟୀ ଗ୍ରାମ ପଞ୍ଚାୟତକୁ ସ୍ୱତନ୍ତ୍ର ଜୁରି ପୁରସ୍କାର ମିଳିବା ତୃଣମୂଳ ସ୍ତରରେ ମଧ୍ୟ ପ୍ରଯୁକ୍ତିର ପରିବର୍ତ୍ତନକାରୀ ଶକ୍ତିର ପ୍ରମାଣ । ଏହି ମାନ୍ୟତା ନବସୃଜନ ଏବଂ ଦୃଢ଼ ସମର୍ପଣଭାବ ଦ୍ୱାରା ପ୍ରଭାବଶାଳୀ ଶାସନ ପ୍ରକୃତରେ ଗ୍ରାମୀଣ ସମ୍ପ୍ରଦାୟକୁ ଉନ୍ନତ କରିପାରିବ ବୋଲି ଥିବା ଆମର ବିଶ୍ୱାସକୁ ଦୃଢ଼ କରୁଛି । ମୁଁ ଶୁଆକାଟୀ ପଞ୍ଚାୟତର ସମସ୍ତ କର୍ମଚାରୀଙ୍କୁ ସେମାନଙ୍କର ଉନ୍ନତ ଦୃଷ୍ଟିକୋଣ, ପ୍ରତିବଦ୍ଧତା ଏବଂ କଠିନ ପରିଶ୍ରମ ପାଇଁ ଅଭିନନ୍ଦନ ଜଣାଉଛି । ଏହି ସଫଳତା ନିଶ୍ଚିତ ଭାବରେ ଜିଲ୍ଲା ଏବଂ ବାହାରେ ଥିବା ଅନ୍ୟ ପଞ୍ଚାୟତଗୁଡ଼ିକୁ ଉନ୍ନତ ସେବା ପ୍ରଦାନ ପାଇଁ ଡିଜିଟାଲ୍ ମାଧ୍ୟମକୁ ଗ୍ରହଣ କରିବାକୁ ପ୍ରେରଣା ଦେବ ।

### ଭୁବନେଶ୍ୱରରେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ

# ପୁରୀରୁ ଆରମ୍ଭ ହେବ 'ବିକଶିତ କୃଷିସିଂକଳ୍ପ ଅଭିଯାନ'

ଭୁବନେଶ୍ୱର,(ସବ୍ୟୁ): କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଭୁବନେଶ୍ୱରରେ ପହଞ୍ଚିଛନ୍ତି । ସେ ଗୁରୁବାର ଦିନ ପୁରୀରୁ ବିକାଶିତ କୃଷି ସଂକଳ୍ପ ଅଭିଯାନ ଆରମ୍ଭ କରିବେ । କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଏବଂ ଭାରତୀୟ କୃଷି ଗବେଷଣା ପରିଷଦ (ଆଇସିଏଆର) ଦ୍ୱାରା ଆରମ୍ଭ ହୋଇଥିବା ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାରତୀୟ କୃଷିରେ ପରିବର୍ତ୍ତନ ଆଣିବା ଏବଂ ବୈଜ୍ଞାନିକ ନବସୃଜନ ଓ ତୃଣମୂଳ ଭାଗିଦାରୀ ମାଧ୍ୟମରେ ଦେଶ ଖାଦ୍ୟ ଓ ଭବିଷ୍ୟତକୁ ସୁରକ୍ଷିତ କରିବା ଦିଗରେ ଏହା ଏକ ଦୃଢ଼ ପଦକ୍ଷେପ । ଏହି ୧୫ ଦିନିଆ ଅଭିଯାନରେ ଶ୍ରୀ ଚୌହାନ ପ୍ରାୟ ୨୦ଟି ରାଜ୍ୟ ଗସ୍ତ କରିବେ । ଏହି ଅଭିଯାନ ଚଳିତ ମାସ ୨୯ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ଦେଶର ୭୦୦ରୁ ଅଧିକ ଜିଲ୍ଲାରେ କରାଯିବ ।

# କେନ୍ଦ୍ରକୁ ଗଲେ ଭିନିଲ୍ କ୍ରିଷ୍ଣା

ଭୁବନେଶ୍ୱର (ସବ୍ୟୁ) : ଓଡ଼ିଶା କ୍ୟାଡରର ୨୦୦୫ ଆଇଏଏସ୍ ଅଫିସର ଭିନିଲ୍ କ୍ରିଷ୍ଣା କେନ୍ଦ୍ରୀୟ ଡେପୁଟେସନ୍‌ରେ ଯିବେ । କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟର ନିଯୁକ୍ତି ସଂକ୍ରାନ୍ତୀୟ କ୍ୟାବିନେଟ୍ କମିଟି ଏହାକୁ ଅନୁମୋଦନ କରିଛନ୍ତି । ନିଷ୍ପତ୍ତି ଅନୁଯାୟୀ ତାଙ୍କୁ କ୍ରୀଡା ବିଭାଗର ଯୁଗ୍ମ ସଚିବ ଭାବେ ନିଯୁକ୍ତି ଦିଆଯାଇଛି । ସେ ୫ ବର୍ଷ ଲାଗି କେନ୍ଦ୍ରୀୟ ଡେପୁଟେସନ୍‌ରେ ଯିବେ । ଓଡ଼ିଶା ସରକାର ତାଙ୍କୁ କାର୍ଯ୍ୟରୁ ଅନ୍ତର କଲାପରେ ସେ ସେଠାରେ ଯୋଗଦେବେ ।

# ରାତିଅଧରେ ଉଡ଼ିଲା ମାଳମାଳ ଡ୍ରୋନ୍

## ଲୋକେ ଛାନିଆ ,ତଦନ୍ତ ଆରମ୍ଭ କଲା ପୋଲିସ

ବାରଙ୍ଗ,(ସବ୍ୟୁ) :ମଙ୍ଗଳବାର ବିଳମ୍ବିତ ରାତିରେ ବାରଙ୍ଗର ବିଭିନ୍ନ ଅଞ୍ଚଳରେ ମାଳମାଳ ଡ୍ରୋନ୍ ଉଡୁଥିଲା।ଏହା ଦେଖି ସ୍ଥାନୀୟ ଅଞ୍ଚଳରେ ଲୋକେ ଛାନିଆ ହୋଇଯାଇଛଥିଲେ। ଏହା ଜାଣି ବୁଧବାର ଦିନ ପୋଲିସ ତଦନ୍ତ ଆରମ୍ଭ କରିଛି।ତେବେ ବିଭିନ୍ନ ସ୍ଥାନକୁ ଯାଇ ଖୋଜଖବର ନେଇଥିଲେ ମଧ୍ୟ କୌଣସି ତଥ୍ୟ ପାଇପାରିନ ଥିବାର ଜଣାପଡିଛି।ତେବେ କିଏ ଓ କାହିଁକି ଏତେ ଡ୍ରୋନ୍ ଉଡାଉଥିଲା ତାହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।ପ୍ରକାଶ ଯେ,ମଙ୍ଗଳବାର ରାତିରୁ ବିଳମ୍ବିତରାତି ପର୍ଯ୍ୟନ୍ତ ବାରଙ୍ଗ ଅଞ୍ଚଳର ବିଭିନ୍ନ ଗ୍ରାମରେ ଡ୍ରୋନ୍ ଉଡୁଥିଲା ଏହି ଘଟଣା ସାଧାରଣ ଲୋକଙ୍କ ନଜରକୁ ଆସିବାପରେ ଲୋକମାନେ ଭୟଭୀତ ହୋଇ ପଡ଼ିଥିଲେ।ଏହି ଡ୍ରୋନ୍ କିଏ ଏବଂ କଣ ପାଇଁ ଉଡାଉଥିଲେ ତାହା ଜଣାପଡ଼ି ନଥିବାବେଳେ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା।ପୋଲିସ ତଦନ୍ତ ଆରମ୍ଭ କରି ବାରଙ୍ଗରେ ଥିବା ସିଆଇଏସଏଫ୍ , ଏନଡିଆରଏଫ୍ ପ୍ରଶିକ୍ଷଣ ଶିବିର,ମେଟ୍ରୋ ରେଳପ୍ରକଳ୍ପର ଚାଲିଥିବା ୱର୍କସପ କାମ ଦାୟିତ୍ୱରେ ଥିବା ଅଧିକାରୀ, କିଛି ସରକାରୀ କାର୍ଯ୍ୟଳୟର ଅଧିକାରୀଙ୍କ ସହ ମଧ୍ୟ କଥା ହୋଇଥିଲେ।କିନ୍ତୁ ଡ୍ରୋନ୍ ଉଡାଉଥିବା ସଂସ୍ଥା ଓ ବ୍ୟକ୍ତି ବିଶେଷ ବିଷୟରେ କୌଣସି ସୂଚନା ପାଇପାରିନଥିଲା।ଏହି ଡ୍ରୋନ୍ ପ୍ରଥମେ ରତାଗଡ଼ଗାଁ ମୁଣ୍ଡରେ ଦେଖିବାକୁ ମିଳିଥିଲା।ପୋଲିସ ଆସି ରତାଗଡ଼ରେ ପହଞ୍ଚିବା ପରେ ଗୋଡିସାହି ,ଶଣ୍ଢପୁର,ତ୍ରିଶୂଳିଆ , ନରଣପୁର,କୃଷ୍ଣଚନ୍ଦ୍ରପୁର ଓ ଏହାର ଆଖପାଖ ଅଞ୍ଚଳରେ ଏକାଧିକ ଡ୍ରୋନ୍ ଉଡୁଥିବାର ଦେଖିବାକୁ ପାଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପୋଲିସ ଘଟଣାସ୍ଥଳରେ ରାତାରାତି ପହଂଚି ତଦନ୍ତ ଆରମ୍ଭ କରିଥିଲା।ଏକକାଳୀନ ୧୦ରୁ ଅଧିକ ଡ୍ରୋନ ଉଡ଼ିବାକୁ ନେଇ ଲୋକେ ଛାନିଆ ହୋଇଯାଇଥିଲେ।ଡ୍ରୋନରେ ଲାଇଟ୍ ଲାଗିଥିବା ବେଳେ ପାଖିପାଖି ବୁଲିଥିଲା ଏକାଧିକ ଡ୍ରୋନ୍। ଡ୍ରୋନ୍ ବୁଲିବାକୁ ଦେଖି ପ୍ରଥମେ ରତାଗଡ଼ ଗ୍ରାମବାସୀ ଛାନିଆ ଓ ଆତଙ୍କିତ ହୋଇଯାଇ ଥିଲେ। ବୁଧବାର ସକାଳୁ ଜୋନ-୪ ଏ.ସି.ପି.ଅମିତାଭ ମହାପାତ୍ର, ବାରଙ୍ଗ ଥାନା ଅଧିକାରୀ ଦେବେନ୍ଦ୍ର ବିଶ୍ୱାଳ,ଗୋଡିସାହି ଫାଣ୍ଡି ଅଧିକାରୀ ବିଚିତ୍ରାନନ୍ଦ ପ୍ରଧାନ ୧ପ୍ଲାଟୁନ ପୋଲିସଫୋର୍ସ ନେଇ ଡ୍ରୋନ୍ ଉଡ଼ିଥିବା ନିକଟସ୍ଥ ଗ୍ରାମ,ଜଙ୍ଗଲ,ରେଳଧାରଣା ଓ ନଦୀପଠାରେ ସଦଳବଳେ ଖୋଜାଖୋଜି କରି ଫେରିଛନ୍ତି।ଏହାସହ ବିଭିନ୍ନ ଗ୍ରାମକୁ ଯାଇ ସ୍ଥାନୀୟ ଲୋକମାନଙ୍କୁ ପଚରା ଉଚରା ଆରମ୍ଭ କରିଥିବାର ଦେଖିବାକୁ ମିଳିଛି।

# କରଡା ପଲ୍ଲୀରେ ବଜ୍ରପାତ: ଜଣେ ମୃତ, ୨ ଗୁରୁତର

ବାଙ୍କୀ , (ସବ୍ୟୁ) : ବୁଧବାର ଅପରାହ୍ଣରେ ବଜ୍ରପାତରେ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଦୁଇ ଜଣ ଗୁରୁତର ଅବସ୍ଥାରେ କଳାପଥର ଡ଼ାକ୍ତରଖାନା ରେ ଚିକିତ୍ସିତ ହେଉଛନ୍ତି। କଟକ ଜିଲ୍ଲା ବାଙ୍କୀ ବ୍ଲକ ଅନ୍ତର୍ଗତ କାଳୀପୋଇ ପଞ୍ଚାୟତର କରଡାପଲି ଗ୍ରାମର ଆକାଶ ନାୟକ, ସାଧୁ ନାୟକ ଓ ଜଗନ୍ ସେଠୀ ବାଇକ୍‌ରେ କଳାପଥର ଯାଉଥିଲେ ।ମାତ୍ର ବର୍ଷା ଜୋରରେ ହେବାରୁ ତିନି ଜଣ ଯାକ ବାଇକ୍ ରଖି ଗୋଟିଏ ଆମ୍ବ ଗଛ ମୂଳରେ ଛିଡ଼ା ହୋଇ ଥିଲେ। କିଛି ସମୟ ପରେ ବଜ୍ରପାତ ହେଲା ଘଟଣା ସ୍ଥଳରେ ତିନି ଜଣ ଯାକ ତଳେ ପଡ଼ି ଯାଇଥିଲେ। ସମସ୍ତଙ୍କୁ କଳାପଥର ଡାକ୍ତରଖାନାକୁ ଆଣିବା ବେଳକୁ ଆକାଶ ନାୟକ(୨୩) ବର୍ଷଙ୍କ ମୃତ୍ୟୁ ଘଟିଥିବା ଡ଼ାକ୍ତର ଘୋଷଣା କରିଥିଲେ । ଅନ୍ୟ ଦୁଇ ଜଣ ସାଧୁ ନାୟକ ଓ ଜଗନ ସେଠୀ ଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସା କରା ଯାଉଛି।

# କେନ୍ଦ୍ର କୃଷି ମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

## ସମ୍ବଲପୁର ନୀଳଡୁଙ୍ଗୁରିରେ ଟର୍ମିନାଲ ମାର୍କେଟ୍ କମ୍ପଲେକ୍ସ ପ୍ରତିଷ୍ଠା କରିବା ପାଇଁ ଅନୁରୋଧ କଲେ

ଭୁବନେଶ୍ୱର,(ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନଙ୍କୁ ଭେଟି ସମ୍ବଲପୁର ନୀଳଡୁଙ୍ଗୁରିରେ ଟର୍ମିନାଲ ମାର୍କେଟ୍ କମ୍ପଲେକ୍ସ ପ୍ରତିଷ୍ଠା କରିବା ପାଇଁ ସହଯୋଗ କରିବା ପାଇଁ ଅନୁରୋଧ କରିବା ସହ ଏ ସମ୍ପର୍କୀତ ଏକ ଲିଖିତ ପତ୍ର ପ୍ରଦାନ କରିଛନ୍ତି ।

କେନ୍ଦ୍ରମନ୍ତ୍ରୀ ଉକ୍ତ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ୨୦୦୯-୧୦ ମଧ୍ୟରେ ଓଡ଼ିଶା ସରକାରଙ୍କ ଦ୍ୱାରା ସମ୍ବଲପୁରରେ ଏକ ଟର୍ମିନାଲ ମାର୍କେଟ୍ କମ୍ପ୍ଲେକ୍ସ (ଟିଏମସି) ପ୍ରତିଷ୍ଠା ପାଇଁ ଏକ ପ୍ରସ୍ତାବ ଦାଖଲ କରାଯାଇଥିଲା ଏବଂ ଜାତୀୟ ଉଦ୍ୟାନ କୃଷି ମିଶନ (ଏନଏଚଏମ) ର କାର୍ଯ୍ୟକାରୀ କମିଟି ଦ୍ୱାରା ଏହାକୁ ନୀତିଗତ ଭାବରେ ଅନୁମୋଦନ କରାଯାଇଥିଲା । ତଥାପି, ବିଶ୍ୱସ୍ତରୀୟ ଟେଣ୍ଡରିଂ ପ୍ରକ୍ରିୟା ମାଧ୍ୟମରେ ଜଣେ ଘରୋଇ ଉଦ୍ୟୋଗୀଙ୍କୁ ସଂକ୍ଷିପ୍ତ ତାଲିକାଭୁକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ ଅସହଯୋଗ ଯୋଗୁଁ ପ୍ରକଳ୍ପଟି ଆଗକୁ ବଢ଼ିପାରିଲା ନାହିଁ । ତେବେ ବର୍ତ୍ତମାନ ପରିପ୍ରେକ୍ଷୀରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି କୃଷି ଭିତ୍ତିଭୂମି ପାଣ୍ଠି (ଏଆଇଏଫ) ଅଧୀନରେ ଆନୁଷଙ୍ଗିକ ଭିତ୍ତିଭୂମି ସହ ସମ୍ବଲପୁରର ନୀଳଡୁଙ୍ଗୁରିରେ ଏକ ଟର୍ମିନାଲ ମାର୍କେଟ୍ କମ୍ପ୍ଲେକ୍ସ ପ୍ରତିଷ୍ଠାକୁ ପୁନଃବିଚାର ଏବଂ ସମର୍ଥନ କରିବା ପାଇଁ ଶ୍ରୀ ପ୍ରଧାନ ବିଭାଗୀୟ ମନ୍ତ୍ରୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡିଛନ୍ତି ।



ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଥିଲେ ଯେ ଉକ୍ତ ସ୍ଥାନଟି ଭୌଗୋଳିକ ଏବଂ ଆର୍ଥିକ ଦୃଷ୍ଟିରୁ ସମ୍ବଲପୁର, ବରଗଡ଼, ବଲାଙ୍ଗିର, ସୋନପୁର, ଦେବଗଡ଼, ଝାରସୁଗୁଡ଼ା, କଳାହାଣ୍ଡି, ଅନୁଗୋଳ, ବୌଦ୍ଧ, ସୁନ୍ଦରଗଡ଼ ଏବଂ ନୂଆପଡ଼ା ଜିଲ୍ଲାକୁ ନେଇ ଏକ କେନ୍ଦ୍ରୀୟ ବଜାରର ପେଣ୍ଠସ୍ଥଳୀ ହେବା ପାଇଁ ଉପଯୁକ୍ତ । ଏହି ଜିଲ୍ଲାଗୁଡ଼ିକ ମିଳିତ ଭାବେ ବାର୍ଷିକ ୩୫ ଲକ୍ଷ ମେଟ୍ରିକ୍ ଟନରୁ ଅଧିକ ଫଳ ଏବଂ ପନିପରିବା ଉତ୍ପାଦନ କରନ୍ତି ଏବଂ ଅନେକ ସମ୍ଭାବନା ଅଛି, ଯାହା ବଜାରର ଆବଶ୍ୟକତା ଠାରୁ ୫୦ ପ୍ରତିଶତ ଅଧିକ । ବର୍ତ୍ତମାନ ଏହି ଅଞ୍ଚଳର ଚାଷୀମାନେ ଆନୁଷ୍ଠାନିକ ବଜାର ଭିତ୍ତିଭୂମିର ଅଭାବ ଯୋଗୁଁ ବଡ ବଡ ପ୍ରତିବନ୍ଧକର ସମ୍ମୁଖୀନ ହେଉଛନ୍ତି । ସୁବ୍ୟବସ୍ଥିତ ବଜାର ଅଭାବରୁ ଲୋକମାନେ ପନିପରିବା ଚାଷ ପାଇଁ ସେମାନଙ୍କର ସମ୍ପୂର୍ଣ୍ଣ ଜମିର ବ୍ୟବହାର କରିପାରୁ ନାହାଁନ୍ତି ।

ସମ୍ବଲପୁର ଏକ ବିକଶିତ ସହର ହୋଇଥିବାରୁ ଏଠାକୁ ରାସ୍ତା ଏବଂ ରେଳ ଯୋଗାଯୋଗର ଭଲ ବ୍ୟବସ୍ଥା ରହିଛି । ସମ୍ବଲପୁରର ଆଖପାଖରେ ଭୁବନେଶ୍ୱର, କଟକ, ରାୟପୁର, ରାଞ୍ଚି ଏବଂ ବିଳାସପୁର ଭଳି ପ୍ରମୁଖ ବଜାର ଦଣ୍ଡାୟମାନ । ଏହାସହ ଦିଲ୍ଲୀ, ମୁମ୍ବାଇ, ବାଙ୍ଗାଲୋର, କୋଲକାତା ଏବଂ ହାଇଦ୍ରାବାଦ ସମେତ ଦୂରବର୍ତ୍ତୀ ମେଟ୍ରୋ ବଜାରଗୁଡ଼ିକୁ ମଧ୍ୟ ସମ୍ବଲପୁରରୁ ରେଳ ଏବଂ ସଡ଼କ ଯୋଗାଯୋଗର ଭଲ ବ୍ୟବସ୍ଥା ରହିଛି । ଏହି ସମ୍ଭାବନାକୁ ଦୃଷ୍ଟିରେ ରଖି କୃଷି ଭିତ୍ତିଭୂମି ପାଣ୍ଠି ଅଧୀନରେ ନୀଳଡୁଙ୍ଗୁରିରେ ଟର୍ମିନାଲ ମାର୍କେଟ୍ କମ୍ପଲେକ୍ସ ପ୍ରତିଷ୍ଠା କରିବା ପାଇଁ ଅନୁମୋଦନ କରିବା ନିମନ୍ତେ ବିଚାର କରିବାକୁ ଶ୍ରୀ ପ୍ରଧାନ କେନ୍ଦ୍ର କୃଷି ମନ୍ତ୍ରୀଙ୍କ ସହଯୋଗ ଲୋଡିଛନ୍ତି ।

# ହାତୀ ଆକ୍ରମଣରେ ଜଣେ ମୃତ

ନୂଆଗାଁ,(ସବ୍ୟୁ) : ସୁରୁକାବାଡି ବଡ଼ ତଇଲା କାଜୁ ଜଙ୍ଗଲରେ ଜଙ୍ଗଲୀ ହାତୀ ଆକ୍ରମଣରେ ପୋକସୁଙ୍ଗା ଗ୍ରାମର ବ୍ରଜ ମଲିକଙ୍କ ମୃତ୍ୟୁ ହୋଇଛି।ସୂଚନା ଥାଉକି ନୟାଗଡ଼ ବନଖଣ୍ଡ ମହିପୁର ବନାଞ୍ଚଳ ଗୁମି ସେକ୍ସନରେ ଥିବା ପାରାଡ଼ିପି ଗ୍ରାମପଞ୍ଚାୟତ ଅନ୍ତର୍ଗତ ପୋକସୁଙ୍ଗା ଗ୍ରାମର ବ୍ରଜ ମଲିକ ମଙ୍ଗଳବାର ସନ୍ଧ୍ୟାରେ ସୁରୁକାବାଡି ଗ୍ରାମକୁ କୌଣସି କାମ ନେଇ ଯାଇଥିଲେ। ସେ ବିଳମ୍ବିତ ରାତିରେ ସୁରୁକାବାଡ଼ିରୁ ଗୁଣ୍ଡୁରାସାହି ପର୍ଯ୍ୟନ୍ତ ଥିବା ପାଦଚଲା ରାସ୍ତା ଦେଇ ସାଇକେଲ ଯୋଗେ ନିଜ ଗାଁକୁ ଫେରୁଥିଲେ। ସେହି ବଡ଼ ତଇଲା କାଜୁ ଜଙ୍ଗଲରେ ହିଁ ବ୍ରଜ ମଲିକଙ୍କୁ ଜଙ୍ଗଲୀ ହାତୀ ଆକ୍ରମଣ କରିଥିଲା। ସେହି ରାସ୍ତାରେ ବନପାଳ ଓ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ସମୟରେ ଗୋଟିଏ ସାଇକେଲ ପଡ଼ିଥିବା ସହ ହାତୀ ଆକ୍ରମଣରେ ବ୍ରଜ ମଲିକ କ୍ଷତାକ୍ତ ହୋଇ ପଡ଼ିଥିବା ଦେଖିଥିଲେ। ବନପାଳ ଓ ବନ କର୍ମଚାରୀମାନେ ମହିପୁର ବନାଞ୍ଚଳ କାର୍ଯ୍ୟରତ ଏସିଏଫଙ୍କୁ ଖବର ଦେବାପରେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏସିଏଫ ସଙ୍ଗେ ସଙ୍ଗେ ଓଡଗାଁ ଥାନାକୁ ଖବର ଦେଇଥିଲେ ।ଘଟଣାସ୍ଥଳରେ ବାହାଡଝୋଲା ଫାଣ୍ଡି ଅଧିକାରୀ ପହଞ୍ଚି ବ୍ରଜଙ୍କୁ ଓଡଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବ୍ରଜ ମଲିକଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବନ ବିଭାଗ ପକ୍ଷରୁ ଖବର ଦେବାପରେ ପରିବାର ଲୋକେ ଡାକ୍ତରଖାନାରେ ପହଞ୍ଚି ଶବକୁ ଚିହ୍ନଟ କରିଥିଲେ ପରେ ଓଡଗାଁ ଥାନା ପକ୍ଷରୁ ୨୦/୨୫ ଏକ ମାମଲା ରୁଜୁ କରିବା ସହ ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଓଡ଼ଗାଁ ଥାନା ପକ୍ଷରୁ ସୂଚନା ମିଳିଛି ।

# କ୍ରିକେଟ୍ ବେଟିଂରେ ୧କୋଟି ଠକେଇ, ୨ ଗିରଫ





ଭୁବନେଶ୍ୱର, (ସବ୍ୟୁ) : ଅନ୍‌ଲାଇନ ଗେମରେ କ୍ରିକେଟ୍ ବେଟିଂ ମାଧ୍ୟମରେ ୧କୋଟି ୮ଲକ୍ଷ ଟଙ୍କା ଠକିନେଇଥିବା ଦୁଇ ସାଇବର ଠକଙ୍କୁ ଗିରଫ କରିଛି କ୍ରାଇମ୍‌ବ୍ରାଞ୍ଚ । ଗିରଫ ହୋଇଥିବା ଦୁଇ ଠକ ହେଲେ ପଶ୍ଚିମବଙ୍ଗ ବାସିନ୍ଦା ଏସ୍.କେ. ୱାସିଉଲ୍ ଇସ୍ଲାମ୍ ଓରଫ ରୋହନ ଏବଂ ଭୁବନେଶ୍ୱର ଖାରବେଳନଗର ଅଞ୍ଚଳର ଜ୍ୟୋତିପ୍ରକାଶ ପଲେଇ । ଦୁଇ ଅଭିଯୁକ୍ତଙ୍କ ପାଖରୁ ପାସ୍‌ବୁକ୍, ଚେକ୍, ମୋବାଇଲ ଫୋନ୍, ସିମ୍‌କାର୍ଡ, ଜିଏସ୍‌ଟି ସାର୍ଟିଫିକେଟ୍, ଆଧାର ଏବଂ ପ୍ୟାନ୍‌କାର୍ଡ ଜବତ ହୋଇଥିବା ସୂଚନା ମିଳିଛି । ଏହା ସହ ଦୁଇ ଅଭିଯୁକ୍ତଙ୍କ ଅନେକ ବ୍ୟାଙ୍କ ଆକାଉଣ୍ଟକୁ ପୋଲିସ ଫ୍ରିଜ୍ କରିଛି ।

ଯାଜପୁର ଜିଲ୍ଲା କଳିଙ୍ଗନଗର ଅଞ୍ଚଳର ଜଣେ ବ୍ୟକ୍ତି ଗେମିଂ ଆପ୍‌ରେ କ୍ରିକେଟ୍ ବେଟିଂ ଦ୍ୱାରା ୧କୋଟି ୮ଲକ୍ଷ ଟଙ୍କା ଠକାମୀର ଶିକାର ହୋଇଥିବା କ୍ରାଇମ୍‌ବ୍ରାଞ୍ଚ ସାଇବର ଥାନାରେ ଅଭିଯୋଗ ହୋଇଥିଲା । ପ୍ରାରମ୍ଭରେ ସାଇବର ଅପରାଧୀମାନେ ତାଙ୍କୁ ଅନ୍‌ଲାଇନ୍ କ୍ରିକେଟ୍ ବେଟିଂର ଦୁଇଟି ୱେବ୍‌ସାଇଟ୍ ଲିଙ୍କ୍ ସେୟାର କରିଥିଲେ । ସେହି ଦୁଇଟି ଆପ୍‌ର ଆଇଡି ବ୍ୟବହାର କରି କ୍ରିକେଟ୍ ବେଟିଂ ମାଧ୍ୟମରେ ଟଙ୍କା ରୋଜଗାର କରିବାକୁ ଦୁଇ ସାଇବର ଅପରାଧୀ ପ୍ରଲୋଭିତ କରିଥିଲେ । ତାଙ୍କ କହିବାନୁଯାୟୀ ଏତଲାକାରୀ ପ୍ରଥମେ ଅଳ୍ପ କିଛି ଟଙ୍କା ବିନିଯୋଗ କରିଥିଲେ । ଅନ୍ୟ ପକ୍ଷରେ ଅପରାଧୀମାନେ ତାଙ୍କୁ କିଛି କିଛି ଟଙ୍କା ଫେରସ୍ତ କରିଥିଲେ । ଏହାଦ୍ୱାରା ଏତଲାକାରୀଙ୍କ ବିଶ୍ୱାସ ସୃଷ୍ଟି ହୋଇଥିଲା। ସେ ତାଙ୍କ ପତ୍ନୀ, ବନ୍ଧୁ ଏବଂ କର୍ମଚାରୀଙ୍କ ଆକାଉଣ୍ଟ ମାଧ୍ୟମରେ ବିଭିନ୍ନ ପର୍ଯ୍ୟାୟରେ ୧ କୋଟି ୮ଲକ୍ଷ ଟଙ୍କା ଟ୍ରାନ୍ସଫର କରିଥିଲେ । ସାଇବର ଅପରାଧୀମାନେ ତାଙ୍କୁ ଟଙ୍କା ଫେରସ୍ତ କରିବା ପରିବର୍ତ୍ତେ ଦିନ ପରେ ଦିନ ଗଡାଇ ଚାଲିଥିଲେ । ୨୦୨୨ ଅଗଷ୍ଟରୁ ୨୦୨୫ ଜାନୁଆରୀ ପର୍ଯ୍ୟନ୍ତ ୱେବ୍‌ସାଇଟ୍ ମାଧ୍ୟମରେ ସେ ଟଙ୍କା ଜମା କରିଥିଲେ । ଦିନ ପରେ ଦିନ ଗଡି ଚାଲିଲା । ଏତଲାକାରୀ ଟଙ୍କା ଫେରିପାଇବେ ନାହିଁ । ଯାହା ଫଳରେ ସେ ଠକେଇର ଶିକାର ହୋଇଥିବା ଭାବି କ୍ରାଇମ୍‌ବ୍ରାଞ୍ଚ ସାଇବର ଥାନାରେ ଏତଲା କରିଥିଲେ । ତାଙ୍କ ଏତଲାକୁ ଭିତ୍ତିକରି ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା । ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ଚଢାଉ କରି ଶେଷକୁ ଦୁଇ ଅଭିଯୁକ୍ତଙ୍କୁ ପଶ୍ଚିମବଙ୍ଗ ଓ ଭୁବନେଶ୍ୱରରୁ ଗିରଫ କରିଥିଲେ । ସୋମବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ଦୁହିଁଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ସ୍ଥିର ଏବଂ ନାଗରିକ କୈନ୍ଦ୍ରିକ ସହର ନିର୍ମାଣ

# ଜାତୀୟ ଏବଂ ଆନ୍ତର୍ଜାତୀୟ ଅଂଶୀଦାରଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷରିତ

## ଓଡ଼ିଶା ଆରମ୍ଭ କଲା ଅଙ୍କୁର



ଭୁବନେଶ୍ୱର,(ସବ୍ୟୁ): ଓଡ଼ିଶାରେ ସହର ବିକାଶର ଭବିଷ୍ୟତକୁ ପୁନଃପରିଭାଷିତ କରିବା ଦିଗରେ ଏକ ଐତିହାସିକ ପଦକ୍ଷେପ ସ୍ୱରୂପ, ଗୃହ ଏବଂ ନଗର ଉନ୍ନୟନ ବିଭାଗ ବୁଧବାର ଅଙ୍କୁର– ଅଟଳ ନେଟୱାର୍କ ଫର ନଲେଜ୍, ସହରୀକରଣ ଏବଂ ସଂସ୍କାର ଆରମ୍ଭ କରିଛି । ଏହା ରାଜ୍ୟ ସାରା ଅନ୍ତର୍ଭୁକ୍ତ, ସ୍ଥାୟୀ ଏବଂ ଅଭିନବ ସହର ବିକାଶକୁ ଗଢି ତୋଳିବା ପାଇଁ ଏକ ରଣନୈତିକ ପଦକ୍ଷେପ । ଗୃହ ଓ ନଗର ଉନ୍ନୟନ ବିଭାଗ ବିଭାଗ ଏବଂ ସହର ବିକାଶ ଇକୋସିଷ୍ଟମରେ କାର୍ଯ୍ୟ କରୁଥିବା ଛଅଟି ପ୍ରମୁଖ ଅନୁଷ୍ଠାନ ଏବଂ ସଂଗଠନ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଏହି ଅବସରରେ ଡକ୍ଟର ମହାପାତ୍ର କହିଥିଲେ ଯେ ଅଙ୍କୁର ଏକ ସାମୂହିକ ପ୍ରତିଶ୍ରୁତିକୁ ପ୍ରତିନିଧିତ୍ୱ କରେ – ଦକ୍ଷ, ସ୍ମାର୍ଟ ଏବଂ ସର୍ବୋପରି ନାଗରିକ–କୈନ୍ଦ୍ରିକ ସହର ନିର୍ମାଣ କରିବା । ଏହା ବିକଶିତ ଓଡ଼ିଶା ଆଡ଼କୁ ଏକ ଆନ୍ଦୋଳନ, ଯାହା ସମ୍ପ୍ରଦାୟ, ଅନୁଷ୍ଠାନ ଏବଂ ସରକାରଙ୍କ ଦ୍ୱାରା ସହଭାଗୀ ।

ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢୀ ସ୍ୱାଗତ ଭାଷଣରେ ଆଜି ଆରମ୍ଭ ହେବାକୁ ଥିବା କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ ।

୨୦୩୬ ସୁଦ୍ଧା ଓଡ଼ିଶାର ସହରାଞ୍ଚଳ ଜନସଂଖ୍ୟା ତିନିଗୁଣ ବୃଦ୍ଧି ପାଇବାର ଆକଳନ କରାଯାଇଛି । ଅଙ୍କୁରକୁ ସ୍ଥିର, ବାସଯୋଗ୍ୟ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ସହରଗୁଡ଼ିକୁ ସହ–ସୃଷ୍ଟି କରିବା ପାଇଁ ଏକ ପରିବର୍ତ୍ତନକାରୀ ପ୍ଲାଟଫର୍ମ ଭାବରେ କଳ୍ପନା କରାଯାଇଛି ।

ଏହା ସହିତ, ସରକାର ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଅର୍ବାନ୍ ଆଫେୟାର୍ସ, ଟାଟା ଷ୍ଟିଲ୍ ଫାଉଣ୍ଡେସନ୍, ୱାର୍ଲ୍ଡ ରିସୋର୍ସସ୍ ଇନଷ୍ଟିଚ୍ୟୁଟ୍ ଏବଂ ଓଡ଼ିଶାର ସହରାଞ୍ଚଳ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିବା ଅନ୍ୟାନ୍ୟ ସଂଗଠନ ଗୁଡ଼ିକର ଦୀର୍ଘକାଳୀନ ସମର୍ଥନକୁ ସ୍ୱୀକାର କରିଛନ୍ତି ।

ଅଙ୍କୁର ଓଡ଼ିଶାର ସହରାଞ୍ଚଳ ସଂସ୍କାର ଏଜେଣ୍ଡାର ସ୍ନାୟୁ କେନ୍ଦ୍ର ହେବାକୁ ପ୍ରସ୍ତୁତ । ବିଭାଗର ବରିଷ୍ଠ ଅଧିକାରୀ ଏବଂ ପ୍ରମୁଖ ଜାତୀୟ ଏବଂ ଆନ୍ତର୍ଜାତୀୟ ଅଂଶୀଦାରମାନେ ଖାରବେଳଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏମଓୟୁ ସ୍ୱାକ୍ଷର ସମାରୋହରେ ଉପସ୍ଥିତ ଥିଲେ ।

## ।।। ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ବିରୋଧରେ ।।।

# କାର୍ଯ୍ୟାନୁଷ୍ଠାନ ପାଇଁ ବାର୍ କାଉନ୍‌ସିଲରେ ଦାବି କଲେ ମନମୋହନ

ଭୁବନେଶ୍ୱର,(ସବ୍ୟୁ): ରାଜ୍ୟ ସଭାପତି ମନମୋହନ ସାମଲଙ୍କ ବିରୋଧରେ ଆଇନଜୀବୀ ସୀତାଂଶୁ ମୋହନ ଦ୍ୱିବେଦୀଙ୍କ ଦ୍ୱାରା ଗଣମାଧ୍ୟମରେ ମିଥ୍ୟା ଅଭିଯୋଗ କରାଯାଇଛି । ଏନେଇ ଆଇନଜୀବୀ ଶ୍ରୀ ଦ୍ୱିବେଦୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ବାର କାଉନ୍‌ସିଲରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଅନୁରୋଧ କରିଛନ୍ତି । ରାଜ୍ୟ ସଭାପତି ଶ୍ରୀ ସାମଲ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଗତ ୦୩/୦୪/୨୦୨୫ରେ ଆଇନ୍‌ଜୀବୀ ଶ୍ରୀ ଦ୍ୱିବେଦୀ ଗଣାମଧ୍ୟମ ଆଗରେ କହିଥିଲେ ଯେ, ରାଜ୍ୟରେ ବିଜେପି ଏକାକୀ ସରକାର ଗଠନ କରିବା ପରେ ଶପଥ ସମାରୋହ ୧୨ ଜୁନ ୨୦୨୪ରେ ହେବାର ଥିଲା । ଉକ୍ତ ଶପଥ ସମାରୋହ ଉତ୍ସବ ପାଇଁ ବିଜେପିର ସ୍ଥାନୀୟ ନେତାମାନେ ଶ୍ରୀ ଦ୍ୱିବେଦୀଙ୍କ ମହକିଲ ରାଜା ଚକ୍ରଙ୍କଠାରୁ ବିପୁଳ ଟଙ୍କା ଚାନ୍ଦା ଆକାରରେ ଦାବି କରୁଛନ୍ତି । ନଦେଲେ ଓପିଆଇଡି କୋର୍ଟରେ ଶ୍ରୀ ଦ୍ୱିବେଦୀଙ୍କ ଦ୍ୱାରା ଜାମିନ ପାଇଁ ଆବେଦନ ହୋଇଥିବା ଆର୍ଥିକ ମାମଲାର ଅଭିଯୁକ୍ତ ରାଜା ଚକ୍ରଙ୍କ କମ୍ପାନୀ ଗନ୍ଧମାର୍ଦ୍ଦନ ଲୋଡିଂ ଏଜନ୍ସିକୁ ବନ୍ଦ କରାଯିବ । ଏଥି ଯୋଗୁ ସିଧାସଳଖ ଭାବେ ବିଜେପିର ରାଜ୍ୟ ମୁଖ୍ୟଙ୍କ ସଂଚୟ ବ୍ୟାଙ୍କ ଆକାଉଣ୍ଟକୁ ୫୩ ଲକ୍ଷ ଟଙ୍କା ଏବଂ ଆରଟିଜିଏସ୍ ମାଧ୍ୟମରେ ତାଙ୍କ ଆକାଉଣ୍ଟକୁ ୫୦ ଲକ୍ଷ ଟଙ୍କା ସ୍ଥାନାନ୍ତର କରାଯାଇଥିଲା । ଗଣମାଧ୍ୟମରେ ଏପରି ମିଥ୍ୟା ଖବର ପ୍ରସାରଣ କରି ଶ୍ରୀ ସାମଲଙ୍କୁ ବଦ୍‌ନାମ କରିବାକୁ ଉଦ୍ୟମ କରାଯାଇଛି । ଶ୍ରୀ ସାମଲ ଏବେ ରାଜ୍ୟ ବିଜେପିର ସଭାପତି ଥିଲାବେଳେ ଏହା ପୂର୍ବରୁ ଦଳର ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଛନ୍ତି । ସେ ପୂର୍ବତନ ରାଜ୍ୟସଭା ସଦସ୍ୟ ହେବା ସହ ରାଜ୍ୟରେ କ୍ୟାବିନେଟ ମନ୍ତ୍ରୀ ଭାବେ କାର୍ଯ୍ୟ କରିଛନ୍ତି । ତାଙ୍କ ନେତୃତ୍ୱରେ ବିଜେପି ରାଜ୍ୟରେ ଏବେ ସରକାର ଗଠନ କରିଛି । ସେ ଜଣେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ହୋଇଥିବାବେଳେ ତାଙ୍କ ସାଧୁତା ବିଷୟରେ ସଭିଏଁ ଅବଗତ । ଏଭିଳି ସ୍ଥିତିରେ ଜାଣିଶୁଣି ମନ୍ଦ ଉଦ୍ଦେଶ୍ୟ ରଖି ତାଙ୍କ ଚରିତ୍ର ହନନ କରିବାକୁ ଉଦ୍ୟମ କରାଯାଇଛି । ଅପରପକ୍ଷେ ଶ୍ରୀ ଦ୍ୱିବେଦୀ ଭୁବନେଶ୍ୱରରେ ଜଣେ ଓକିଲ ଏବଂ ଓଡ଼ିଶା ରାଜ୍ୟ ବାର୍ ପରିଷଦର ଅଧ୍ୟକ୍ଷ । ରାଜ୍ୟ ବାର ପରିଷଦ ଅଧ୍ୟକ୍ଷ ଭାବେ ଶ୍ରୀ ଦ୍ୱିବେଦୀ ଆଇନ୍‌ଗତ ଦୃଷ୍ଟିରୁ ଏକ ଉଚ୍ଚ ପଦବୀରେ ଅଛନ୍ତି । ଭିନ୍ନ ଭାବରେ କହିବାକୁ ଗଲେ, ଶ୍ରୀ ଦ୍ୱିବେଦୀ ରାଜ୍ୟର ଓକିଲମାନଙ୍କ ନେତା । ଏଭଳି ସ୍ଥିତିରେ କୌଣସି ଯଥାର୍ଥ କାରଣ ବିନା ଶ୍ରୀ ସାମଲଙ୍କ ବିରୋଧରେ ଅପମାନଜନକ ଅଭିବ୍ୟକ୍ତି କରିବାର ଶ୍ରୀ ଦ୍ୱିବେଦୀଙ୍କର କୌଣସି ଅଧିକାର ନାହିଁ । ତାଙ୍କ ଦ୍ୱାରା ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ଏପରି ମିଥ୍ୟା ଖବର ପ୍ରସାରଣ ଦ୍ୱାରା ତାଙ୍କ ପ୍ରତିଷ୍ଠାକୁ ଆଞ୍ଚ ଆଣିବାକୁ ପ୍ରୟାସ କରାଯାଇଛି । ଆଇନଜୀବୀ ଶ୍ରୀ ଦ୍ୱିବେଦୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ବାର କାଉନ୍‌ସିଲକୁ ଶ୍ରୀ ସାମଲ ଅନୁରୋଧ କରିଛନ୍ତି ।

## ଓଡିଶା ମେଡିକାଲ ୪ର୍ଥ ଶ୍ରେଣୀ କର୍ମଚାରୀ ସଙ୍ଘ ବୈଠକ

# ସେକ ମଞ୍ଜୁର ହେଲେ ଜିଲ୍ଲା ସମ୍ପାଦକ



କଟକ,(ସବ୍ୟୁ): ଜିଲ୍ଲା ମେଡିକାଲ ୪ର୍ଥ ଶ୍ରେଣୀ ସଙ୍ଘର ଏକ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ କଟକ ଜିଲ୍ଲା ରାଜ୍ୟ ସଙ୍ଘର ସଭାପତି ପୂର୍ଣ୍ଣ ଚନ୍ଦ୍ର ରାଉତ ଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ସଭାରେ ରାଜ୍ୟ ସଙ୍ଘର ମୁଖ୍ୟ ଉପଦେଷ୍ଟା ଡ଼ା. ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ରୂପେ ଯୋଗ ଦେବା ସହିତ ରାଜ୍ୟ ସଙ୍ଘର ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ସାମଲ, ମେଡିକାଲ ସଙ୍ଘ ସମ୍ପାଦକ ରାମ ଚନ୍ଦ୍ର ପ୍ରଧାନ ସନ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଉକ୍ତ ବୈଠକ ରେ କଟକ ଜିଲ୍ଲା ର ସମସ୍ତ ହସ୍ପିଟାଲ କର୍ମଚାରୀ ମାନେ ଉକ୍ତ ବୈଠକ ରେ ଯୋଗ ଦେବା ସହିତ ସମସ୍ତ କର୍ମଚାରୀଙ୍କର ମତାମତକ୍ରମେ ସର୍ବସମତି କ୍ରମେ ଜିଲ୍ଲା ସଂଘର ସଂପାଦକ ପଦବୀ ପାଇଁ ନିର୍ବାଚନ ଘୋଷଣା ହୋଇଥିଲା ଓ ନିର୍ବାଚନ ଅଧିକାରୀ ଭାବରେ ଏସସିବି ମେଡିକାଲ ୪ର୍ଥ ଶ୍ରେଣୀ କର୍ମଚାରୀ ସଙ୍ଘର ସମ୍ପାଦକ ରାମଚନ୍ଦ୍ର ପ୍ରଧାନ ନିର୍ବାଚନ ପରିଚାଳନା କରିଥିଲେ । କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ମନୋରଞ୍ଜନ ବେହେରା ଏବଂ ସେକ ମଞ୍ଜୁର ସମ୍ପାଦକ ପଦପାଇଁ ନାମାଙ୍କନ ଭରିଥିଲେ । ଭୋଟରେ ସେକ ମଞ୍ଜୁର ୩୦ ଭୋଟ ପାଇ ଜୟଯୁକ୍ତ ହୋଇଥିଲେ । ଯୁଗ୍ମ ସମ୍ପାଦକ ଭାବରେ ଅଶୋକ କୁମାର ଦାସ ଯୁଗ୍ମସମ୍ପାଦିକା ଭାବରେ ମମତା ସାହୁ, କୋଷାଧକ୍ଷ ଭାବରେ ମାନସ କୁମାର ସାହୁ ମନୋନୀତ ହୋଇଥିଲେ । ସଭାପତି ଶ୍ରୀ ରାଉତ ସମସ୍ତ ଙ୍କୁ ଏକତ୍ରିତ ହୋଇ ସଙ୍ଘର ଏକତା ଓ ଅଖଣ୍ଡତା ବଜାୟ ରଖିବା ସହିତ ରୋଗୀ ସେବାରେ ଯେପରି କୌଣସି ବାଧା ନହୁଏ ଏହା ପରେ ଗୁରୁତ୍ୱ ଦେଇଥିଲେ । ସର୍ବଶେଷରେ ରାଜ୍ୟ ସଙ୍ଘର ଉପ ସଭାପତି ନବଘନ ପରିଡା ଧନ୍ୟବାଦ ଦେଇଥିଲେ ।

# ବିଜେଡି ଛାଡିଲେ ଭଦ୍ରକର ପୂର୍ବତନ ପୌରାଧକ୍ଷ ପ୍ରୟାସକାନ୍ତି

ଭଦ୍ରକ,(ସବ୍ୟୁ): ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ପୁଅ ତଥା ଭଦ୍ରକର ପୂର୍ବତନ ପୌରାଧକ୍ଷ ପ୍ରୟାସକାନ୍ତି ସାମଲ ବିଜୁ ଜନତା ଦଳ ଛାଡିଛନ୍ତି। ବ୍ୟକ୍ତିଗତ କାରଣ ପାଇଁ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ବିଜେଡି ସଭାପତିଙ୍କୁ ଇସ୍ତଫା ପତ୍ର ଦେଇଛନ୍ତି ବୋଲି ସୂଚନା ଦେଇଛନ୍ତି। ୨୦୦୨ରୁ ସେ ବିଜେଡିରେ ସାମିଲ ଥିଲେ। ୨୦୦୩ରେ ଭଦ୍ରକ ପୌରପାଳିକାର ଅଧକ୍ଷ ରହିବା ସହିତ ବିଜେଡିର ରାଜ୍ୟ ସମ୍ପାଦକ ଥିଲେ। ନିଜର ବ୍ୟକ୍ତିଗତ କାରଣରୁ ଦଳରୁ ଇସ୍ତଫା ଦେଇଥିବା ଦେଇଛନ୍ତି। ଯେକୌଣସି ଦଳରେ ନରହି ସାଧାରଣ ଲୋକଙ୍କ ସେବା ଜାରି ରହିବ। ବର୍ତ୍ତମାନ ପାଇଁ ଅନ୍ୟ ପାର୍ଟିକୁ ଯିବା ନେଇ କୌଣସି ନିଷ୍ପତ୍ତି ନାହିଁ ବୋଲି ପ୍ରୟାସକାନ୍ତି କହିଛନ୍ତି। କିନ୍ତୁ ସମୟ କହିବ କେଉଁ ଦଳକୁ ଯିବି। ମୋର କମ ବୟସରେ ବିଜେଡି ମୋତେ ଅନେକ ସୁଯୋଗ ଦେଇଛି। ସେଥିପାଇଁ ମୁଁ ବିଜେଡି ଠାରେ କୃତଜ୍ଞ। ବାପା ଓ ସାନ ଭାଇ ରାଜନୀତିରେ ଅଛନ୍ତି। ଦଳ ଛାଡ଼ିବା ନେଇ ବାପା ପ୍ରଫୁଲ୍ଲ ସାମଲଙ୍କୁ ଅବଗତ କରିନାହିଁ ଖୁବଶୀଘ୍ର ତାଙ୍କୁ ଜଣାଇବି ବୋଲି କହିଛନ୍ତି । ତେବେ ତାଙ୍କ ଇସ୍ତଫାକୁ ନେଇ ବିଜେଡି ରାଜନୀତି ହଲଚଲ ହୋଇଛି। ତାଙ୍କର ସ୍ୱତନ୍ତ୍ର ସଙ୍ଗଠନ ଥିବାବେଳେ ସେମାନେ ବିଜେଡି ପାଇଁ ସକ୍ରୀୟ ହେବେକି ନାହିଁ ତାକୁ ନେଇ ଚର୍ଚ୍ଚା ହେଉଛି । ସୂଚନାଯୋଗ୍ୟ ଯେ, ତାଙ୍କ ବାପା ପ୍ରଫୁଲ୍ଲ ସାମଲ ସମ୍ପ୍ରତି ବିଜେଡ଼ି ଶ୍ରମିକ ସେଲ୍‌ର ଅଧକ୍ଷ ଅଛନ୍ତି ।

## ପ୍ରଶାନ୍ତ ଶତପଥିଙ୍କ ପରିବାରକୁ

# ଆସାମ ମୁଖ୍ୟମନ୍ତ୍ରୀଙ୍କ ୫ ଲକ୍ଷ ଟଙ୍କା ସହାୟତା



ବାଲେଶ୍ୱର, (ସବ୍ୟୁ) : ୨୨ ଅପ୍ରେଲ ପହଲଗାମ ନରସଂହାର ଘଟଣାରେ ପ୍ରତ୍ୟେକ ମୃତକଙ୍କ ପରିବାରକୁ ୫ଲକ୍ଷ ଟଙ୍କା ସହାୟତା କରିବା ପାଇଁ ଆସାମ ସରକାର ଘୋଷଣା କରିଥିଲେ । ସେହି କ୍ରମରେ ବୁଧବାର ଆସାମ ସରକାରଙ୍କର ସ୍ୱାସ୍ଥ୍ୟମନ୍ତ୍ରୀ ଅଶୋକ ସିଂଘଲ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ବାର୍ତ୍ତା ସମ୍ବଳିତ ମାନପତ୍ର ଓ ପାଞ୍ଚ ଲକ୍ଷ ଟଙ୍କାର ଚେକ୍ ମୃତକ ପ୍ରଶାନ୍ତ ଶତପଥୀଙ୍କ ବିଧବା ପତ୍ନୀଙ୍କୁ ପ୍ରଦାନ କରିଛନ୍ତି । ତାଙ୍କ ସହିତ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ପୂର୍ବତନ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର, ଜିଲ୍ଲା ଗଣମାଧ୍ୟମ ସଂଯୋଜକ ନିବାସ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ଜିଲ୍ଲା ଉପସଭାପତି କମଳଲୋଚନ ଦାସ, ମମତା ମହାପାତ୍ର, ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର, ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, ମୋହିତ ପୋଦାର, ସୁରଝଙ୍କାର ସେଠୀ, ମଣ୍ଟୁ ପେରିୱାଲ, ରଞ୍ଜିତ ପୃଷ୍ଟି, ସ୍ୱାଧୀନ ପଣ୍ଡା, ସୌଭାଗ୍ୟ ଦାସ ପ୍ରମୁଖ ଯାଇଥିଲେ । ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ଶ୍ରୀ ସିଂଘଲ ୨୨ ଅପ୍ରେଲ ପହଲଗାମ ହିନ୍ଦୁ ନରସଂହାରକୁ ତିବ୍ର ସମାଲୋଚନା କରିବା ସହିତ ତାର ପ୍ରତିକାର ସ୍ୱରୂପ ଅପରେସନ ସିନ୍ଦୂରର ଭୂୟସୀ ପ୍ରଶଂସା କରିଥିଲେ ।

# ଆଇସିଏମ୍‌ଏଆଇ ପକ୍ଷରୁ ସୋଆ ପ୍ରତିଷ୍ଠାତା ସଭାପତିଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ୱର,(ସବ୍ୟୁ): ଦେଶରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜ ରଞ୍ଜନ ନାୟକଙ୍କୁ ଇନଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆଣ୍ଡ ମ୍ୟାନେଜେମେଣ୍ଟ ଆକାଉଣ୍ଟାସ୍ ଅଫ୍ ଇଣ୍ଡିଆ (ଆଇସିଏମ୍‌ଏଆଇ) ପକ୍ଷରୁ ମଙ୍ଗଳବାର ସମ୍ବର୍ଦ୍ଧିତ କରାଯାଇଛି । ଆଇସିଏମ୍‌ଏଆଇ ଭୁବନେଶ୍ୱର ପକ୍ଷରୁ ଏହାର ବରିଷ୍ଠ ଅଧିକାରୀ ହେମନ୍ତ କୁମାର ବିଶ୍ୱାଳ ସୋଆ ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟରେ ପ୍ରଫେସର ନାୟକଙ୍କୁ ସାକ୍ଷାତ କରିବା ସହ ସମ୍ବର୍ଦ୍ଧିତ କରିଥିଲେ । ଶିକ୍ଷା କ୍ଷେତ୍ରରେ ଅଭୂତପୂର୍ବ ଅବଦାନ ନିମନ୍ତେ ସୋଆ ଜାତୀୟ ଓ ଅର୍ନ୍ତଜାତୀୟ ସ୍ତରରେ ସୁନାମ ଅର୍ଜନ କରିଛି । ସେହିଭଳି ଶ୍ରୀ ନାୟକଙ୍କ ଔଦ୍ୟୋଗିକତା ଯାତ୍ରା ଏବଂ ସମାଜ ପ୍ରତି କିଛି କରିବାର ପ୍ରତିବଦ୍ଧତା ଅନ୍ୟପାଇଁ ଉଦାହରଣ ସୃଷ୍ଟି କରିଛି ବୋଲି ଆଇସିଏମ୍‌ଏଆଇ ପକ୍ଷରୁ ପ୍ରଶଂସା କରାଯାଇଛି ।

# ୫ ଡକାୟତ ଗିରଫ: ଖଣ୍ଡା, ଭୁଜାଲି ଜବତ

ପୁରୀ: ଡ଼କାୟତି ପାଇଁ ଉଦ୍ୟମ ଓ ଯୋଜନା ପ୍ରସ୍ତୁତି ଅଭିଯୋଗରେ ବାସେଳୀ ସାହି ଥାନା ପକ୍ଷରୁ ମଙ୍ଗଳବାର ରାତ୍ରିରେ ସ୍ଥାନୀୟ ସୁରଜମଲ୍ଲ ସାହା କଲେଜ ନିକଟରେ ଚଢ଼ାଉ କରି ପାଞ୍ଚ ଜଣ ଅସାମାଜିକ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ହୋଇ ଥିବା ଅଭିଯୁକ୍ତମାନେ ହେଲେ ସଦର ଥାନା ଅଧୀନ କଣ୍ଟପୁର ଗ୍ରାମର ଚାପଡ଼ କାଳିଆ ଓରଫ ତପନ ପ୍ରଧାନ(୨୯), ବାସେଳୀ ସାହି ଥାନା ଅଧୀନ ଜଗନ୍ନାଥ ବସ୍ତିର ଧ୍ରୁବ ଓରଫ ଦିବାକର ସ୍ୱାଇଁ (୪୯), ପିଣ୍ଟୁ ଓରଫ ବାବୁନାନ ଭୋଇ (୨୦), କୁମ୍ଭାରପଡ଼ା ଥାନା ଅଧୀନ ବାଲିଉପର, ସଂଜୟ ଜି ବସ୍ତିର ସୋନୁ ନାୟକ(୨୧), ବଳିଆପଣ୍ଡା ଥାନା ଅଧୀନ ବଳିଆପଣ୍ଡା ଫାଦର୍ ସ୍କୁଲ ନିକଟର ଗୁନ ଓରଫ ପ୍ରଶାନ୍ତ ବଳବନ୍ତ ରାୟ(୩୨) । ଅଭିଯୁକ୍ତଙ୍କ ଠାରୁ ପୋଲିସ ୩ ଗୋଟି ଖଣ୍ଡା, ୧ ଗୋଟି ଆଇରନ ରଡ, ୧ ଗୋଟି ଛୁରୀ, ୧ ଗୋଟି ଲଙ୍କା ଗୁଣ୍ଡ ପ୍ୟାକେଟ, ୩ ଗୋଟି ବିଅର ବୋତଲ ଓ ୧ ଗୋଟି ଡିଆସିଲ ପ୍ୟାକେଟ ଜବତ କରିଛି । ଏ ସମ୍ପର୍କରେ ବାସେଲି ସାହି ଥାନା ଆଇଆଇସି ବିକ୍ରମ କେଶରୀ ଜେନା ସୂଚନା ଦେଇ କହିଛନ୍ତି ଯେ ମଙ୍ଗଳବାର ବିଳମ୍ବିତ ରାତ୍ରୀରେ ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ଯେ କେତେକ ଅସାମାଜିକ ଯୁବକ ସାହା କଲେଜ ନିକଟରେ ଏକତ୍ରିତ ହୋଇ ସ୍ଥାନୀୟ ଅଞ୍ଚଳରେ ଡକାୟତ କରିବା ପାଇଁ ଯୋଜନା ପ୍ରସ୍ତୁତି କରୁଛନ୍ତି । ଉକ୍ତ ତଥ୍ୟ ଆଧାରରେ ପୋଲିସ ସେଠାରେ ଅତର୍କିତ ଭାବେ ଚଢାଉ କରି ଥିଲା । ଚଢାଉ ବେଳେ ଅଭିଯୁକ୍ତ ମାନେ ପୋଲିସ ହାତରେ ଧରା ପଡ଼ି ଥିଲେ । ଏନେଇ ପୋଲିସ ନିଜ ଆଡୁ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

# ବାଲିଘାଟରୁ ବାହାରିଲେ ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତି

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ଛଣଗିରି ଓ ସରପାରୀ ନଦୀ ପଠା ବାଲିଘାଟରୁ ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତି ବାହାରିଥିବା ଜଣାପଡିଛି ।ବହୁ ପୁରାତନ ଦୁଇଟି କାଠ ବଳଭଦ୍ର ଓ ସୁଭଦ୍ରାଙ୍କ ମୂର୍ତ୍ତି ସହିତ ଏକ ଗରୁଡ ଖମ୍ବ ମଧ୍ୟ ବାହାରିଥିବା ଜଣାପଡିଛି। ଏହି ଘାଟରୁ ବାଲି ନିଆଯାଉଥିବା ବେଳେ ମଙ୍ଗଳବାର ଦିନ ଗୋଟିଏ ଗାଡି ବାଲି ନେଉଥିବାବେଳେ ବାଲି ତଳୁ ହଠାତ୍ ଏହି ମୂର୍ତ୍ତି ଦେଖିବାକୁ ମିଳିବାରୁ ଅଧିକ ଖୋଳି ଠାକୁରଙ୍କୁ ବାହାର କରିଥିଲେ କିଛି ଲୋକ। କିନ୍ତୁ ମୂର୍ତ୍ତିଙ୍କୁ ନେଇ କେଉଁଠାରେ ସ୍ଥାପନା କରି ପୂଜା ଅର୍ଚ୍ଚନା କରିବେ ସେଥି ପାଇଁ ଚିନ୍ତାରେ ପଡ଼ି ପୁନର୍ବାର ସେହି ମୂର୍ତ୍ତି ଗୁଡ଼ିକୁ ସେଠାରେ ବାଲି ଭିତରେ ପୋତି ଦେଇଥିବା ଜଣାପଡିଛି। କିନ୍ତୁ ଜଗନ୍ନାଥଙ୍କ ମୂର୍ତ୍ତି ବାହାରି ନ ଥିବା ଜଣାପଡିଛି।

## ଖରିଫ ଫସଲ ପାଇଁ ରଣନୀତି ପ୍ରସ୍ତୁତ

# ୫୮.୫୦ ଲକ୍ଷ ହେକ୍ଟର ଜମିରେ ଫସଲ ଲକ୍ଷ୍ୟ

### ଯୋଗାଇବେ ୪ ଲକ୍ଷ କ୍ୱିଣ୍ଟାଲ ଉଚ୍ଚଗୁଣବତ୍ତା ସମ୍ପନ୍ନ ବିହନ

### ଶ୍ରୀଜଗନ୍ନାଥଙ୍କ କୋଠ ଭୋଗ, ମହାପ୍ରସାଦ ଲାଗି 'ଅମୃତ ଅନ୍ନ'

ଭୁବନେଶ୍ୱର,(ସବ୍ୟୁ): ବର୍ଷାର ଆଗମନରେ ଖରିଫ୍ ଫସଲ ଲାଗି ଚାଷୀ ନିଜକୁ ପ୍ରସ୍ତୁତ କରିଥାଏ। ଚଳିତବର୍ଷ ସ୍ୱାଭାବିକ ବର୍ଷା ହେବ । ଯାହା ଚାଷୀଙ୍କ ପାଇଁ ବେଶ୍ ସୁହାଇବ । ରାଜ୍ୟ ସରକାର ପ୍ରାୟ ୫୮.୫୦ ଲକ୍ଷ ହେକ୍ଟର ଜମିରେ ଖରିଫ୍ ଫସଲ ଲକ୍ଷ୍ୟ ରଖିଥିବା ବେଳେ ୪ ଲକ୍ଷ କ୍ୱିଣ୍ଟାଲ ଉଚ୍ଚଗୁଣବତ୍ତା ସମ୍ପନ୍ନ ବିହନର ଯୋଗାଣ କରିବେ । ସେହିପରି ଓଡ଼ିଶା ବଳଭଦ୍ର ଜୈବିକ ଚାଷ ଅଧୀନରେ ଶ୍ରୀଜଗନ୍ନାଥ ମନ୍ଦିରକୁ କୋଠ ଭୋଗ ଓ ମହାପ୍ରସାଦ ପାଇଁ ଆଗାମୀ ୫ ବର୍ଷ ମଧ୍ୟରେ ଅମୃତ ଅନ୍ନ ପ୍ରକଳ୍ପରେ ୩୪୫୦ ହେକ୍ଟରରେ ଜୈବିକ ଉତ୍ପାଦନ ଯୋଜନା କରାଯାଇଛି । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଖରିଫ୍ ୨୦୨୫ ପାଇଁ ରଣନୀତି ପ୍ରସ୍ତୁତ କରାଯାଇଛି । ସମୃଦ୍ଧ କୃଷକ ହେଲ୍ପଲାଇନ ଯୋଗେ ନିୟମିତ ଭାବେ ଚାଷୀଙ୍କୁ ସୂଚନା ମଧ୍ୟ ପ୍ରଦାନ କରାଯାଉଛି । ଆସନ୍ତା ଖରିଫରେ ବିଭିନ୍ନ ଫସଲ ଅଧୀନରେ ପ୍ରାୟ ୫୮.୫୦ ଲକ୍ଷ ହେକ୍ଟର ଜମି ଅନ୍ତର୍ଭୁକ୍ତ ହେବ । ତନ୍ମଧ୍ୟରେ ୩୫.୯୫ ଲକ୍ଷ ହେକ୍ଟର ଧାନ, ୬.୧୦ ଲକ୍ଷ ହେକ୍ଟର ଡାଲିଜାତୀୟ ଫସଲ, ୨.୨୫ ଲକ୍ଷ ହେକ୍ଟର ତୈଳବୀଜ, ୨.୬୦ ଲକ୍ଷ ମାଣ୍ଡିଆ ଜାତୀୟ ଶସ୍ୟ, ୨.୭୦ ଲକ୍ଷ ହେକ୍ଟର ମକା, ୨.୫୪ ଲକ୍ଷ ହେକ୍ଟର କପା ଓ ଅନ୍ୟାନ୍ୟ ତନ୍ତୁ ଜାତୀୟ ଫସଲ, ୧.୧୫ ଲକ୍ଷ ହେକ୍ଟର ମସଲା, ୫ ଲକ୍ଷ ହେକ୍ଟର ପନିପରିବା ଏବଂ ଅନ୍ୟାନ୍ୟ ଫସଲ ସାମିଲ ରହିଛି । ଖରିଫରେ ମଧ୍ୟମ, କ୍ଷୁଦ୍ର, କ୍ଷୁଦ୍ର ଉଠା, ବୃହତ ଉଠ ଜଳସେଚନ ଇତ୍ୟାଦି ସହିତ ୩୭.୬୬ ଲକ୍ଷ ହେକ୍ଟରକୁ ସାମିଲ୍ କରି ଜଳସେଚନ ପ୍ରକ୍ରିୟାକୁ ସୁନିଶ୍ଚିତ କରାଯାଉଛି । ସେହିପରି ଓଡ଼ିଶା ରାଜ୍ୟ ବିହନ ନିଗମ ଜରିଆରେ ଓ ଘରୋଇ ମାଧ୍ୟମରେ ପ୍ରାୟ ୪ ଲକ୍ଷ କ୍ୱିଣ୍ଟାଲ ଉଚ୍ଚଗୁଣବତ୍ତା ସମ୍ପନ୍ନ ପ୍ରମାଣିତ ବିହନ ଯୋଗାଣ ବ୍ୟବସ୍ଥା କରାଯାଇଛି । ଏଥିପାଇଁ ରାଜ୍ୟ ସରକାର ୧୦୦ କୋଟି ଟଙ୍କାର କର୍ପସ ପାଣ୍ଠିର ବ୍ୟବସ୍ଥା ମଧ୍ୟ କରିଛନ୍ତି । ଆବଶ୍ୟକ ଅନୁସାରେ ପ୍ରାୟ ୯.୫୫ ଲକ୍ଷ ମେଟ୍ରିକ୍ ଟନ୍ ସାର ଯଥା ୟୁରିଆ, ଡିଏପି, ଏମଓପି, ଏନପିଏକେଏସ ଯୋଗାଇ ଦିଆଯିବ । ବିସ୍ତୃତ ଖାଦ୍ୟଶସ୍ୟ ଓ ଅବହେଳିତ ଫସଲର ପୁନରୁଦ୍ଧାର, ଦସ୍ତାବିଜକରଣ, ସଂରକ୍ଷଣ, ଧାନ ପରବର୍ତ୍ତୀ ପଡ଼ିଆ ଜମି ପରିଚାଳନା, କୃଷି ଯାନ୍ତ୍ରିକୀକରଣ, ଖରିଫ ଫସଲ ପାଇଁ କ୍ଷେତ୍ର ପ୍ରଦର୍ଶନ, ଫସଲ ସୁରକ୍ଷା ଏବଂ କୀଟନାଶକ ଇତ୍ୟାଦିର ଆୟୋଜନ କରାଯାଇଛି । କୃଷକ ବନ୍ଧୁମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟର ପରିଚାଳନା, ସମୃଦ୍ଧ କୃଷକ ଯୋଜନାରେ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଇନପୁଟ୍ ସହାୟତା ରାଶି, ଏଗ୍ରୀ ଷ୍ଟାକ, କୃଷକ ରେଜିଷ୍ଟ୍ରି ଭଳି ଡିଜିଟାଲ ସେବା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଲାଭ ଉଠାଇବାକୁ ବିଭାଗ ତରଫରୁ ପରାମର୍ଶ ଦିଆଯାଇଛି ।

## ଡ୍ରିମ୍ସ ପଲିଟେକ୍‌ନିକର ୪୭୯ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି

କଟକ, (ସ୍ୱପ୍ର) : ଡ୍ରିମ୍ସ ପଲିଟେକନିକ୍ ୨୦୨୫ ବ୍ୟାଚ୍‌ର ୪୭୯ଜଣ ଛାତ୍ରଛାତ୍ରୀଙ୍କୁ ଦେଶର ବିଭିନ୍ନ ପ୍ରତିଷ୍ଠିତ ଉଦ୍ୟୋଗରେ ନିଯୁକ୍ତି ସୁଯୋଗ ମିଳିଛି। ଏମାନଙ୍କ ମଧ୍ୟରେ ୩୩ ଜଣ ଛାତ୍ରୀ ଏବଂ ୪୪୬ଜଣ ହେଉଛନ୍ତି ଛାତ୍ର। ମେକାନିକାଲ, ଇଲେକ୍ଟ୍ରିକାଲ, ଇଲୋକ୍ଟ୍ରୋନିକ୍ସ ଆଣ୍ଡ ଟେଲିକମ୍ୟୁନିକେସନ, ସିଭିଲ୍ ଓ କମ୍ପ୍ୟୁଟର ସାଇନ୍ସ ଇଂଜିନିୟରିଂ ବିଭାଗର ଏହି ଛାତ୍ରଛାତ୍ରୀଙ୍କୁ ଉଇପ୍ରୋ, ଭୋଲଟାଜ୍, ସେନଟମ୍ ଇଲୋଟ୍ରୋନିକ୍ସ, କୁମିନ୍ସ ଇଣ୍ଡିଆ ଲିମିଟେଡ୍, ଏଲଆଣ୍ଡଟି, ସିପ୍‌ଲା ଲିମିଟେଡ୍, ଜେଏସ୍ ଡବ୍ଲ୍ୟୁ ଷ୍ଟିଲ୍, ଏଟିସି ଟାୟାର, ଆର୍ସେଲ ମିତ୍ତଲ, ଥର୍ମାକ୍ସ ଲିମିଟେଡ୍ ପ୍ରଭୃତି କମ୍ପାନୀରେ ଏହି ନିଯୁକ୍ତି ମିଳିଛି । ଶିକ୍ଷାନୁଷ୍ଠାନର ପ୍ଲେସମେଣ୍ଟ ଅଧିକାରୀ ବୈଦ୍ୟନାଥ ସାମଲଙ୍କ ତତ୍ତ୍ୱାବଧାନରେ ଏହି ନିଯୁକ୍ତି ମନୋନୟନ ଆୟୋଜିତ ହୋଇଥିଲା । ଛାତ୍ରଛାତ୍ରୀଙ୍କ ଏହି ଉଲ୍ଲେଖନୀୟ ସଫଳତା ନିମନ୍ତେ ଡ୍ରିମସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ସହ ଅଧ୍ୟକ୍ଷ ଇଂ ଦୁର୍ଗା ପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ପଲିଟେକ୍‌ନିକର ଏକାଡେମିକ୍ ନିର୍ଦ୍ଦେଶକ ଇଂ ପ୍ରଦୀପ୍ତ ରଂଜନ ମହାନ୍ତି ଓ ଅଧ୍ୟକ୍ଷା ଡ. ତପସ୍ୱିନୀ ସାହୁ ପ୍ରମୁଖ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ଉଲ୍ଲେଖଯୋଗ୍ୟ, ରାଜ୍ୟର ଘରୋଇ ଶିକ୍ଷାନୁଷ୍ଠାନମାନଙ୍କ ମଧ୍ୟରେ ଡ୍ରିମ୍ସ ପଲିଟେକନିକ୍ ଶ୍ରେଷ୍ଠ ଦ୍ୱିତୀୟ ସ୍ଥାନରେ ରହିଥିବାବେଳେ ଶିକ୍ଷାନୁଷ୍ଠାନର ଇନୋଭେସନ୍ ସେଲ୍ (ଆଇଆଇସି) ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରାଳୟ ଦ୍ୱାରା ଥ୍ରୀ-ଷ୍ଟାର ର୍‍ୟାଙ୍କ୍ ପାଇବାର ଗୌରବ ହାସଲ କରିଛି ।

## ଛାତ୍ରୀଙ୍କ ନଗ୍ନ ଫଟୋ ଭାଇରାଲ : ଯୁବକ ଗିରଫ

ବ୍ରହ୍ମପୁର,(ସବ୍ୟୁ): ଜଣେ ଯୁକ୍ତ ୨ ଛାତ୍ରୀଙ୍କ ଅଶ୍ଲୀଳ ଫଟୋ ଭାଇରାଲ କରିବା ଅଭିଯୋଗରେ ସାଇବର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଗୋଶାଣିନୂଆଗାଁ ଥାନା ଅନ୍ତର୍ଗତ ଓମ ବିହାରର ବାଦଲ ଚୌଧୁରୀ(୨୨)। ଘଟଣାରେ ବ୍ୟବହୃତ ହୋଇଥିବା ମୋବାଇଲକୁ ପୋଲିସ ଅଭିଯୁକ୍ତ ନିକଟରୁ ଜବତ କରିଛି। ମାମଲା ନଂ-୩୫/୨୫ ବାଦଲଙ୍କୁ ଗିରଫ ପରେ ବୁଧବାର କୋର୍ଟ ଚାଲାଣ କରାଯାଇଛି । ପ୍ରକାଶଯେ, ବାଦଲ ଓ ବ୍ରହ୍ମପୁରର ଜଣେ ଯୁକ୍ତ ୨ ଛାତ୍ରୀଙ୍କ ମଧ୍ୟରେ ଚିହ୍ନା ପରିଚୟ ରହିଥିଲା । ଯୁବକ ଜଣଙ୍କ ସଂପୃକ୍ତ ଛାତ୍ରୀଙ୍କୁ ସମ୍ପର୍କ ବଢାଇବାକୁ କହୁଥିବା ବେଳେ ସେ ରାଜି ହେଉନଥିଲେ। ଏଭଳି ସ୍ଥିତିରେ ଯୁବକ ଜଣଙ୍କ ଯୁବତୀଙ୍କ ଫଟୋକୁ ଏଡିଟ କରି ତାହାକୁ ଅଶ୍ଲୀଳ କରି ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ କରି ଦେଇଥିଲେ । ଏପରିକି ସେହି ଅଶ୍ଲୀଳ ଫଟୋ ଉପରେ ଛାତ୍ରୀଙ୍କ ମୋବାଇଲ ନମ୍ବର ଲେଖି ପଠାଇଥିଲେ। ଫଳରେ ଛାତ୍ରୀଙ୍କୁ ବିଭିନ୍ନ ଆଡୁ ଫୋନ ଆସିଥିଲା । ପରେ ସେ ସାଇବର ଥାନାକୁ ଯାଇ ଅଭିଯୋଗ କରିଥିଲେ

### ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଦାବିରେ

# ୱାଟ୍‌କୋ କାର୍ଯ୍ୟାଳୟ ଘେରିଲା ଭଞ୍ଜସେନା



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦାରେ ସାଧାରଣ ଜନତାଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ 'ୱାଟକୋ ବିଭାଗ ନିୟୋଜିତ ଥିବା ସତ୍ତ୍ୱେ କେବଳ ତାଙ୍କର ଠିକାଦାରୀ କାର୍ଯ୍ୟରେ ବ୍ୟାପକ ଅନିୟମିତତାକୁ ଗୁରୁତ୍ୱ ପ୍ରଦାନ କରିବା ପ୍ରୀତି ଯୋଗୁଁ ସହରର ୨୮ଗୋଟି ୱାର୍ଡ ମଧ୍ୟରୁ ବହୁ ୱାର୍ଡରେ ଲୋକଙ୍କୁ ପାନୀୟ ଜଳ ପାଇଁ ସଂଘର୍ଷ କରିବାକୁ ପଡିଥାଏ ମାତ୍ର ବେଡି ଉପରେ କୋରଡ଼ା ମାଡ଼ ଭଳି ୱାଟକୋ ବିଭାଗର ଦାୟିତ୍ୱହୀନତା ଯୋଗୁଁ ମଧ ବାରିପଦା ସହରରେ ଦୂଷିତ ପାନୀୟଜଳ ସମସ୍ୟା ପାଇଁ ଜଣ୍ଡିସ ବ୍ୟାପିବା ଚିନ୍ତାର ବିଷୟ ସାଜିଛି। ୱାଟୋକର ଦାୟିତ୍ୱ ହୀନ ପରିଚାଳନା ପାଇଁ ପାଇପ ପାନୀୟ ଜଳ ଯୋଗାଣ ଉପରେ ନିର୍ଭରଶୀଳ ବାରିପଦା ପୌରପରିଷଦର ୨୮ଟି ୱାର୍ଡବାସୀ ବିଭିନ୍ନ ରୋଗକୁ ଆମନ୍ତ୍ରଣ କରୁଛନ୍ତି। ସମୟସୀମା ମଧ୍ୟରେ ପାଇପ ଅପସାରଣ ନକରିବା ଯୋଗୁଁ ଡ୍ରେନ ଭିତରେ ପାଇପ ନେବା ଓ ଟେକପଏଣ୍ଟ ଗୁଡିକ ରାସ୍ତା ମଝିରେ ଖୋଲାମେଲା ପାଇଁ ଦୂଷିତ ପାଣି ସହର ସାରା ପ୍ରବାହିତ ହେଉଛି। ସେହିପରି କ୍ଷୁଦ୍ର ଜଳସେଚନ ବିଭାଗ ଆନୁକୂଲ୍ୟରେ ସହର ମଧ୍ୟରୁ ଛଡାଯାଉଥିବା ଅତ୍ୟନ୍ତ ଖରାପ ବର୍ଯ୍ୟବସ୍ତୁ ନେଇ ପ୍ରବାହିତ ଜରାଳୀ ସରାଳୀ ଓ ଶୁକଯୋଡ଼ା ନାଳ ମହାନାଳ ସଫେଇ କରାଯାଉନଥିବାରୁ ସାମାନ୍ୟ ବର୍ଷା ହେଲେ ଉଦବୃତ୍ତ ଜଳ ଲୋକଙ୍କ ଘରେ ପଶୁଛି, ଯଦ୍ୱାରା ସାଧାରଣ ଜନତା ନର୍କ ଘାଣ୍ଟି ହେବା ଭଳିଆ ଅବସ୍ଥା ମଧ୍ୟରେ ଗତି କରିଥାନ୍ତି। ପୁଣି ଉପରୋକ୍ତ ୨ଗୋଟି ପ୍ରମୁଖ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ପୂର୍ବରୁ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ମୁଖ୍ୟମନ୍ତ୍ରୀଙ୍କୁ ତୁରନ୍ତ ଏଭଳି ଜନ ବିରୋଧୀ କାର୍ଯ୍ୟ ଉପରେ ହସ୍ତକ୍ଷେପ କରି ସମାଧାନ କରିବାକୁ 'ଏକ୍ସ(ଟ୍ୱିଟ୍) ଯୋଗେ ନିବେଦନ କରିଥିଲେ, ତାସହିତ ଉପରୋକ୍ତ ସମସ୍ୟା ଗୁଡିକ ପ୍ରତି ଉଭୟ ବିଭାଗ ଯଥାଶୀଘ୍ର ଦୃଷ୍ଟି ଦେଇ ସ୍ଥାୟୀ ସମାଧାନ କରିବା ପାଇଁ ଭଞ୍ଜସେନା ପକ୍ଷରୁ ପୂର୍ବରୁ ବହୁବାର ଦାବି କରାଯାଉଥିଲେ ସୁଦ୍ଧା ଉଭୟ ବିଭାଗ ନିରବଦ୍ରଷ୍ଟା ସାଜି ବସିବାର କାର୍ଯ୍ୟକଳାପ ବିରୋଧରେ ପୂର୍ବ ଘୋଷିତ କାର୍ଯ୍ୟକ୍ରମ ଅନୁଯାୟୀ ଭଞ୍ଜସେନା, ବାରିପଦା ସହର ଶାଖା ପକ୍ଷରୁ ବାରିପଦା ସ୍ଥିତ 'ୱାଟକୋ ଏବଂ 'କ୍ଷୁଦ୍ର ଜଳସେଚନ ଅଫିସ ଘେରାଓ କରାଯାଇଥିଲା। ଭଞ୍ଜସେନା ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନତା ତଥା ବାରିପଦା ସହର ସଭାପତି ରାକେଶ ମହାନ୍ତିଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ୍ୟ ସଂଜୀବ ରାଉତ୍, ଉପାଧ୍ୟକ୍ଷ ନିମାଇଁ ତ୍ରିପାଠୀ, ବାଜୁନ ହାଁସଦାଃ, ରାକେଶ ବେହେରା, ସାମନ୍ତ ଶେଖର ପାଲ, ଜ୍ୟୋତିରଞ୍ଜନ ପୃଷ୍ଟି, ଗଣେଶ ମହାନ୍ତି, ରବୀନ୍ଦ୍ର ଦଳେଇ, ଅମିତ କୁମାର, ସଞ୍ଜୟ ମାହାନା, ରାଜା ଖାନ, ସଞ୍ଜୟ ମହାନ୍ତ, ସୁନୀଲ ମହାପାତ୍ର, ଶୁଭମ ସି, ସତ୍ୟବ୍ରତ ବିନ୍ଧାଣୀ ପ୍ରମୁଖ ଯୁବଛାତ୍ର ସଙ୍ଗଠକଙ୍କ ସମେତ ଉକ୍ତ ୨ଟି ବିକ୍ଷୋଭ କାର୍ଯ୍ୟକ୍ରମରେ ପାଖାପାଖି ୫୦୦ ଶହରୁ ଉର୍ଦ୍ଧ୍ୱ କର୍ମୀ ସାମିଲ ଥିଲେ। ଆଗାମୀ ଦିନରେ କେବଳ ଠିକାଦାରୀ କାର୍ଯ୍ୟକୁ ପ୍ରାଥମିକତା ନଦେଇ ୱାଟକୋ ଦ୍ୱାରା ବାରିପଦା ସମେତ ରାଇରଙ୍ଗପୁର, ଉଦଳା ଓ କରଞ୍ଜିଆ ସହରରେ ଏଭଳି ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ଧ୍ୟାନ ନଦେଲେ ଏବଂ କ୍ଷୁଦ୍ର ଜଳସେଚନ ବିଭାଗ ତାର ପ୍ରକୃତ କାର୍ଯ୍ୟ ନକଲେ ଉକ୍ତ ୨ଟି କାର୍ଯ୍ୟାଳୟ ଗୁଡିକୁ ଭଞ୍ଜସେନା ପକ୍ଷରୁ ତାଲା ବନ୍ଦ କରାଯିବ ବୋଲି ସଂଗଠନ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

## ଭଞ୍ଜନଗରରେ ଦକ୍ଷିଣାଞ୍ଚଳ ଆରଡିସିଙ୍କ ସମୀକ୍ଷା

ଭଞ୍ଜନଗର, (ସବ୍ୟୁ): ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ(ଆରଡିସି) ରୂପା ରୋଶନ ସାହୁ ବୁଧବାର ଦିନିକିଆ ଭଞ୍ଜନଗର ଗସ୍ତରେ ଆସି ରାଜସ୍ୱ ଓ ପଞ୍ଚାୟତିରାଜ ବିଭାଗ ସମେତ ଅନ୍ୟ ବିଭାଗର ସମୀକ୍ଷା କରିଛନ୍ତି। ଶ୍ରୀମତୀ ସାହୁ ପ୍ରଥମେ ଭଞ୍ଜନଗର ତହସିଲକୁ ଯାଇ ବିଭାଗୀୟ ସମୀକ୍ଷା କରିଥିଲେ। ବିଶେଷକରି ସରକାରଙ୍କ ଦ୍ୱିତୀୟ ଖାନ ସଂଶୋଧନ,ବସୁନ୍ଧରା ଯୋଜନା, ନୂତନ ରାଜସ୍ୱ ଗ୍ରାମ ଗଠନ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଜମି ପଟ୍ଟା ବାବଦରେ ଶ୍ରୀମତୀ ସାହୁ ସମୀକ୍ଷା କରିଥିଲେ। ପରେ ବ୍ଲକ କାର୍ଯ୍ୟାଳୟରେ ପଞ୍ଚାୟତିରାଜ ବିଭାଗର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଅଗ୍ରଗତି ଓ ସରକାରୀ ଯୋଜନା ବାବଦରେ ଶ୍ରୀମତୀ ସାହୁ ସମୀକ୍ଷା କରିଥିଲେ। ବିଶେଷକରି ପାନୀୟ ଜଳ, ରାଜ୍ୟ ଓ କେନ୍ଦ୍ରୀୟ ଅନୁଦାନ, ଅଙ୍ଗନୱାଡ଼ି କେନ୍ଦ୍ର, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମଜିଏନଆରଜିଏ), ବିକଶିତ ଗାଁ ବିକଶିତ ଓଡିଶା ଓ ମିଶନ ଶକ୍ତି ବାବଦରେ ସମୀକ୍ଷା କରିଥିଲେ। ଏହି ସମୟରେ ସେ ତହସିଲ ଏବଂ ବ୍ଲକ କାର୍ଯ୍ୟାଳୟକୁ ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗ ପାଇବାକୁ ଆସୁଥିବା ଲୋକଙ୍କୁ ଆଇନ ଅନୁଯାୟୀ ତ୍ୱରିତ ସେବା ଯୋଗାଇ ଦେବାପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଏହି ସମୟରେ ଭଞ୍ଜନଗର ଉପଜିଲ୍ଲାପାଳ ଉମା ଶଙ୍କର ବେହେରା, ଭଞ୍ଜନଗର ବ୍ଲକ ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପାଢୀ, ଭାରପ୍ରାପ୍ତ ତହସିଲଦାର ଅବିନାଶ ମାହାର ପ୍ରମୁଖ ଉପସ୍ଥିତ ଥିଲେ।

## ବିପଦ ଡାକୁଛି ମୁକୁଳା ଟ୍ରାନ୍ସଫର୍ମର

ବୁଗୁଡ଼ା, (ସବ୍ୟୁ): ଖୋଲାମେଲାରେ ରହିଛି ବିଦ୍ୟୁତ ଟ୍ରାନ୍ସଫର୍ମର । ଏଥି ସହ ଲଟା ବୁଦାରେ ଲାଗି ରହିଥିବା ଝୁଲନ୍ତା ତାର ଯାହା ହାତ ଠାରି ଡାକୁଛି ବିପଦକୁ । ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ବୁଗୁଡ଼ା ପରିବା ବଜାର ନିକଟସ୍ଥ ବାଲିପିଣ୍ଡି ରାସ୍ତା କଡରେ। ରାସ୍ତା କଡରେ ଖୋଲାମେଲାରେ ଥିବା ଟ୍ରାନ୍ସଫର୍ମର ଯୋଗୁଁ ବର୍ଷା ହେଲେ ତଳେ ଥିବା ଲଟାବୁଦାରେ ବିଦ୍ୟୁତ ପ୍ରବାହ ହେଉଛି । ସେହି ପାଖ ଦେଇ ଗାଈଗୋରୁ ଏବଂ ଲୋକେ ଯାତାୟତ ହେଉଥିବାବେଳେ କେତେବେଳେ କାହାର ଜୀବନ ଯେ ଚାଲିଯିବ ଯିବ ସେ ନେଇ ଲୋକେ ଆଶଙ୍କାରେ ରହିଆସୁଥିବା ବେଳେ ମଙ୍ଗଳବାର ସନ୍ଧ୍ୟାରେ ଖୋଲାମେଲାରେ ଥିବା ସେହି ବିପଦଜନକ ଟ୍ରାନ୍ସଫର୍ମର ନିକଟକୁ ହଳେ ଗାଈ ଓ ଷଣ୍ଢ ପ୍ରବେଶ କରିଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ନିଶ୍ଚିତ ବିପଦ ଆଶଙ୍କା କରି ବିଦ୍ୟୁତ୍ ବିଭାଗକୁ ଖବର ଦେଇଥିଲେ ଏବଂ ସଙ୍ଗେ ସଙ୍ଗେ ବିଦ୍ୟୁତ୍ କାଟ ହୋଇଥିଲା। ଏହା ପରେ ବିଦ୍ୟୁତ୍ କର୍ମଚାରୀମାନେ ଟ୍ରାନ୍ସଫର୍ମର ନିକଟରେ ପହଞ୍ଚି ଭିତରେ ଫଶିଥିବା ଗାଈ ଓ ଷଣ୍ଢକୁ ଗଉଡାଇ ବାହାର କରିଥିଲେ। ଫଳରେ ବିଦ୍ୟୁତ ଆଘାତରୁ ଗାଈ ଓ ଷଣ୍ଢ ରକ୍ଷା ପାଇଯାଇଥିଲେ। ବିଦ୍ୟୁତ ବିଭାଗ ଏଥିପ୍ରତି ଆଦୌ ଦୃଷ୍ଟି ଦେଉ ନଥିବାରୁ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି । ବିଭାଗୀୟ ଉଚ୍ଚ ଅଧିକାରୀ ଏଦିଗରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି ।

# ପ୍ରଫେସର ଡ଼ା. ପ୍ରଫୁଲ୍ଲ ଚନ୍ଦ୍ର ସାହୁଙ୍କ ପରଲୋକ

### ଏମକେସିଜି ମେଡିକାଲ କଲେଜକୁ ଦାନ କରାଗଲା ମର ଶରୀର



ବ୍ରହ୍ମପୁର, (ସବ୍ୟୁ): ବରିଷ୍ଠ ଭେଷଜବିତ୍ ତଥା ସମାଜସେବୀ ତ୍ୟାଗୀ ପ୍ରଫେସର ଡ଼ା. ପ୍ରଫୁଲ୍ଲ ଚନ୍ଦ୍ର ସାହୁଙ୍କ ବୁଧବାର ପ୍ରତ୍ୟୁଷରେ ଗଜପତିନଗର ସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୯୫ ବର୍ଷ ବୟସ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ଧର୍ମପତ୍ନୀ ପୁଷ୍ପାଞ୍ଜଳି ସାହୁ, ଦୁଇ ପୁଅ, ଝିଅଙ୍କ ସମେତ ଆତ୍ମୀୟ ସ୍ୱଜନ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ତାଙ୍କ ପରଲୋକ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଥିଲେ। ପିଲାବେଳୁ ଡ଼ାକ୍ତର ହେବାର ତାଙ୍କର ଇଚ୍ଛା ଥିଲା। ପାଠପଢାରେ ସେତେଟା ସୁବିଧା ନଥିଲେ ମଧ ଡ଼ାକ୍ତରୀ ଶିକ୍ଷା ଗ୍ରହଣ କରିଥିଲେ। ଡ଼ାକ୍ତର ହୋଇ ମାନବ ସେବା କରି ଆସୁଥିଲେ। ୯୫ ବର୍ଷରେ ପଦାର୍ପଣ କରିଥିଲେ ମଧ ରୋଗୀସେବା ଜାରି ରଖିଥିଲେ। ସେ ଅନୁଗୁଳ ଜଲ୍ଲାର ତଳମୁଳ ଗ୍ରାମରେ ଅନୁଗୁଳରେ ୧୯୩୧ ଜାନୁଆରୀ ୨ ତାରିଖରେ ଜନ୍ମ ଗ୍ରହଣ କରିଥିଲେ ମଧ ବ୍ରହ୍ମପୁରକୁ କର୍ମଭୂମି ଭାବେ ଗ୍ରହଣ କରିଥିଲେ। ସେ ରାଜ୍ୟ ତଥା କେନ୍ଦ୍ରର ବିଭିନ୍ନ ପଦ ପଦବୀରେ ରହିଥିଲେ ମଧ ରୋଗୀସେବାକୁ ପ୍ରାଧାନ୍ୟ ଦେଉଥିଲେ। କଟକ ରେଭେନ୍ସା କଲେଜରେ ଅଧ୍ୟୟନ ଓ ଶ୍ରୀରାମ ଚନ୍ଦ୍ର ଭଞ୍ଜ ଚିକିତ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରି ବାରିପଦାରେ ପ୍ରଥମ ଚାକିରି ଜୀବନ ଆରମ୍ଭ କରିଥିଲେ । ପରେ ଉଚ୍ଚତର ସ୍ନାତକୋତ୍ତର ଶିକ୍ଷାପାଇଁ ବିଦେଶ ଯାତ୍ରାକରି ୟୁନାଇଟେଡ୍ କିଙ୍ଗଡମ୍ ଏଡ଼ିନ୍ବର୍ଗ, ଗ୍ଲାସଗୋ ବିଶ୍ୱବିଦ୍ୟାଳୟରୁ ଏମ୍ଆରସିପି ଏବଂ ଏମ୍ଆରସିପି, ଏଫଆରସିପି ଓ ଏଫଆଇସିପି (ଇଂଲଣ୍ଡ) ଉପାଧି ଲାଭ କରିଥିଲେ । ଓଡ଼ିଶାର ବୁର୍ଲା ମେଡ଼ିକାଲ୍ କଲେଜରେ ଅଧ୍ୟାପକ ଭାବେ ଯୋଗଦେଇ ପରେ ବ୍ରହ୍ମପୁର ମେଡ଼ିକାଲ କଲେଜରେ ଅଧ୍ୟାପକ ଓ ପରେ ବିଭାଗୀୟ ମୁଖ୍ୟ ଭାବେ କାମ କରି ୧୯୮୬ରେ ସ୍ୱଇଚ୍ଛାରେ ଅବସର ଗ୍ରହଣ କରି ସାଉଦିଆରବ ଯାତ୍ରା କଲେ । ସେଠି ଭେଷଜ ବିଭାଗ ମୁଖ୍ୟ ଭାବେ କାର୍ଯ୍ୟକରି ୧୯୯୦ରେ ପୁଣି ଭାରତ ପ୍ରତ୍ୟାବର୍ତ୍ତନ କଲେ । ଚିକିତ୍ସା କ୍ଷେତ୍ରରେ ରାଜଯୋଗ ଓ ପ୍ରାଣାୟାମର ପ୍ରଭାବ ଉପରେ ସେ ଗବେଷଣା କରି ବିଭିନ୍ନ ରୋଗୀଙ୍କୁ ଉପଶମ କରିପାରିଛନ୍ତି। ସେ ଶତାଧିକ ଅନୁଷ୍ଠାନରୁ ସମ୍ମାନିତ ହୋଇଥିବା ବେଳେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ସାମଗ୍ରିକ କୃତିପାଇଁ ସେ କୁଳାଧିପତିଙ୍କ ଠାରୁ ସମ୍ମାନସୂଚକ ଡ଼ି.ଏସସି ଉପାଧି ଲାଭ କରିଥିଲେ । ଏହି ବଦାନ୍ୟ ଏବଂ ସେବା ପ୍ରଣୋଦିତ ବ୍ୟକ୍ତିତ୍ୱଙ୍କ ମୃତ୍ୟୁ ପରେ ନିଜର ଚକ୍ଷୁ ଓ ଶରୀର ଏମକେସିଜି ମେଡିକାଲ କଲେଜକୁ ଦାନ କରାଯାଇଛି। ଦଧୀଚିଙ୍କ ପରି ଶରୀର ଦାନ, ଗୋପବନ୍ଧୁଙ୍କ ପରି ସେବା, ଗୁରୁ ଦ୍ରୋଣଙ୍କ ପରି ଶିକ୍ଷାଦାନ କରିଥିବା ପ୍ରଫେସର ଡ଼ା. ପ୍ରଫୁଲ୍ଲ ଚନ୍ଦ୍ର ସାହୁ ଜଣେ ଅଦ୍ୱିତୀୟ ଋଷିପ୍ରତିମ ବ୍ୟକ୍ତିତ୍ୱ ଯାହାଙ୍କର ଯେତେ ପ୍ରଶଂସା କଲେ ବି ଶେଷ ହେବାର ନାହିଁ ବୋଲି ବରିଷ୍ଠ ସାମ୍ବାଦିକ ତଥା ନବୀନର ସମ୍ପାଦକ ରବି ରଥ ପ୍ରକାଶ କରିଛନ୍ତି। ତାଙ୍କ ଶେଷ ଦର୍ଶନ କରିବା ନିମନ୍ତେ ବ୍ରହ୍ମପୁର ବିଧାୟକ କେ ଅନିଲ କୁମାର, ମେୟର ସଂଘମିତ୍ରା ଦଳେଇ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ର ଶେଖର ସାହୁ, ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, କର୍ପୋରେଟର ସମିର କୁମାର ରଥ, ପ୍ରମୋଦ ମହାରଣାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ତାଙ୍କ ଅମର ଆତ୍ମାର ସଦଗତି କାମନା କରି ଥିଲେ।

## ମଧ୍ୟସ୍ଥି ସାଜି ଟଙ୍କା ଆଦାୟ କରୁଥିବା ଠକ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଦୁଇ ଦୁଇ ଜଣ ଲୋକଙ୍କ ଘରୋଇ ଝଗଡାର ସମାଧାନ କରିବା ନାଁରେ ଲୋକଙ୍କ ଭିତରେ ମଧ୍ୟସ୍ଥି ସାଜୁଥିବା ମାଷ୍ଟେରମାଇଣ୍ଡକୁ ପୋଲିସ ବାନ୍ଧିଛି। ଅଭିଯୁକ୍ତ ଜଣଙ୍କ ହେଲେ ଟାଉନ ଥାନା ଅନ୍ତର୍ଗତ ଭାପୁର ବଜାର ଆକୁଳ ସାହିର ରତିକାନ୍ତ ସେନାପତି ଓରଫ ଜୁଲି (୪୫)। ବଡବଜାର ଥାନା କେସ ନଂ ୨୧୮/୨୫ ଓ ଟାଉନ ଥାନା କେସ ନଂ ୧୮୮/୨୫ ଏଭଳି ଦୁଇଟି ମାମଲାରେ ତାଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜୁଲି ଓ ତାଙ୍କ ସହଯୋଗୀ ମାନଙ୍କ ଶୋଷଣର ଶିକାର ହୋଇଥିବା ୨ ପୃଥକ ବ୍ୟକ୍ତି ବଡବଜାର ଥାନା ଓ ଟାଉନ ଥାନାରେ ଅଭିଯୋଗ କରିଥିଲେ। ଏନେଇ ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ବ୍ରହ୍ମପୁର ବଡବଜାର ଅଞ୍ଚଳରେ ରହୁଥିବା ଏ. କିରଣ କୁମାର ଓ ତାଙ୍କ ଭାଇଙ୍କ ମଧ୍ୟରେ ସମ୍ପତ୍ତି ଭାଗବଣ୍ଟାକୁ ନେଇ ଦୀର୍ଘ ବର୍ଷଧରି ଘରୋଇ ବିବାଦ ଲାଗି ରହିଥିଲା। ଏଭଳି ସ୍ଥିତିରେ ଉକ୍ତ ଅଭିଯୁକ୍ତ ଉଭୟ ଭାଇଙ୍କ ବିବାଦରେ ମୁଣ୍ଡ ପୁରାଇଥିଲେ। ମାଷ୍ଟରମାଇଣ୍ଡ କୁହାଯାଉଥିବା ଜୁଲି ନିଜର ୧୦ ରୁ ୧୫ ଜଣ ସହଯୋଗୀଙ୍କୁ ଧରି କିରଣଙ୍କ ଘରେ ପହଞ୍ଚିବା ସହ ଘର ଖାଲି କରିବାକୁ ଧମକ ଦେଇଥିଲେ। ଏହାପରେ ୩ ରୁ ୪ ଥର ନିଜ ସହଯୋଗୀଙ୍କୁ ଧରି କିରଣଙ୍କ ଘରେ ପହଞ୍ଚିବା ସହ ୫ ଲକ୍ଷ ଟଙ୍କା ନେଇ ଘର ଖାଲି କରିବାକୁ ଧମକ ଦେଇଥିଲେ। ଘଟଣାକୁ ନେଇ କିରଣ ବଡବଜାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ସେହିପରି ଟାଉନ ଥାନା ଅନ୍ତର୍ଗତ ପ୍ରେମନଗର ଷଷ୍ଠ ଲାଇନରେ ରହୁଥିବା ଇ. ଦ୍ୱାରିକା ନାଥ ଓ ବ୍ୟବସାୟୀ ପି. ରାଜା ପ୍ରଭାକରଙ୍କ ମଧ୍ୟରେ ଦୋକାନ ଗୃହ ଭଡାକୁ ନେଇ ବିବାଦ ରହିଥିଲା । ଦ୍ୱାରିକାନାଥଙ୍କ ଅର୍ବାନ ବ୍ୟାଙ୍କ ରୋଡରେ ଥିବା ଏକ ଦୋକାନ ଗୃହକୁ ପ୍ରଭାକର ଭଡାରେ ନେଇ ସେଠାରେ ରାଜ କମଲ ଏଜେନ୍ସି ନାମକ ଏକ ଇଲେକ୍ଟ୍ରୋନିକ୍ସ ଉପକରଣ ଦୋକାନ ଖୋଲିଥିଲେ। ଉଭୟଙ୍କ ମଧ୍ୟରେ ରହିଥିବା ବିବାଦକୁ ନେଇ ଟାଉନ ଥାନାରେ ଏକାଧିକ ମାମଲା ହୋଇଥିବା ବେଳେ କୋର୍ଟରେ ମଧ ମାମଲା ବିଚାରାଧୀନ ରହିଛି। ଏଭଳି ସ୍ଥିତିରେ ରତିକାନ୍ତ ଓ ତାଙ୍କ ସହଯୋଗୀମାନେ ଏହି ବିବାଦ ଭିତରେ ସିଧାସଳଖ ହସ୍ତକ୍ଷେପ କରିଥିଲେ । ଗତ ୧୭ ତାରିଖରେ ରତିକାନ୍ତ ଓ ତାଙ୍କ ଗ୍ୟାଙ୍ଗର ସହଯୋଗରେ ଦୋକାନ ଗୃହ ମାଲିକ ପ୍ରଭାକର ସେହି ଦୋକାନରୁ ବିଭିନ୍ନ ସାମଗ୍ରୀ ଜୋର ଜବରଦସ୍ତି ବାହାର କରି ନେଇ ଯାଇଥିଲେ। ଏପରିକି ୩୦ ଲକ୍ଷ ଟଙ୍କା ଦେଲେ ସମାଧାନ ହେବ ବୋଲି କହିଥିଲେ ।

## ସାନ୍ତାଳୀ କ୍ଷୁଦ୍ର ଚଳଚ୍ଚିତ୍ର 'ପପୟା ଜର୍ମାନରେ ପ୍ରଦର୍ଶିତ

ବାରିପଦା, (ସବ୍ୟୁ) : ବାରିପଦାର ଦୀପକ କୁମାର ବେଶ୍ରାଙ୍କ ଦ୍ୱାରା ନିର୍ଦ୍ଦେଶିତ ଓ ପଶ୍ଚିମବଙ୍ଗର ଜୋନା ମାର୍ଣ୍ଡିଙ୍କ ପ୍ରଯୋଜିତ ସାନ୍ତାଳୀ କ୍ଷୁଦ୍ର ଚଳଚିତ୍ର 'ପପୟା ବାରିପଦା ଓ ତାର ଆଖପାଖ ଅଂଚଳରେ ନିର୍ମିତ ହୋଇଥିଲା । ପରବର୍ତ୍ତୀ ସମୟରେ ଏହି ଚଳଚ୍ଚିତ୍ରଟି ବହୁ ପୁରସ୍କାର ଜିତିବା ସହ ଜାତୀୟ ଓ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇ ମୟୂରଭଞ୍ଜ ଜିଲ୍ଲା ପାଇଁ ଗୌରବ ଆଣିଛି । ଚଳିତ ମାସ ୨୩ତାରିଖରେ ଜର୍ମାନୀର ଟୁବିଙ୍ଗେନ୍ ବିଶ୍ୱବିଦ୍ୟାଳୟରେ ଏହି ସାନ୍ତାଳୀ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇ ବେଶ ପ୍ରଶଂସିତ ହୋଇଛି । ତତ୍‌ସହିତ ଉକ୍ତ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ପ୍ରଫେସର ନିର୍ଦ୍ଦେଶକ ଶ୍ରୀ ବେଶ୍ରାଙ୍କ ସହିତ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ଚଳଚ୍ଚିତ୍ରର କାହାଣୀ ଉପରେ ଆଲୋଚନା କରିବା ସହ ବହୁ ପ୍ରଶଂସା କରିଥିଲେ । ମୟୂରଭଞ୍ଜର ସାନ୍ତାଳୀ ସଂସ୍କୃତିକୁ ନେଇ ନିର୍ମିତ କ୍ଷୁଦ୍ର ଚଳଚ୍ଚିତ୍ରଟି ଅନ୍ତର୍ଜାତୀୟ ସ୍ତରରେ ଏଭଳି ଚର୍ଚ୍ଚିତ ହେବ ବୋଲି କେବେ ଆଶା କରିନଥିଲେ ବୋଲି ଶ୍ରୀ ବେଶ୍ରା ପ୍ରକାଶ କରିଛନ୍ତି । ବାରିପଦା ବ୍ଲକ ଅନ୍ତର୍ଗତ ବାଙ୍କୀଶୋଳ ପଂଚାୟତ ସ୍ଥିତ ତାଳଡିହା କଲୋନିସାହୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରମାନେ ଏହି ଚଳଚ୍ଚିତ୍ରରେ ଅଭିନୟ କରିଥିଲେ ।

## ୧ରୁ ଉତ୍ତର ସାହି ଛଉନୃତ୍ୟ ପ୍ରତିଷ୍ଠାନ ପକ୍ଷରୁ ଗ୍ରୀଷ୍ମକାଳୀନ ଛଉନୃତ୍ୟ ଶିବିର

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଓ ଖ୍ୟାତନାମା ଛଉନୃତ୍ୟକୁ ଉତ୍ସର୍ଗ କରି, ଉତ୍ତର ସାହି ଛଉନୃତ୍ୟ ପ୍ରତିଷ୍ଠାନ ଦ୍ୱାରା ଗ୍ରୀଷ୍ମକାଳୀନ ଛଉନୃତ୍ୟ ଶିବିର ବାରିପଦାର ଛଉପଡିଆ ଓ ମୟୂରଭଞ୍ଜ ଛଉନୃତ୍ୟ ପ୍ରତିଷ୍ଠାନ ପ୍ରାଙ୍ଗଣରେ ହେବାକୁ ଯାଉଛି। ଏହି ଶିବିର ମାଧ୍ୟମରେ, ଛାତ୍ରଛାତ୍ରୀ ମାନେ ମୟୂରଭଞ୍ଜର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ସହିତ ପରିଚିତ ହେବେ ଓ ଛଉନୃତ୍ୟର ଅନନ୍ୟ ଶୈଳୀ ଓ ରୂପରେ ଦକ୍ଷତା ଅର୍ଜନ କରିବେ। ଏହି ଶିବିର ୨୦୨୫ ଜୁନ୍ ୧ତାରିଖ ରୁ ଜୁନ୍ ୧୫ତାରିଖ ପର୍ଯ୍ୟନ୍ତ ଚାଲିବ, ଯାହାର ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଛଉନୃତ୍ୟ ଓ ମୟୂରଭଞ୍ଜର ସାଂସ୍କୃତିକ ଐତିହ୍ୟ ସମ୍ପର୍କରେ ଜ୍ଞାନ ବୃଦ୍ଧି କରିବା। ଅଞ୍ଚଳର ସମସ୍ତ ଛାତ୍ରଛାତ୍ରୀ ମାନେ **uttarsahichhau.org** ରେ ଅନ୍‌ଲାଇନ ମାଧ୍ୟମରେ ପଞ୍ଜିକରଣ କରି ଏହି ଅନୁଷ୍ଠାନରେ ଅଂଶଗ୍ରହଣ କରି, ମୟୂରଭଞ୍ଜର ଗୌରବଶାଳୀ ସାଂସ୍କୃତିକ ଐତିହ୍ୟକୁ ଅନୁଭବ କରିବାପାଇଁ ସମ୍ପାଦକ ଓ କର୍ମକର୍ତ୍ତା ମାନେ ବିଶେଷ ଆଶାପ୍ରକାଶ କରିଛନ୍ତି । ଶିବିରର ବିଶେଷତା: ନୃତ୍ୟ ଶିକ୍ଷା: ଅନୁଭବୀ ଗୁରୁମାନେ ଛଉନୃତ୍ୟର ବିଭିନ୍ନ ଦିଗ ଯଥା ପରିଖଣ୍ଡ, ଟପକା, ଉଫଳି ଓ ହାତିଆର ଧୋରା ରେ ଶିକ୍ଷା ଦେବେ। ସାଂସ୍କୃତିକ ଅନୁଷ୍ଠାନ: ଜୁନ୍ ୨ତାରିଖ ରୁ ଜୁନ୍ ୧୪ତାରିଖ ପର୍ଯ୍ୟନ୍ତ, ମୟୂରଭଞ୍ଜର ସାଂସ୍କୃତିକ ଐତିହ୍ୟ, ଝୁମର ଗୀତ, ଓ ଅନ୍ୟାନ୍ୟ ଲୋକ କଳା ବିଷୟରେ ପ୍ରସିଦ୍ଧ ବ୍ୟକ୍ତିମାନେ ଆଲୋଚନା କରିବେ। ସଂଗୀତ ଓ ନୃତ୍ୟ ପ୍ରଦର୍ଶନ: ଶିବିର ସମାପନୀ ଦିନରେ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀମାନେ ତାଙ୍କର ଅଭିକଳ୍ପନା ଓ ଶିଖ୍ୟା ଦେଖାଇବେ। ତେବେ ଏହି ପଞ୍ଜିକରଣ ପାଇଁ ଯୋଗ୍ୟତା ପଞ୍ଚମ ଶ୍ରେଣୀ ଠାରୁ ଦ୍ୱାଦଶ ଛାତ୍ରଛାତ୍ରୀ ହୋଇଥିବାବେଳେ ଶେଷ ତାରିଖ ଜୁନ୍ ୩୦ତାରିଖ ରହିଥିବା ବାରିପଦା ଉତ୍ତର ସାହି ଛଉନୃତ୍ୟ ପ୍ରତିଷ୍ଠାନ, ମୟୂରଭଞ୍ଜ ପକ୍ଷରୁ ସୂଚନା ଦିଆଯାଇଛି । ଅଧିକ ସୂଚନା ପାଇଁ ୯୧-୮୬୩୭୨୦୯୬୦୬ ଏହି ଫୋନ୍ ନମ୍ବର ଏବଂ **uscnpbpdmbj@gmail.com** ଏହି ଇମେଲ୍ ମାଧ୍ୟରେ ଯୋଗାଯୋଗ କରିପାରିବେ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି ।

## ଓୟୁଜେ ଗଞ୍ଜାମ ଜିଲ୍ଲା କର୍ମକର୍ତ୍ତା ବୈଠକ

ବ୍ରହ୍ମପୁର, (ସବ୍ୟୁ): ଓୟୁଜେ ଗଞ୍ଜାମ ଜିଲ୍ଲା କର୍ମକର୍ତ୍ତା ବୈଠକ ବ୍ରହ୍ମପୁର ସର୍କିଟ ହାଉସ ଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଂଘର ଜିଲ୍ଲା ସଭାପତି ସଦାଶିବ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଙ୍ଗଠନିକ ଆଲୋଚନା ହେବା ସହିତ ନୂତନ କାର୍ଯ୍ୟକାରୀ କମିଟି ଗଠନ କରାଯାଉଥିଲା। ସର୍ବ ଶ୍ରୀ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ , ରବିନ୍ଦ୍ର କୁମାର ମିଶ୍ର, ହରିହର ପାତ୍ର ଓ ରବିନ୍ଦ୍ର କୁମାର ପଣ୍ଡାଙ୍କୁ ଉପଦେଷ୍ଟା ଭାବେ ନିଆଯାଇଥିବା ବେଳେ ଏଲ ସୁଦାମ ଦାସ, ସୁବାଷ ଚନ୍ଦ୍ର ପାଢି, ଅର୍ଜୁନ ପଣ୍ଡା, ରାଜୀବ ଲୋଚନ ମିଶ୍ର, ବାଳକୃଷ୍ଣ ପଟ୍ଟନାୟକ, ଦ୍ୱିତୀକୃଷ୍ଣ ପଣ୍ଡା, କେ ସୁମିତା ପାତ୍ର, କ୍ଷୀରୋଦ ଚନ୍ଦ୍ର ସାହୁ ଏବଂ ରମେଶ ଚନ୍ଦ୍ର ପ୍ରଧାନଙ୍କୁ ସର୍ବ ସମ୍ମତ କ୍ରମେ କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ମନୋନୀତ କରାଯାଇଥିଲା। ବୈଠକରେ ବଲାଙ୍ଗୀରର ସାମ୍ବାଦିକ ରମେଶ ଚନ୍ଦ୍ର ପ୍ରଧାନଙ୍କ ଉପରେ ହୋଇଥିବା ଅମାନୁଷିକ ଆକ୍ରମଣ ଘଟଣାକୁ ଦୃଢ଼ ନିନ୍ଦା କରାଯିବା ସହିତ ଅଭିଯୁକ୍ତ ମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଥିଲା। ଏଥି ସହିତ ରାଜ୍ୟ ସରକାର ଯଥାଶୀଘ୍ର ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରନ୍ତୁ ବୋଲି ଦାବୀ ଉପସ୍ଥାପନ କରାଯାଇଥିଲା।

# ବରିଷ୍ଠ ନାଗରିକଙ୍କୁ ସଚେତନତା



କଟକ, (ସ୍ୱପ୍ର): ମହାନଗର ସାମ୍ବାଦିକ ସଂଘ ଓ ମହିମାନଗର ପୂଜା କମିଟି ସହଯୋଗରେ ବରିଷ୍ଠ ନାଗରିକଙ୍କ ନିମନ୍ତେ ଏକ ସଚେତନତା ଶିବିର ବିଦ୍ୟାଧରପୁର ସ୍ଥିତ ମହିମାଶ୍ରମରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନାଗରିକ ମାନେ ଦୈନନ୍ଦିନ ଜୀବନରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହି ଅସୁବିଧାର ସମାଧାନ କିପରି ସହଜ ଉପାୟରେ ହୋଇପାରିବ ସେ ବିଷୟରେ ସିଆରଆରଆଇ ଥାନା ଅଧିକାରୀ ବିଜୟ କୁମାର ବାରିକ ବରିଷ୍ଠ ନାଗରିକ ମାନଙ୍କୁ ଏହି ଶିବିରରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ପୋତାପୋଖରୀ, ମହିମାନଗର ଓ ବିଦ୍ୟାଧରପୁରର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ମାନେ ଯୋଗଦେଇ ସମ୍ମୁଖୀନ ହେଉଥିବା ଅସୁବିଧା ସଂପର୍କରେ ପୋଲିସକୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ସଂଘର ସଭାପତି ପ୍ରଦୀପ କୁମାର ପତି, କାର୍ଯ୍ୟକାରୀ ସଭାପତି ସୁକାନ୍ତ ପଣ୍ଡା, ସମ୍ପାଦକ ବିଶ୍ୱଜିତ ଧଳ, କୋଷାଧ୍ୟକ୍ଷ ପ୍ରଶାନ୍ତ ମହାନ୍ତି, ସଂଗଠନ ସମ୍ପାଦକ ଆନନ୍ଦ ଦାସ, ଜୟନ୍ତ ରାଉତରାୟ, ମହେଶ ପାଟରା, ସତ୍ୟଦିପ କର, ଲକ୍ଷ୍ମୀଧର ସାହୁ, ଗଣେଶ ଚନ୍ଦ୍ର ସାହୁଙ୍କ ସମେତ ମହିମାନଗର ପୂଜାକମିଟିର ସତ୍ୟ ମହାନ୍ତି, ସୁରେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ସାମ୍ବାଦିକ ବିଶ୍ୱଜିତ୍ ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ସୌରଶକ୍ତି ସାଥେ ଆଗକୁ ବଢୁଛି ଟିପିଏସ୍‌ଓଡିଏଲ୍



ବ୍ରହ୍ମପୁର, (ସବ୍ୟୁ): ପରିବେଶ ଓ ପର୍ଯ୍ୟାବରଣର ସ୍ଥିରତା ଓ ସୁରକ୍ଷା ତଥା ନବୀକରଣଯୋଗ୍ୟ ଶକ୍ତି ଆପଣେଇବା କ୍ଷେତ୍ରରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ୍) ଦକ୍ଷିଣ ଓଡ଼ିଶାର ୧୬ଟି ସ୍ଥାନରେ ୩୯୬.୪ କିଲୋୱାଟ୍ କ୍ଷମତାର ସୌର ପ୍ୟାନେଲ ସଫଳତାର ସହିତ ସ୍ଥାପନ କରିଛି । ଏକ ଦାୟିତ୍ୱସମ୍ପନ୍ନ ବିତରଣ ସଂସ୍ଥା ଭାବରେ ଟିପିଏସ୍‌ଓଡିଏଲ୍ ତାର ପରିଚାଳନାଗତ ଭିତ୍ତିଭୂମିରେ ସ୍ୱଚ୍ଛ ଶକ୍ତିକୁ ଆପଣାଇ ନୂଆ ରୂପ ଦେଇଛି । ଏହି ସୌର ପ୍ୟାନେଲଗୁଡ଼ିକ କମ୍ପାନୀର କର୍ପୋରେଟ୍ କାର୍ଯ୍ୟାଳୟ, ସର୍କଲ ଅଫିସ, ଡିଭିଜନ ଅଫିସ ସମେତ ପ୍ରାଇମେରୀ ସବଷ୍ଟେସନ ଓ ସେକ୍ସନ ଅଫିସରେ ସ୍ଥାପିତ ହୋଇଛି । ଏହି ସ୍ଥାନଗୁଡ଼ିକରେ ସୌର ପ୍ୟାନେଲ ସ୍ଥାପନ ହେବା ପରେ କେବଳ ଦୈନନ୍ଦିନ ବିଜୁଳି ଆବଶ୍ୟକତା ଯେ ପୂରଣ ହୋଇପାରୁଛି ତାହା ନୁହେଁ ବରଂ ଶକ୍ତି କ୍ଷେତ୍ରରେ ଏକ ସ୍ଥାୟୀ ବିକଳ୍ପ ଭାବରେ ବ୍ୟବହାର ହେବା ସହିତ ଉକ୍ତ ଅଞ୍ଚଳରେ ଦୃଷ୍ଟାନ୍ତ ସୃଷ୍ଟି କରିପାରିଛି । ବ୍ରହ୍ମପୁର ସ୍ଥିତ କର୍ପୋରେଟ୍ କାର୍ଯ୍ୟାଳୟରେ ୧୦୦କିଲୋୱାଟର ସୌର ପ୍ୟାନେଲ ସ୍ଥାପନା ହୋଇଥିବାବେଳେ କମ୍ପାନୀର ଛତ୍ରପୁର ଡିଭିଜନରେ ୩୪.୧କିଲୋୱାଟ, ଏମଆରଟି ଆମ୍ବଗଡ଼ଠାରେ ୨୭.୫କିଲୋୱାଟ, ଶାସନ ଆମ୍ବଗାଁ ପିଏସ୍ଏସ୍ ରେ ୨୮.୬କିଲୋୱାଟ କ୍ଷମତାର ସୌର ପ୍ୟାନେଲ ସ୍ଥାପନ ହୋଇଥିବାବେଳେ ହିଞ୍ଜିଳି ସିଆରସି, ଡିଭିଜନ ଅଫିସ ଓ ପିଏସ୍ଏସ୍ ଠାରେ ମୋଟ ୨୮.୦୫କିଲୋୱାଟ କ୍ଷମତାର ସୌର ପ୍ୟାନେଲ ସ୍ଥାପନ ହୋଇଛି । ସେହିପରି ଭଞ୍ଜବିହାର ପିଏସ୍ଏସ୍ (୧୬.୫ କିଲୋୱାଟ), ନରେନ୍ଦ୍ରପୁର ପିଏସ୍ଏସ (୧୮.୭କିଲୋୱାଟ), ତାରାତାରିଣୀ ପିଏସ୍ଏସ୍(୧୭.୦୫କିଲୋୱାଟ), ଗୋପାଳପୁର ପିଏସ୍ଏସ୍(୧୫.୪କିଲୋୱାଟ) ଏବଂ ଗଞ୍ଜାମ ପିଏସ୍ଏସ୍(୧୭.୦୫କିଲୋୱାଟ)ରେ କ୍ଷମତାର ସୌର ପ୍ୟାନେଲ ସ୍ଥାପନ ହୋଇଛି । ଆମ୍ବଗଡ଼ ପିଏସ୍ଏସ୍, ରାମଚନ୍ଦ୍ରପୁର ପିଏସ୍ଏସ୍, ଗୋଲନ୍ଥରା/ମନ୍ତ୍ରୀଡିହ ପିଏସ୍ଏସ୍, ତାରାତାରିଣୀ ସେକ୍ସନ ଅଫିସ, ସିଟି ସର୍କଲ ଅଫିସ ଏବଂ ହିଞ୍ଜିଳି ଓ କଞ୍ଚୁରୁ ସେକ୍ସନ ମଧ୍ୟ ସବୁଜ ଶକ୍ତିକୁ ଆପଣେଇବା ଦିଗରେ ସହଯୋଗ କରୁଛନ୍ତି । ସୌରଶକ୍ତିକୁ ଆପଣେଇବା ଫଳରେ ଏହି ସ୍ଥାନଗୁଡ଼ିକରେ ବିଦ୍ୟୁତ ବିଲ୍ ହ୍ରାସ ହେବା ପରିଲକ୍ଷିତ ହୋଇଛି । ଉନ୍ନତ ସ୍ମାର୍ଟ ମିଟର ସାଙ୍ଗକୁ ଇଣ୍ଟରନେଟ ମାଧ୍ୟମରେ ମନିଟରିଂ ସିଷ୍ଟମକୁ ଆପଣାଇଛି ଟିପିଏସ୍‌ଓଡିଏଲ୍ ।ଯଦ୍ୱାରା ସଠିକ୍ ସମୟରେ ଶକ୍ତିର ବ୍ୟବହାର ଓ ଉତ୍ପାଦନକୁ ପରିଚାଳନା କରିବା ଓ ନୀରିକ୍ଷଣ କରିବାରେ ସହାୟକ ହୋଇପାରୁଛି । ସମସ୍ତ ସ୍ଥାପନା ଉଚ୍ଚତମ ସୁରକ୍ଷା ଓ ଇଞ୍ଜିନିୟରିଂ ମାନକକୁ ପାଳନ କରୁଛି, ଯାହାଦ୍ୱାରା ଛାତ ଉପରେ ସୌର ପ୍ୟାନେଲ ସ୍ଥାପନ ଓ ଏହାର ଦକ୍ଷତାକୁ ପ୍ରତିପାଦନ କରିବାରେ ସହାୟକ ହୋଇପାରୁଛି କମ୍ପାନୀର ଏହି ପଦକ୍ଷେପ ପରିବେଶ, ସାମାଜିକ ଓ ଶାସନ (ଇଏସଜି) ଏଜେଣ୍ଡାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଟିପିଏସ୍‌ଓଡିଏଲର ଏହି ପ୍ରୟାସ ଯୋଗୁଁ ପ୍ରତିବର୍ଷ କେବଳ ୩୮୮.୫ ଟନ୍ କାର୍ବନ ଡାଇଅକ୍ସାଇଡ୍ ହ୍ରାସର ଲକ୍ଷ୍ୟ ସାଙ୍ଗକୁ ଜଳବାୟୁ ପରିବର୍ତ୍ତନର ପ୍ରଭାବରୁ ବର୍ତ୍ତିବା ଯେ ସମ୍ଭବ ହୋଇପାରିବ ତାହା ନୁହେଁ । ଏହାସହିତ ନବୀକରଣଯୋଗ୍ୟ ଶକ୍ତିକୁ ଆପଣେଇବା ଦିଗରେ ଏହା ଏକ ଜାଗରଣ ସୃଷ୍ଟି କରିବ । କମ୍ପାନୀ ଭିତରେ ସୌରଶକ୍ତି ଓ ସ୍ଥାୟୀ ବିକାଶକୁ ପ୍ରାଧାନ୍ୟ ଦେବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମମାନ ଏ ଦିଗରେ ଆପଣାଯାଇଛି ଟିପିଏସ୍‌ଓଡିଏଲ। ଏହି ସଫଳତା ବାବଦରେ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ସ୍ଥାୟୀ ବିକାଶ ଟିପିଏସ୍‌ଓଡିଏଲର କେବଳ ଏକ ପଦକ୍ଷେପ ନୁହେଁ ଏହା ଆମର ପରିଚାଳନାଗତ ଦାୟିତ୍ୱ ଏବଂ ଏହା ଆମ ଡିଏନ୍‌ଏରେ ଅଛି । ଭବିଷ୍ୟତରେ ଦକ୍ଷିଣ ଓଡ଼ିଶାକୁ ଏକ ସବୁଜ ଶକ୍ତିର ଉତ୍ସ କରି ଗଢ଼ି ତୋଳିବା କ୍ଷେତ୍ରରେ ଏହିସବୁ ସୌର ପ୍ୟାନେଲ ସ୍ଥାପନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଏହା ସହିତ କାର୍ବନ ପଦଚିହ୍ନ ହ୍ରାସ କରିବାରେ ଏହି ପଦକ୍ଷେପ ସହାୟକ ହେବ । ଭବିଷ୍ୟତରେ ଟିପିଏସ୍‌ଓଡିଏଲ୍ ସୌର ଶକ୍ତି କ୍ଷେତ୍ରରେ ବହୁ ମହତ୍ତ୍ୱାକାଂକ୍ଷୀ ଯୋଜନାମାନ ରଖିଛି, ଯାହା ସୌର ଶକ୍ତିର ବିକାଶ ଦିଗରେ ବେଶ୍ ଉପଯୋଗୀ ହୋଇପାରିବ। କମ୍ପାନୀ ଆଗାମୀ ଦିନରେ ଏହାର ୧୦ଗୋଟି ପ୍ରାଇମେରୀ ସବଷ୍ଟେସନ, ସେକ୍ସନ ଅଫିସକୁ ସୌର ଚାଳିତ କରିବାର ଲକ୍ଷ୍ୟ ରଖିଛି। ଯାହାକି ୩୭୦କିଲୋୱାଟ୍ କ୍ଷମତା ବିଶିଷ୍ଟ । ଏସବୁ ଅଫିସ ସୌରଚାଳିତ ହେବା ପରେ କମ୍ପାନୀ ତାର ମୋଟ ସୌର କ୍ଷମତା ଦୁଇଗୁଣା କରିପାରିବ ଯାହାକି ୭୬୦କିଲୋୱାଟ୍ କ୍ଷମତାର ହେବ । ଦକ୍ଷିଣ ଓଡ଼ିଶାରେ ସମୁଦାୟକୁ ସଶକ୍ତ କରିବା, ଅଭିନବ ପଦକ୍ଷେପ ଗ୍ରହଣ କରିବା ଏବଂ ଶକ୍ତି ସମାନତା ସୁନିଶ୍ଚିତ କରିବା ପାଇଁ ଟିପିଏସ୍‌ଓଡିଏଲ୍ ଦୃଢ଼ ଭାବରେ ପ୍ରତିବଦ୍ଧ । ସୌରଶକ୍ତି କ୍ଷେତ୍ରରେ କମ୍ପାନୀର ଏହି ପ୍ରୟାସ ବିଶେଷ ଗୁରୁତ୍ୱ ରଖେ ଓ ଏକ ଦୃଷ୍ଟାନ୍ତ ଅଟେ ।

## ଯୁବକ ନିଖୋଜ ନେଇ ଚାପା ଉତେଜନା, ରାସ୍ତାରୋକ

କୁଆଖିଆ,(ସବ୍ୟୁ) : ରସୁଲପୁର ବ୍ଲକ ଅନ୍ତର୍ଗତ ବାରଲାଙ୍ଗୀ ଗ୍ରାମର ଧନେଶ୍ୱର ସାମଲଙ୍କ ପୁଅ ପୁପୁନ ସାମଲ ଗତ ୨୬ ତାରିଖ ଦିନ ନିଜ ବାଇକକୁ କଣ୍ଟିଆକଣ ଛକରେ ରଖି ତା ପରଠୁ ନିଖୋଜ ରହିଛନ୍ତି । ଏହାକୁ ନେଇ ନାନା କଥା ଶୁଣିବାକୁ ମିଳୁଛି । ସ୍ୱାମୀ ନିଖୋଜ ସମ୍ପର୍କରେ ସ୍ତ୍ରୀ ଶୁଭଲକ୍ଷ୍ମୀ ବିଶ୍ୱାଳ କୁଆଖିଆ ଥାନାରେ ଅଭିଯୋଗ କରିଥିଲେ । କୁଆଖିଆ ପୋଲିସ ମିସିଙ୍ଗ କେସ୍ ନମ୍ବର ୫୧ ରେ ମାମଲାର ତଦନ୍ତ ଜାରିରଖିଛି । ତେବେ ଏହି ଘଟଣାକୁ ନେଇ ଆଜି କଣ୍ଟିଆକଣ ନିକଟରେ ଉତ୍ତେଜନା ସହ ରାସ୍ତାରୋକ ହୋଇଥିଲା । କୁଆଖିଆ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ରାସ୍ତାରୋକ ଉଠାଇଥିଲା । ଏଥି ସହ ଡଗ ସ୍କାଡ ଦ୍ୱାରା ତଦନ୍ତ କରିଛନ୍ତି । ପୁପୁନ ସାମଲ ୨ ବର୍ଷ ତଳେ ବାଉଁଶଅଣ୍ଡା ଗ୍ରାମର ପ୍ରଶାନ୍ତ ବିଶ୍ୱାଳଙ୍କ ଝିଅକୁ ବିବାହ କରିଥିଲେ ତାପରଠୁ ପୁପୁନ ଅଦମପୁର ଗ୍ରାମରେ ଭଡା ଘର ନେଇ ରହୁଥିଲେ । ମାତ୍ର ସାବିତ୍ରୀ ଦିନ କଣ ପାଇଁ ପୁପୁନ ବାଇକ ରଖି କୁଆଡେ ନିଖୋଜ ହୋଇଛି ତାର କାରଣ ଜଣା ପଡ଼ିନାହିଁ । କୁଆଖିଆ ପୋଲିସ ତଦନ୍ତ ଜାରିରଖିଛି । ତଦନ୍ତ ପରେ ସ୍ପଷ୍ଟ ଚିତ୍ର ମିଳିବ । ପୁପୁନ ନିଖୋଜକୁ ନେଇ ସ୍ଥାନୀୟରେ ଉତ୍ତେଜନା ଓ ଚାପା ଗୁଞ୍ଜରଣ ସୃଷ୍ଟି ହୋଇଛି ।

# ନାଉଗାଁ ପଞ୍ଚାୟତ ସମିତି ବୈଠକରେ ହଟ୍ଟଗୋଳ

■ ବିଡ଼ିଓ କହିଲେ ମୁଁ ତୁମକୁ ଚିହ୍ନିନି : ଉପାଧ୍ୟକ୍ଷ ■ ମୁଁ ସେମିତି କିଛି କହିନି : ବିଡ଼ିଓ



ନାଉଗାଁ, (ସବ୍ୟୁ) : ନାଉଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ବିକଶିତ ଗାଁ ବିକଶିତ ଓଡିଶା ଆନୁକୂଲ୍ୟରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହେଉଥିବା ବେଳେ ପ୍ରବଳ ହଟ୍ଟଗୋଳ ହୋଇଥିବା ଦେଖିବାକୁ ମିଳିଛି । ପଞ୍ଚାୟତ ସମିତି ଅଧ୍ୟକ୍ଷା ତୃଷ୍ଣ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସ ଯୋଗ ଦେଇଥିବାବେଳେ ତାଙ୍କ ସହିତ ପଞ୍ଚାୟତ ଉପାଧ୍ୟକ୍ଷ ସୁଜିତ ପୁହାଁଣ, ଜିଲ୍ଲାପରିଷଦ ସଭ୍ୟା ଅମିତା ସ୍ୱାଇଁ, ସାଂସଦ ଙ୍କ ପ୍ରତିନିଧି ଲଲାଟେନ୍ଦୁ ପରିଡାଙ୍କ ସମେତ ଉକ୍ତ ବ୍ଲକର ୧୬ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ସଭ୍ୟା ମାନେ ଉପସ୍ଥିତ ରହି ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ପରିଲିଖିତ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଅନ୍ୟପଟେ ଏହି ବୈଠକରେ ଆଲୋଚନା ଚାଲିଥିବା ବେଳେ ଏଜେଣ୍ଡା ବାହାରେ କିଛି ସଭ୍ୟ କିଛି ଅଭିଯୋଗ ଆଣିଥିଲେ । ବିଡ଼ିଓ ସମ୍ପୃକ୍ତ ସଭ୍ୟଙ୍କୁ ଏଜେଣ୍ଡା ବାହାରେ ପ୍ରସ୍ତାବ ନଆଣିବାକୁ କହିବାରୁ ଉପାଧ୍ୟକ୍ଷ ସମ୍ପୃକ୍ତ ସଭ୍ୟ କୁହନ୍ତୁ ବୋଲି କହିଥିଲେ । ଯାହାକୁ ନେଇ ବିଡ଼ିଓ ଓ ଉପାଧ୍ୟକ୍ଷଙ୍କ ମଧ୍ୟରେ କଥା କଟାକଟି ପର୍ଯ୍ୟନ୍ତ କଥା ଚାଲିଯାଇଥିଲା । ବିଡ଼ିଓ ମୋତେ ଚିହ୍ନି ନଥିବା କହିବା ଅଭିଯୋଗକୁ ନେଇ ନିଜେ ଖୋଦ ଉପାଧ୍ୟକ୍ଷ ଶ୍ରୀ ପୁହାଣ ପ୍ରବଳ ପ୍ରତିବାଦ କରି ବୈଠକରୁ ଅଧାରୁ ଉଠି ଚାଲିଯାଇଥଲେ । କିଛି ସମୟ ଧରି ସମିତି ବୈଠକରେ ହୋହାଲ୍ଲା ହେବାସହ ବୈଠକରେ ବାଧା ଉପୁଜିଥିଲା । ପରେ ବିଧାୟକ ଶ୍ରୀ ଦାସ ଜନ ପ୍ରତିନିଧି ମାନଙ୍କୁ ବୁଝାସୁଝା କରିବା ପରେ ଉପାଧ୍ୟକ୍ଷ ପୁନର୍ବାର ବୈଠକରେ ସାମିଲ ହୋଇଥିଲେ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ବ୍ଲକରେ ଦୀର୍ଘ ୪ମାସ ଧରି ସ୍ଥାୟୀ ବିଡ଼ିଓ ନଥିବା ବେଳେ ଜଗତସିଂହପୁର ବିଡ଼ିଓ ଆଶୁତୋଷ ମିଶ୍ର ଏହି ବ୍ଲକର ଅତିରିକ୍ତ ବିଡ଼ିଓଙ୍କ ଦାୟିତ୍ୱରେ ରହିଥିବା ବେଳେ ସେ କେବଳ ସଭା ସମିତିକୁ ଛାଡ଼ିଦେଲେ ଅନ୍ୟ କୌଣସି ଦିନ ତାଙ୍କୁ ବ୍ଲକରେ ଦେଖିବାକୁ ମିଳୁନଥିବା ଜନ ପ୍ରତିନିଧି ମାନେ ବିଧାୟକଙ୍କୁ ଅଭିଯୋଗ କରିଥିଲେ । ଏମିତିକି ବିଡ଼ିଓଙ୍କ ଅନୁପସ୍ଥିତ କାରଣରୁ ବ୍ଲକର ସମସ୍ତ ପଞ୍ଚାୟତ ଗୁଡିକରେ ଉନ୍ନୟନମୂଳକ କାର୍ଯ୍ୟରେ ବାଧାପ୍ରାପ୍ତ ହେଉଥିବା ମଧ୍ୟ କୁହାଯାଇଥିଲା । ଯାହାକୁନେଇ ବିଧାୟକ ଶ୍ରୀ ଦାସ ଏହାର ଯଥାଶୀଘ୍ର ସମାଧାନ କରାଯାଇ ଏଠାରେ ଜଣେ ସ୍ଥାୟୀ ବିଡ଼ିଓଙ୍କୁ ଖୁବଶୀଘ୍ର ନିଯୁକ୍ତି କରାଯିବା ନେଇ ଜନ ପ୍ରତିନିଧି ମାନଙ୍କୁ ପ୍ରତିଶୃତି ଦେଇଥିଲେ । ଏହି ଘଟଣାକୁ ନେଇ ଉପାଧ୍ୟକ୍ଷଙ୍କୁ ପଚାରିବାରୁ ମୋତେ ବିଡ଼ିଓ ଚିହ୍ନିପାରୁ ନାହାନ୍ତି ବୋଲି କହିବା କେତେଦୂର ଠିକ , ଏହି ଘଟଣାରେ ସ୍ଥାନୀୟ ବିଧାୟକ ହସ୍ତକ୍ଷେପ କରିବାରୁ ମୁ ବୈଠକରେ ପୁନଃବାର ଯୋଗ ଦେଲି । ଆସନ୍ତା ଦିନରେ ବିଧାୟକ ଏହି ବିଷୟରେ ଆଲୋଚନା ହେବ ବୋଲି ମୋତେ ପ୍ରତିଶ୍ରୁତି ଦେଇଛନ୍ତି । ଯଦି ନହୁଏ ତେବେ ଆଗାମୀ ପଞ୍ଚଯାତ ସମିତି ବୈଠକରେ ତୀବ୍ର ବିରୋଧ କରାଯିବ ବୋଲି ଉପାଧ୍ୟକ୍ଷ ପ୍ରକାଶ କରିଛନ୍ତି । ସେହିପରି ବିଡ଼ିଓ ଆଶୁତୋଷ ମିଶ୍ରଙ୍କୁ ପଚାରିବାରୁ ମୁଁ ଏଭଳି କିଛି ତାଙ୍କୁ କହିନି, କିଏ ଯଦି କଣ କହିବେ ତେବେ ମୁଁ ଆଉ କଣ କରିବି ବୋଲି ସେ ପ୍ରକାଶ କରିଛନ୍ତି ।

## ମହାକାଳପଡ଼ା ଅଧ୍ୟକ୍ଷା ପଦ ହରାଇଲା ବିଜେଡି

ମହାକାଳପଡ଼ା, (ସବ୍ୟୁ) : ବହୁ ଚର୍ଚ୍ଚିତ ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ଆଗତ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ସମିତିର ଦୁଇ ତୃତୀୟାଂଶ ସଦସ୍ୟ / ସଦସ୍ୟା ଭୋଟ ଦେଇ ଅଧ୍ୟକ୍ଷାଙ୍କୁ ଗାଦିଚ୍ୟୁତ କରିଥିବାର ଜଣାପଡିଛି । ମହାକାଳପଡ଼ା ବିଧାନସଭା କ୍ଷେତ୍ରରେ ବିଜେପି ବିଧାୟକ ବହୁ ଭୋଟ ବ୍ୟବଧାନରେ ପୂର୍ବତନ ବିଜେଡି ବିଧାୟକଙ୍କ ଠାରୁ ବିଜୟ ଲାଭ କରିବା ପରେ ଅଙ୍କ ବଦଳିଯାଇଥିଲା । ଯେପରି ପ୍ରମୁଖ ବ୍ଲକ ଭାବେ ଜଣାଶୁଣା ମହାକାଳପଡା ବ୍ଲକ ଅଧ୍ୟକ୍ଷାଙ୍କ ମନମାନି ନେଇ ପଂଚାୟତ ସମିତିର ଅଧିକାଂଶ ସଦସ୍ୟ /ସଦସ୍ୟା ଅନେକ ସମୟରେ ଅଭିଯୋଗ କରିଆସୁଥିଲେ । ପରବର୍ତ୍ତୀ ସମୟରେ ଏହାର ରୂପରେଖ ନେଇ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ । ଗଣତାନ୍ତ୍ରିକ ପଦ୍ଧତିରେ ଅନାସ୍ଥା ପ୍ରସ୍ତାବ ଆଗତକାରୀଙ୍କ ସ୍ୱାକ୍ଷର ଯାଞ୍ଚ ପରେ ବୁଧବାର ସ୍ୱତନ୍ତ୍ର ବୈଠକ ଯୋଗେ ଅନାସ୍ଥା ସପକ୍ଷରେ ଭୋଟ ଗୃହୀତ ହୋଇଛି । ବୈଠକ ପରିଚାଳନା ସହିତ ଭୋଟ ଗ୍ରହଣ ପାଇଁ ସ୍ଥାନୀୟ ତହସିଲଦାର ଶିବ ମଲିକ ଓ ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ର ସମିତି କକ୍ଷରେ ଉପସ୍ଥିତ ଥିଲେ । ସମିତି ସଦସ୍ୟ, ସଦସ୍ୟଙ୍କ ମତ ସାବ୍ୟସ୍ତ ପରେ ଗଣତି କରାଯାଇ ଭୋଟ ବାକ୍ସ ଦାୟିତ୍ୱ ଉପଜିଲ୍ଲାପାଳ ଉପରେ ନ୍ୟସ୍ତ କରାଯାଇଛି । ଅନାସ୍ଥା ସପକ୍ଷରେ ୪୯ ଜଣ ସଦସ୍ୟ ମତସାବ୍ୟସ୍ତ କରିଥିବା ବେଳେ ବିପକ୍ଷବାଦୀ କେହିଁ ସମିତି କକ୍ଷରେ ପହଞ୍ଚି ନଥିଲେ । ମତଦାନ ଅନୁଯାୟୀ କେନ୍ଦ୍ରାପଡା ଜିଲ୍ଲାପାଳ ପତ୍ରାଙ୍କ ୯୦୬/ ୨୮. ୦୫. ୨୫ ଯୋଗେ ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତ ଗାଦିଚ୍ୟୁତ ନେଇ ବିଜ୍ଞାପନ ଜାରି କରିଛନ୍ତି । ତେବେ ଅଧ୍ୟକ୍ଷା ନିର୍ବାଚନ ପର୍ଯ୍ୟନ୍ତ ଉପାଧ୍ୟକ୍ଷ ସେହି ଦାୟିତ୍ୱରେ ରହିବେ ବୋଲି ଜଣାପଡିଛି । ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଗତ ପରେ ବିଜେଡି ଶିବିରରେ ଆଲୋଡନ ସୃଷ୍ଟି ହୋଇଥିଲା । ଏନେଇ ବିଜେଡି ପକ୍ଷରୁ ଦଳୀୟ ସମର୍ଥିତ ପ୍ରାର୍ଥୀଙ୍କ ପଦ ସୁରକ୍ଷା ନେଇ ଦଳ ତରଫରୁ ଏକାଧିକ ବାର ଉଚ୍ଚ ନ୍ୟାୟାଳୟର ପଥ ଦ୍ୱାରସ୍ଥ ହୋଇଥିଲେ । ଶେଷରେ ଗାଦିଚ୍ୟୁତ ହେଲେ ଅଧ୍ୟକ୍ଷା ।

## ଶୁଦ୍ଧିକାର୍ଯ୍ୟକୁ ଯାଇ ସ୍ତ୍ରୀ ନିଖୋଜ, ସ୍ୱାମୀ ଥାନାରେ

ସାଲେପୁର,(ସବ୍ୟୁ) :କଟକ ଜିଲ୍ଲା ସାଲେପୁର ଥାନା ଅନ୍ତର୍ଗତ ଜପକୁଦ ଫାଣ୍ଡି ଅଧିନ ମହନାପୁରଠାରେ ଶ୍ରମିକଭାବେ କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଅଂଚଳର ଏକ ମହିଳା କାମ କରିବାକୁ ଆସିଥିଲା । ହେଲେ ଚଳିତମାସ ୧ତାରିଖରେ ଶୁଦ୍ଧିକାର୍ଯ୍ୟ ପାଇଁ ନିଜ ଗ୍ରାମକୁ ଯିବା ବାଟରେ ନିଖୋଜ ହୋଇଯିବା ନେଇ ସ୍ୱାମୀ ପ୍ରଫୁଲ୍ଲ କୁମାର ବେହେରା ଅଭିଯୋଗ ପାଇଁ ଏ ଥାନା ସେ ଥାନା ହେବାକୁ ପଡିଥିଲା । ନିଖୋଜ ମହିଳା ଜଣକ ହେଲେ ସସ୍ମିତା ବେହେରା । ସସ୍ମିତାଙ୍କ ନିଖୋଜ ନେଇ ଶେଷରେ ସାଲେପୁର ଥାନା ଓ କେନ୍ଦୁଝର ଜିଲ୍ଲା ପଣ୍ଡାପଡା ଥାନାରେ ସ୍ୱାମୀ ପ୍ରଫୁଲ୍ଲ ବେହେରା ବହୁ ଖୋଜାଖୋଜି ପରେ ଅଭିଯୋଗ କରିଛନ୍ତି । ସ୍ୱାମୀ ପ୍ରଫୁଲ୍ଲ ବେହେରାଙ୍କ ସାଙ୍ଗରେ ଶଶୁର ଓ ଶାଶୁ ମଧ୍ୟ ଖୋଜାଖୋଜି କରୁଥିବା ବେଳେ ପାଖାପାଖି ୧ମାସ ହେବାକୁ ବସିଲାଣି ହେଲେ ସସ୍ମିତାଙ୍କ କୌଣସି ପତ୍ତା ମିଳୁନାହିଁ । ସ୍ୱାମୀ ପ୍ରଫୁଲ୍ଲ ଏବେ ସ୍ତ୍ରୀର ନିଖୋଜ ନେଇ ଆଶଙ୍କାରେ ପଡିଛନ୍ତି । କାଳେ କୌଣସି ଅଘଟଣ ହୋଇଥିବା ନେଇ ମନରେ ସନ୍ଦେହ ଉପୁଜୁଛି । ଏ ନେଇ କେନ୍ଦୁଝର ଜିଲ୍ଲା ଓ କଟକ ଜିଲ୍ଲା ସାଲେପୁର ପୋଲିସ ଖୋଜାଖୋଜି କରିବା ସହ ତୁରନ୍ତ ସସ୍ମିତାଙ୍କୁ ପରିବାର ଲୋକଙ୍କ ପାଖରେ ପହଞ୍ଚାଇବାପାଇଁ ଦାବି କରିଛନ୍ତି ପରିବାର ଲୋକେ ।

## ନାବାଳିକା ଅପହରଣ ମାମଲାରେ ୱାରେଣ୍ଟି ଗିରଫ

ପାଣିକୋଇଲି ,(ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ବେଂଗା ଆଦିବାସୀ ସାହିରେ ଜୈନିକ ନାବାଳିକାକୁ ଅପହରଣ କରିବା ଅଭିଯୋଗରେ ଜଣେ ବିବାହିତ ଯୁବକଙ୍କୁ ପୁଲିସ ଗିରଫ କରି ଅଦାଲତ ଚାଲାଣ କରିବା ସହ ନାବାଳିକାକୁ ଉଦ୍ଧାର କରିଥିଲା । ଗତ ୨୦୨୩ ମସିଆ ଅକ୍ଟୋବର ୨୫ ତାରିଖ ଅଭିଯୋଗ ପରେ ପୁଲିସ ଏକ ମାମଲା ୩୦୭/୨୫ ରୁଜୁ କରି ତଦନ୍ତ କରି ନାବାଳିକା ଉଦ୍ଧାର ସହ ଅଭିଯୁକ୍ତକୁ ଗିରଫ କରି ଅଦାଲତ ଚାଲାଣ କରିଥିଲା । ମାତ୍ର ଏହି ମାମଲାରେ ଜାମିନରେ ଆସିବା ପରେ ଅଦାଲତକୁ ସହଯୋଗ ନକରିବାରୁ ଅଭିଯୁକ୍ତ ବେଂଗା ସାହିର ଦଶରଥ ମୁଣ୍ଡାଙ୍କ ପୁଅ ବଂଶୀ ମୁଣ୍ଡାଙ୍କ ନାମରେ ଅଦାଲତ ଗିରଫ ପରୱାନା ଜାରି କରିଥିଲେ । ଅଦାଲତଙ୍କ ନିର୍ଦ୍ଦେଶ ଅନୁଯାୟୀ ପାଣିକୋଇଲି ପୁଲିସ ବଂଶୀକୁ ଗିରଫ କରି ଅଦାଲତ ଚାଲାଣ କରିଛି ।

## ସ୍ୱାସ୍ଥ୍ୟ କାର୍ଡ ବଣ୍ଟନରେ ଟଙ୍କା ଆଦାୟ ଅଭିଯୋଗ

ଧର୍ମଶାଳା,(ସବ୍ୟୁ) :ସାରା ରାଜ୍ୟରେ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ଶୁଭାରମ୍ଭ ହୋଇଛି । ହିତାଧିକାରୀମାନଙ୍କ ପାଇଁ ଇ-କେ.ୱାଇ.ସି ସହ କାର୍ଡ ପ୍ରସ୍ତୁତି ଓ ବଂଟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଦେୟମୁକ୍ତ ରହିବ ବୋଲି ସରକାରୀ ଲୋକମାନଙ୍କୁ ସଚେତନତା କରାଯାଇଛି । ଅନେକ ଅଂଚଳରେ କିଛି ଅସାଧୁ କର୍ମଚାରୀମାନେ ସ୍ୱାସ୍ଥ୍ୟ କାର୍ଡ ବଂଟନ ସମୟରେ ହିତାଧିକାରୀଙ୍କ ଠାରୁ ଟଙ୍କା ଆଦାୟ କରୁଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଜନ ଅସନ୍ତୋଷ ଦେଖା ଦେଇଛି । ଧର୍ମଶାଳା ବ୍ଲକରେ ବିଭିନ୍ନ ପରିବାରର ଠାରୁ ଜଣଙ୍କ ପିଛା ୫୦ଟଙ୍କା ଆଦାୟ କରା ଯାଉଥିବା ଅଭିଯୋଗ ହୋଇଛି । ଏହି ବ୍ଲକ ଅନ୍ତର୍ଗତ କାଏମା ପଂଚାୟତରେ ଆଶାକର୍ମୀ ଙ୍କ ଉପସ୍ଥିତି ରେ ଭି ଏଲ ଇ ଗାଁ ମଧ୍ୟକୁ ଯାଇ ଲୋକ ଙ୍କ ଠାରୁ ୫୦ଟଙ୍କା ନେଉଥିବା ଅଭିଯୋଗ ହୋଇଛି । ଗୋଟିଏ ଗରୀବ ପରିବାର ରେ ୮ଜଣ ସଦସ୍ୟ ଥିଲେ ସେହି ପରିବାର ରୁ ୪ଶହ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି । ଏହାକୁ ଜଣେ ଯୁବକ ବିରୋଧ କରି ଏହା ବିଷୟରେ ହେଲ୍ପ ଲାଇନ ନମ୍ବର ରେ ଅଭିଯୋଗ କରିବା ପରେ ଉକ୍ତ ଯୁବକ ଙ୍କୁ ସ୍ୱାସ୍ଥ୍ୟ କାର୍ଡ ନ ଦେଇ ଫେରାଇ ଦେବା ଘଟଣା ସମସ୍ତଙ୍କୁ ଚକିତ କରିଛି । ଏ ବିଷୟରେ ଧର୍ମଶାଳା ବିଡ଼ିଓ ଙ୍କୁ ଅବଗତ କରା ଯାଇଥିଲେ ହେଁ ଲିଖିତ ଅଭିଯୋଗ ପାଇବା ପରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ଏନେଇ ଗ୍ରାମବାସୀମାନେ ଫୋନ ଯୋଗେ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ ଅଧିକାରୀମାନେ କୌଣସି କଥାକୁ କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି ।

## ସାଲେପୁର ଫର୍ମାସୀ କଲେଜରେ ଦୁଇ ଦିନିଆ ଅନ୍ତର୍ଜାତୀୟ ଇ-କନଫରେନ୍ସ

ସାଲେପୁର ,(ସବ୍ୟୁ) :ସାଲେପୁର ସ୍ଥିତ ଏକ ମାତ୍ର ବୈଷୟିକ ଶିକ୍ଷା ଅନୁଷ୍ଠାନ ଇନଷ୍ଟିଚ୍ୟୁଟ ଅଫ ଫର୍ମାସି ଆଣ୍ଡ ଟେକନୋଲୋଜି ତରଫରୁ ଏକ ଦୁଇ ଦିନିଆ ଅନ୍ତର୍ଜାତୀୟ ଇ କଂନଫରେନ୍ସ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି । 'ଇମ୍ପାକ୍ଟ ଅଫ୍ ଫାର୍ମାସ୍ୟୁଟିକାଲ୍ ରିସର୍ଚ୍ଚ ଅନ୍ ହେଲ୍ଥ କେୟାର ସିଷ୍ଟମ' ବିଷୟ ବସ୍ତୁ ଉପରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରକୁ କଲେଜର ଅଧ୍ୟକ୍ଷ ପ୍ରଫେସର ପ୍ରବୀର କୁମାର ସିହ୍ନା ମହାପାତ୍ର ,ସହ ସଂଯୋଜକ ପ୍ରଫେସର ମୃତ୍ୟୁଞ୍ଜୟ ବାନାର୍ଜୀ,କଂଫରେନ୍ସ ପରିଚାଳନା କମିଟିର ସମ୍ପାଦକ ଆସୋସିଏଟ ପ୍ରଫେସର ଡ଼ଃ ଅମରେଶ ଚନ୍ଦ୍ର ସାହୁ,ସହ ସମ୍ପାଦକ ଡ଼ଃ ମୀନକେତନ ସାହୁ ପ୍ରମୁଖ ପରିଚାଳନା କରିଥିଲେ । ଏହି ଦୁଇ ଦିନିଆ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ୱେଷ୍ଟ ବେଙ୍ଗଲ ସ୍ଥିତ ଏନ, ଏସ, ସି , ବି, ପି କଲେଜର ଅଧ୍ୟକ୍ଷ ଡ଼ଃ ଅଣବ ସାମନ୍ତ ଯୋଗଦେଇ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ରାଜ୍ୟ ଓ ରାଜ୍ୟ ବାହାରର ଛାତ୍ରଛାତ୍ରୀ ,ଅଧ୍ୟାପକ , ଅଧ୍ୟାପିକା ମାନଙ୍କୁ ଔଷଧ ଗବେଷଣା ସମ୍ପର୍କରେ ମନୋନିବେଶ କରିବା ପାଇଁ ଉତ୍ସାହିତ କରିଥିଲେ । ଅନ୍ୟ ସଂମାନିତ ବକ୍ତା ଭାବେ ଆସିଥିବା ବୈଜ୍ଞାନିକ ମାନେ ଯୋଗଦେଇ ଔଷଧ ଉତ୍ପାଦନ ଓ ଗବେଷଣା ବିଷୟରେ ନିଜ ନିଜ ନିଜର ନିପୁଣତା ସମ୍ପର୍କରେ କାର୍ଯ୍ୟ କ୍ରମରେ ଯୋଗ ଦେଇଥିବା ସଦସ୍ୟ ମାନଙ୍କୁ ଅନ ଲାଇନ ମାଧ୍ୟମରେ ଅଡିଓ ଓ ଭିଜୁଆଲ ମାଧ୍ୟମରେ ଉପସ୍ଥାପନ କରିଥିଲେ । ପ୍ରାରମ୍ଭରେ ଅଧ୍ୟାପିକା ଶ୍ରୀମତୀ ବିପସା ବେହେରା ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ସମ୍ପାଦକ ଡ଼ଃ ଅମରେଶ ଚନ୍ଦ୍ର ସାହୁ ଅତିଥି ମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ କଲେଜର ପରିଚାଳନା କମିଟିର ସଭାପତି ଦେବୀପ୍ରସାଦ ଦାସ ,ସଭ୍ୟ ଭାରତ ଭୂଷଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ମେମୋଣ୍ଟ ପ୍ରଦାନ କରି ସମାନିତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପ୍ରସନ୍ନ ପରିଡା, ମୌନିକ ରାଉତ,ମିସ ଶ୍ୟାମଳି ଶତପଥୀ,ମିସ ଆଇସାନି ଚାଟାର୍ଜୀ,ରାଜ୍ୟ ତଥା ରାଜ୍ୟ ବାହାର ର ପ୍ରାୟ ୨୫୦ ଛାତ୍ର ଛାତ୍ରୀ ଅନ ଲାଇନ ମାଧ୍ୟମରେ ଅଂଶ ଗ୍ରହଣ କରିଥିଲେ ।

## ଘରପୋଡ଼ି ବିପନ୍ନଙ୍କୁ ବଣମଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନ ପକ୍ଷରୁ ସହାୟତା



ଚଣ୍ଡିଖୋଲ/ଚଡେଇଧରା ,(ସବ୍ୟୁ): ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକ ପୁରୁଣାବୋଉଳମାଳ ପଞ୍ଚାୟତସ୍ଥିତ ବରମୁଣ୍ଡୁଳି ଗ୍ରାମର ନୃସିଂହଚରଣ ମଲିକଙ୍କ ଗତ ୨୬ ତାରିଖ ଦିନ ଗ୍ୟାସ ସିଲିଣ୍ଡରରୁ ନିଆଁ ଲାଗି ଘର ପୋଡିଯାଇଥିଲା । ତାଙ୍କ ଚାଳ ଛପର ଘର ସମେତ, ଗହଣା, ଲକ୍ଷାଧିକ ଟଙ୍କାର ଆସବାବ ପତ୍ର ଓ ୪ଟି ଛେଳି ଆଦି ଜୀବନ୍ତ ଦଗ୍ଧ ହୋଇଯାଇଥିଲେ । ଏହି ଘଟଣାପରେ ତାଙ୍କ ପରିବାର ଅତି ଦୟନୀୟ ଅବସ୍ଥାରେ ଅଛନ୍ତି । ବୁଧବାର ଦିନ ଯାଜପୁର ଜିଲ୍ଲାର ବୃନ୍ଦାଦେଈପୁର ସ୍ଥିତ ବଣମଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନ ପକ୍ଷରୁ ଏହି ବିପନ୍ନ ପରିବାରକୁ ସହାୟତା ପ୍ରଦାନ କରାଯାଇଥିଲା । ସଂଗଠନର ସଦସ୍ୟ ଓ କର୍ମକର୍ତ୍ତା ମାନେ ନୃସିଂହଙ୍କ ଘରେ ପହଞ୍ଚି ତାଙ୍କୁ ଆଶ୍ୱାସନା ଦେବା ସହିତ ଶାଢ଼ୀ, ଲୁଙ୍ଗି, ଶୁଖିଲା ଖାଦ୍ୟ ଓ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ । ଏହି ମାନବୀୟ କାର୍ଯ୍ୟରେ ଅନୁଷ୍ଠାନର ଉପଦେଷ୍ଟା କାହ୍ନୁଚରଣ ସାହୁ, ଉପସଭାପତି ନିର୍ମାଲ୍ୟ କୁମାର ପ୍ରଧାନ, ସଦସ୍ୟ ସିଦ୍ଧାନ୍ତ ପଲାଇ ପ୍ରମୁଖ ସାମିଲ ହୋଇଥିଲେ । ଅନୁଷ୍ଠାନର ଏହି ଉଦ୍ୟମକୁ ପ୍ରଶଂସା କରାଯାଇଛି ।

## ପୌରସଂସ୍ଥା ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ବୈଠକ



କେନ୍ଦ୍ରାପଡା,(ସବ୍ୟୁ) :ରାଜ୍ୟର ଅନ୍ୟତମ ପୁରୁଣା ପୌରସଂସ୍ଥା ଭାବେ ପରିଚିତ କେନ୍ଦ୍ରାପଡା ପୌରସଂସ୍ଥାର ଉନ୍ନୟନ ମୂଳକ କାର୍ଯ୍ୟ ସଂପର୍କରେ ସମୀକ୍ଷା ବୈଠକରେ ବିଧାୟକ ଗଣେଶ୍ୱର ବେହେରା ଯୋଗ ଦେଇଥିଲେ । ବିଧାୟକଙ୍କ ନିଜସ୍ୱ ପାଣ୍ଠି ଦ୍ୱାରା ପ୍ରକଳ୍ପ ଗୁଡିକୁ ତୁର' ସାରିବା ପାଇଁ ଏହି ସମୀକ୍ଷା କରା ଯାଇଥିଲା । ପୌରସଂସ୍ଥା ରେ ନିଯୁକ୍ତି ଥିବା ୩ଜଣ ଜେଇଙ୍କୁ ୭ଟି ଲେଖାଏଁ ୱାର୍ଡର ଦାୟିତ୍ୱ ଦିଆଯାଇ ୱାର୍ଡରେ ଚାଲିଥିବା କାର୍ଯ୍ୟ ଗୁଡିକୁ ତୁର' ସାରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏଥି ସହିତ ଦୀର୍ଘ ୧ ବର୍ଷରୁ ଉର୍ଦ୍ଧ୍ୱ ହେବ ଯେଉଁ ଠିକାଦାର ମାନେ ପ୍ରକଳ୍ପ ଗୁଡିକୁ କରୁ ନାହାଁ, ସେମାନଙ୍କର କାର୍ଯ୍ୟକୁ ରଦ୍ଦ କରି ପୁନଃ ଟେଣ୍ଡର କରିବା ପାଇଁ ନିଷ୍ପତି ନିଆଯାଇଛି । ପୌରାଂଚଳ ର ରାସ୍ତା, ଡ୍ରେନ୍ , ଆଲୋକୀକରଣ ଓ ନୂତନ ଅଫିସ ଗୃହ ନିର୍ମାଣ କାର୍ଯ୍ୟକୁ ତ୍ୱରାନିତ୍ୱ କରିବା ପାଇଁ ଏହି ବୈଠକରେ ନିଷ୍ପତି ନିଆଯାଇଛି । ଆୟୋଜିତ ଏହି ବୈଠକରେ ପୌର ଅଧ୍ୟକ୍ଷା ସରିତା ସାହୁ, ଉପଧ୍ୟକ୍ଷ ଆକବରୀ ଖାତୁନ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି, ଏମଇ ବିଜୟ କେତନ ମହାପାତ୍ର, କାଉନସିଲର ନିରକାର ସ୍ୱାଇଁ, ସେକ ଅସଲମ, ଉମେଶ ଚନ୍ଦ୍ର ନାୟକ, ସୁକୁମାର ଚୌଧୁରୀ, ଫରଜନା ବେଗମ, ରଂଜିତା ସିଂହ ପ୍ରମୁଖଙ୍କ ସହ ପୌରସଂସ୍ଥା ର ସମସ୍ତ କାଉନସିଲର ଓ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

## ଶ୍ରଦ୍ଧାଞ୍ଜଳି ସଭା କବିତା ପାଠୋତ୍ସବ

ମଙ୍ଗଳପୁର,(ସବ୍ୟୁ) : ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତ ଅନ୍ତର୍ଗତ କଣ୍ଟିବାଙ୍କ (ପାଲଟପୁର) ଗ୍ରାମର ବରିଷ୍ଠ ସାହିତ୍ୟିକ ତଥା ଅଭିଯାନ ପତ୍ରିକାର ସମ୍ପାଦକ ଶମ୍ଭୁନାଥ ଦାସଙ୍କର ମାଆ ଦୁଳିଲତା ଦାସଙ୍କର ଏକାଦଶାହ ଉପଲକ୍ଷେ ଆଜି ଏକ ଶ୍ରଦ୍ଧାଞ୍ଜଳି ସଭା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସମାଜସେବୀ ତଥା ସାହିତ୍ୟିକ ପଦ୍ମାକର ଗୁରୁଙ୍କ ସଭାପତିତ୍ୱରେ ସମସ୍ତ କବି ମାଆ ଶୀର୍ଷକ ଉପରେ ନିଜସ୍ୱ କବିତା ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ କବି ଶୁଭେନ୍ଦୁ ମହାପାତ୍ର,ନାରାୟଣ ଚନ୍ଦ୍ର ଦାସ,ଶିଶିର ପଣ୍ଡା, ଯଯାତି ସାହୁ,ରାମଚନ୍ଦ୍ର ଦାଶ,ଶିଶୁ ସାହିତ୍ୟିକ ଧୀରେନ୍ଦ୍ର ମଲ୍ଲିକ, ହରିଶ ଚନ୍ଦ୍ର ପଣ୍ଡା,ପ୍ରଦୀପ୍ତ କୁମାର ଦାସ, ସୁବ୍ରତ ମଲ୍ଲିକ,ଜିତେନ୍ଦ୍ର ବେହେରା, ପ୍ରଭାତ ମଲ୍ଲିକ, କବି ଅନନ୍ତ ସ୍ମୃତି ପାଠାଗାର ଓ ସାଂସ୍କୃତିକ ପରିଷଦର ସମ୍ପାଦକ ସସିକାନ୍ତ ନାୟକ, ଶିକ୍ଷକ ଜ୍ଞାନ ରଞ୍ଜନ ତ୍ରିପାଠୀ, ଦୁର୍ଯୋଧନ ସାମଲ, ଅକ୍ଷୟ ମଲ୍ଲିକ,ଚନ୍ଦ୍ର ଶେଖର ସାହୁ,ନିରାକାର ଦାସ,ବିକ୍ରମ ଦାସ,ଆନନ୍ଦ ଚନ୍ଦ୍ର ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ । ଶମ୍ଭୁନାଥ ଦାସ ଓ କାଶୀନାଥ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅହଲ୍ୟାବାଇ ହୋଲକରଙ୍କ ୩୦୦ ତମ ଜୟନ୍ତୀ



କେନ୍ଦ୍ରାପଡ଼ା, (ସ୍ୱପ୍ର) : ସୁଶାସକ, ସମାଜ ସଂସ୍କାରକ, ନାରୀ ଶିକ୍ଷା ଦିଗରେ ଅଗ୍ରଣୀ ଭୂମିକା ନେଇଥିବା ବିରାଙ୍ଗନା ନାରୀ, ଶିବ ଭକ୍ତ , ୧୦୦ ରୁ ଉର୍ଦ୍ଧ୍ୱ ବିଦେଶୀ ମୋଗଲ ମାନଙ୍କ ଦ୍ୱାରା ନଷ୍ଟ କରାଯାଇଥିବା ଶିବମନ୍ଦିରର ପୁନରୁଦ୍ଧାର କରିଥିବା ଓ ଅର୍ଥନିତୀ, କୁଟନୀତି, କ୍ଷେତ୍ରରେ ସୁପରିଚାଳିକା, ବିପରିତ ପରିସ୍ଥିତିରେ ନିଜକୁ ଠିଆ କରି ରାଜମାତାରୁ ଲୋକ ମାତା ବନିଥିବା ପୁଣ୍ୟ ଶ୍ଳୋକ ଦେବୀ ଅହଲ୍ୟାବାଇ ହୋଲକର ଙ୍କର ୩୦୦ ତମ ଜୟନ୍ତୀ ଉପଲକ୍ଷେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡା କଜଳା ସ୍ଥିତ ମହାଦେବ ମନ୍ଦିରରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ଭାରତୀୟ ଜନତା ପାର୍ଟିର ସ୍ଥାନୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ। ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷା ବିଜେପି ବିଧାୟିକା ପାର୍ଥୀନୀ ଗୀତାଞ୍ଜଳି ସେଠୀ, ମହିଳା ମୋର୍ଚ୍ଚା ସଭାପତି ପ୍ରିୟଦର୍ଶନୀ ବଳ, ଉପିନ କୁମାର ରାଉତ, ନେହୁର କୁମାର ସାହୁ, ବିନୋଦ କୁମାର ବେହେରା, ଉଷାରାଣୀ ମିଶ୍ର, ତନୁଜା ଥାପା, ମାନସୀ ସାହୁ, ନୃସିଂହ ପ୍ରସାଦ ପତ୍ରୀ, ମଞ୍ଜୁଲତା ମଲ୍ଲିକ, ଅମିତାଭ ସୁଆର, ପ୍ରିୟତମା ରାଉଳ, ଝିଲି ଦାସ, ବାବାଜୀ ଚରଣ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଅବସରପ୍ରାପ୍ତ ହାଲ କର୍ମଚାରୀଙ୍କ ପରଲୋକ

ରାଜକନିକା, (ସବ୍ୟୁ) : ଅବସରପ୍ରାପ୍ତ ହାଲ କର୍ମଚାରୀ, ପ୍ରାକ୍ତନ ସେନା କର୍ମଚାରୀ ତଥା ସାମ୍ବାଦିକ ଅଜୟ କୁମାର ରାଉତଙ୍କ ଶଶୁର ହରେକୃଷ୍ଣ ରାଉତଙ୍କ ପରଲୋକ ହୋଇଯାଇଛି । ୮୮ ବର୍ଷ ବୟସରେ ସ୍ୱର୍ଗତ ରାଉତ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ଝିଅ ଜଲୀ, ଡଲି, ମନା, ଲିଲି, ଜ୍ୱାଇଁ ପ୍ରଫୁଲ୍ଲ, ଭାସ୍କର, ଅଜୟ, ଶାନ୍ତନୁ, ପୁତୁରା, ଝିଆରୀ, ନାତି, ନାତୁଣୀ ବନ୍ଧୁ ପରିବାର ଙ୍କ ଉପସ୍ଥିତରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁତୁରା ଶିବୁ ମୁଖାଗ୍ନି ଦେଇଥିଲେ ।

## ଶୋଭନୀୟ ଆନ୍ଦୋଳନ ସଦସ୍ୟାଙ୍କ ସ୍ମୃତିଚାରଣ ସଭା

ବାଲିଚନ୍ଦ୍ରପୁର,(ସବ୍ୟୁ) : ବଡ଼ଚଣା ବ୍ଲକ ଉଦୟଗିରିସ୍ଥିତ ଜାତୀୟ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନ ପକ୍ଷରୁ ଦୀର୍ଘ ୪୦ ବର୍ଷ ଧରି କାମ କରୁଥିବା ସଦସ୍ୟା କମଳା ଶତପଥିଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଆନ୍ଦୋଳନର ନିର୍ଦ୍ଦେଶିକା ସମ୍ପାଦିକା ଗୁରୁମା ଡ଼ଃ.ଅରୁନ୍ଧତୀ ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ କୂଳପତି ପ୍ରଫେସର କୁମରବର ଦାଶ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ମହେଶ୍ୱର ବଳ, ରାମ ଚନ୍ଦ୍ର ସାମଲ, ଈଶ୍ୱର ଚନ୍ଦ୍ର ଦାସ, ଅଭିଯାନ ପ୍ରତିଷ୍ଠାତା ମଧୁସୁଦନ ଦାସ, ଶିକ୍ଷାବିତ୍ ଉମାକାନ୍ତ ବଳ ପ୍ରମୁଖ ଯୋଗଦେଇ କମଳା ଶତପଥିଙ୍କର ଉତ୍ସର୍ଗିକୃତ ଜୀବନର ତ୍ୟାଗ ସମସ୍ତଙ୍କ ପାଇଁ ଅନୁକରଣିୟ ବୋଲି କହିଥିଲେ। କରୁଣାକର ରଣା, ସମାଜବିଜ୍ଞାନୀ ନିରାକାର ଭାଇ, ଆଇନଜୀବୀ ବିଜୟ କୁମାର, ବ୍ରହ୍ମପୁରରୁ ଦେବୀପଦ, କରୁଣାକର ପ୍ରଧାନ, ଭବାନୀ ପାଟଣାରୁ ତୁଳସୀରାମ ଜଗତ, ଅକ୍ଷୟ ମହାନ୍ତି, ସାଧୁସାଧନ, ନିଗମାନନ୍ଦ, ଇଂ.ଦୟାନିଧି ରାଉତ, ଅଧ୍ୟାପକ ଇନ୍ଦ୍ରମଣି ନାୟକ, ଡ଼ଃ.ବନଲତା ଦେବୀ, ମମତା ଗୁରୁମା, କେଦାର ଗୁରୁମା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କର ବହୁମୁଖି ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମଞ୍ଚାସିନ ଅତିଥିମାନଙ୍କ ଦ୍ୱାରା ସ୍ମରଣିକା 'କମଳା ମା' ଉନ୍ମୋଚନ ହେବା ସହ ତାଙ୍କ ସ୍ମୃତିକୁ ଉଜ୍ଜିପିତ କରିବା ପାଇଁ କମଳା ରୋଷଶାଳା ନାମରେ ଏକ ରୋଷଶାଳା ଉଦ୍ଘାଟନ କରାଯାଇଥିଲା। ମିନତୀ ଦେବୀ, ବରଦା ଗୁରୁମା, ମନୋରମା ଦେବୀ, ଗିତାଞ୍ଜଳି ସ୍ୱାଇଁ, ଉର୍ମିଳା ଗୁରୁମା ପ୍ରମୁଖ କମଳା ଶତପଥିଙ୍କ ସ୍ମୃତିଚାରଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମା'ଶାରଦା ଦେବୀ କାର୍ଯ୍ୟକ୍ରମରେ ଆଶ୍ରିବାଣି ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଜ୍ୟେତ୍ରିମୟୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମହିମା ଆଶ୍ରମରେ ଭବ



ବ୍ୟାସନଗର(ଜିପ୍ର):ବୁଧବାର ବ୍ୟାସ ସରୋବର ମହିମା ଆଶ୍ରମରେ ଅଶୋକ ଦାସ ଫାଉଣ୍ଡେସନର ଅଧ୍ୟକ୍ଷ ଭବ ପ୍ରସାଦ ଦାସ ପରିଦର୍ଶନ କରି ବାବାଙ୍କ ଆର୍ଶିବାଦ ଭିକ୍ଷା କରିଥିଲେ । ଆଶ୍ରମର ସଭାପତି ଯୁବ ନେତା ପ୍ରକାଶ ପରିଡା ଙ୍କ ନେତୃତ୍ୱରେ ତାଙ୍କୁ ସ୍ୱାଗତ କରାଯାଇଥିଲା । ମହିମା ବାବା ସ୍ୱାଧୀନ ଦାସ ତାଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିବା ସହ ଆଶ୍ରମର ଭଲ ମନ୍ଦ ବିଷୟରେ ତାଙ୍କ ସହ ଆଲୋଚନା କରିଥିଲେ । ଭବ ପ୍ରସାଦ ଆଶ୍ରମ ସମସ୍ୟା ବିଷୟରେ ବିଷୟରେ ଶୁଣିଲା ପରେ ଏହି ସମସ୍ୟାର ସମାଧାନ ଖୁବଶୀଘ୍ର ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ପରିଦର୍ଶନ ସମୟରେ ଉପସ୍ଥିତ ଥିବା ପୌରାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ ଏହି ଆଶ୍ରମ ର ଉନ୍ନତି ରେ ମୋର ସହୋଯାଗ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏମାନଙ୍କ ସହ କାଉନ୍ସିଲର ପାର୍ଥ ସାରଥି ନାୟକ,ବିଜୟ କୁମାର ଜେନା ଯୁବ ନେତା ପ୍ରତାପ ମହାନ୍ତି, ମନୋଜ ରାଉତ, ମନୋଜ ପରିଡା, ବିକାଶ ଆଇଚ, ପ୍ରଶାନ୍ତ ଖୁଣ୍ଟିଆ ସମେତ ଆଶ୍ରମର ସଦସ୍ୟ ମୋହନ ସାମଲ, ଗୋବିନ୍ଦ ରାଉତ, ବିନୋଦ ବିହାରୀ ସାମଲ, ପ୍ରଭାତ ବଳ, ଅମୂଲ୍ୟ ମଲ୍ଲିକ, କ୍ଷୀରୋଦ ରାଉତ ଓ ରାଜେନ୍ଦ୍ର କୁମାର ନାୟକ, ନିରଞ୍ଜନ ରାଉତ, ଚକ୍ରଧର ନାୟକ, ଟୁଲିଆ ଦେହୁରୀ, ଆଶିଷ କୁମାର ମଲିକ, ଜଗବନ୍ଧୁ ଜେନା, ମନୋଜ ରାଉତ, ଚିପକ୍ ଲାହା, ବିଜୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ବନ୍ଦ ହେବାକୁ ଥିବା ୧୦ ସ୍କୁଲ ଖୋଲିବା ପାଇଁ ତଦନ୍ତ ଆରମ୍ଭ

ନିଶ୍ଚିନ୍ତକୋଇଲ ,(ସବ୍ୟୁ) :ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ୧୦ଟି ବିଦ୍ୟାଳୟରେ ପୁନଃ ନାମ ଲେଖାଯାଇ ଏହାକୁ ଖୋଲିବା ନିମନ୍ତେ ଏକ କମିଟି ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି । ଏହି ବ୍ଲକର ଆଙ୍ଗାପୁର ପ୍ରାଥମିକ,କୋଇଲିରଙ୍ଗୀ ପ୍ରାଥମିକ, ସାଙ୍କିଲୋ ଦମୟନ୍ତି ପ୍ରାଥମିକ, ପର୍ଶ୍ଚିମଖଣ୍ଡ ଭୋଳ ପ୍ରାଥମିକ,କାଳିଆବୁଦା ପ୍ରାଥମିକ, ନରାଜପୁର ପ୍ରାଥମିକ , ନରେନ୍ଦ୍ରପୁର ପ୍ରାଥମିକ, ଓଡ଼ଖଣ୍ଡ ପ୍ରାଥମିକ, ବଜ୍ରଚଣ୍ଡୀ ପ୍ରାଥମିକ ,ସୁହୁକ୍ଷେତ ପ୍ରାଥମିକ ବିଦ୍ୟାଳୟକୁ ଖୋଲାଯିବା ପାଇଁ ବିଚାର କରାଯାଇ ଏଗୁଡ଼ିକୁ ତଦନ୍ତ କରାଯିବା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଏହି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନରେ ବିଗତ ସରକାରଙ୍କ ଶିକ୍ଷାବିଭାଗ ନିର୍ଦ୍ଦେଶ କ୍ରମେ ଛାତ୍ର ଉପସ୍ଥାନ କମ୍ ଦର୍ଶାଇ ମୋଟ୍ ୪୮ଟି ବିଦ୍ୟାଳୟକୁ ବନ୍ଦ କରିବା ଓ ଅନ୍ୟ ସ୍କୁଲରେ ମିଶାଇବା ପାଇଁ ପଦକ୍ଷେପ ନିଆଯାଇଥିଲା । ଏହି ପ୍ରକିୟାରେ ୨୧ରୁ ଉର୍ଦ୍ଧ୍ୱ ବିଦ୍ୟାଳୟକୁ ବନ୍ଦ କରିଦିଆଯାଇଥିଲା ବେଳେ ୧୭ରୁ ଉର୍ଦ୍ଧ୍ୱ ବିଦ୍ୟାଳୟକୁ ଅନ୍ୟ ବିଦ୍ୟାଳୟ ସହିତ ମିଶାଇ ଦିଆଯାଇଛି । ଏହାକୁ ବିରୋଧ କରି ବହୁ ବିଦ୍ୟାଳୟର ପରିଚାଳନା କମିଟି ଓ ଗ୍ରାମବାସୀମାନେ ସେମାନଙ୍କର ବିଦ୍ୟାଳୟକୁ ବନ୍ଦ ନକରିବା ପାଇଁ ଆଇନର ଆଶ୍ରୟ ନେଇଥିଲେ ମଧ୍ୟ ଏହାକୁ ଭ୍ରୁକ୍ଷେପ କରାଯାଇଥିଲା । ସରକାର ବଦଳିବା ପରେ କେତେକ ଗ୍ରାମରେ ବନ୍ଦ ହୋଇଥିବା ସ୍କୁଲ ଚଳାଇବା ପାଇଁ ଗ୍ରାମବାସୀମାନେ ମାହାଙ୍ଗା ବିଧାୟକ ଶାରଦାପ୍ରସାଦ ପ୍ରଧାନଙ୍କୁ ଅବଗତ କରାଇ କିଭଳି ପୁର୍ନବାର ସ୍କୁଲ ଖୋଲାଯିବ ସେ ନେଇ ଅଭିଯୋଗ କରିଥିଲେ । ବିଧାୟକ ଶ୍ରୀ ପ୍ରଧାନ ଏ ସଂକ୍ରାନ୍ତରେ ଗଣଶିକ୍ଷା ମନ୍ତ୍ରୀଙ୍କୁ ଅବଗତ କରାଇବା ପରେ ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ଏହି ବ୍ଲକ ଅଧିନରେ ୧୦ଟି ସ୍କୁଲ ଖୋଲିପାରିବ କି ନାହିଁ ସେ ନେଇ ତଦନ୍ତ ଆରମ୍ଭ ହୋଇଛି । ଏହି ତଦନ୍ତରେ ଅତିରିକ୍ତ ବିଡ଼ିଓ ଅଶୋକ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ୪ଜଣିଆ ଦଳ ଗଠନ କରାଯାଇଛି । ଏହି ତଦନ୍ତ କମିଟିରେ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଏବିଇଓ ମହମ୍ମଦ ଜାକିର ଖାଁ, ବ୍ଲକ ସମାଜକଲ୍ୟାଣ ଅଧିକାରୀ ମୋନାଲିସା ସାହୁ, ତହସିଲ କାର୍ଯ୍ୟାଳୟ ପକ୍ଷରୁ ଖଣ୍ଡାୟତ ପଟକିରା ରାଜସ୍ୱ ସର୍କଲର ସୁପରଭାଇଜର ଦିଲ୍ଲୀପ କୁମାର ନାୟକ ରହିଛନ୍ତି । ବୁଧବାର ଦିନ ଏହି କମିଟି ପକ୍ଷରୁ ୭ଟି ସ୍କୁଲ ପରିଦର୍ଶନ କରି ତଦନ୍ତ ଆରମ୍ଭ କରିଛନ୍ତି । ଜମରା ପଞ୍ଚାୟତ ଅଧିନରେ ଥିବା ଆଙ୍ଗାପୁର ପ୍ରାଥମିକ ବିଦ୍ୟାଳୟଟି ମିଶ୍ରଣ ତାଲିକାରେ ରହିଥିବାରୁ ଏହି ବିଦ୍ୟାଳୟରେ ଚଳିତବର୍ଷ ବାଳବାଟିକା ଓ ପ୍ରଥମ ଶ୍ରେଣୀରେ ନାମ ନଲେଖାଇବା ପାଇଁ ବିଇଓ କଡ଼ା ନିର୍ଦ୍ଦେଶ ଦେଇଥିଲେ । ଏହି ବିଦ୍ୟାଳୟରେ ବର୍ତ୍ତମାନ ଦ୍ୱିତୀୟରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ୍ ୨୩ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି । ଏହି ବିଦ୍ୟାଳୟଟି ଜମରା ସରକାରୀ ଉଚ୍ଚ ବିଦ୍ୟାଳୟରେ ମିଶିବକି ନାହିଁ ସେ ନେଇ ତଦନ୍ତ କରାଯାଇଥିଲା । ଏହି ତଦନ୍ତ ସମୟରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ସଂଖ୍ୟା ଜାଣିବା ନିମନ୍ତେ ନାମ ଲେଖା ରେଜିଷ୍ଟର ଓ ଛାତ୍ର ଉପସ୍ଥାନ ଖାତାକୁ ଯାଞ୍ଚ କରାଯାଇଥିଲା । ଏହାଛଡ଼ା ଏହି ସ୍କୁଲକୁ ନିକଟସ୍ଥ କେଉଁ କେଉଁ ଗ୍ରାମରୁ ପାଠ ପଢାଇବା ପାଇଁ ଛାତ୍ର ଛାତ୍ରୀ ଆସୁଛନ୍ତି ଏବଂ ତାହା ସ୍କୁଲ ଠାରୁ କେତେ ଦୂର ତାହା ମଧ୍ୟ ତନଖି କରାଯାଇଥିଲା । ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ବିଭିନ୍ନ ଦୃଷ୍ଟି କୋଣରୁ ବିଦ୍ୟାଳୟ ଗୁଡ଼ିକୁ ତଦନ୍ତ କରାଯାଇ ଏହାର ରିପୋର୍ଟ ପ୍ରଦାନ କରାଯିବା ପରେ ସ୍କୁଲ ପୁର୍ନବାର ଖୋଲାଯିବ କି ବନ୍ଦ କରାଯିବ ତାହା ସ୍ଥିର କରାଯିବ ବୋଲି ଜଣାଯାଇଛି ।

# ବେଗୁନିଆ ତହସିଲ ଆଗରେ ସପରିବାର ଧାରଣା



ବୋଲଗଡ,(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ତହସିଲ ଅଫିସରେ ଦୀର୍ଘଦିନ ଧରି ଠିକା କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ଚକ୍ରଧର ମୁଦୁଲି ନିଜର ଚାକିରୀ ଫେରି ପାଇବା ପାଇଁ ଦୀର୍ଘଦିନ ଧରି ସରକାରୀ ସ୍ତରରେ ଉଦ୍ୟମ ଜାରି ରଖିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ନ୍ୟାୟ ନ ପାଇଁ ତହସିଲ ସମ୍ମୁଖରେ ନିଜର ପରିବାର ସହିତ ଧାରଣାରେ ବସିଛନ୍ତି। ସୂଚନା ଥାଉ କି ସେ ୨୦୦୭ ରୁ ୨୦୨୨ ପର୍ଯ୍ୟନ୍ତ ଡ୍ରାଇଭର ଭାବରେ କାର୍ଯ୍ୟ କରୁଥିଲେ । କିନ୍ତୁ ସେହି ସମୟରେ ଠିକାରେ ଗାଡ଼ି ଲାଗିବାରୁ ତାଙ୍କୁ ଚାକିରୀରୁ ବାହାର କରି ଦିଆଯାଇଥିଲା । ସେ ମଧ ପୂର୍ବରୁ ୨୦୨୩ ମସିହାରେ ଅନଶନରେ ବସିଥିଲେ। ସେହି ସମୟରେ ପ୍ରଶାସନ ତରଫରୁ ତାଙ୍କୁ ଥଇଥାନ ପାଇଁ ପ୍ରତିଶ୍ରୁତି ମିଳିଥିଲା ଓ ସେ ଅନଶନକୁ ପ୍ରତ୍ୟାହାର କରିଥିଲେ। କିନ୍ତୁ ଦୀର୍ଘ ଦୀର୍ଘ ୨ ବର୍ଷ ଅତିବାହିତ ହୋଇଯାଇଥିଲେ ମଧ ଆଜି ସୁଦ୍ଧା ସେ ନ୍ୟାଯ୍ୟ ଦାବିରୁ ବଞ୍ଚିତ । ଆଉ ମଧ ସରକାରୀ ଚାକିରୀ ବୋଲି ତାଙ୍କ ନାମ ପ୍ରଶାସନର ଡାଟା ବେସରେ ଥିବାରୁ ତାଙ୍କର ସୁଭଦ୍ରା ଯୋଜନା ସହିତ ଅନ୍ୟାନ୍ୟ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି । ସେ ମଧ ସୂଚନା ଦେଇଛନ୍ତି ଯେ ମୋର ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ଏ ଅନଶନ ଚାଲୁ ରହିବ। ତେବେ ଦେଖଯାଉ ଏ ନେଇ ସରକାର କି ନିଷ୍ପତ୍ତି ନେଉଛନ୍ତି।

# ବାଇପାସ୍ ରାସ୍ତା ଓ ତିନିମୁହାଣୀ ନଦୀବନ୍ଧ କାର୍ଯ୍ୟ ବୁଲି ଦେଖିଲେ ଅଧୀକ୍ଷଣ ଯନ୍ତ୍ରୀ



ଗୋପ,(ସବ୍ୟୁ) :ବୁଧବାର ମଧ୍ୟାହ୍ନରେ ଗୋପ ବ୍ରାଞ୍ଚ କେନାଲ ବନ୍ଧ ଉପରେ ଚାଲିଥିବା ବାଇପାସ୍ ରାସ୍ତା କାର୍ଯ୍ୟ ସହିତ ମଦରଙ୍ଗ– ଶୋଳପୁର କୁଶଭଦ୍ରା ନଦୀ ବନ୍ଧ ର ତିନିମୁହାଣୀ ଠାରେ ଚାଲିଥିବା କାର୍ଯ୍ୟ କୁ ନିମାପଡ଼ା ଜଳସମ୍ପଦ ବିଭାଗ ରେ ନୂତନ ଭାବେ ଯୋଗ ଦେଇ ଥିବା ଅଧିକ୍ଷଣ ଯନ୍ତ୍ରୀ ପ୍ରିତମ କୁମାର ପୋଥାଳ ବୁଲି ଦେଖିଛନ୍ତ। ଏହି ବାଇପାସ୍ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେବାପରେ ଦୈନନ୍ଦିନ ଏହି ରାସ୍ତା ଉପରେ ଭାରିଯାନ ଠାରୁ ଆରମ୍ଭ କରି କୋଣାର୍କ, ପୁରୀ ବୁଲି ଯାଉଥିବା ପର୍ଯ୍ୟଟକ ମାନଙ୍କ ଗାଡ଼ି ଯା ଆସ କରିବା ସହିତ ଗୋପ ବଜାର ରେ ପ୍ରତ୍ୟେକ ଦିନ ଟ୍ରାଫିକ ସମସ୍ୟା ହ୍ରାସ ପାଇବ । ତା ସହିତ କୁଶଭଦ୍ରା ନଦୀ ବନ୍ଧର ତିନିମୁହାଣୀ ଠାରେ ଚାଲିଥିବା କାର୍ଯ୍ୟ ବନ୍ୟା ସମୟରେ ସାଧାରଣ ଲୋକମାନଙ୍କ ଆବଶ୍ୟକତା ଆସିବ ବୋଲି ସୂଚନା ଦେଇଥିଲେ। ପ୍ରକାଶ ଯେ କିଛି ଦିନ ଧରି ନିମାପଡ଼ା – କୋଣାର୍କ ରାସ୍ତା ର ଗୋପ ଛକଠାରେ ପୁରୀ କୋଣାର୍କ ବୁଲି ଯାଉଥିବା ଦେଶ ବିଦେଶର ପର୍ଯ୍ୟଟକ ମାନେ ଟ୍ରାଫିକ ସମସ୍ୟା ରେ ଫସି ରହିବା ସହିତ ଯାତ୍ରୀବାହୀ ବସ୍ ଓ ପଥଚାରୀ ମାନେ ନାନାଦି ଅସୁବିଧା ଭୋଗ କରୁଥିଲେ। ଏହାକୁ ଆଖି ଆଗରେ ରଖି ରାଜ୍ୟ ସରକାର ଗୋପ ବ୍ରାଞ୍ଚ କେନାଲ ବନ୍ଧ ଉପରେ ବାଇପାସ୍ ରାସ୍ତା କରିବା ଲାଗି ନିର୍ଦ୍ଦେଶ ଦେବା ସହିତ ଟଙ୍କା ମଞ୍ଜୁର କରିଥିଲେ। ସେହିପରି ବନ୍ୟା ସମୟରେ ତିନିମୁହାଣୀ ଠାରେ ନଦୀ ବନ୍ଧ ଧସିବା ଓ ଘଳିଆ ପଡିବା ସହିତ ନଦୀ କୂଳିଆ ଲୋକ ମାନେ ଭୟଭୀତ ହୋଇ ପଡନ୍ତି। ଏହାକୁ ଦୃଷ୍ଟିରେ ରଖାଯାଇ ଜଳସମ୍ପଦ ବିଭାଗ ପକ୍ଷରୁ ନିକଟସ୍ଥ କେନାଲ କାର୍ଯ୍ୟ ଚାଲୁରହିଛି। ଏହି ସବୁ କାର୍ଯ୍ୟକ୍ରମଗୁଡ଼ିକ କିପରି ଚାଲୁଛି ଓ ଠିକ୍ ଭାବରେ କରା ଯାଉଛି କି ନାହିଁ ସେ ସବୁକୁ ନେଇ ଅଧିକ୍ଷଣ ଯନ୍ତ୍ରୀ ଶ୍ରୀ ପୋଥାଳ ବୁଲି ଦେଖିଥିବା ଜଣା ପଡ଼ିଛି। ଗୋପ ବ୍ରାଞ୍ଚ କେନାଲ ବନ୍ଧ ଉପରେ ବାଇପାସ୍ ରାସ୍ତା କାର୍ଯ୍ୟକୁ ଓସିସି ( ଓଡିଶା କନଷ୍ଟ୍ରକ୍ସନ କର୍ପୋରେସନ) ଦାୟିତ୍ୱ ନେଇଥିବା ବେଳେ ତିନିମୁହାଣୀ ନଦୀବନ୍ଧ କାର୍ଯ୍ୟ ଜଣେ ଠିକାଦାର କାର୍ଯ୍ୟ କରୁଥିବା ଜଣା ପଡ଼ିଛି। ଅଧିକ୍ଷଣ ଯନ୍ତ୍ରୀ ପ୍ରିତମ କୁମାର ପୋଥାଳଙ୍କୁ ଏହି କାର୍ଯ୍ୟ ସଂପର୍କରେ ପଚାରିବାରେ ଦୁଇ ଗୋଟି କାର୍ଯ୍ୟ ଠିକ୍ ଠାକ୍ ଭାବରେ କରା ଯାଉଛିଛ ଯେଉଁଠି ଅଭିଯୋଗ ଆସିବ ସେ ଉପରେ ଅଧିକ ମାତ୍ରାରେ ଗୁରୁତ୍ୱ ଦିଆଯିବ ବୋଲି କହିବା ସହ ମୁଁ ସବୁ ସମୟରେ ଦେଖିବି ବୋଲି କହିଥିଲେ। ଅଧିକ୍ଷଣ ଯନ୍ତ୍ରୀ ଙ୍କ ଗ୍ରସ୍ତ ସମୟରେ ଗୋପ ଜଳସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତି, ସହକାରୀ ଯନ୍ତ୍ରୀ ମହେଶ୍ୱର ବେହେରା, ସଞ୍ଜିବ କୁମାର ସାହୁ ଉପସ୍ଥିତ ଥିଲେ।

# ତ୍ରିରଙ୍ଗା ଶୋଭାଯାତ୍ରା

ବାଲିପାଟଣା,(ସବ୍ୟୁ) :ଖୋର୍ଦ୍ଧା ଜିଲ୍ଲା ବାଲିପାଟଣା ବ୍ଲକର ବନମାଳୀପୁର ମଣ୍ଡଳ ପକ୍ଷରୁ ପାଞ୍ଚଟି ପଞ୍ଚାୟତରେ ତ୍ରିରଙ୍ଗା ଶୋଭାଯାତ୍ରା ଅପରେସନ ସିନ୍ଦୁର ଅନୁଷ୍ଠିତ ହୋଇଯାଇଛି।ବିଜେପିର ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢ଼ାଲିଙ୍କ ନେତୃତ୍ୱରେ ତଥା ମଣ୍ଡଳ ସଭାପତି ସଞ୍ଜୟ ଦାଶଙ୍କ ପୌରହିତ୍ୟରେ ନରିସ ପଞ୍ଚାୟତରୁ ଶୋଭାଯାତ୍ରା ବାହାରି ବନମାଳୀପୁର ଅଞ୍ଚଳ ପରିଭ୍ରମଣ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଶୋକ ପ୍ରଧାନ,ଶୁଭେନ୍ଦୁ ଶତପଥୀ,ହେମନ୍ତ ନାୟକ,ଅମୂଲ୍ୟ ବେହେରା, ମନୋଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।ଶତାଧିକ କର୍ମୀ ଏହି ମଟର ସାଇକେଲ ଶୋଭାଯାତ୍ରାରେ ଯୋଗ ଦେଇ ଦେଶାତ୍ମବୋଧକ ସ୍ଲୋଗାନ ଦେଇଥିଲେ।

# ଗୋକୁଳାନନ୍ଦ ବିଗ୍ରହ ପ୍ରତିଷ୍ଠା ବାର୍ଷିକ ଉତ୍ସବ

ଖଣ୍ଡପଡା,(ସବ୍ୟୁ) :ଖଣ୍ଡପଡା ବ୍ଲକ ଅଧିନ ସିଧାମୂଳା ଗ୍ରାମସ୍ଥିତ ପ୍ରଭୁ ଶ୍ରୀ ଗୋକୁଳାନନ୍ଦଜୀଉଙ୍କ ୩୧ ତମ ବିଗ୍ରହ ପ୍ରତିଷ୍ଠା ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ପ୍ରାତଃ ସମୟରେ ବିଗ୍ରହଙ୍କ ସମସ୍ତ ନୀତିକାନ୍ତି ସଂପନ୍ନ ପରେ ବିଗ୍ରହଙ୍କ ନିକଟରେ ଭୋଗ ଲାଗି କରାଯାଇଥିଲା । ମନ୍ଦିରରେ ହୋମଯଜ୍ଞ, ଗୀତା ପାଠ, ଭାଗବତ ପାଠ ସହ ନାମ ସଂକୀର୍ତନ ଆଦି ମାଙ୍ଗଳିକ କାର୍ଯ୍ୟ କରାଯାଇଥିଲା । ବିଗ୍ରହଙ୍କ ଦର୍ଶନ ପାଇଁ ମନ୍ଦିର ପରିସରରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଗୋକୁଳାନନ୍ଦ ଜୀଉ ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ବାର୍ଷିକ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ । ସୂଚନା ଯୋଗ୍ୟ ପ୍ରଭୂ ଶ୍ରୀ ଗୋକୁଳାନନ୍ଦଙ୍କ ପୀଠକୁ ରାଜ୍ୟ ସରକାର ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ କରିଥିଲେ ହେଁ ଉକ୍ତ ପୀଠର ସାମଗ୍ରିକ ବିକାଶ ପ୍ରତି ସେତେଟା ଧାନ ଦେଇ ନଥିବାରୁ ଅଂଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ସେଥିପ୍ରତି ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ କର୍ତ୍ତୃପକ୍ଷ ଧାନ ଦେବାକୁ ସିଧାମୂଳା ପଞ୍ଚାୟତବାସୀ ଦାବି କରିଛନ୍ତି ।

# ରାକେଶ ସାଂସଦଙ୍କ ପୁରୀ ଜିଲ୍ଲା ପ୍ରତିନିଧି

କାକଟପୁର (ସବ୍ୟୁ) :କାକଟପୁର ନିର୍ବାଚନ ମଣ୍ଡଳୀର ବିଜେପି ଯୁବ ସଂଗଠକ ରାକେଶ କୁମାର ବିଶ୍ୱାଳଙ୍କୁ ସାଂସଦ ବିଭୁ ପ୍ରସାଦ ତରାଇ ପୁରୀ ଜିଲ୍ଲା (ସ୍ୱାସ୍ଥ୍ୟ ବିଭାଗ) ର ପ୍ରତିନିଧି ଭାବେ ମନୋନୀତ କରିଛନ୍ତି । । ଏହି ଅବସରରେ ରାକେଶ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ସାଂସଦ ଡ଼ଃ ବିଭୁପ୍ରସାଦ ତରାଇ ପ୍ରମୁଖଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି । ପୁରୀ ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗର ଅଗ୍ରଗତି ପାଇଁ କାର୍ଯ୍ୟ କରିବେ ବୋଲି ରାକେଶ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଏଠାରେ ସୂଚନା ଥାଉକି ରାକେଶ ଜଣେ ଦକ୍ଷ ସୁସଂଗଠକ ଭାବେ ଦୀର୍ଘ ଏକ ଦଶନ୍ଧି ଧରି ଅଂଚଳ ରେ କାମକରି ବେଶ ପ୍ରିୟ ପାତ୍ର ହୋଇଥିଲେ। ସାଂସଦ ତାଙ୍କୁ ପଦବୀ ରେ ଦାଇତ୍ୱ ଦେବାପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

# ଯାଦବ ମହାସଭାର ସହାୟତା ପ୍ରଦାନ

ଫୁଲନଖରା ,(ସବ୍ୟୁ) : ବୟାଳିଶମୌଜା ଯାଦବ ମହାସଭାର ପ୍ରତିଷ୍ଠାତା ତଥା ଉତ୍କଳ ଯାଦବ ମହାସଭାର କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶ କ୍ରମେ ୪୨ ମୌଜା ଯାଦବ ମହାସଭା ପକ୍ଷରୁ ଝାରକଟା ନିବାସୀ ଶିବ ବେହେରାଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଶିବଙ୍କର ଏକ ଦୁର୍ଘଟଣା ହେତୁ ଡାକ୍ତରଙ୍କ ପରାମର୍ଶ କ୍ରମେ ମେଡ଼ିକାଲରେ ଡାହାଣ ଗୋଡ ଆଣ୍ଠୁ ତଳକୁ କଟା ଯାଇଛି ।ସେ ଥିଲେ ପରିବାରର ଏକ ମାତ୍ର ରୋଜଗାରକ୍ଷମ ବ୍ୟକ୍ତି । ଘରେ ତାଙ୍କ ଉପରେ ନିର୍ଭରଶୀଳ ବୃଦ୍ଧା ମାତା, ସହଧର୍ମିଣୀ ଓ ତିନି ନାବାଳିକା କନ୍ୟା । ସେ ଅତି ଗରିବ ପରିବାର । ୪୨ମୌଜା ଯାଦବ ମହାସଭା ପକ୍ଷରୁ ଶିବଙ୍କ ପରିବାରକୁ ଦଶ ହଜାର ଟଙ୍କା ଆର୍ଥିକ ସହାୟତା ତାଙ୍କ ସହଧର୍ମିଣୀଙ୍କ ହସ୍ତରେ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୪୨ ମୌଜା ଯାଦବ ମହାସଭା ସଭାପତି ବରିଷ୍ଠ ସାମ୍ୱାଦିକ ବୁଲେଇ ବେହେରା,ସମ୍ପାଦକ ପ୍ରସନ୍ନ କୁମାର ବେହେରା,ଟୁଟନ୍ ବେହେରା, ଆଶିଷ ବେହେରା, କଦମପଡ଼ା (ଖରିପଡ଼ିଆ) ଅଧିକାରୀ ପ୍ରଶାନ୍ତ ପଲେଇ,ନବୀନ ପଲେଇ ଓ ସ୍ୱପ୍ନେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଅସହାୟ ପରିବାରକୁ ସହାୟତା ପ୍ରଦାନ କରିବାକୁ ଯାଦବ ମହାସଭା ପକ୍ଷରୁ ଅନୁରୋଧ କରାଯାଇଛି ।

# ଜୁନ ୩ , ୪ରେ ନିମାପଡା ୨୦୨୫ ସମ୍ମିଳନୀ



ନିମାପଡା,(ସବ୍ୟୁ): ଆସନ୍ତା ଜୁନ ମାସ ୩ ଓ ୪ ତାରିଖ ୨ଦିନ ବ୍ୟାପି ନିମାପଡା ଇଣ୍ଡୋର ଷ୍ଟାଡିୟମ ସ୍ଥିତ ନୂଆ ବାରବାଟୀ ପଡିଆରେ ଉତ୍କର୍ଷ ନିମାପଡା ୨୦୨୫ ସମ୍ମିଳନୀ (କନକ୍ଲେଭ)ଆୟୋଜିତ ହେବ । ଏସଂପର୍କରେ ମଙ୍ଗଳବାର ସଂଧ୍ୟାରେ ଉତ୍କର୍ଷ ନିମାପଡା ପରିଚାଳନା କମିଟୀ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଏହି ସମ୍ମିଳନୀକୁ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଯୋଗଦେଇ ଉଦ୍ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଆୟୋଜିତ ଆଜିର ସାମ୍ବାଦିକ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଯୋଗଦେଇ ବିକଶିତ ଭାରତ,ବିକଷିତ ଓଡିଶା ଆଧାରରେ ନିମାପଡାକୁ ବିକଶିତ କରିବା ପାଇଁ ପ୍ରୟାସ ଆରମ୍ଭ କରାଯାଇଛି । ସେଥିପାଇଁ ଦୁଇ ଦିନ ଧରି ଏହି ସମ୍ମିଳନୀ(କନକ୍ଲେଭ) ଆୟୋଜିତ ହେବାକୁ ଯାଉଛି ,ଉତ୍କର୍ଷ ଗ୍ରାମ,ମହିଳା ସଶକ୍ତିକରଣ,ସୁସ୍ଥ ନିମାପଡା,କୃଷକ ସଶକ୍ତି କରଣ,ପର୍ଯ୍ୟଟନ,ଶିଳ୍ପ ଅଭିବୃଦ୍ଧି,ଅପରାଧ ନିୟନ୍ତ୍ରଣ,ସ୍ମାର୍ଟ ନିମାପଡା ଭଳି ୧୧ଟି ବିଷୟ ବସ୍ତୁ ଉପରେ ଆଲୋଚନା କରାଯିବ। ଆୟୋଜିତ କନକ୍ଲେଭରେ ନିମାପଡା ନିର୍ବାଚନ ମଣ୍ଡଳୀର ସମସ୍ତ ଜନ ପ୍ରତିନିଧି,ବୁଦ୍ଧିଜୀବୀ,ସ୍ଥାନୀୟ ଜନସାଧାରଣ,ଇଣ୍ଡଷ୍ଟ୍ରି ଏକ୍ସପର୍ଟଙ୍କ ମତାମତକୁ ନେଇ ଉତ୍କର୍ଷ ନିମାପଡା ଅ ୨୦୩୬ ମସିହାର ରୋଡ ମ୍ୟାପ ପ୍ରସ୍ତୁତ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ନିମାପଡା ବିଡିଓ ଡଃ. ଅଭିଜତ ଷଡଙ୍ଗୀ,ଗୋପ ବିଡିଓ ଛବିରାଣୀ ସାହୁ,ନିମାପଡା ତହସିଲଦାର ମନୋଜ ପ୍ରଧାନ,ଗୋପ ତହସିଲଦାର ଅନୀଲ ମହାନ୍ତି,ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ,ଫୋରମ ପୋଗ୍ରାମ ଡାଇରେକ୍ଟର ଅଶୋକ କୁମାର ପାତ୍ର,ଏସଡିପିଓ ଜନାର୍ଦ୍ଦନ ପାଢୀ ପ୍ରମୁଖ ଉପସ୍ଥିତଥିଲେ ।

# ବିନା ସୂଚନା ଫଳକରେ ନିମ୍ନମାନର କାର୍ଯ୍ୟ : ବଢୁଛି ଜନ ଅସନ୍ତୋଷ

ଆଠଗଡ଼ ,(ସବ୍ୟୁ) :ରାସ୍ତାରେ ପିଚୁ ପକାଇ କାର୍ଯ୍ୟ ସାରିଦେଇ ଝାଡ଼ି ଝୁଡ଼ି ହୋଇ ବସି ପଡ଼ିଲେ ଆଠଗଡ଼ କ୍ଷୁଦ୍ର ଜଳସେଚନ ବିଭାଗ । ଲାଭବାନ ହେବେ ଠିକାଦାର ସହିତ ବିଭାଗର ଅଧିକାରୀ। ନିମ୍ନ ମାନର କାର୍ଯ୍ୟ କରି ଲୁଟୁଛନ୍ତି ଠିକାଦାର ଏବଂ ବିଭାଗୀୟ ଅଧିକାରୀ।ସେଥିପାଇଁ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଆଠଗଡ଼ ବ୍ଲକ ତରଡିଙ୍ଗ ଗ୍ରାମ ଠାରୁ ତଳଗଡ ଗ୍ରାମ ପର୍ଯ୍ୟନ୍ତ ।ଏହା ୬୫ ଲକ୍ଷ ଟଙ୍କା ବ୍ୟୟରେ ଲମ୍ବ ୨୨୪୦ ମିଟର ,ପ୍ରସ୍ଥ ୩ ମିଟର ୭୫ ସେ,ମି କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଥିବାବେଳେ କେଉଁଠି ୨ ମିଟର ତ କେଉଁଠି ଦୁଇ ମିଟର ଠାରୁ ଅଳ୍ପ କିଛି ଅଧିକ କାର୍ଯ୍ୟ ହୋଇଛି।ଗାର୍ଡ୍ ୱାଲ୍ ଅତି ନିମ୍ନ ମାନର କାର୍ଯ୍ୟ ହୋଇଥିବା ଅଭିଯୋଗ ହେଉଛି।ରାସ୍ତା ପାଇଁ ଯେଉଁ ଆକାର ମେଣ୍ଟାଲ ଦରକାର ସେଥିରେ କାର୍ଯ୍ୟ କରାନଯାଇ ଛୋଟ ଆକାରର ମେଣ୍ଟାଲ ପକାଇ କାର୍ଯ୍ୟ କରିଛନ୍ତି। ମେଣ୍ଟାଲ ୬ ଇଞ୍ଚରେ ପଡ଼ିବା ନିର୍ଦ୍ଦେଶ ଥିବାବେଳେ କେଉଁଠି ୩ ରୁ ୪ ଇଞ୍ଚ ପଡ଼ିଥିବା ଦେଖିବାକୁ ମିଳିଛି। ଏହି କାର୍ଯ୍ୟ ସମୟ ସୀମା ସରିଥିଲେ ସୁଦ୍ଧା କାମ ସରିନାହିଁ। ଅଧାପନ୍ତରିଆ କାର୍ଯ୍ୟ କରିଥିବା ପାଇଁ ସାଧାରଣ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିଛି ଦିନ ପୂର୍ବେ ଏହି ରାସ୍ତାରେ ନିମ୍ନ ମାନର କାର୍ଯ୍ୟ କରୁଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା। କ୍ଷୁଦ୍ର ଜଳସେଚନ ବିଭାଗ ଅଧିକାରୀଙ୍କ ସହିତ ଠିକାଦାର ମଧୁ ଚନ୍ଦ୍ରିକା ରହିଛି। ଫଳରେ ଗଣମାଧ୍ୟମରେ ଖବର ପ୍ରକାଶିତ ହେବାପରେ ଏହାକୁ ଖାତିର ନକରି ପୁନର୍ବାର ପୁଣି ନିମ୍ନମାନର ପିଚୁ କାର୍ଯ୍ୟ ହୋଇଛି ବୋଲି ଅଭିଯୋଗ ହେଉଛି। ଏହି ପିଚୁ କାର୍ଯ୍ୟ କରିବା ପାଇଁ ୧ ଇଞ୍ଚ ନିର୍ଦ୍ଦେଶ ଥିବାବେଳେ ଏହା ଅଧ ଇଞ୍ଚ ଆଉ କେଉଁଠାରେ ଅଧ ଇଞ୍ଚ ଠାରୁ ଅଳ୍ପ ଅଧିକ ପଡ଼ିଛି।ପିଚୁ ପକାଇବାର ପରଦିନ ବହୁ ସ୍ଥାନରେ ପିଚୁ ଗୁଡିକ ହାତରେ ଆଡେଇ ଦେଲେ ଉଠି ଆସୁଛି। ଅନେକ ଯାଗାରେ ପିଚୁ ସବୁ ଉପରେ ପଡ଼ିଥିବା ଦେଖିବାକୁ ମିଳିଛି। ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ନିମ୍ନ ମାନର କାର୍ଯ୍ୟ ହୋଇଥିବା ଯୋଗୁ ଏହା ଉପରେ ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ସହିତ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ସାଧାରଣରେ ଦାବି ହେଉଛି।

# ବ୍ରାଉନସୁଗର ଜବତ, ଜଣେ ଗିରଫ

ନିମାପଡା,(ସବ୍ୟୁ) : ନିମାପଡା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରାଙ୍କ ନେତୃତ୍ୱରେ ଏକ ଟିମ ସ୍ଥାନୀୟ ପାଟପୁର ତ୍ରିନାଥ ମନ୍ଦିର ସାମ୍ନାରେ ଚଢ଼ାଉ କରି ଚୋରା ବ୍ରାଉନ ସୁଗାର ଜବତ କରିବା ସହ ଜଣଙ୍କୁ ଗିରଫ କରିଛନ୍ତି। ଗିରଫ ଚୋରା ବ୍ରାଉନ ସୁଗାର ବ୍ୟବସାୟୀ ଜଣକ ହେଲେ ବିପ୍ଲବ ନାୟକ (୩୫)। ପ୍ରକାଶ ଯେ, ନିମାପଡା ଅବକାରୀ ବିଭାଗ କୌଣସି ସୂତ୍ରରୁ ଖବର ପାଇ ନିମାପଡା ଥାନା ଅନ୍ତର୍ଗତ ପାଟପୁର ତ୍ରିନାଥ ମନ୍ଦିର ସାମ୍ନାରୁ ବିପ୍ଲବକୁ ଗିରଫ କରି ତାଙ୍କ ନିକଟରୁ ୮୦ ଗ୍ରାମ ବ୍ରାଉନ ସୁଗାର ଜବତ କରିଥିଲେ। ନିମାପଡା ଅବକାରୀ ଥାନା କେସ ନଂ ୩୮/ ୨୫–୨୬ରେ ଆସାମୀକୁ କୋର୍ଟ ଚାଲାଣ କରିଥିଲେ। ତାର ଜାମିନ ନାମଞ୍ଜୁର ହେବାରୁ ନିମାପଡା ଉପ–କାରାଗାରକୁ ପଠାଇ ଦିଆଯାଇଛି। ଜବତ ବ୍ରାଉନ ସୁଗାରର ମୂଲ୍ୟ ପ୍ରାୟ ୮ଲକ୍ଷରୁ ଉର୍ଦ୍ଧ୍ୱ ହେବ। ଏହି ଚଢ଼ାଉରେ ଅବକାରୀ ଏସ ଆଇ ସନ୍ତୋଷ କୁମାର ମହାରଣା,କର୍ମଚାରୀ ତପନ ପ୍ରଧାନ, ଶେଖ ୱାରିସ,ସବିତା ସାହୁ ପ୍ରମୁଖ ସାମିଲ ଥିଲେ।

# ଓଲଟିଲା କାର୍, ଅଳ୍ପକେ ବର୍ତ୍ତିଲେ ଲୋକେ

ବାରଙ୍ଗ,(ସବ୍ୟୁ): ଗୋଡିସାହି ଫାଣ୍ଡି ଅଧିନସ୍ଥ ଗୋବିନ୍ଦପୁର ମୁଣ୍ଡଳି ମୁଖ୍ୟରାସ୍ତାରେ ଭାରସାମ୍ୟ ହରାଇ ଏକ କାର ଓଲଟି ପଡ଼ିଛି।ହେଲ ସୌଭାଗ୍ୟ ବଶତଃ କାରରେ ଥିବା ୫ଜଣକର କୌଣସି କ୍ଷତି ହୋଇନଥିବା ବେଳେ ସାମାନ୍ୟ ଆହତ ହୋଇଛନ୍ତି। ପ୍ରକାଶଯେ, ବୁଧବାର ଦିନ ପୂର୍ବାହ୍ନ ସାଢ଼େ୧୧ଟା ସମୟରେ ଅନୁଗୋଳ ଜିଲ୍ଲା ତାଳଚେର ଗୋପାଳପ୍ରସାଦ ଗ୍ରାମର ଲୁଲୁ ବେହେରା ନାମକ ବ୍ୟକ୍ତି ସପରିବାରେ ତାଙ୍କ କାର ନମ୍ବରଓଡି ୧୯–ଆର–୦୬୨୩ଯୋଗେ ଭୁବନେଶ୍ୱର ଅଭିମୁଖେ ଦ୍ରୁତଗତିରେ ଆସୁଥିଲେ। ମୁଣ୍ଡଳି ଗୋବିନ୍ଦପୁର ମୁଖ୍ୟରାସ୍ତାର ଗୋଡ଼ିପୋଖରୀଠାରେ କାରଟି ଭାରସାମ୍ୟ ହରାଇ ରାସ୍ତାକଡକୁ ହଠାତ ଓଲଟିପଡିଥିଲା। ସୌଭାଗ୍ୟବସତଃ କାର ଭିତରେ ଥିବା ୫ଜଣଙ୍କର କୌଣସି କ୍ଷତି ହୋଇନଥିବା ବେଳେ ସାମାନ୍ୟ ଆହତ ହୋଇଥିଲେ।ଖବରପାଇ ଗୋଡିସାହିଫାଣ୍ଡି ଅଧିକାରୀ ବିଚିତ୍ରା ନନ୍ଦ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାରଟି ଉଦ୍ଧାର କରିଥିଲେ।

# ପ୍ରତିଭା ସମ୍ବର୍ଦ୍ଧନା– ୨୦୨୫ ଉତ୍ସବ



ପିପିଲି ,(ସବ୍ୟୁ) : ବୁଧବାର ଦିନ ପିପିଲି ସ୍ଥିତ ଜବାହର ବିଦ୍ୟାପୀଠ ଠାରେ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ପକ୍ଷରୁ ପ୍ରତିଭା ସମ୍ବର୍ଦ୍ଧନା ୨୦୨୫ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ଏହି ଅବସରରେ ସଂଘର ସଭାପତି ରାମଚନ୍ଦ୍ର ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପିପିଲି ତହସିଲଦାର ହୃଷିକେଶ ତ୍ରିପାଠୀ ମୁଖ୍ୟ ଅତିଥି, ବ୍ଲକ ଶିକ୍ଷା ଅଧିକାରୀ ପୀତବାସ ସେଠି ମୁଖ୍ୟବକ୍ତା ଏବଂ ଉପ ସଭାପତି ସଚ୍ଚିଦାନନ୍ଦ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଭା ସମ୍ବର୍ଦ୍ଧନା ଉପରେ ଗୁରୁତ୍ୱ ଦେଇଥିବା ବେଳେ ଉତ୍ତମ ପ୍ରତିଭାବାନ ଛାତ୍ର ଛାତ୍ରୀ ମାନଙ୍କର ରାଷ୍ଟ୍ର ଏବଂ ସମାଜ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଂଘ ସମ୍ପାଦକ ଅର୍ଜୁନ ଘଡେଇ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ରଘୁନାଥ ଜେନା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସଭା ମଞ୍ଚରେ ବ୍ଲକରୁ ମାଟ୍ରିକ ପରୀକ୍ଷାରେ ଏ–୧ପାଇଥିବା ୨୨ ଜଣ ଛାତ୍ର ଛାତ୍ରୀ ସେମାନଙ୍କ ଅଭିଭାବକ ଏବଂ ସେମାନଙ୍କ ପ୍ରଧାନ ଶିକ୍ଷକଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ରମାକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ.ପ୍ରଫୁଲ୍ଲ କୁମାର କଣ୍ଡ, ସତ୍ୟାନନ୍ଦ ଦାଶ, ପ୍ରସନ୍ନ କୁମାର ଦାସ, ଲକ୍ଷ୍ମୀଧର ପରିଜା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପିପିଲିରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ : ବିଜେଡିର ବିକ୍ଷୋଭ

ପିପିଲି,(ସବ୍ୟୁ) : ପିପିଲି ଡେଲାଙ୍ଗରେ ଦିନକୁ ଦିନ ବଢୁଥିବା ନାବାଳିକା ପ୍ରତି ଦୁଷ୍କର୍ମ ଓ ଗର୍ଭବତୀ,ନାବାଳକ ଅପହରଣ ପରେ ହତ୍ୟା,ବେଆଇନ ନିଶାକାରବାର ,ବାଲି ଚୋରାଚାଲାଣ ସହିତ ପିପିଲି ତହସିଲରେ ଜଣେ ମହିଳା ଆରଆଇଙ୍କୁ ଅତିରିକ୍ତ ତହସିଲଦାର କରିଥିବା ଅସଦାଚରଣ ଘଟଣା ପାଇଁ ପିପିଲି ପୁରା ରାଜ୍ୟରେ ଲଜ୍ଜିତ ହୋଇଛି।ମହିଳା ଆରଆଇ ଙ୍କ ଅଭିଯୋଗ ପରେ ପିପିଲିରୁ ଅତିରିକ୍ତ ତହସିଲଦାରଙ୍କୁ ଅନ୍ୟତ୍ର ବଦଳି କରି ଜିଲ୍ଲା ଓ ବ୍ଲକ ପ୍ରଶାସନ ଚୁପ ବସିଥିବା ଅଭିଯୋଗ ଆଣିଛି ବିଜେଡି ।ତାଙ୍କୁ ଚାକିରିରୁ ତୁରନ୍ତ ବହିଷ୍କାର କିରବା ସହ ଗିରଫ କରିବା ଦାବୀ କରିଛି ବିଜେଡି । ଏହି ପରିପ୍ରକ୍ଷୀରେ ପିପିଲିରେ ଆଇନି ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ଅଭିଯୋଗ ଆଣି ବିଜୁ ଜନତାଦଳ (ବିଜେଡ଼ି)ପକ୍ଷରୁ ବୁଧବାର ଅପରାହ୍ନରେ ହାଟଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ବିଜୁ ଜନତାଦଳର ପିପିଲି ବ୍ଲକ ସଭାପତି ତଥା ଉପାଧକ୍ଷ ପ୍ରଫୁଲ ସ୍ୱାଇଁ ଙ୍କ ନେତୃତ୍ୱରେ ବରିଷ୍ଠ ବିଜେଡି ନେତା ଶରତ ବେହେରା,ପିପିଲି ଏନଏସିର ଅଧକ୍ଷ ସେକ ବାବୁ,ଉପାଧକ୍ଷ ଭାଗ୍ୟବତୀ ମହାରଣା,ଜିଲ୍ଲାପରିଷଦ ଧରଣୀଧର ସାହୁ, ପୁର୍ବତନ ସରପଞ୍ଚ କୁଞ୍ଜ ମୋହନ ଦାଶ, ସୁକାନ୍ତ ପଣ୍ଡା,ସରପଞ୍ଚ ଧ୍ରୁବଚରଣ ପ୍ରଧାନ, ପ୍ରଦୀପ୍ତ ମିଶ୍ର, ବିଜେଡି ନେତା ଦେବାଶିଷ ନନ୍ଦ, ଆର୍ତବନ୍ଧୁ ସାମନ୍ତରାୟ,ପ୍ରକାଶ ଧଳ, ଆଶିଷ ବରାଳ, ସମିତିସଭ୍ୟ ରଶ୍ମିରଞ୍ଜନ ଭଞ୍ଜ, ସରପଞ୍ଚ ସତ୍ୟନାରାୟଣ ବସ୍ତିଆ , ଯୁବ ବିଜେଡି ନେତା ବିଶ୍ୱଜିତ ଦାଶ, ସୌମ୍ୟରଞ୍ଜନ ମହାପାତ୍ର, ଛାତ୍ର ନେତା ଅଜୟ ବେହେରା, କାଉନସିଲର ଚନ୍ଦନ ସେଠୀ,ଜୟନ୍ତ ଦାଶ ପ୍ରମୁଖ ସହ ଶତାଧିକ ଲୋକ ସାମିଲ ହୋଇ ବିଜେପି ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏଥିରେ ଅତିରିକ୍ତ ତହସିଲଦାରଙ୍କୁ ତୁରନ୍ତ ଗିରଫ କରିବା ସହ ଚାକିରୀ ରୁ ବହିଷ୍କାର କରିବା ପାଇଁ ବିଜେଡି ପକ୍ଷରୁ ଦାବି ହୋଇଥିଲା।

# ମୋ ସେବା କେନ୍ଦ୍ରର ଦିନିକିଆ ପ୍ରଶିକ୍ଷଣ ଶିବିର

ନିରାକାରପୁର,(ସବ୍ୟୁ):ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ର ୨୬ ପଞ୍ଚାୟତ ରେ ରହିଥିବା ମୋ ସେବା କେନ୍ଦ୍ରର ଭିଏଲମାନଙ୍କୁ ନେଇ ଏକ ଦିନିକିଆ ପ୍ରଶିକ୍ଷଣ ଶିବିର ବୁଧବାର ଦିନ ନିରାକାରପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା ମୋ ସେବା କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି ।ଏହି ଶିବିରରେ ନିରାକାରପୁର ମୋସେବା କେନ୍ଦ୍ରର ପରିଚାଳକ ମାନସ ଚନ୍ଦ୍ର ପଟ୍ଟନାୟକ ପୌରାହିତ୍ୟ କରିଥିବାବେଳେ ଉକ୍ତ ଶିବିରରେ ସହଜର ଜିଲ୍ଲା ପରିଚାଳକ ସ୍ମୃତି ରଂଜନ ବିଶ୍ୱାଳ ଉପସ୍ଥିତ ରହି ସମସ୍ତ ଭିଏଲମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଆଗାମୀ ଦିନରେ ସହଜ ଓ ମୋ ସେବା କେନ୍ଦ୍ର କିଭଳି ଶକ୍ତି ଶାଳୀ ହୋଇ ପ୍ରତେକ ଭି ଏଲ ମାନଙ୍କୁ ସଠିକ ଭାବରେ ସୁ ରୋଜଗାର ଯୋଗେଇ ଦେଇ ପାରିବ ଏବଂ ଗାଁ ଗହଳିରେ ରହି କାର୍ଯ୍ୟକରୁଥିବା ଭି ଏଲ ମାନଙ୍କ ବିଷରେ ବିସ୍ତୃତ୍ୱ ଆଲୋକ ପାତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବର୍ଷିଆନ ଭିଏଲଇ ପଦ୍ମ ଚରଣ ସାମନ୍ତରାୟ, ସୁଦର୍ଶନ ପାଇକରାୟ, ଅକ୍ଷୟ କୁମାର ରାଉତ, ବିନୋଦ କୁମାର ବଳିୟାରସିଂହ, ଗଣେଶ କୁମାର ସାହୁ, ଭାଗିରଥି ବେହେରା ଓ କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲା ପରିଚାଳକ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ

# ରୋଗୀ କଲ୍ୟାଣ ସମିତି ସାଧାରଣ ପରିଷଦ ବୈଠକ

କଣାସ,(ସବ୍ୟୁ) :ପୁରୀ ଜିଲ୍ଲା କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ କଲ୍ୟାଣ ସମିତିର ସାଧାରଣ ପରିଷଦର ବର୍ଷର ପ୍ରଥମ ବୈଠକ ବିଧାୟକ ଓମପ୍ରକାଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଡାକ୍ତର କ୍ଷମାନିଧି ସେଠୀ ସ୍ୱାଗତ ସମ୍ଭାଷଣ ଦେଇଥିବା ବେଳେ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଗତ ବର୍ଷରେ ଉନ୍ନତି ହୋଇଥିବା ରୋଗୀ ସେବା ସମ୍ପର୍କରେ କମିଟିକୁ ଅବଗତ କରାଇଥିଲେ।ରିପୋର୍ଟ ଅନୁସାରେ ପୂର୍ବ ବର୍ଷ ତୁଳନାରେ ଗତ ବର୍ଷ ଓପିଡ଼ି ରୋଗୀ ସଂଖ୍ୟା, ଅନ୍ତର୍ବିଭାଗ ରୋଗୀ ସଂଖ୍ୟା, ନିଦାନ ପରୀକ୍ଷା, ପରିବାର ନିୟୋଜନ ଅସ୍ତ୍ରୋପଚାର ସଂଖ୍ୟା ଆଦିରେ ଅଭିବୃଦ୍ଧି ଦେଖା ଦେଇଛି। ମାତ୍ର ବିଶେଷଜ୍ଞ ଡାକ୍ତର ଓ ନର୍ସିଙ୍ଗ ଷ୍ଟାଫଙ୍କ ପଦବୀ ଗୁଡିକ ବହୁତଦିନ ଧରି ଖାଲି ପଡିଥିବାରୁ ଆନୁଷ୍ଠାନକ ପ୍ରସବ ସଂଖ୍ୟାରେ ହ୍ରାସ ପରିଲକ୍ଷିତ ହୋଇଛି। ସେହିଭଳି ଦୀର୍ଘ ଦିନ ଧରି ଆୟୁର୍ବେଦିକ ଔଷଧ ଯୋଗାଣ ହେଉ ନଥିବାରୁ ଆୟୁଷ ଓପିଡ଼ି ସଂଖ୍ୟାରେ ମଧ ହ୍ରାସ ହେଉଛି। କଣାସ ବ୍ଲକର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକ ଉତ୍ତମ ଗୁଣବତା ସେବା ଦେଉଥିବାରୁ ଗତବର୍ଷ ସମସ୍ତ ୧୯ ଗୋଟି ଉପକେନ୍ଦ୍ର, ପାଞ୍ଚଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକେନ୍ଦ୍ର ଓ ଗୋଟିଏ ବ୍ଲକ ସ୍ୱାସ୍ଥ୍ୟ କେନ୍ଦ୍ରକୁ କାୟାକଳ୍ପ ପୁରସ୍କାର ମିଳିଥିବା କଥା କମିଟିକୁ ଅବଗତ କରା ଯାଇଥିଲା। କଣାସ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ବିଭିନ୍ନ ଅସୁବିଧା ସମ୍ପର୍କରେ ଆଲୋଚନା ହୋଇ ଥିଲା। ବିଶେଷ କରି ୧୫ ଜଣ ଡାକ୍ତରଙ୍କ ସ୍ଥାନରେ ୩ ଜଣ ପୋଷ୍ଟିଂ ହୋଇ କାର୍ଯ୍ୟ କରିବା ଏବଂ ୨୨ ଜଣ ନର୍ସିଙ୍ଗ ଅଫିସରଙ୍କ ସ୍ଥାନରେ ୪ ଜଣ ପୋଷ୍ଟିଂ ହେବା ସମ୍ପର୍କରେ ଆଲୋଚନା ହୋଇଥିଲା। ପୋଷ୍ଟିଂ ହେବା ପର୍ଯ୍ୟନ୍ତ ବିଧାୟକଙ୍କ କଣାସରେ ବିଶେଷଜ୍ଞ ସ୍ୱାସ୍ଥ୍ୟ ସେବା ଓ ଅସ୍ତ୍ରୋପଚାର ଆରମ୍ଭ କରିବା ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଥିଲେ। ଫଳରେ ତାଙ୍କ ଉଦ୍ୟମ ଓ ଅନୁରୋଧ କ୍ରମେ ବୈଠକରେ ଭୁବନେଶ୍ୱରର ପ୍ରମୁଖ ଡାକ୍ତରଖାନାରୁ ଯୋଗଦେଇଥିବା ଶଲ୍ୟବିଶେଷଜ୍ଞ ଡାକ୍ତର ପ୍ରାର୍ଥସରଥୀ ପଣ୍ଡା ଓ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ଗିରିଷ ଚନ୍ଦ୍ର ସାହୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିନା ମୂଲ୍ୟରେ ମାସକୁ ଥରେ ଦୁଇଥର ସେବା ଯୋଗାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।ଏଥିପାଇଁ ଆବଶ୍ୟକ ହେଉଥିବା ସରଞ୍ଜାମର ତାଲିକା ଶୀଘ୍ର ପ୍ରସ୍ତୁତ କରି ତାଙ୍କୁ ପ୍ରେରଣ କରାଗଲେ ସବୁ ବ୍ୟବସ୍ଥା କରିବେ ବୋଲି ବିଧାୟକ କଥା ଦେଇଥିଲେ।ରୋଗୀ କଲ୍ୟାଣ ସମିତିର ସଦସ୍ୟମାନେ ନିରାମୟ ସକାଳ ସାତରୁ ସନ୍ଧ୍ୟା ସାତ ପର୍ଯ୍ୟନ୍ତ ଖୋଲିବା ପାଇଁ ଦାବୀ କରିଥିଲେ। ପାନୀୟ ଜଳ ପାଇଁ ସରପଞ୍ଚ ଓ ବିଡ଼ିଓଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ବ୍ୟାଙ୍କ କିମ୍ବା ଅନ୍ୟ ଦାତବ୍ୟ ଅନୁଷ୍ଠାନକୁ ଅନୁରୋଧ କରିବା ପାଇଁ ବିଧାୟକ ପ୍ରସ୍ତାବ ଦେଇଥିଲେ।ରୋଗୀଙ୍କ ଅପେକ୍ଷା ସ୍ଥଳରେ ଚେୟାର ଓ ପଙ୍ଖାର ବ୍ୟବସ୍ଥା କରିବା ପାଇଁ ସଦସ୍ୟମାନେ ପ୍ରସ୍ତାବ ଦେଇଥିଲେ।ସ୍ୱାସ୍ଥ୍ୟକେନ୍ଦ୍ରରେ ପାନୀୟ ଜଳ ସମସ୍ୟା, ବୈଦ୍ୟୁତିକ ସମସ୍ୟା ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଗୃହ ନିର୍ମାଣ ପାଇଁ ଆବଶ୍ୟକ ହେଉଥିବା ଜାଗା ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। କୋଠାବାଡ଼ି ଗୁଡିକର ବାର୍ଷିକ ମରାମତି, ପାଚେରୀ, ଇତ୍ୟାଦି ନିର୍ମାଣ ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଚିଠି ଲେଖିବା ପାଇଁ ନିଷ୍ପତି ହୋଇଥିଲା।ବୈଠକରେ ରୋଗୀ କଲ୍ୟାଣ ସମିତିର ଗତ ବର୍ଷର ଅନୁଦାନ ଓ ଖର୍ଚ୍ଚ ଦାବୀ ଉପସ୍ଥାପିତ ତଥା ଗୃହୀତ ହୋଇଥିଲା। ସେହିଭଳି ଚଳିତ ବର୍ଷ ପାଇଁ ପ୍ରସ୍ଥାବିତ ବାର୍ଷିକ ଯୋଜନା ଆଲୋଚନା ହୋଇ ଗୃହୀତ ହୋଇଥିଲା।ଏହି ବୈଠକରେ ଏବିଡ଼ିଓ ମଙ୍ଗଳ ସିଂ ହେମ୍ବ୍ରମ, ଅତିରିକ୍ତ ତହସିଲଦାର ଉପେନ୍ଦ୍ର କୁମାର ସେଠୀ, ଥାନା ଅଧିକାରୀ ପ୍ରଦୀପ କୁମାର ଯୁଜାରସିଂ, ଶିଶୁ ବିକାଶ ଅଧିକରିଣୀ ଶ୍ରୀମତୀ ସ୍ମିତା ମହାନ୍ତି, ରୋଗୀ କଲ୍ୟାଣ ସମିତି ମନୋନୀତ ସଭ୍ୟ ସୁଶାନ୍ତ କୁମାର ନରେନ୍ଦ୍ର, ନୀଳାଚଳ ସେବା ପ୍ରତିଷ୍ଠାନର ମୁଖ୍ୟ ସୁବାଷ ଚନ୍ଦ୍ର ଗେଜେନ୍ଦ୍ର, ଶ୍ରୀକାନ୍ତ ପାଟ୍ଟଯୋଶୀ, ସରପଞ୍ଚ ଭଗବାନ ସୁବୁଦ୍ଧି ଓ ଈଶ୍ୱର ହରିଚନ୍ଦ୍ରନ ପ୍ରମୁଖ ଯୋଗ ଦେଇଥିଲେ। ସାକ୍ଷୀଗୋପାଳ ବଜାର ରେଳ ଫାଟକ ଠାରେ ଓଭର ବ୍ରିଜ ନିର୍ମାଣ ବିଳମ୍ବ ହେଉଥିବାରୁ ଦୈନିକ ଟ୍ରାଫିକ ସମସ୍ୟା ସହିତ ଅନେକ ଛୋଟ ଛୋଟ ଦୁର୍ଘଟଣା ଘଟୁଅଛି ।

# ଗ୍ରୀଷ୍ମକାଳୀନ ଚେସ ଶିବିର ଉଦ୍ଯାପିତ




ନୟାଗଡ଼,(ସବ୍ୟୁ) : ଏନଏସି ହାଇସ୍କୁଲ ଠାରେ ଅନୁଷ୍ଠିତ ଗ୍ରୀଷ୍ମ କାଳୀନ ଚେସ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଛି ।ନୟାଗଡ଼ ଜିଲ୍ଲା ଚେସ ଆସୋସିଏସନ ଏବଂ ଅଲ ଓଡ଼ିଶା ଚେସ ଆସୋସିଏସନ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଶିକ୍ଷଣ ଶିବିରରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ମୋଟ ୭୩ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଲେ। ଏଠାରେ ସମସ୍ତଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି। ଉଦଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଚେସ ଆସୋସିଏସନ ସମ୍ପାଦକ ଦେବବ୍ରତ ଭଞ୍ଜ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଚେସ ଖେଳ ଶୃଙ୍ଖଳା ଜ୍ଞାନ ଶିଖାଇବା ସହିତ ସମସ୍ୟା ସମାଧାନ ରେ ସହାୟକ ହୋଇଥାଏ ବୋଲି ମୁଖ୍ୟ ଅତିଥି ଶ୍ରୀ ଭଞ୍ଜ କହିଥିଲେ। ସମ୍ମାନୀତ ଅତିଥି ଭାବେ ଅନିଲ କୁମାର ଦାଶ ଯୋଗ ଦେଇ ଚଳିତ ଶିକ୍ଷା ବର୍ଷରୁ ବିଦ୍ୟାଳୟସ୍ତରରେ ଚେସ ଖେଳକୁ ଗୁରୁତ୍ୱ ଦିଆଯିବା କହିଥିଲେ। ଜିଲ୍ଲା ଚେସ୍ ସଂଘ କର୍ମକର୍ତ୍ତା ବାଲାରସେନ ପାତ୍ର, ତରୁନ ଖାଁ, ଲକ୍ଷ୍ମୀଧର ସାହୁ ପ୍ରମୁଖ ଚେସ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ।ସଂଘର ରିତେଶ କୁମାର ରଥ, ଧିରେନ ପ୍ରଧାନ, ଅଜିତ କୁମାର ମିଶ୍ର, ଶିଶିର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆସାମ ଗୌହାଟି ଠାରେ ଅନୁଷ୍ଠିତ ସର୍ବଭାରତୀୟ ପ୍ରିମିୟର ଲିଗରେ ଚମ୍ପିୟାନ ଓଡ଼ିଶା ଦଳକୁ ଅତିଥିମାନେ ଶୁଭେଚ୍ଛା ଜଣାଇଥିଲେ। ଶିବିରରେ ଜୟ ପ୍ରକାଶ ବୈରୀଗଞ୍ଜନ ଓ ହାଡୁବନ୍ଧୁ ସାହୁ ଆଦି ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

(ଶ୍ରୀମଭଗବଦ୍ ଗୀତା ୧୬/୦୨)
-ଦୈବାସୁରସମ୍ପଦ୍‌ବିଭାଗ-
(ଶ୍ରୀଭଗବାନୁବାଚ )

**ଅହିଂସା ସତ୍ୟମକ୍ରୋଧସ୍ତ୍ୟାଗଃ ଶାନ୍ତିରପୈଶୁନମ୍ ।**
**ଦୟା ଭୂତେଷ୍ୱଲୋଲୁପ୍ତ୍ୱଂ ମାର୍ଦବଂ ହ୍ରୀରଚାପଳମ୍ ।।୨।।**

ଶ୍ରୀ ଭଗବାନ କହିଲେ-ହେ ଭାରତ ! ଅଭୟ, ଚିତ୍ତଶୁଦ୍ଧି, ଜ୍ଞାନଯୋଗରେ ଏକନିଷ୍ଠା, ଦାନ, ଦମ (ବାହ୍ୟେନ୍ଦ୍ରିୟସଂଯମ) ଯଜ୍ଞ, ସ୍ୱାଧ୍ୟାୟ (ବ୍ରହ୍ମଯଜ୍ଞାଦି), ତପ (ଜପଯଜ୍ଞ), ଆର୍ଜବ (ସରଳତା) ଅହିଂସା, ସତ୍ୟ, କ୍ରୋଧହୀନତା, ତ୍ୟାଗ, ଶାନ୍ତି, ଅପୈଶୁନ୍ୟ (ପରନିନ୍ଦାତ୍ୟାଗ), ଜୀବଗଣରେ ଦୟା, ଲୋଭହୀନତା, ମୃଦୁତା, ଅକାର୍ଯ୍ୟରେ ଲଜ୍ଜା, ଅଚାଞ୍ଚଲ୍ୟ, ତେଜ, କ୍ଷମା, ଧୈର୍ଯ୍ୟ, ବାହ୍ୟ ଓ ଆଭ୍ୟନ୍ତରିକ ଶୁଚି, ଦ୍ରୋହଶୂନ୍ୟତା, ନିରଭିମାନିତ୍ୱ, ଏହି ୨୬ଟି ଗୁଣ ଦୈବୀ ସମ୍ପଦ୍ ପ୍ରାପ୍ତ ହୋଇ ଜାତ ହୋଇଥିବା ବ୍ୟକ୍ତିଙ୍କର ହୋଇଥାଏ ।।୨।।

# ଦ୍ୱୈତ ନଗରୀର ଟ୍ରାଫିକ ସମସ୍ୟା

**ସମ୍ପାଦକୀୟ**

ଓଡ଼ିଶାର ପୁରୁଣା ରାଜଧାନୀ କଟକ ଓ ଏବର ରାଜଧାନୀ ଭୁବନେଶ୍ୱରର ମୁଖ୍ୟ ସମସ୍ୟା ଟ୍ରାଫିକ୍ ଓ ବୃଷ୍ଟିପାତ ପରେ କୃତ୍ରିମ ବନ୍ୟା ସମସ୍ୟା । ଏହି ସମସ୍ୟାର ସମାଧାନ ପାଇଁ ଗତ ସରକାର ଉଦ୍ୟମ ଆରମ୍ଭ କରିଥିଲେ, ମାତ୍ର ତାହାକୁ ସମ୍ପୂର୍ଣ୍ଣ କରି ପାରିଲେ ନାହିଁ । ସମସ୍ୟା ଆହୁରି ବଢ଼ି ଚାଲିଲା ବର୍ଷା ସମସ୍ୟାରେ । ଗତ କିଛି ଦିନ ତଳେ ଭୁବନେଶ୍ୱର ପୂର୍ତ୍ତ ବିଭାଗ ପକ୍ଷରୁ ଦ୍ୱୈତ ନଗରୀ କଟକ ଓ ଭୁବନେଶ୍ୱରରେ ଟ୍ରାଫିକ ସମସ୍ୟା ହ୍ରାସ କରିବା ସହିତ ସୌନ୍ଦର୍ଯ୍ୟକରଣ ବୃଦ୍ଧି ପାଇଁ ଯେଉଁ ପଦକ୍ଷେପ ନିଆଯାଉଛି, ତାହା ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମୀକ୍ଷା ବୈଠକ କରିଥିଲେ । ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଧ ସେହି ବୈଠକରେ ଉପସ୍ଥିତ ଥିଲେ ।

ରାଜଧାନୀ ଭୁବନେଶ୍ୱରରେ 'ଭୁବନେଶ୍ୱର ସମନ୍ୱିତ ବିକାଶ ଯୋଜନା' ସହିତ ଟ୍ରାଫିକ ଭିଡ଼ ହ୍ରାସ ପାଇଁ ଡିକଂଜେସନ ଯୋଜନା ସଂପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ, ଏଥିରେ ସନ୍ଦେହ ନାହିଁ ।

ଟ୍ରାଫିକ୍ ସମସ୍ୟା ଯୋଗୁଁ ରାଜଧାନୀ ଭୁବନେଶ୍ୱରରେ ସମସ୍ତେ ଯେପରି ଦୁର୍ଦ୍ଦଶାର ସମ୍ମୁଖୀନ ହୋଇ ଆସୁଛନ୍ତି, ତାହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରର ଜୟଦେବ ବିହାରରୁ ନନ୍ଦନକାନନ ପର୍ଯ୍ୟନ୍ତ ଏକ ଉଚ୍ଚସ୍ଥାନରେ କରିଡର, ପଟିଆ ଷ୍ଟେସନ ଛକରୁ ସୁଆଙ୍ଗ ମୌଜା ପର୍ଯ୍ୟନ୍ତ ଦୟା ପଶ୍ଚିମ କେନାଲ ରାସ୍ତା ନିର୍ମାଣ, ସୁନ୍ଦରପଦାରୁ ଜଟଣୀ ରାସ୍ତାର ପ୍ରଶସ୍ତୀକରଣ ଏବଂ କଳ୍ପନା ଛକ, ମ୍ୟୁଜିଅମ ଓ ଶିଶୁ ଭବନ ଛକରେ ତିନିଗୋଟି ଫ୍ଲାଏ ଓଭର ନିର୍ମାଣ ସହିତ ଏଜି ଛକରେ ଏକ ଭୂତଳ ରାସ୍ତାର ନିର୍ମାଣ ପାଇଁ ଯୋଜନା କରାଯାଇଛି ।

ଅପରପକ୍ଷରେ ଇନଷ୍ଟିଚ୍ୟୁଟ୍ ଅଫ୍ ମେଥିମେଟିକସ୍‌ରୁ ପଥର ଗାଡ଼ିଆ-ଉତ୍କଳ ହସ୍‌ପିଟାଲ-ରେଳ ବିହାର ଦେଇ ଏକାମ୍ର କାନନ ପର୍ଯ୍ୟନ୍ତ ବାମ ପଟେ ସମାନ୍ତରାଳ ରାସ୍ତା କାମ ମଧ ଚାଲିଛି । ଏଥି ସହିତ ଡମଣାରୁ ପ୍ରେସ୍‌ଛକ, କଳାରାହାଙ୍ଗରୁ ବାରିମୁଣ୍ଡ ଓ କେଲୁ ଚରଣ ପାର୍କରୁ ବାରିମୁଣ୍ଡ ପର୍ଯ୍ୟନ୍ତ ତିନିଗୋଟି ଡାହାଣ ପଟେ ଯାଇ ପାରୁଥିବା ରାସ୍ତା ନିର୍ମାଣର ଯୋଜନା ରଖାଯାଇଛି । ଏକ ଆଭ୍ୟନ୍ତରୀଣ ରିଙ୍ଗ ରୋଡ଼ ନିର୍ମାଣ ମଧ କରାଯାଉଛି । ଏହା ଫଳରେ ଭୁବନେଶ୍ୱରର ଟ୍ରାଫିକ୍ ସମସ୍ୟା ହ୍ରାସ ପାଇବ ଓ ସୌନ୍ଦର୍ଯ୍ୟକରଣ ଲାଗି ସୁଯୋଗ ସୃଷ୍ଟି ହୋଇପାରିବ ବୋଲି ଏହି ବୈଠକରେ ଆଲୋଚନା ହୋଇଥିଲା ।

କଟକ ସହରରେ ଏବେ ଓଡ଼ିଶାର ହାଇକୋର୍ଟ, ବଡ଼ ମେଡିକାଲ, ବାରବାଟୀ ଷ୍ଟାଡିଅମ, ବୋର୍ଡ ଅଫ୍ ରେଭେନ୍ୟୁ, ଶିଶୁ ଭବନ, ମତ୍ସ୍ୟ ନିର୍ଦ୍ଦେଶାଳୟ ପ୍ରଭୃତି ରାଜ୍ୟ ସରକାରଙ୍କର ମୁଖ୍ୟ କାର୍ଯ୍ୟାଳୟଗୁଡ଼ିକ ରହିଛି । ଏହି ସହରର ବାସିନ୍ଦାମାନଙ୍କ ମଧ୍ୟରୁ ଅନେକ ରାସ୍ତାଘାଟ ଜବରଦଖଲ କରି ମାଡ଼ି ବସି ଗୃହ ନିର୍ମାଣ କରିଥିବା ମଧ ଅଭିଯୋଗ ହୋଇଥାଏ । ପୁରୁଣା କଟକ ସହରକୁ ପରିଷ୍କାର ପରିଚ୍ଛନ୍ନ କରି ଏହାର ରାସ୍ତାଗୁଡ଼ିକ ଅଧିକ ପ୍ରଶସ୍ତ କରାଯିବା ଆବଶ୍ୟକ । ପୂର୍ବତନ ସାଂସଦ ସ୍ୱର୍ଗୀୟ ତ୍ରିଲୋଚନ କାନୁନ୍‌ଗୋ ବହୁ ପୂର୍ବରୁ କଟକ ମ୍ୟୁନିସିପାଲଟିର ଚେଆରମେନ୍ ଥିଲାବେଳେ କିଛି ଭଲ କାମ କରିଥିଲେ । କଟକକୁ ମଶା, ମାଛି ଓ ଆବର୍ଜନାରୁ ରକ୍ଷା କରିବା ପାଇଁ ସେ ଦିନ ରାତି କାମ କରି ସୁନାମ ଅର୍ଜନ କରିଥିଲେ । କଟକ ସହର ଚାରିପଟେ ଏକ ରିଙ୍ଗ ରୋଡ ନିର୍ମାଣ କରାଇ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ସରକାରରେ ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ସ୍ୱର୍ଗୀୟ ବସନ୍ତ କୁମାର ବିଶ୍ୱାଳ ମଧ ସୁନାମ ଅର୍ଜନ କରିଥିଲେ । ବହୁ ପୂର୍ବରୁ ସ୍ୱର୍ଗୀୟ ଭୈରବ ଚନ୍ଦ୍ର ମହାନ୍ତି ବାରବାଟୀ ଲଟେରୀ କରି ବାରବାଟୀ ଷ୍ଟାଡିଅମ୍ ନିର୍ମାଣ କ୍ଷେତ୍ରରେ ସହଯୋଗ କରି ଆସିଥିଲେ । ଏହା ଫଳରେ ସେଠାରେ ଜାତୀୟ ଓ ଆନ୍ତର୍ଜାତୀୟ କ୍ରିକେଟ ମ୍ୟାଚଗୁଡ଼ିକ ସମ୍ଭବ ହୋଇପାରୁଛି । ସେମାନଙ୍କୁ ଏବେ ମନେ ପକାଇବା ସହିତ କଟକ ବଡ଼ ମେଡିକଲକୁ ରୋଗୀମାନେ ସୁବିଧାରେ ଯିବା ପାଇଁ ଯେପରି ଯୋଜନା ବିଗତ ନବୀନ ସରକାରଙ୍କ ଅମଳରେ ଆରମ୍ଭ ହୋଇଥିଲା, ତାହାକୁ ଏବର ମୋହନ ମାଝୀଙ୍କ ସରକାର ସଂପୂର୍ଣ୍ଣ କରିବେ ବୋଲି ମଧ ଓଡ଼ିଶାର ଜନସାଧାରଣ ଆଶା ପ୍ରକାଶ କରିଥିବା ପରିଲକ୍ଷିତ ହେଉଛି ।

**ସଙ୍କଳ୍ପ**
**ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ**
**ବିଶ୍ୱହିତେ ହିନ୍ଦୁ,ପ୍ରତି ରକ୍ତବିନ୍ଦୁ ।**
**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ଅଭୁଲା ଅତୀତ
# ସେହି ସବୁ ଦିନ ଶାନ୍ତିନିକେତନ

**ମନୋରମା ବିଶ୍ୱାଳ ମହାପାତ୍ର**

ଗୁଣ୍ଡୁଚିର ପିଠିପରି ସେହି ଚିତ୍ରିତ ତାରୁଣ୍ୟର ଦିନ ସବୁ । ସ୍ମୃତିର ତାରକସିରେ ଗୁନ୍ଥା ସେ ଦିନ ସବୁ ଆଜି ମନେପଡ଼ିଲେ ବିଭୋର ହୋଇ ଉଠେ ମନ । କେତେ ସ୍ୱପ୍ନ ଖୁନ୍ଦାଖୁନ୍ଦି ଥିଲା ସେ ମନରେ । ଶାନ୍ତିନିକେତନରେ ଏମ୍.ଏ. ପଢ଼ିବାର ବେଳ । ଜୀବନକୁ ନିର୍ମାଣ କରିବାର ମୁହୂର୍ତ୍ତ । ଶାନ୍ତିନିକେତନର ସାରସ୍ୱତ ପରିବେଶ, ଆମ୍ବ, ଶାଳ ଆଉ ବଉଳ ବଣର ମୁଗ୍ଧ ମଧୁର ପ୍ରୀତିସ୍ନିଗ୍ଧ ସ୍ୱପ୍ନଟିଏ ଅବା । ଘୁମେଇ ପଡ଼ିଥିବା ଅନୁଭୂତି ସହିତ ଆପେ ଆପେ ମନ ପଛକୁ, ସେହି ଉଚ୍ଚାଟିତ ମୁହୂର୍ତ୍ତକୁ ଟାଣି ହୋଇଯାଏ ।

ଆଞ୍ଜୁଳାଏ ଫୁଲର ମହକ ପରି ହୃଦୟ ଆଉ ମନକୁ ମହକାଇ ଦିଏ ସେ ସ୍ମୃତି । ତାର ସଙ୍ଗୀତ ଭରା ସକାଳ, ଉପାସନାମୟ ସନ୍ଧ୍ୟା ଭିତରେ ଶାନ୍ତିନିକେତନ ଆଜି ବି ମୋ ମନରେ ଦୀପାନ୍ୱିତ । ଶାନ୍ତ, ସରଳ ଆରଣ୍ୟକ ପରିବେଶ ଭିତରେ ନିରାଭରଣ ଝିଅଟିଏ ଶାନ୍ତିନିକେତନ । ବର୍ଷାର ଶାନ୍ତିନିକେତନ, ଶରତର ଶାନ୍ତିନିକେତନ ଅବା ବର୍ଷାବରଣ ହେଉ କି ବସନ୍ତଉତ୍ସବ ହେଉ ଶାନ୍ତିନିକେତନର ସେହି ସାଙ୍ଗୀତିକ ପରିବେଶ ମୋ ଭିତରେ ସଙ୍ଗୀତର ଝରଣା ବୁହାଇ ଦେଉଥିଲା । ଜ୍ୟୋତ୍ସ୍ନାଧୂଆ ଜହ୍ନରାତି ଅବା ଗଙ୍ଗଶିଉଳିର ନରମ ସକାଳରେ ପୁଅଝିଅଙ୍କ ସମ୍ମିଳିତ କଣ୍ଠର କୋରସ୍ ମୋତେ ଅନ୍ୟମନସ୍କ କରିଦେଉଥିଲା । ମୁଁ ବି ସେମାନଙ୍କ ସ୍ୱର ସହିତ ସ୍ୱର ମିଳାଇ ଗାଉଥିଲି- 'ଆଜି ବସନ୍ତ ଜାଗ୍ରତ ଦ୍ୱାରେ, ତବ ଅବଗୁଣ୍ଠିତ କୁଣ୍ଠିତ ଜୀବନେ, କରନା ବିଡ଼ମ୍ବିତ ତାରେ' କିମ୍ବା ଚୈତ୍ରପବନେ, ମମଚିତ୍ତବନେ ବାନି ମଞ୍ଜରି ସଞ୍ଚରିୟା ଓଗୋ ଲଳିତା ଇତ୍ୟାଦି । ସେଦିନର ସ୍ମୃତିର ସ୍ପନ୍ଦନ ଏବେ ମଧ୍ୟ ବେଳେବେଳେ ମୋର ସମଗ୍ର ଚେତନାକୁ ଆଚ୍ଛନ୍ନ କରିଦିଏ । କବିଗୁରୁ ରବୀନ୍ଦ୍ରନାଥଙ୍କ ସାଧନାର ପୀଠ ଶାନ୍ତିନିକେତନ । ତାହାଥିଲା ତାଙ୍କର ସ୍ୱପ୍ନର ଚାରଣ ଭୂମି । ଶାନ୍ତିନିକେତନର ପାଠପଢ଼ା ସକାଳ ସାତଟାରୁ ଆରମ୍ଭ ହୋଇଯାଏ । ଖୋଲା ଆକାଶ ତଳେ ଗଛ ମୂଳରେ ନିର୍ମିତ ସିମେଣ୍ଟ ବେଦୀ ଉପରେ କ୍ଲାସ୍ ସବୁ ହୁଏ । ଲିଙ୍ଗୁଇଷ୍ଟିକସ୍ କ୍ଲାସ୍, ଲୋକସାହିତ୍ୟ କ୍ଲାସ୍ ଏବଂ ସର୍ବୋପରି କବିତାର କ୍ଲାସରେ ଧ୍ୟାନମଗ୍ନ ହୋଇ ବସି ରହିବାକୁ ହେଉଥିଲା । ଆମ୍ରକୁଞ୍ଜ କିମ୍ବା ଶାଳ ବିଥି ଆଡୁ ଭାସିଆସୁଥାଏ ଛୋଟ ଛୋଟ ପିଲାଙ୍କର ଗୀତର କୋରସ୍ - 'ଆଲୋ ଆମାର ଆଲୋ ଓଗୋ ଆଲୋ ଭୁବନଭରା' - କିମ୍ବା 'ତୁମି ଡାକ୍ ଦିଏଛ କୋନ୍ ସକାଲେ କେଉ ତା ଜାନନା' ଆଦି ସଙ୍ଗୀତର ମୂର୍ଚ୍ଛନା । ମନ୍ତ୍ରମୁଗ୍ଧ ହୋଇଯାଏ ମୁଁ । ମୁଁ ଯେମିତି ପକ୍ଷୀଟିଏ ହୋଇଯିବି କି ଆଉ । ବାଧାବନ୍ଧନ କିଛି ନ ମାନି ଶାନ୍ତିନିକେତନ ଆକାଶରେ ଚକ୍କରକାଟି ଘୂରି ବୁଲିବି ।

ପ୍ରତି ମୁହୂର୍ତ୍ତରେ ଏକ ଅଭିନବ ଭାବନା ମୋତେ ଘାରୁଥିଲା ଯେମିତି । ତାରୁଣ୍ୟ ଭିତରେ ଯେଉଁ ସ୍ପନ୍ଦନ ଲୁଚି ରହିଥାଏ ତାହା ଦେଖା ନଗଲେ ବି ଅନୁଭବ କରିହୁଏ । ସ୍ଥାପତ୍ୟ ପରି ସୁନ୍ଦର ସେଦିନ ସବୁ । ମୁଗ୍ଧ ହେବାର ମୁହୂର୍ତ୍ତ, ଜୀବନ ଭିତରେ ଜୀବନ ଖୋଜିବାର ପରମଲଗ୍ନ ଯେମିତି ସେଦିନ ମୋ ହାତ ପାଆନ୍ତାରେ ଥିଲା । ଜୀବନ ପ୍ରତି ଅଙ୍ଗୀକାରବଦ୍ଧତା, ଜୀବନକୁ ଭଲ ପାଇବାର, ସଂପୂର୍ଣ୍ଣ ଭାବରେ ଜୀଇଁବାର ଲଗ୍ନ ବୋଧହୁଏ ଶାନ୍ତିନିକେତନ ହିଁ ପ୍ରଥମେ ମୋତେ ଶିଖାଇ ଥିଲା । ଆତ୍ମାର ଆଲୋଡ଼ନ ଭିତରେ, ଗୋଧୂଳିର ଝୁରୁଝୁରୁ ବାସ୍ନା ଭିତରେ ମୁଁ ଶାନ୍ତିନିକେତନ ପ୍ରେମରେ ଆତ୍ମଲୀନ ହୋଇଗଲି । ଶାନ୍ତିନିକେତନ ସମ୍ପର୍କରେ କବିତା ଲେଖିଲି, ଗୀତ ବି ଲେଖିଲି । ସବୁ ଗୀତ ସବୁ କବିତା ଆଜି ସ୍ଥାପତ୍ୟ ପାଲଟି ଯାଇଛି ମୋ ଭିତରେ । ଏହା ଜୀବନର ଶୋକ ସହିତ, ଆନନ୍ଦ ସହିତ ଏବଂ ମାୟା ସହିତ ଏକାକାର ହୋଇଯାଇଛି - ଏହି ଆତ୍ମବିସ୍ମୃତ ହେବାର ମୁହୂର୍ତ୍ତ, ଆତ୍ମମଗ୍ନ ହେବାର ମୁହୂର୍ତ୍ତ ତ ଶାନ୍ତିନିକେତନର କବିତାର ମୁହୂର୍ତ୍ତ । ତାରୁଣ୍ୟର ଆବେଗମୟ ମୁହୂର୍ତ୍ତ ।



ଶିଳ୍ପୀ ରାମକିଙ୍କର ବେଜଙ୍କ ଦ୍ୱାରା ନିର୍ମିତ ଶାନ୍ତିନିକେତନର ସ୍ଥାପତ୍ୟ ନିକଟରେ ଲେଖିକା

ଜୀବନର ଅନେକ ଦ୍ୱିଧାଗ୍ରସ୍ତ ମୁହୂର୍ତ୍ତକୁ ମୁଁ ମନେ ରଖିପାରିନାହିଁ । କିନ୍ତୁ ଶାନ୍ତିନିକେତନର ସେହି ତାରୁଣ୍ୟର ଦିନସବୁ ମୋ ସ୍ମୃତିରେ ସଞ୍ଚିତ ହୋଇ ରହିଛି । ମୁଁ ତ ଏଇ ଅମୃତ ସାଗରର ଜଳବିନ୍ଦୁଟିଏ ମାତ୍ର । ଏଇ ତୀର୍ଥଭୂମିକୁ ବାରମ୍ବାର ଆସିଛି ଅତିଥି ହୋଇ ଭିନ୍ନ ଭିନ୍ନ ପରିବେଶରେ ଭିନ୍ନ ଭିନ୍ନ ସମୟରେ । କେତେବେଳେ ନ୍ୟାସନାଲ୍ ସେମିନାର ତ କେତେବେଳେ କବିତା ପଢ଼ିବାର ନିମନ୍ତ୍ରଣ ପାଇଛି ଶାନ୍ତିନିକେତନରୁ । ଏଇ ତୀର୍ଥକୁ ବାରମ୍ବାର ଆସି ମୋର ହଜିଯାଇଥିବା ସେହି ପୁରୁଣା ଦିନ ସବୁକୁ ଅତି ବ୍ୟାକୁଳ ହୋଇ ଖୋଜିଛି । ଖୋଆଇ କୁପାଇ କୂଳକୁ ଯାଇଛି - ଅତୀତର ସେହି ସଜଳ ମେଘର ଛାଇକୁ ଆଉଥରେ ମନରେ ଧରି ରଖିବାକୁ ଚେଷ୍ଟା କରିଛି ।

ଆଉଥରେ ମୋର ବିଦେଶିନୀ ପ୍ରିୟ ବାନ୍ଧବୀ ମରିସସ୍ ଲଳନା ଦମୟନ୍ତୀର ଠିକଣା ପାଇଁ ବ୍ୟସ୍ତ ହୋଇଛି । ଜୀବନର ଉଠାଣିଗଡ଼ାଣିରେ କେତେବେଳେ ଠିକଣା କୁଆଡ଼େ ଯେ ହଜିଗଲା ଭାବିଲେ ଆଜି ମନ ବିଷାଦରେ ଭରିଯାଏ । ସେହି ହଜିଯାଇଥିବା ତାରୁଣ୍ୟର ଦିନମାନଙ୍କରେ କିପରି ଏକ ରୋମାଣ୍ଟିକ୍ ଏଗୋନି ଯେମିତି ମିଶି ରହିଛି । ହୁଏତ ମୁଁ ନ ଥିବି । ସେହି ମୁଗ୍ଧ ମଧୁର ତାରୁଣ୍ୟର ଦିନ ସବୁ ଝରାପତ୍ରର କାରୁଣ୍ୟ ଭିତରେ, ଗୋଧୂଳିର ଶେଷ ଲଗ୍ନରେ ଜଳି ଉଠିବ ତାରା ହୋଇ, ଓଁକାର ଧ୍ୱନି ହୋଇ । ଯେତେ ଚେଷ୍ଟା କଲେ ତାହା ଭୁଲିପାରିବିନି ।

ଶାନ୍ତିନିକେତନ ଆମ ଅସ୍ତିତ୍ୱର ମହାକାବ୍ୟ । ଶାନ୍ତିନିକେତନ କେବଳ ସ୍ଥାନକୁ ଚିହ୍ନିତ କରେ ନାହିଁ । ଚେତନାକୁ ଉଦ୍‌ବେଳିତ କରେ । ଅସ୍ତିତ୍ୱକୁ ବ୍ୟାପକତା ଆଣିଦେବାରେ ସାହାଯ୍ୟ କରେ । ଏହା ଜୀବନର ଉତ୍ତରଣ ନିମନ୍ତେ ବାଟ ଦେଖାଏ । ବିଶ୍ୱଭାରତୀର ଐତିହ୍ୟରେ ବିଦ୍ୟାଭବନ ଏବଂ ସଂଗୀତ ଭବନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

କବି ରବୀନ୍ଦ୍ରନାଥ ମାତ୍ର ପାଞ୍ଚ ଛଅ ଜଣ ପିଲାଙ୍କୁ ଘେନି ଶାନ୍ତିନିକେତନଠାରେ ଯେଉଁ ଆଶ୍ରମ ସ୍କୁଲ୍ ବା ବ୍ରହ୍ମଚର୍ଯ୍ୟାଶ୍ରମ ଆରମ୍ଭ କରିଥିଲେ, ପରେ ତାହା 'ପାଠ ଭବନ' ନାମରେ ନାମିତ ହୋଇଥିଲା । ମହର୍ଷି ଦେବେନ୍ଦ୍ରନାଥ କରି ଯାଇଥିବା ଟ୍ରଷ୍ଟରୁ ଏହା ବାର୍ଷିକ ଅର୍ଥ ସାହାଯ୍ୟ ପାଉଥିଲା। ଦେଶର ଅନ୍ୟାନ୍ୟ ସ୍କୁଲ୍ ଠାରୁ ଏହା ଥିଲା ନାନା ଦିଗରୁ ନିଆରା । ଏହାର ପାଠ୍ୟକ୍ରମ ସାଧାରଣ ପ୍ରଥାବଦ୍ଧ ନ ଥିଲା । ନାଚ, ଗୀତ, ଚିତ୍ରକଳାଦି ମାଧ୍ୟମରେ ଏହା ପିଲାମାନଙ୍କର ଆନନ୍ଦମୟ ସର୍ଜନାତ୍ମକ ଆତ୍ମପ୍ରକାଶ ଉପରେ ଗୁରୁତ୍ୱ ପ୍ରଦାନ କରୁଥିଲା । ମୁକ୍ତାକାଶ ତଳେ ବୃକ୍ଷଲତାର ଛାୟାରେ ପାଠପଢ଼ା ହେଉଥିଲା । ଶିକ୍ଷକ ଓ ଶିକ୍ଷାର୍ଥୀମାନେ ଘନିଷ୍ଠ ଭାବରେ ପରସ୍ପର ସହିତ ମିଳାମିଶା କରୁଥିଲେ । ୧୯୧୩ ମସିହାରେ ରବୀନ୍ଦ୍ରନାଥ ନୋବେଲ୍ ପୁରସ୍କାର ଲାଭ କଲା ପରେ ପୃଥିବୀର ବିଭିନ୍ନ ଦେଶ ଭ୍ରମଣ କରିବାର ସୁଯୋଗ ପାଇଥିଲେ । ଏତିକିବେଳେ ତାଙ୍କ ମନରେ ଶାନ୍ତିନିକେତନରେ ଏକ ପ୍ରାଚ୍ୟ ସଂସ୍କୃତିର କେନ୍ଦ୍ର ସ୍ଥାପନର ପରିକଳ୍ପନା ଦାନା ବାନ୍ଧିଥିଲା । ତାହା ହିଁ ରୂପ ଲାଭ କଲା 'ବିଶ୍ୱଭାରତୀ' ନାମରେ । ରବୀନ୍ଦ୍ରନାଥ କେବଳ ପ୍ରାଥମିକ ଶିକ୍ଷା ଉପରେ ଗୁରୁତ୍ୱ ଦେଇ ନ ଥିଲେ, ଉଚ୍ଚ ଶିକ୍ଷା ଓ ଗବେଷଣା ଉପରେ ମଧ୍ୟ ଉପଯୁକ୍ତ ଧ୍ୟାନ ଦେଇଥିଲେ । ୧୯୧୮ ମସିହାରେ ସେ ବିଶ୍ୱଭାରତୀର ରୂପରେଖ ବ୍ୟକ୍ତ କରିଥିଲେ ହେଁ, ତିନିବର୍ଷ ପରେ ତାହା ବିଧିବଦ୍ଧ ଭାବରେ ପ୍ରତିଷ୍ଠିତ ହୋଇଥିଲା । ଏକ ପଞ୍ଜୀକୃତ ସାଂସ୍କୃତିକ ସଂସ୍ଥା ଭାବରେ 'ବିଶ୍ୱଭାରତୀ ସୋସାଇଟି' ଗଠିତ ହେଲା ୧୯୨୧ ମସିହା ଡିସେମ୍ବର ମାସ ୨୩ ତାରିଖରେ । ଏହାର ଶିରୋବାଣୀ ହେଉଛି- 'ଯତ୍ର ବିଶ୍ୱଂ ଭବତ୍ୟେକନୀଡମ୍' ଅର୍ଥାତ୍ ବିଶ୍ୱ ଯେଉଁଠି ଗୋଟିଏ ନୀଡ଼ରେ ବସା ବାନ୍ଧିଛି ।

ଶାନ୍ତିନିକେତନଠାରେ ଆଶ୍ରମ ସ୍କୁଲ ବା ବ୍ରହ୍ମଚର୍ଯ୍ୟାଶ୍ରମ ପ୍ରତିଷ୍ଠାର ପ୍ରାୟ ଆଠ ବର୍ଷ ପରେ ପଣ୍ଡିତ ଗୋପବନ୍ଧୁ ଦାସ ପୁରୀ ସତ୍ୟବାଦୀଠାରେ ସେହଭଳି ଏକ ସ୍ୱତନ୍ତ୍ର ଧରଣର ସ୍କୁଲ୍ 'ସତ୍ୟବାଦୀ ବନବିଦ୍ୟାଳୟ' (୧୯୦୯-୨୧) ପ୍ରତିଷ୍ଠା କରିଥିଲେ । ଜାତୀୟ ଶିକ୍ଷା ସଂସ୍କୃତି କ୍ଷେତ୍ରରେ ଏକ କ୍ରାନ୍ତିକାରୀ ଆଭିମୁଖ୍ୟ ଘେନି ଏହି ମଣିଷ ଗଢ଼ା କାରଖାନାଟି ଆରମ୍ଭ କରାଯାଇଥିଲା ।

ଗୋପବନ୍ଧୁ ନିଜେ ଶାନ୍ତିନିକେତନ ଯାଇ ସେଠାକାର ଶିକ୍ଷା ବ୍ୟବସ୍ଥା, ଆନୁଷ୍ଠାନିକ ରୀତିନୀତି ପ୍ରତ୍ୟକ୍ଷ କରିଥିଲେ ଏବଂ 'ସତ୍ୟବାଦୀ' ପତ୍ରିକାରେ ଏ ବିଷୟରେ ଏକ ଦୀର୍ଘ ପ୍ରବନ୍ଧ ଲେଖି ପ୍ରକାଶ କରାଇଥିଲେ । ବିଶ୍ୱଭାରତୀରେ କେବଳ ପ୍ରାଚ୍ୟ ସଂସ୍କୃତିର ଆଲୋଚନା-ଚର୍ଚ୍ଚା ଓ ଗବେଷଣା ଚାଲିଲା ନାହିଁ, ପାଶ୍ଚାତ୍ୟ ଜ୍ଞାନ-ବିଜ୍ଞାନର ବିଚାର-ବିମର୍ଶ ମଧ୍ୟ ପ୍ରଚଳିତ ହେଲା । ହିନ୍ଦୁ ଦର୍ଶନ, ମଧ୍ୟଯୁଗୀୟ ରହସ୍ୟବାଦ, ଇସଲାମୀ ସଂସ୍କୃତି, ହିନ୍ଦୁସ୍ଥାନୀ ସାହିତ୍ୟ, ବଙ୍ଗଳା ସାହିତ୍ୟ ଓ ଇତିହାସ, ବୈଦିକ ଓ କ୍ଲାସିକାଲ୍ ସଂସ୍କୃତ, ପାଲି, ପ୍ରାକୃତ, ଚୀନା ଓ ତିବ୍‌ବତୀୟ ସଂସ୍କୃତି, ଇଂରାଜୀ, ଜର୍ମାନ୍, ଲାଟିନ୍ ଆଦି ସାହିତ୍ୟ ଚର୍ଚ୍ଚାର ବିଷୟ ରୂପେ ସ୍ଥାନଲାଭ କଲା । ୧୯୨୧ରେ ଶାନ୍ତିନିକେତନରେ 'କଳା ଭବନ' ପ୍ରତିଷ୍ଠିତ ହେଲା । ପ୍ରଥମେ ଏହା ଚାରୁକଳା ଓ ନୃତ୍ୟ ସଙ୍ଗୀତର ମିଳିତ ପ୍ରତିଷ୍ଠାନ ଥିଲା, କିନ୍ତୁ ବିଦ୍ୟା ବା ବିଷୟ ଯୋଡ଼ିକର ଗୁରୁତ୍ୱ ଓ ସ୍ୱତନ୍ତ୍ରତା ହେତୁ ୧୯୩୪ ଏହାକୁ 'କଳାଭବନ' ଓ 'ସଙ୍ଗୀତଭବନ' ନାମରେ ଦୁଇଟି ସ୍ୱତନ୍ତ୍ର ବିଭାଗରେ ପରିଣତ କରି ଦିଆଗଲା ।

କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ହେବା ପୂର୍ବରୁ ବିଶ୍ୱଭାରତୀର ବିଭିନ୍ନ ବିଭାଗରେ ଶିକ୍ଷାଦାନ କରାଯାଉଥିଲା, କିନ୍ତୁ ତାହା ଅନ୍ୟାନ୍ୟ ବିଶ୍ୱବିଦ୍ୟାଳୟ ପରି ଗତାନୁଗତିକ ନଥିଲା।

ବ୍ରହ୍ମଚର୍ଯ୍ୟାଶ୍ରମ ତଥା ବିଶ୍ୱଭାରତୀ ଆରମ୍ଭରୁ ଦେଶ ବିଦେଶର ବହୁ ବିଖ୍ୟାତ ଜ୍ଞାନୀ ଗୁଣୀ ପଣ୍ଡିତ ବ୍ୟକ୍ତି ରବୀନ୍ଦ୍ରନାଥଙ୍କ ଆହ୍ୱାନକ୍ରମେ ସେଠାକୁ ଆସି ଶାନ୍ତିନିକେତନରେ ଯୋଗ ଦେଇଥିଲେ । ଭାରତୀୟ ବିଦ୍ୱାନ୍‌ଙ୍କ ମଧ୍ୟରେ ଥିଲେ- ହରିଚରଣ ବନ୍ଦ୍ୟୋପାଧ୍ୟାୟ, ଜଗଦାନନ୍ଦ ରାୟ, ପଣ୍ଡିତ ବିଧୁଶେଖର ଶାସ୍ତ୍ରୀ, ବ୍ରହ୍ମବାନ୍ଧବ ଉପାଧ୍ୟାୟ, କ୍ଷିତିମୋହନ ସେନ୍, ଅଜିତ କୁମାର ଚକ୍ରବର୍ତ୍ତୀ, ନିତ୍ୟାନନ୍ଦ ବିନୋଦ ଗୋସ୍ୱାମୀ ପ୍ରମୁଖ । କଳା ଭବନ ସହ ସଂଯୁକ୍ତ ଥିଲେ- ଅବନୀନ୍ଦ୍ର ନାଥ ଠାକୁର, ନନ୍ଦଲାଲ୍ ବସୁ, ବିନୋଦ ବିହାରୀ ମୁଖାର୍ଜୀ, ରାମକିଙ୍କର ବେଜ୍ ପ୍ରମୁଖ ବିଖ୍ୟାତ ଚିତ୍ରଶିଳ୍ପୀ ଏବଂ ଦୀନେନ୍ଦ୍ର ନାଥ ଠାକୁର, ଭୀମରାଓ ଶାସ୍ତ୍ରୀ, ଇନ୍ଦିରା ଦେବୀ ଚୌଧୁରାଣୀ, ଶାନ୍ତିଦେବ ଘୋଷଙ୍କ ଭଳି ସଙ୍ଗୀତ ଶିଳ୍ପୀଗଣ ସଂଯୁକ୍ତ ଥିଲେ ସଙ୍ଗୀତ ଭବନ ସହିତ । ସେହିପରି ବିଦେଶୀ ଜ୍ଞାନୀ-ଗୁଣୀଙ୍କ ମଧ୍ୟରେ ଥିଲେ- ସି.ଏଫ୍.ଏଂଡ୍ରୁଜ୍, ଉଇଲିୟମ୍ ପିୟରସନ୍, ମରିଟଜ୍ ଉନିଟ୍‌ସ, ଭିନ୍‌ସେଣ୍ଟ ଲେସନି, ଷ୍ଟେନ୍ କୋନୋ, କାର୍ଲୋ ଫର୍ମିଚି, ଗ୍ୟୁସେପେ ଟୁ୍ୟସି ପ୍ରମୁଖ ।

*କ୍ରମଶଃ...*
*(ଅବଶିଷ୍ଟାଂଶ ଆସନ୍ତା କାଲି)*

**୧୨୫, ପ୍ରୀତମପୁରୀ, ଆଚାର୍ଯ୍ୟବିହାର**
**ଭୁବନେଶ୍ୱର-୭୫୧୦୧୩,**
**ମୋ-୦୯୪୩୭୦୧୧୦୦୩**

# ସମ୍ମାନଜନକ କର୍ମକ୍ଷେତ୍ରକୁ ପ୍ରୋତ୍ସାହିତ କରିବା



**ଡା. ଅଶୋକ କୁମାର ମହାନ୍ତି**

ଏକ ସମ୍ମାନଜନକ କର୍ମକ୍ଷେତ୍ର , ଏପରି ଏକ କର୍ମକ୍ଷେତ୍ର ଯେଉଁଠାରେ ସମସ୍ତ କର୍ମଚାରୀଙ୍କୁ ନ୍ୟାୟପୂର୍ଣ୍ଣ, ମର୍ଯ୍ୟାଦା ଓ ସମ୍ମାନର ସହିତ ବ୍ୟବହାର କରାଯାଏ ତଥା ପରିଷ୍କାର ଯୋଗାଯୋଗ, ସହଯୋଗ ଏବଂ ଗଠନମୂଳକ ଭାବରେ ଦ୍ୱନ୍ଦ୍ୱର ସମାଧାନ ପାଇଁ ପ୍ରତିବଦ୍ଧତା ସହିତ ସ୍ୱୀକୃତି ପ୍ରଦାନ କରାଯାଏ । ଏହା ସ୍ୱୀକାର୍ଯ୍ୟ ଯେ ବିଭିନ୍ନ ଜାତିଗତ ଏବଂ ଜାତିଗତ ପୃଷ୍ଠଭୂମିର ଲୋକମାନଙ୍କର ଅନନ୍ୟ ଆବଶ୍ୟକତା ଏବଂ ଦୃଷ୍ଟିକୋଣ ଥାଇପାରେ, ଯାହାକୁ କାର୍ଯ୍ୟକ୍ଷେତ୍ରରେ ବିଚାର କରାଯିବା ଉଚିତ । ସମ୍ମାନର ଅଭାବ ଏବଂ ନିମ୍ନ ସ୍ତରର ନକାରାତ୍ମକ ଆଚରଣ (ଯେପରିକି ଅସଭ୍ୟତା, ଅସଦାଚରଣ, ଓ ଅନ୍ୟମାନଙ୍କୁ ସ୍ୱୀକାର ନ କରିବା) - ଏକ କ୍ଷମତାହୀନ ଦଳର ପରିବେଶ, ସମ୍ପର୍କ ଭାଙ୍ଗିବା, ଉତ୍ପାଦକତାରେ ହ୍ରାସ ଏବଂ ମାନସିକ ଆଘାତର ଆଶଙ୍କା ସୃଷ୍ଟି କରିଥାଏ ।

ଏହା ଏପରି ଏକ ସ୍ଥାନ ଯେଉଁଠାରେ କର୍ମଚାରୀମାନେ ସୁରକ୍ଷିତ ତଥା ନିରାପଦ ଅନୁଭବ କରନ୍ତି, ଉତ୍ପୀଡ଼ନ, ଭେଦଭାବ ଏବଂ ହିଂସାରୁ ସୁରକ୍ଷିତ, ସେମାନଙ୍କ ପୃଷ୍ଠଭୂମି, ବୈଶିଷ୍ଟ୍ୟ କିମ୍ବା ବିଶ୍ୱାସ ନିର୍ବିଶେଷରେ ମର୍ଯ୍ୟାଦା, ସମ୍ମାନ ସହିତ ବ୍ୟବହାର କରାଯାଏ ଏବଂ ସେମାନଙ୍କର ସର୍ବୋତ୍ତମ ଯୋଗଦାନ ପାଇଁ ସଶକ୍ତ କରାଯାଏ ।

ଏହା କର୍ମଚାରୀଙ୍କ କଲ୍ୟାଣ , ଉତ୍ପାଦକତା ଏବଂ ସାମଗ୍ରିକ ସାଂଗଠନିକ ସଫଳତା ପାଇଁ ଅତ୍ୟାବଶ୍ୟକ । ଯେଉଁଠାରେ ସଚ୍ଚୋଟତା, ସାଧୁତା ଏବଂ ବୃତ୍ତିଗତତା ପ୍ରଦର୍ଶିତ ହୁଏ । ସଚ୍ଚୋଟତା ଏବଂ ସାଧୁତା ଦଳର ସଦସ୍ୟମାନଙ୍କୁ ପରସ୍ପର ସହିତ ଦୃଢ଼ ସମ୍ପର୍କ ଗଠନ କରିବାରେ ସାହାଯ୍ୟ କରିଥାଏ ।

ସମ୍ମାନଜନକ କର୍ମକ୍ଷେତ୍ର ଯାହା ଭୟ, ଭେଦଭାବ, ଅତ୍ୟାଚାର ଏବଂ ଶୋଷଣର ଅନୁପସ୍ଥିତି ଦ୍ୱାରା ବର୍ଣ୍ଣିତ ।

କର୍ମଚାରୀମାନେ ସେମାନଙ୍କର ଚିନ୍ତାଧାରା ଏବଂ ମତାମତ ଖୋଲାଖୋଲି ଏବଂ ସଚ୍ଚୋଟ ଭାବରେ ପ୍ରକାଶ କରିବାରେ ସହଜ ଅନୁଭବ କରନ୍ତି ।

ବିବାଦଗୁଡ଼ିକର ତୁରନ୍ତ ଏବଂ ନ୍ୟାୟସଙ୍ଗତ ଓ ନିରପେକ୍ଷ ସମାଧାନ କରାଯାଏ ଓ ପାରସ୍ପରିକ ସହମତ ସମାଧାନ ଖୋଜିବା ଉପରେ ଧ୍ୟାନ ଦିଆଯାଇଥାଏ ।

କର୍ମଚାରୀମାନଙ୍କୁ ସେମାନଙ୍କ କାମର ସମସ୍ତ ଦାୟିତ୍ୱ ବହନ କରିବାର କ୍ଷମତା ଦିଆଯିବା ସହିତ ସେମାନଙ୍କ କାର୍ଯ୍ୟ ପାଇଁ ମଧ ଦାୟୀ ରଖାଯାଇଥାଏ ।

ଅସମ୍ମାନଜନକ ଆଚରଣ ପାଇଁ ସ୍ୱଷ୍ଟ ନିର୍ଦ୍ଦେଶାବଳୀ ଏବଂ ପରିଣାମ ସ୍ଥାପନ କରିବା ଦ୍ୱାରା ସମସ୍ତଙ୍କ ପାଇଁ ଏକ ସୁରକ୍ଷିତ, ସମ୍ମାନଜନକ ପରିବେଶ ସୃଷ୍ଟି କରିଥାଏ ।

କର୍ମଚାରୀମାନଙ୍କୁ କର୍ମକ୍ଷେତ୍ରର ସମ୍ମାନ ରକ୍ଷା କରିବା ପାଇଁ ଚିନ୍ତା ଏବଂ ପରାମର୍ଶ ଦେବାକୁ ଅନୁମତି ଦେବା ପାଇଁ ନିୟମିତ ମତାମତ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଥାଏ ।

ଏକ ସମ୍ମାନଜନକ କର୍ମକ୍ଷେତ୍ର ଶ୍ରେଷ୍ଠ ପ୍ରତିଭାମାନଙ୍କୁ ଆକର୍ଷିତ କରେ ଏବଂ ସଂଗଠନର ଖ୍ୟାତି ବୃଦ୍ଧି କରେ ।

ସକାରାତ୍ମକ କାର୍ଯ୍ୟ ପରିବେଶକୁ ପ୍ରୋତ୍ସାହିତ କରୁଥିବା ସମ୍ମାନଜନକ କର୍ମକ୍ଷେତ୍ରଗୁଡ଼ିକ କର୍ମଚାରୀମାନଙ୍କୁ ସୁସ୍ଥ ରଖିବାରେ ସହାୟକ ହେବା ସହିତ ହୃଦରୋଗ ତଥା ଉଚ୍ଚ ରକ୍ତଚାପ ହ୍ରାସ ଏବଂ ଶରୀରର ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ ।

ଦଳ ମଧରେ ବିଶ୍ୱାସ ସୃଷ୍ଟି କରିବା ପାଇଁ ଦଳ ମୁଖ୍ୟମାନଙ୍କୁ ୧) ସଂଗଠନର ଯେକୌଣସି ବ୍ୟକ୍ତିଙ୍କ ସହିତ ଯୋଗାଯୋଗ ତଥା ଆଲୋଚନା କରିବା ସମୟରେ ଅଧିକ ଧ୍ୟାନ ଦେବାକୁ ପଡିବ ୨) ସେମାନଙ୍କୁ ସ୍ୱଷ୍ଟ ଏବଂ ସଂକ୍ଷିପ୍ତ ହେବାକୁ ପଡିବ, ଅସଭ୍ୟ ହେବାରୁ ନିବୃତ୍ତ ରହିବାକୁ ପଡିବ ୩) ଲୋକଙ୍କୁ କିପରି ପରିଚାଳନା କରିବେ ଏବଂ ଉତ୍ତମ ଆନ୍ତରିକ ସମ୍ପର୍କ ଗଠନ କରିବେ ତାହା ଆପଣଙ୍କ କର୍ମଚାରୀମାନଙ୍କୁ ଶିଖାଇବାକୁ ପଡିବ । ୪) ଯେକୌଣସି ପ୍ରକାରେ ବ୍ୟକ୍ତି କିମ୍ବା ଗୋଷ୍ଠୀକୁ ଯେପରି ବାଦ୍ ନ ଦିଆଯିବ ସେଥିପ୍ରତି ଧ୍ୟାନ ଦେବାକୁ ପଡିବ । ୫) ଆପଣଙ୍କଠାରୁ ଭିନ୍ନ ସହକର୍ମୀମାନଙ୍କ (ବୟସ, ଲିଙ୍ଗ, ଜାତି, ସଂସ୍କୃତି ଇତ୍ୟାଦି) ସହିତ ଉତ୍ତମ ସମ୍ପର୍କ ସ୍ଥାପନ କରିବାକୁ ଚେଷ୍ଟା କରନ୍ତୁ । ୬) ବ୍ୟକ୍ତିଗତ ତଥା ବୃତ୍ତିଗତ ଅଭିବୃଦ୍ଧି ପାଇଁ ଲୋକଙ୍କୁ ଉତ୍ସାହିତ କରନ୍ତୁ ଏବଂ ହଇରାଣ କିମ୍ବା ଅସମ୍ମାନଜନକ ବ୍ୟବହାର ପାଉଥିବା ସହକର୍ମୀଙ୍କୁ ସମର୍ଥନ କରନ୍ତୁ । ୭) ଦୟା, ଭଦ୍ରତା, ସହାନୁଭୂତି ଏବଂ କରୁଣାକୁ ପ୍ରୋତ୍ସାହିତ କରନ୍ତୁ । ୯) ସହକର୍ମୀଙ୍କୁ ମତାମତ ଏବଂ ଚିନ୍ତାଧାରା ପ୍ରକାଶ କରିବାକୁ ଉତ୍ସାହିତ କରନ୍ତୁ, ୧୧) କୃତଜ୍ଞତା ଦେଖାନ୍ତୁ, ସଚ୍ଚୋଟ ଏବଂ ଖୋଲାଖୋଲି ଭାବରେ ଯୋଗାଯୋଗ କରନ୍ତୁ। ୧୨) ଅନ୍ୟମାନଙ୍କର ସଫଳତାକୁ ପ୍ରଶଂସା କରନ୍ତୁ, ଉତ୍କର୍ଷକୁ ଚିହ୍ନନ୍ତୁ ଏବଂ ଏହାକୁ ପୁରସ୍କୃତ କରନ୍ତୁ । ୧୩) ଏକ ଖୋଲା ବିଶ୍ୱାସଭିତ୍ତିକ ସଂସ୍କୃତିକୁ ପ୍ରୋତ୍ସାହିତ କରନ୍ତୁ ଯେଉଁଠାରେ ବାସ୍ତବ ସମୟର ମତାମତ ଏବଂ ତାର୍କିକ ମତଭେଦକୁ ଉତ୍ସାହିତ କରାଯାଏ । ୧୪) ଦଳର ସଦସ୍ୟଙ୍କ ଚିନ୍ତାକୁ ସକ୍ରିୟ ଭାବରେ ଶୁଣନ୍ତୁ ଏବଂ ସେଗୁଡ଼ିକୁ ସମାଧାନ କରିବା ପାଇଁ ପ୍ରକୃତ ପ୍ରୟାସ କରନ୍ତୁ, ୧୫) ଦଳର ସଦସ୍ୟମାନଙ୍କୁ ନୂତନ କ୍ଷମତା ବିକାଶ କରିବାରେ ସାହାଯ୍ୟ କରନ୍ତୁ ଏବଂ ଆବଶ୍ୟକ ସମୟରେ ସେମାନଙ୍କୁ ସମର୍ଥନ କରି ସେମାନଙ୍କର ପୂର୍ଣ୍ଣ ସମ୍ଭାବନାକୁ ଉପଲବ୍ଧ କରାଇବାକୁ ସକ୍ଷମ କରନ୍ତୁ, ୧୬) ନିଜ ପାଇଁ ପ୍ରକୃତରେ ଚ୍ୟାଲେଞ୍ଜିଂ ଲକ୍ଷ୍ୟ ସ୍ଥିର କରନ୍ତୁ ଏବଂ ପ୍ରତିବଦ୍ଧ ଫଳାଫଳ ପ୍ରଦାନ କରନ୍ତୁ, ଇଚ୍ଛିତ ଫଳାଫଳ ହାସଲ କରିବା ପାଇଁ ପ୍ରକ୍ରିୟା ଉନ୍ନତିକୁ ଶୀଘ୍ର ଗ୍ରହଣ ଏବଂ କାର୍ଯ୍ୟକାରୀ କରନ୍ତୁ । ସମ୍ମାନଜନକ କର୍ମକ୍ଷେତ୍ର ନୀତି ଏବଂ ପ୍ରକ୍ରିୟାଗୁଡ଼ିକ କେବଳ ଉପଯୁକ୍ତ ଯୋଗ୍ୟତା, ଆବଶ୍ୟକତା ଏବଂ କାର୍ଯ୍ୟଦକ୍ଷତା ଉପରେ ଆଧାରିତ ନିଯୁକ୍ତି, ନିଯୁକ୍ତିରେ ସମାନ ସୁଯୋଗର ଏକ କାର୍ଯ୍ୟ ପରିବେଶ ପ୍ରଦାନ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ସୁଦୃଢ଼ କରେ ନାହିଁ, ବରଂ ଏକ ଅନ୍ତର୍ଭୁକ୍ତ ଏବଂ ବିବିଧ କର୍ମଶକ୍ତିକୁ ସମର୍ଥନ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ମଧ ସୁଦୃଢ଼ କରେ । ଏକ ଅନ୍ତର୍ଭୁକ୍ତ ପରିବେଶରେ ରହିବା ଅତ୍ୟନ୍ତ ଜରୁରୀ ଏବଂ ବାଞ୍ଛନୀୟ, ଯେଉଁଠାରେ ଆମର ବାକ୍ ସ୍ୱାଧୀନତା ଅଛି, ଆମେ ବିନା ଦ୍ୱିଧାରେ ପୂର୍ଣ୍ଣ ସମ୍ଭାବନା ସହିତ ମତାମତ ଦେଇପାରିବୁ । ଯେତେବେଳେ ଲୋକମାନେ କାର୍ଯ୍ୟକ୍ଷେତ୍ରରେ ମାନସିକ ସୁରକ୍ଷା ପାଆନ୍ତି, ସେମାନେ ନିଜେ ରହିବାକୁ ଆରାମଦାୟକ ଅନୁଭବ କରନ୍ତି । ଏକ ସମ୍ମାନଜନକ ସଂଗଠନ ବିବିଧତା ଏବଂ ସମାନତାକୁ ପ୍ରୋତ୍ସାହିତ କରେ, ଆଲୋଚନାକୁ ଉତ୍ସାହିତ କରେ ଏବଂ ସମସ୍ତ କର୍ମଚାରୀଙ୍କ ପାଇଁ ସଭ୍ୟତା ଉପରେ ଜୋର ଦିଏ, ସଂଗଠନ ଚାର୍ଟରେ ସେମାନଙ୍କର ସ୍ଥିତି ଯାହା ହେଉନା କାହିଁକି । ପ୍ରଭାବଶାଳୀ ଏବଂ ଲକ୍ଷ୍ୟ-କେନ୍ଦ୍ରିକ ପରିଚାଳକମାନେ କର୍ମଚାରୀମାନଙ୍କୁ ନିୟମିତ ଭାବରେ ଦକ୍ଷତା ଏବଂ ନୂତନ ପ୍ରଯୁକ୍ତି ବିଦ୍ୟା ବିକାଶ ଉପରେ ଧ୍ୟାନ ଦେବା ନିମନ୍ତେ ଗୁରୁତ୍ୱ ଦେଇଥାଆନ୍ତି । କର୍ମଚାରୀମାନେ ଯେତେବେଳେ ସେମାନଙ୍କର ପ୍ରତିବଦ୍ଧତା ଉପରେ ଧ୍ୟାନ ଦିଅନ୍ତି, ସେତେବେଳେ ସେମାନେ କାର୍ଯ୍ୟକ୍ଷେତ୍ରରେ ନକାରାତ୍ମକତାରେ ଲିପ୍ତ ହୁଅନ୍ତି ନାହିଁ ବା ପ୍ରୋତ୍ସାହିତ କରନ୍ତି ନାହିଁ । ବରଂ ସମସ୍ତଙ୍କ ମତାମତକୁ ସମ୍ମାନ ଦେବାକୁ ପସନ୍ଦ କରନ୍ତି । ଆପଣ ବିଭିନ୍ନ ଧାର୍ମିକ, ସାଂସ୍କୃତିକ ଏବଂ ଜାତୀୟ ପୃଷ୍ଠଭୂମିର ଲୋକଙ୍କ ସହିତ କାମ କରିବେ । ସମ୍ମାନ ସଂସ୍କୃତିକୁ ପ୍ରୋତ୍ସାହିତ କରେ ଏବଂ କର୍ମଚାରୀଙ୍କ ନିୟୋଜିତତାକୁ ବୃଦ୍ଧି କରିବାର ଅନ୍ୟ ଏକ ଉପାୟ ହେଉଛି କୌଣସି ପ୍ରକାରର ଭେଦଭାବକୁ ସହ୍ୟ କରିବା ନାହିଁ । ଆମର ମଙ୍ଗଳ ଏବଂ ସଫଳତା ପାଇଁ ସମ୍ମାନ ଏବଂ ଗର୍ବ ଉଭୟ ଗୁରୁତ୍ୱପୂର୍ଣ୍ଣ । ଯେତେବେଳେ ଆମେ ଅନ୍ୟମାନଙ୍କୁ ସମ୍ମାନ କରୁ ଏବଂ ପ୍ରତିବଦଳରେ ସମ୍ମାନ ଆଶା କରୁ, ଏହା ସକାରାତ୍ମକ ସମ୍ପର୍କ ଏବଂ ନିଜର ଭାବନାକୁ ବୃଦ୍ଧି କରିପାରେ । ଏକ କର୍ମକ୍ଷେତ୍ର ଯେଉଁଥିରେ ସମସ୍ତଙ୍କର ସମାନ ଅଂଶଗ୍ରହଣ ରହିଥାଏ, ତାହା ଅନନ୍ୟ ଚିନ୍ତାଧାରା ଏବଂ ସୃଜନଶୀଳତାର ଏକ ମିଶ୍ରଣ ହୋଇଥାଏ, ଯାହା ସର୍ବଦା ସଂଗଠନର କାର୍ଯ୍ୟଦକ୍ଷତା, ଉତ୍ପାଦକତା ଏବଂ ସଂସ୍କୃତି ପାଇଁ ସର୍ବଦା ସର୍ବୋତ୍ତମ ।

ମର୍ଯ୍ୟାଦା ଏବଂ ସମ୍ମାନଜନକ ବ୍ୟବହାର ସକାରାତ୍ମକ କାର୍ଯ୍ୟ ସଂସ୍କୃତିକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରେ ଯେଉଁଥିରେ କର୍ମଚାରୀମାନେ ପରିପୂର୍ଣ୍ଣ, ବିଶ୍ୱସ୍ତ, ନିୟୋଜିତ ଏବଂ ସେମାନଙ୍କର ସର୍ବୋତ୍ତମ କାର୍ଯ୍ୟ କରିବାକୁ ପ୍ରେରଣାପ୍ରାପ୍ତ ହୁଅନ୍ତି । କର୍ମକ୍ଷେତ୍ରରେ ସମ୍ମାନକୁ ପ୍ରାଥମିକତା ଦେଇ, ସଂଗଠନଗୁଡ଼ିକ ଏକ ଅଧିକ ନିୟୋଜିତ, ପ୍ରେରଣାଦାୟକ ଏବଂ ଉତ୍ପାଦନକ୍ଷମ କର୍ମଶକ୍ତି ସୃଷ୍ଟି କରିପାରିବେ, ଯାହା ସମ୍ପୃକ୍ତ ସମସ୍ତଙ୍କ ପାଇଁ ଉତ୍ତମ ଫଳାଫଳ ଆଣିପାରିବ ।

**ଟାଟା ମେନ୍ ହସପିଟାଲ୍, ନୂଆମୁଣ୍ଡି**
**ମୋ-୯୨୩୪୬୬୭୫୪୬**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପୁଞ୍ଜିଲାଲକୁ...

ଅନାଦେୟ ଅତିରିକ୍ତ ତିନି ମାସ ଜେଲ ଦଣ୍ଡ ଶୁଣାଇଛନ୍ତି ଅତିରିକ୍ତ ଜିଲ୍ଲା ଦୌରା ଜଜ ସୋନାଲି ପଟ୍ଟନାୟକ । ଏଥିସହ କ୍ରାଇମବ୍ରାଞ୍ଚ ପକ୍ଷରୁ ଉଭୟ ପକ୍ଷ ଓ ପ୍ରତିପକ୍ଷରୁ ୬୨ ଜଣଙ୍କ ସାକ୍ଷ୍ୟ,୧୦୦ ଟି ଦଲିଲ ଦସ୍ତାବିଜ,୫୨ ଟି ଆବଶ୍ୟକୀୟ ଉପକରଣ, ପୁଞ୍ଜିଲାଲ ମେହେର ଠାରୁ ଜବତ କରାଯାଇଥିବା ଲ୍ୟାପଟପ, ପେନ ଡ୍ରାଇଭ, ଡାଏରୀ, ମେମୋରୀ କାର୍ଡ ସହ ଅନ୍ୟାନ୍ୟ ଉପକରଣ କୋର୍ଟରେ ଦାଖଲ କରାଯାଇଥିଲା । ଏହି ମାମଲାରେ ଆମେ ସମସ୍ତ ତଥ୍ୟ ପ୍ରମାଣ ସଠିକ ଭାବରେ ଅଦାଲତଙ୍କୁ ଅବଗତ କରିପାରିଛୁ ଓ ଟିକିନିଖି ଭାବେ କୌଣସି ଦିଗକୁ ନ ଛାଡି ସମସ୍ତ ପ୍ରମାଣ ଦେଇଛୁ ଓ ଏଥିରେ ସମ୍ପୂର୍ଣ୍ଣ ଭାବେ ବୈଜ୍ଞାନିକ ପଦ୍ଧତିର ଉପଯୋଗ ଯୋଗୁଁ ହିଁ ପୁଞ୍ଜିଲାଲକୁ ଦୋଷୀ ସାବ୍ୟସ୍ତ କରିବାରେ ସଫଳ ହୋଇପାରିଛୁ ବୋଲି ସରକାରୀ ଓକିଲ ନିଜ ପକ୍ଷ ରଖିଛନ୍ତି । ଏହି ରାୟରେ ୨୧୦ ପୃଷ୍ଠାର ଅର୍ଡର ହୋଇଛି ବୋଲି ସରକାରୀ ଓକିଲ ଆଶିଷ ଚନ୍ଦନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଅନ୍ୟପଟେ ତତ୍କାଳୀନ ସରକାରୀ ଓକିଲ ତଥା ବର୍ତ୍ତମାନ ପୀଡିତା ପରିବାର ତରଫରୁ ମାମଲା ପରିଚାଳନା କରୁଥିବା ଓକିଲ ଚିତ୍ତରଞ୍ଜନ କାନୁନଗୋ ସୂଚନା ଦେଇଛନ୍ତି ଯେ ମୁଁ ମାମଲାର ଶୁଣାଣିରେ ବହୁତ ସନ୍ତୁଷ୍ଟ । ପୀଡିତା ପରିବାରକୁ ନ୍ୟାୟ ମିଳିଛି । ଆମେ କୋର୍ଟକୁ ଯେଉଁ ଯେଉଁ ଦଫାରେ ଚାର୍ଜସିଟ ଦେଇଥିଲୁ ଆମ ସବୁ ପ୍ରମାଣକୁ ଅଦାଲତ ଗ୍ରହଣ କରିଛନ୍ତି ଓ ପୁଞ୍ଜିଲାଲକୁ ଦୋଷୀ ସାବ୍ୟସ୍ତ କରି ଦୁଇଗୋଟି ଦଫାରେ ଆଜୀବନ କାରାଦଣ୍ଡ ମଧ୍ୟ ଶୁଣାଇଛନ୍ତି ବୋଲି କହିଛନ୍ତି । ଏହି ଶୁଣାଣିରେ ଆଜିର ଅର୍ଡର କୁ ଦେଖିଲେ ଅନ୍ୟ କିଛି ଅର୍ଡର ନ ବାହାରିବା ପର୍ଯ୍ୟନ୍ତ ମୃତ୍ୟୁ ପର୍ଯ୍ୟନ୍ତ ପୁଞ୍ଜିଲାଲ ଜେଲରେ ରହିବେ ବୋଲି କହିଥିଲେ ଶ୍ରୀ କାନୁନଗୋ ।

ଅନ୍ୟପଟେ ମୃତ ସୌମ୍ୟଶେଖରଙ୍କ ବାପା ରବୀନ୍ଦ୍ର ସାହୁ କହିଥିଲେ ଯେ ଆମକୁ ନ୍ୟାୟ ମିଳିଛି । ତଥାପି ମୋ ପୁଅକୁ ଆଉ କେହି ଫେରେଇ ଆଣି ପାରିବେ ନାହିଁ । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ,ତତ୍କାଳୀନ କ୍ରାଇମବ୍ରାଞ୍ଚ ଏଡିଜେ ଅରୁଣ ବୋଥ୍ରା, ଅନିଲ ଦାସ ପ୍ରମୁଖ ମୋତେ ବହୁତ ସହଯୋଗ କରିଛନ୍ତି ବୋଲି କହିବା ସହିତ ତାଙ୍କୁ ମୋ ତରଫରୁ ଧନ୍ୟବାଦ ଜଣାଉଛି ବୋଲି କହିଥିଲେ । ତଥାପି ଏଭଳି ଅପରାଧ ପାଇଁ ଯେତେ ଦଣ୍ଡ ଦେଲେ ମଧ୍ୟ କମ ହେବ ମୁଁ ବାପା ହିସାବରେ ତାକୁ ଫାଶୀ ମିଳୁ ବୋଲି ଚାହୁଁଥିଲି କିନ୍ତୁ ଆଇନକୁ ସମ୍ମାନ ଜଣାଇ ଅଦାଲତ ଯେଉଁ ରାୟ ଶୁଣାଇଛନ୍ତି ମୁଁ ସନ୍ତୁଷ୍ଟ ବୋଲି କହିଛନ୍ତି । ପୁଞ୍ଜିଲାଲ ମୃତ୍ୟୁ ପର୍ଯ୍ୟନ୍ତ ଜେଲରେ ଥାଇ ନିଜ କର୍ମଫଳ ଭୋଗିବ ବୋଲି କହିଥିଲେ ମୃତ ସୌମ୍ୟଙ୍କ ବାପା ଶ୍ରୀ ସାହୁ ।

ଆଜି ସକାଳ ପ୍ରାୟ ୮ ସମୟରେ ପୁଞ୍ଜିଲାଲ ମେହେରଙ୍କୁ କଡା ସୁରକ୍ଷା ମଧ୍ୟରେ ବଲାଙ୍ଗିର ଜେଲରୁ ପାଟଣାଗଡ଼ କୋର୍ଟ କୁ ଅଣାଯାଇଥିଲା । ଶୁଣାଣି ସମୟରେ ପୁଞ୍ଜିଲାଲ ଆଖିରୁ ଲୁହ ବାହାରିଥିଲା । କୋର୍ଟ ପରିସରରୁ ବାହାରିବା ସମୟରେ ପୁଞ୍ଜିଲାଲ ଗଣମାଧ୍ୟମକୁ କହିଥିଲା ମୋତେ ଫସାଇ ଦିଆଯାଇଛି ମୁଁ ସମ୍ପୂର୍ଣ୍ଣ ନିର୍ଦ୍ଦୋଶ ଓ ଗଣମାଧ୍ୟମ ଉପରେ ଦୋଷ ଦେଇ ନାଲି ଆଖି ଦେଖାଇଥିଲା । ଏହି ମାମଲାର ଚୂଡାନ୍ତ ରାୟ ଆଜି ପ୍ରକାଶ ପାଇବା ଜାଣି କୋର୍ଟ ପରିସର ଲୋକାରଣ୍ୟ ହୋଇପଡ଼ିଥିଲା । ଏହି ରାୟ ଉପରେ ଜନସାଧାରଣ ସନ୍ତୁଷ୍ଟ ଥିବାବେଳେ କେହି କେହି ପୁଞ୍ଜିଲାଲକୁ ଫାଶୀ ମିଳିବା କଥା ବୋଲି ଆଲୋଚନା କରୁଥିବା ଦେଖିବାକୁ ମିଳିଥିଲା । ଆଜିର ରାୟକୁ ଆଖି ଆଗରେ ରଖି ପୋଲିସ ପକ୍ଷରୁ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା । ମୃତ ସୌମ୍ୟଶେଖରଙ୍କ ଘରେ ମଧ୍ୟ ସୁରକ୍ଷା ଦୃଷ୍ଟିରୁ ପୋଲିସ ମୁତୟନ କରାଯାଇଥିଲା । ପ୍ରକାଶ ଥାଉକି ଗତ ୧୮ ଫେବୃଆରୀ ୨୦୧୮ ରେ ପାଟଣାଗଡରେ ପାର୍ସଲ ବୋମା ବିସ୍ଫୋରଣ ଘଟଣା ଘଟିଥିଲା। ଏଥିରେ ସୌମ୍ୟ ଶେଖର ସାହୁ ଓ ତାଙ୍କ ଜେଜେ ମା'ଙ୍କ ମୃତ୍ୟୁ ହୋଇଥିବାବେଳେ ସୌମ୍ୟ ଶେଖରଙ୍କ ନବବିବାହିତ ପତ୍ନୀ ରୀମାରାଣି ସାହୁ ଗୁରୁତର ଆହତ ହୋଇଥିଲେ। ପାର୍ସଲ ବୋମା ପଠାଇବା ସହ ଘଟଣାର ଏକମାତ୍ର ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କ ବିରୋଧରେ ସେହି ଦିନଠାରୁ ପାଟଣାଗଡ ଅତିରିକ୍ତ ଦୌରାଜଜ୍ କୋର୍ଟରେ ମାମଲା ଚାଲିଥିଲା। ଆଜି ଏହାର ପୂର୍ଣ୍ଣଚ୍ଛେଦ ପଡିଛି।

## ଓଡ଼ିଶା...

ସେହିଭଳି ସ୍ୱାସ୍ଥ୍ୟ ବିଭାଗର ଓଡ଼ିଶା ଚକ୍ଷୁ ଚିକିତ୍ସା ସେବା(ନିଯୁକ୍ତି ପ୍ରଣାଳୀ ଓ ସେବା ସର୍ତ୍ତ) ନିୟମାବଳୀ ୨୦୨୫ ଅନୁମୋଦନ ହୋଇଛି । ଏହି ଅନୁମୋଦନ ଅନୁଯାୟୀ ଚକ୍ଷୁ ଚିକିତ୍ସା ସେବାରେ ଥିବା ମୂଳ ପଦବୀ ୩୩୮ଟି ସମେତ ମୋଟ୍ ୫୩୮ ପଦବୀ ସୃଷ୍ଟି କରାଯାଇଛି । ଏଥିସହ ମୂଳ ପଦବୀରେ ୧୪୧ଟି ନୂତନ ପଦବୀ ସୃଷ୍ଟି ହେବ । ପଦୋନ୍ନତି ଭିତ୍ତିରେ ପଦାନୁକ୍ରମରେ ବିଭିନ୍ନ ପଦବୀ ପୂରଣ ପାଇଁ ୨୦୦ ପବଦୀ ସୃଷ୍ଟି କରାଯାଇଛି । ଓଡ଼ିଶା ଚକ୍ଷୁ ଚିକିତ୍ସା ସେବା ବର୍ଗ ସ୍ୱତନ୍ତ୍ର ଭାବେ ସୃଷ୍ଟି କରାଯାଇଛି । ଜୋରନ୍ଦା ସ୍ଥିତ ମହିମା ଗାଦିରେ ଉନ୍ନତିମୂଳକ କାର୍ଯ୍ୟ ଭବ୍ୟ ଶୂନ୍ୟ ମଣ୍ଡପ ନିର୍ମାଣ କରିବା ନିଷ୍ପତ୍ତି ଅନୁମୋଦନ ହୋଇଛି । ଏଥିଲାଗି ୧୭୧ କୋଟି ୧୧ ଲକ୍ଷ ଟଙ୍କାର ଟେଣ୍ଡରକୁ ଅନୁମୋଦନ କରାଯାଇଛି । ୩୬ ମାସ ମଧ୍ୟରେ ସମ୍ପୂର୍ଣ୍ଣ କାର୍ଯ୍ୟ ସାରିବାକୁ ନିଷ୍ପତ୍ତି ନିଆଯାଇଛି । ଓଡ଼ିଶା ବେସାମରିକ ସେବା (ସର୍ବୋଚ୍ଚ ବୟସ ସୀମା ସ୍ଥିରୀକରଣ) ନିୟମାବଳୀ ୧୯୮୯ର ସଂଶୋଧନ କରାଯାଇଛି । ସଂଶୋଧିତ ପ୍ରସ୍ତାବ ଅନୁଯାୟୀ ଏହି ସେବାରେ ପ୍ରବେଶ ପାଇଁ ବୟସ ସୀମା ପୂର୍ବରୁ ୩୨ ଥିଲା । ତେବେ ସର୍ବୋଚ୍ଚ ବୟସ ସୀମାକୁ ବୃଦ୍ଧି ପାଇଁ ବିଭିନ୍ନ ମହଲରୁ ଦାବି ହେବାରୁ ଏହାକୁ ୪୨ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି ଲାଗି ନିଷ୍ପତ୍ତି ନିଆଯାଇଛି । କେବଳ ଯେଉଁ ପଦବୀୟୁନିଫର୍ମ ସେବା ସହ ଜଡିତ ଓ ଶାରୀରିକ ଦକ୍ଷତା ପରୀକ୍ଷା ରହିଛି ତାହା ବାଦ୍ ଦିଆଯାଇଛି । ସର୍ବୋଚ୍ଚ ବୟସ ସୀମା ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ସାମାଜିକ ଓ ଶିକ୍ଷାଗତ ପଛୁଆବର୍ଗ, ମହିଳା, ଅବସରପ୍ରାପ୍ତ ସୈନିକ ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କ କ୍ଷେତ୍ରରେ ସରକାରଙ୍କ ଦ୍ୱାରା ବିଭିନ୍ନ ସମୟରେ ଜାରି ହେଉଥିବା ନିୟମାବଳୀ ନେଇ କୋହଳ କରାଯିବ ।

## ୧୫ ଦିନ...

ଏହା ପ୍ରଭାବରେ ସାରା ରାଜ୍ୟରେ ପ୍ରବଳ ବର୍ଷା ଜାରି ରହିଛି ।

ପାଣିପାଗ ବିଶେଷଜ୍ଞଙ୍କ କହିବାନୁଯାୟୀ, ପ୍ରକୃତରେ ମୌସୁମୀ ଏବଂ ବର୍ଷା ପାଇଁ ଦୁଇଟି ସ୍ଥିତି (ପ୍ରକୃତି) ଦାୟୀ । ଏଥିମଧ୍ୟରୁ ଗୋଟିଏ ହେଉଛି ଏଲ୍‌ନିନୋ ଏବଂ ଅନ୍ୟଟି ହେଉଛି ଲାନିନା । ଏଲ୍‌ନିନୋରେ ସମୁଦ୍ରର ତାପମାତ୍ରା ୩ରୁ ୪ ଡିଗ୍ରୀ ବୃଦ୍ଧି ପାଏ । ସାଧାରଣତଃ ଏହି ଅବସ୍ଥାର ପ୍ରଭାବ ୧୦ ବର୍ଷରେ ଦୁଇଥର ଦେଖାଯାଏ । ଏହାର ପ୍ରଭାବରେ ପ୍ରବଳ ବର୍ଷା ହେଉଥିବା ଅଞ୍ଚଳରେ କମ୍ ବର୍ଷା ହୁଏ ଏବଂ କମ୍ ବର୍ଷା ହେଉଥିବା ଅଞ୍ଚଳରେ ଅଧିକ ବର୍ଷା ହୁଏ । ଅନ୍ୟପକ୍ଷରେ ଲାନିନା ସମୁଦ୍ର ଜଳକୁ ଦ୍ରୁତ ଗତିରେ ଥଣ୍ଡା କରିଥାଏ, ଯାହା ସାରା ବିଶ୍ୱର ପାଣିପାଗ ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ । ଏହାଦ୍ୱାରା ଆକାଶରେ ମାଳ ମାଳ ମେଘ ଦେଖାଯାଏ ଏବଂ ଭଲ ବର୍ଷା ସୃଷ୍ଟି କରେ ।

ଏଥର ଭାରତରେ ମୌସୁମୀ ଶୀଘ୍ର ଆସିବାର ମୁଖ୍ୟ କାରଣ ହେଉଛି ଆରବ ସାଗର ଏବଂ ବଙ୍ଗୋପସାଗରରେ ଆର୍ଦ୍ରତା ବୃଦ୍ଧି । ଏହି ସମୟ ମଧ୍ୟରେ ସମୁଦ୍ରର ତାପମାତ୍ରା ସ୍ୱାଭାବିକ ଅପେକ୍ଷା ଅଧିକ ରହିଥିଲା । ଯାହା ଫଳରେ ମୌସୁମୀ ବାୟୁ ଅଧିକ ସକ୍ରିୟ ହୋଇଥିଲା । ତା'ପରେ ପଶ୍ଚିମା ପବନ ବୋହିବା ଆରମ୍ଭ ସହ ଘୂର୍ଣ୍ଣିବଳୟ କାର୍ଯ୍ୟକଳାପ ଯୋଗୁଁ ମଧ୍ୟ ମୌସୁମୀକୁ ଆଗକୁ ବଢ଼ିବାରେ ସହାୟକ କରିଥିଲା । ଏହା ବ୍ୟତୀତ ସାରା ବିଶ୍ୱରେ ହେଉଥିବା ଜଳବାୟୁ ପରିବର୍ତ୍ତନ ମଧ୍ୟ ଏହି ପାଣିପାଗ ଢାଞ୍ଚାରେ ପରିବର୍ତ୍ତନର ଏକ ପ୍ରମୁଖ କାରଣ ।

## ଧାନ...

୪୩୬ ଟଙ୍କା, ହରଡ ଡାଲିର ଏମ୍‌ଏସ୍‌ପି ୪୫୦ ଟଙ୍କା ହୋଇଛି । ମୁଗ ଡାଲିର ଏମ୍‌ଏସ୍‌ପିରେ ୮୬ ଟଙ୍କା ବୃଦ୍ଧି ପାଇଛି । ବିରିରେ କ୍ୱିଣ୍ଟାଲ ପିଛା ଏମ୍‌ଏସ୍‌ପି ୪୦୦ ଟଙ୍କା ଅଧିକ ବୃଦ୍ଧି ହୋଇଥିବାବେଳେ ହାଇବ୍ରିଡ୍ ଜଅର କ୍ୱିଣ୍ଟାଲ ପିଛା ଦାମ୍ ୩୬୯୯ ଟଙ୍କା ଓ ସାଧାରଣ ଜ'ଅର କ୍ୱିଣ୍ଟାଲ ପିଛା ଦାମ୍ ୩୭୪୯ରେ ପହଞ୍ଚିଛି । ବାଜରାର କ୍ୱିଣ୍ଟାଲ ପିଛା ଏମ୍‌ଏସ୍‌ପି ୨୭୭୫ ଟଙ୍କା ହୋଇଛି । କପାର ଏମ୍‌ଏସ୍‌ପି ୨୭୧୦ ଟଙ୍କା ହୋଇଛି ।

## ବିଶିଷ୍ଟ କଳାକାର ଶିଳ୍ପୀ ରାଜବଲ୍ଲଭ ସାହୁଙ୍କ ପରଲୋକ

ଜଳେଶ୍ୱର,(ସବ୍ୟୁ) : ରାଜ୍ୟର ବିଶିଷ୍ଟ କଳାକାର, କଳା ଶିକ୍ଷକ ଓ ଶିଳ୍ପୀ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଓଲିନ୍ଦା ଗାଁର ରାଜବଲ୍ଲଭ ସାହୁ(୭୦)ଙ୍କର ହୃଦରୋଗରେ ପରଲୋକ ଘଟିଛି। ଜଳେଶ୍ୱରରେ ଜନ୍ମିଥିଲେ ମଧ୍ୟ ବାସସ୍ଥାନ ସୋରର ଉତ୍ତରେଶ୍ୱରରେ ମୃତ୍ୟୁ ହେବପରେ ତାଙ୍କ ମରଶରୀର ଗାଁକୁ ଅଣାଯାଇଥିବାରୁ ଶହ ଶହ ଗ୍ରାମବାସୀ ଶେଷ ଦର୍ଶନ କରିଥିଲେ। ସେ ଜଣେ ମେଧାବୀ, କଳାପ୍ରିୟ, ମିଷ୍ଟଭାଷୀ, ସଂଗଠକ, ଶିଳ୍ପୀ ଓ ଛାତ୍ରବତ୍ସଳ ଭାବେ ବେଶ ପରିଚିତ ଥିଲେ। ବାପା ଯାନକି ବଲ୍ଲଭ, ଭାଇ ଓ ପୁଅ ଭାସ୍କର୍ଯ୍ୟ ଶିଳ୍ପୀ, ଚିତ୍ରଶିଳ୍ପୀ, ତୈଳ ଶିଳ୍ପୀ ଓ ସୋଲ ଶିଳ୍ପୀଭାବେ ପରିଚିତ ଥିବା ବେଳେ ସେ ରାଜ୍ୟ ଓ ରାଜ୍ୟ ବାହାରେ ନିଜର ପରିଚୟ ସୃଷ୍ଟି କରିପାରିଥିଲେ। ଅଗରପଡା ଉଚ୍ଚ ବିଦ୍ୟାଳୟ, ବାଗୁଡି ସିଟି ସ୍କୁଲରେ କଳା ଶିକ୍ଷକଭାବେ ନିଯୁକ୍ତ ହୋଇଥିବା ବେଳେ ୨୦୧୬ ସେପେଟମ୍ବର ମାସରେ ଅବସର ଗ୍ରହଣ କରି ଉତ୍ତରେଶ୍ୱର ଠାରେ ବସବାସ କରି ଆସୁଥିଲେ। ବାଲେଶ୍ୱରଠାରେ ବ୍ୟାସକବି ଫକୀରମୋହନ, ରାଉରକେଲାଠାରେ ବିର୍ଶାମୁଣ୍ଡା, ଚୂଡାମଣିପୁରଠାରେ ନିତ୍ୟାନନ୍ଦ ଗିରି ଓ ହରିଦ୍ୱାର ଠାରେ ଶ୍ରୀରାମ ସର୍ମାଙ୍କ ପ୍ରତିମୂର୍ତ୍ତି କରି ଚର୍ଚ୍ଚାର ପରିଧିକୁ ଆସିଥିଲେ।

ପୋର୍ଟକୁ ଲହାପଥର ବନ୍ଦ : ମାଟି ଖାଇଲାଣି ହଜାର ହଜାର ଟ୍ରକ୍

## ଗାଡି ମାଲିକଙ୍କ ମୁଣ୍ଡରେ ଚଡକ : ଋଣ ଶୁଝିବେ କେମିତି

କେନ୍ଦୁଝର ,(ସ୍ୱପ୍ର) :କେନ୍ଦୁଝର ଜିଲ୍ଲାରୁ ପ୍ରତ୍ୟେକ ଦିନି ହଜାର ହଜାର ଟ୍ରିପ୍ ଲୁହାପଥର ଦେଶ ଓ ଦେଶ ବାହାରକୁ ଯାଉଥିବା ବେଳେ କିଛିଦିନି ହେବ ୩ଟି ପୋର୍ଟ ଧାମରା, ପାରାଦୀପ ଏବଂ ଗୋପାଳପୁରକୁ ଲୁହାପଥର ଯାଇପାରୁ ନାହିଁ ଯାହା ଫଳରେ କେନ୍ଦୁଝର ଜିଲ୍ଲାରୁ ବିଭିନ୍ନ ପୋର୍ଟକୁ ଯାଉଥିବା ଗାଡ଼ି ସବୁ ପୋର୍ଟ ବନ୍ଦ ହେବା ଫଳରେ ଆମଦାନୀ ହୋଇ ପାରୁ ନାହିଁ ଯାହା ଫଳରେ ଟ୍ରାନ୍ସୋର୍ଟ ଏବଂ ଗାଡ଼ି ମାଲିକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଏବଂ ଗାଡ଼ି ମାଲିକ ମାନେ କିସ୍ତି ନଦେଇ ପାରି ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ପ୍ରତି ବର୍ଷ ଗାଡିର ଇନ୍ସରାନ୍ସ ଏବଂ ପରିମିଟି ଦେବାରେ ଅସମର୍ଥ ହେଉଛନ୍ତି ମାଲିକ ।ଯାହା ଫଳରେ ସମସ୍ତ ଗାଡ଼ି ଗୁଡ଼ିକ ଅକାମୀ ଅବସ୍ଥାରେ ଛିଡ଼ା ହେଇ ମାଟି ଖାଉଥିବା ଦେଖିବାକୁ ମିଳୁଛି । ଏଥିପ୍ରତି କେନ୍ଦ୍ର ଓ ରାଜ୍ୟ ସରକାର ଦୃଷ୍ଟି ଦେଲେ ଟ୍ରକ ମାଲିକ ମାନେ ପୂର୍ବପରି ଚଳପ୍ରଚଳ ହୋଇପାରିବେ ଏବଂ ଟ୍ରକ୍ ପରିବହନ ଉପରେ ନିର୍ଭର କରୁଥିବା ଅନ୍ୟଲୋକମାନେ ସୁରୁଖୁରରେ ଜୀବନ ଅତିବାହିତ କରି ପାରିବେ ବୋଲି ସାଧାରଣ ଲୋକେ ପ୍ରକାଶ କରିଛନ୍ତି ।

## ଲୁହାପଥର ଚୋରା ଚାଲାଣ ବେଳେ ମିଳିତ ଚଢ଼ାଉ : ୩ ଗାଡ଼ି ଜବତ

କରଞ୍ଜିଆ, (ସବ୍ୟୁ) : କରଞ୍ଜିଆ ପୋଲିସ ଏବଂ ଗୁରୁ ଖଣି ବିଭାଗ ବୁଧବାର ଦିନି ମିଳିତ ଭାବେ କରଞ୍ଜିଆ ବ୍ଲକ ତାଟୋ ନିକଟସ୍ଥ ବାଟଟାଇଁସିରା ଗାଁ ନିକଟରେ ଥିବା ଜଙ୍ଗଲ ଠାରେ ଦୀର୍ଘ ଦିନ ଧରି ବେଆଇନ ଲୁହାପଥର ଚୋରା ଚାଲାଣ ହେଉଥିବା ଖବର ପାଇ ବଡ଼ ଧରଣର ଚଢ଼ାଉ କରିଥିଲା । ଚଢ଼ାଉ ବେଳେ ଗୋଟିଏ ଲୁହାପଥର ଭର୍ତ୍ତି ୧୨ ଚକିଆ ଟ୍ରକ ନମ୍ବର ଓଡି ୦୯ କ୍ୟୁ ୨୧୩୯ ସହିତ ଗୋଟିଏ ଜେସିବି ଏବଂ ବାଇକ୍ ନମ୍ବର ଓଆର ୧୧ଇ ୮୧୨୩ ଜବତ କରିଛି ।ତେବେ ଘଟଣା ସ୍ଥଳରୁ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ତିନିଟି ଗାଡି ଜବତ କରି ଅଧିକ ତଦନ୍ତ ଆରମ୍ଭ କରିଛି ବିଭାଗ ।ଗତ କିଛି ଦିନ ପୂର୍ବରୁ ମଧ୍ୟ ଏକ ଟ୍ରକ କୁ କରଞ୍ଜିଆ ପୋଲିସ ଜବତ କରିଥିଲା ।ତେବେ ଉକ୍ତ ଅଞ୍ଚଳରେ ବହୁ ଦିନରୁ ବେଆଇନ ଭାବେ ଏପରି ଚୋରା ଲୁହାପଥର ଚୋରା ଚାଲାଣ ହେଉଥିବା ବେଳେ ବର୍ତ୍ତମାନ ଆକ୍ସନ ମୋଡ଼ରେ ପୋଲିସ ଏବଂ ଗୁରୁ ଖଣି ବିଭାଗ,ଯାହା ଫଳରେ ଗତ କିଛି ଦିନ ମଧ୍ୟରେ ଦୁଇ ଦୁଇଟି ସଫଳତା ପାଇଛି ମୁଖ୍ୟ ଖଣି ବିଭାଗ । ଏହି ଚଢ଼ାଉରେ କରଞ୍ଜିଆ ପୋଲିସର ଦୁଇଟି ଟିମ ଏବଂ ବାରିପଦା ଗୁରୁ ଖଣି ବିଭାଗ ଅଧିକାରୀ ଭକ୍ତ ପାତ୍ରଙ୍କ ନେତୃତ୍ୱରେ ଦୁଇ ଜଣ ମାଇନିଙ୍ଗ ଅଧିକାରୀ ଓ କର୍ମଚାରୀ ସମିର ମୁଣ୍ଡାଙ୍କ ସହଯୋଗରେ ଦୁଇଟି ଟିମ ସାମିଲ ଥିଲେ ।

## ନୀଳଗିରି ରଥଯାତ୍ରା ପାଇଁ ପାଣି ଯୋଗାଇ ଦେବାକୁ ମନ୍ତ୍ରୀଙ୍କୁ ଚିଠି

ନୀଳଗିରି ,(ସବ୍ୟୁ):ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ରଥଯାତ୍ରା ପାଇଁ ରାଜ୍ୟ ଆଇନମନ୍ତ୍ରୀଙ୍କୁ ପାଣି ଯୋଗାଇ ଦେବାକୁ ଚିଠିଲେଖି ଅନୁରୋଧ କରିଛନ୍ତି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ । ରାଜ୍ୟର ତୃତୀୟ ସର୍ବବୃହତ ନୀଳଗିରି ଜଗନ୍ନାଥଙ୍କ ରଥଯାତ୍ରାକୁ ସରସସୁନ୍ଦର କରିବା ସହିତ ଏହାର ସୁପରିଚାଳନା ପାଇଁ ଅଧିକ ଅର୍ଥର ଆବଶ୍ୟକତା ଥିବାରୁ ଏନେଇ ରାଜ୍ୟ ଅବକାରୀ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଗତ ୨୪ତାରିଖ ଚିଠି ଲେଖିଥିବା ଜଣାଯାଇଛି । ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମରେ ନୀଳଗିରି ରଥଯାତ୍ରା ମହାଧୂମଧାମରେ ପାଳନ ହେଉଥିବାବେଳେ ଏହାକୁ ସୁରୁଖୁରୁରେ ପାଳନ କରିବା ପାଇଁ ଅଧିକ ଅର୍ଥର ଆବଶ୍ୟକତା ଥିବାରୁ ବାଲେଶ୍ୱର ସାଂସଦ ମନ୍ତ୍ରୀଙ୍କୁ ଚିଠିଲେଖି ପାଣି ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି ।


### AFFIDAVIT

By virtue of an affidavit No. 1566 dated 22.04.2025 sworn before the Executive Magistrate, Banpur, Dist-Khurda Odisha, I Archana Lenka, W/o- Rakesh Kumar Lenka, At-Ekadalia, Po-Kumarangasasan, Ps- Banpur, Dist-Khurda, Odisha, Pin-752031, declare that I have changed my name from Archana Lenka to Jayanti Lenka. Henceforth, I shall be known as "Jayanti Lenka" for all purposes.

### AFFIDAVIT

By virtue of an affidavit sworn before Executive Magistrate Bangomunda, dated 14.05.2025 I, Sonia Sahu, Address At-Dhundimahul, Po-Goimunda, Ps-Bangomunda, Dist-Balangir, Odisha, Pin-767040 declare that I have changed my daughter's name from Luchana Sahu to Roji Sahu.Henceforth, she shall be known as Roji Sahu for all purposes.

Sonia Sahu

### AFFIDAVIT

By virtue of an affidavit in the court of the Executive Magistrate, Tangi, dt. 29.04.2025. I am Bebina Mandal, D/o- Manoj Kumar Mandal, Vii- Sundarpur Caloney, Ps- Tangi, Post- Sundarpur, Dist- Khordha, Pin-752021, State that my daughter's actual name is bebina mandal, but in adhar card wrongly mentioned as bulti mandal wich need correction bebina@bulti one man.

### AFFIDAVIT

By virtue of an affidavit sworn before Executive Magistrate Bangomunda, dated 08.05.2025 I, Narin Chandan, Address At-Purniapali, Po-Salebarat, Ps-Sindhekela, Dist-Balangir, Odisha, Pin-767035 declare that I have changed my son's name from Bhute Chandan to Bhuteswar Chandan. Henceforth, he shall be known as Bhuteswar Chandan for all purposes.

Narin Chandan

### LOST

By virtue of an Affidavit No.: 3842 / dt.: 24.02.2025 before Notary Public, Angul and Nalco Township Police Station Diary Entry No.: 013 / dt.: 01.03.2025, We State Bank of India, NALCO CPP Branch declare for general information to all that, the original land documents (RoR vide Khata No.: 929/5140 and Regd. Sale Deed vide RSD No.: 10012103380 dt.01.10.2021) pertaining to property details: Khata No.: 929/5140, Plot No.: 6288/9642, 6289/9463, 6245/9645 & 6244/9644, Mouza: Turang, Tehsil: Banarpal, Thana No.: 68, Angul stands in the name of **Sri Dhiren Kumar Nayak** had been misplaced/lost at our end in the year 2021-2022. Now, we want to create the mortgage with the certified copies of the documents on the above mentioned property in connection with the home loan availed by **Sri Dhiren Kumar Nayak** as per Bank's guidelines. Now, if any claim by anyone against this property, inform us or Assistant General Manager, State Bank of India, RASMEC, Angul within 15 days from date of publication of this general notice.

Sd/- Branch Manager
State Bank of India
NALCO CPP Branch
Nalco Nagar, Angul-759145
Mob. No.: 7855995106

GOVERNMENT OF ODISHA
OFFICE OF THE SUPERINTENDING ENGNEER
RURAL WORKS DIVISION, PHULBANI
Ph. No.06842-253708
E-mail:- rw_phulbani@yahoo.co.in
O-201
No. 2262 ..... RWDP, Dated the 23.05.2025
Government of Odisha e-Procurement Notice
Bid Identification No. Online Tender/01/SERWD PHULBANI/2025-26

1. Name of the work : Road Work (2 Nos.)
2. Estimated Cost : Rs. 24.99 Lakhs & 22.03 Lakhs
3. Period of Completion : One Calendar Month
4. Date & Time of availability of Bid documents in the portal : From 05.06.2025 10.00 AM to 17.06.2025 Upto 5.00 PM
5. Last Date / Time for receipt of Bids in the Portal : 17.06.2025 upto 5.00 PM
6. Name and address of the Officer Inviting Bid : Superintending Engineer, Rural Works Division, Phulbani.

Further details can be seen from the e-procurement portal website www.tendersodisha.gov.in

Sd/- Superintending Engineer
Rural Works Division,
Phulbani
OIPR : 25077/11/0023/2526

### AFFIDAVIT

By virtue of an affidavit sworn before Executive Magistrate Bangomunda, dated 06.05.2025 I, Droupad Matyali, Address At-Kurlubhata, Po-Bhursaguda, Ps-Sindhekela, Dist-Balangir, Odisha Pin-767035 declare that I have changed my name from Durpad Matyali to Droupad Matyali. Henceforth, I shall be known as Droupad Matyali for all purposes.

Droupad Matyali

### AFFIDAVIT

By virtue of an affidavit sworn before Executive Magistrate Bangomunda,dated 19.05.2025 I, Sumit Kumar Sahu, Address At-Kundabutala, Po-Chuliphunka, Ps-Bangomunda, Dist- Balangir, Odisha, Pin-767040 declare that I have changed my name from Chandradhoja Sahoo to Sumit Kumar Sahu. Henceforth, I shall be known as Sumit Kumar Sahu for all purposes.

Sumit Kumar Sahu

OFFICE OF THE MUNICIPAL COUNCIL
BRAJRAJNAGAR
Ph. 06645-242075, FAX-06645-242029
Email - brajarajnagarm.hud@ori.nic.in
No. 2263 / dt. : 27.05.2025
Quotation Call Notice

C-402 : Quotation in sealed covers are invited from intending Authorized Firms/Agencies, Civil contractors having upto date GST Registration Copy, PAN Card Copy, Registration Copy for Supplying fitting and fixing of Pre-fabricated RCC toilet and allied works like tiles, colour etc. at Brajarajnagar Municipality as per the specification mentioned in BOQ.

| Sl. No. | Title of Project | Security Deposit | Time for Completion of project | Paper Cost |
|---|---|---|---|---|
| 1 | 2 | 3 | 4 | 5 |
| 1 | Supplying, fitting and fixing of Pre-fabricated RCC toilet at Brajarajnagar Municipality | Rs. 4,000/- | One Month | Rs. 2000/- |

The Bid documents to be downloaded from the official Website of Jharsuguda District www.jharsuguda.odisha.gov.in from dt. 28.05.2025 to 06.06.2025. Last date of receipt of bid is 01.00 PM, 06.06.2025 through speed post / registered post / courier / by hand only. Brajrajnagar Municipality will in no way be responsible for any delay in receipt of the Bid documents. Authority reserves all right to reject any or all quotations without assigning any reason thereof.

Sd/- Executive Officer,
Brajrajnagar Municipality
OIPR : 13099/11/0052/2526

PANCHAYAT SAMITI OFFICE, DHENKANAL SADAR
At/PO/Dist.-Dhenkanal, Odisha-759001
Phone-06762-224485 e-Mail-ori-bdhenkanal@nic.in
I-127
No. 2444 / Dt. 27.05.2025

Compendum:-Regarding Extension of Tender submission date. Reference: Tender Call Notice No.BDO/DHENKANAL SADAR/01/2025-26/Dt.06.05.2025

With reference to the above Tender Call No.01/2025-26/dt.06.05.2025, It is to inform to all prospective bidders that last date and time for bid submission for the invited tender has been extended as per detail given below.

| Sl No. | Bid Submission Last Date and Time | Extended Bid Submission Last date and Time |
|---|---|---|
| 01 | 27th May 2025 up to 1.00PM | 3rd June 2025 up to 1.00 PM |

The opening of the bid will be on 4th June 2025 at 10.00AM. All other terms and condition of the tender document will remain unchanged.

Sd/- Block Development Officer
Dhenkanal Sadar
OIPR : 19433/11/0004/2526

GOVERNMENT OF ODISHA : OFFICE OF THE CHIEF CONSTRUCTION ENGNEER
RURAL WORKS CIRCLE, CUTTACK
e-mail : serw_ctc@yahoo.com
No. Tender Online RWC-08/25 Letter No. 1821 Date : 21.05.2025
O-204
e-Procurement NOTICE

1. Name of the work : Construction of Building works
2. Class of Contracror : 01 No. (One)
   c) Estimated cost more than Rs. 6.00 Crore & upto Rs. 50.00 Crore : Special Class (of Odisha PWD) & relevant class of other licensing authorities.
   d) Estimated cost more than Rs. 1.00 Crore & upto Rs. 20.00 Crore : A Class (of Odisha PWD) & relevant class of other licensing authorities.
   c) Estimated cost more than Rs. 20.00 Lakh & upto Rs. 3.00 Crore : B Class (of Odisha PWD) & relevant class of other licensing authorities.
3. Time of Completion : As specified in the Column-7 of the Annexure.
4. Detail Projects : As per Annexure attached.
5. Other Details :

| Procurement Officer | Bid Identification No. | Availability of tender On-line for bidding | | Last date & Time of seeking Tender Clarification | Date & Time of opening of tender | |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 1 | 2 |
| Chief Construction Engineer, Rural Works Circle, Cuttack | Tender Online RWC-08/25 | 30.05.2025 at 11.30 A.M. | 19.06.2025 up to 05.00 P.M. | 18.06.2025 up to 02.00 P.M. | 20..06.2025 at 11.30 A.M. | Will be Intimated later |

Further details can be seen from the website: www.tendersodisha.gov.in.

Sd/- Chief Construction Engineer,
Rural Works Circle, Cuttack
OIPR : 25097/11/0020/2526

ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, ସମ୍ବଲପୁର, ଦୁର୍ଗାପାଳି, ସମ୍ବଲପୁର, ୭୬୮୦୦୫

ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଦେହେରିପାଲି ହାଉସିଂ ସ୍କିମ, ବୁଡ଼ାରଜା, ସମ୍ବଲପୁର ଘର ନମ୍ବର LIG-II-23 ଟିକୁ ଶ୍ରୀମତୀ ରାମ ପ୍ରିୟା ପଣ୍ଡା, ସ୍ୱାମୀ–ଶ୍ରୀ କପିଳେଶ୍ୱର ପଣ୍ଡା, ନିବାସୀ – ବିରଘାଟ, ପୋ–ତାଳଚା, ଧମା, ସମ୍ବଲପୁରଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଘରଟି ତୃତୀୟ ପକ୍ଷ ଆଧାରରେ ଶ୍ରୀମତୀ ପ୍ରଭାସିନୀ ମହାପାତ୍ର, ସ୍ୱାମୀ–ଶ୍ରୀ ରବୀନ୍ଦ୍ର କୁମାର ମହାପାତ୍ରଙ୍କ ନାମରେ ମାଲିକାନା ସତ୍ୱ ପରିବର୍ତ୍ତନ କରିବାକୁ ଶ୍ରୀମତୀ ପ୍ରଭାସିନୀ ମହାପାତ୍ର ଏକ ଚୁକ୍ତିନାମା Notary Public, Sambalpur ଙ୍କ ନିକଟରେ ରେଜିଷ୍ଟ୍ରେଡ ହୋଇଥିବା ନଥି ଦାଖଲ କରି ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ନିବେଦନ କରିଅଛନ୍ତି ଏବଂ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ ଏ ସମ୍ବନ୍ଧରେ ମୂଳ ଆବେଦନକାରୀଙ୍କୁ ଯୋଗାଯୋଗ କରିବାକୁ ବହୁବାର ପତ୍ର ମାଧ୍ୟମରେ ଜଣାଇଅଛନ୍ତି ଏବଂ ଉକ୍ତ ସମସ୍ତ ପତ୍ର ଦେଇଥିବା ଯୋଗାଯୋଗ ଠିକଣାରେ ଲୋକଙ୍କ ଅନୁପସ୍ଥିତି ଯୋଗୁ ଫେରସ୍ତ ହୋଇଅଛି । ଏଣୁ କର୍ତ୍ତୃପକ୍ଷଙ୍କ ବକେୟା ପ୍ରାପ୍ୟ ଶ୍ରୀମତୀ ପ୍ରଭାସିନୀ ମହାପାତ୍ରଙ୍କ ଠାରୁ ପ୍ରାପ୍ତ ହୋଇଅଛି । ଉକ୍ତ ଚୁକ୍ତିନାମା ବିଚାରକୁ ନେଇ ଓ ସତ୍ୟପାଠ ଆଧାରରେ ଉକ୍ତ ଗୃହର ମାଲିକାନା ସତ୍ୱ ପରିବର୍ତ୍ତନ ପାଇଁ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ ବିଚାରକୁ ନେଉଅଛନ୍ତି ।

ଉକ୍ତ ଘରଟିର ମାଲିକାନା ସତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହେଲେ ଏହି ନୋଟିସ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବରେ ଅଭିଯୋଗ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ ।

ସ୍ୱା/- ଆବଣ୍ଟନ ଅଧିକାରୀ
ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, ସମ୍ବଲପୁର

ପୌରପରିଷଦ କାର୍ଯ୍ୟାଳୟ : ଜୟପୁର
OFFICE OF THE MUNICIPAL COUNCIL : JEYPORE
Phone No. : 06854-231098, e-Mail : ulbjeypore@gmail.com
Letter No. 2060 Date : 27.5.2025
QUOTATION CALL NOTICE FOR SUPPLY OF STATINARY ARTICLES

C-396 : Sealed Quotation for the year 2025-26 are invited from local suppliers /Dealers for supply of Printing Materials to be used in office of the Municipal Council, Jeypore for official purpose. The term and conditions are detailed below.

1. The Quotationer may purchase the quotation paper from office of Jeypore Municipality on Payment of Rs.600/- (Rupees Six Hundred Only) (Non-refundable) from dt : 28.5.25 to dt : 10.6.25 only on working hours.
2. The Quotationer may submit his/her quotation in afore said quotation paper only being accompanied with money receipt. GST and other Tax Clearance Certificate, Adhar Card, Pan Card and other relevant documents if any.
3. The quotation should be inclusive of all applicable Taxes, Duties and other charges.
4. The supplier should ensure that the quality of the Printing Materials is of a high standard and meets our requirements.
5. Delivery of the Printing Materials should be made within 05 days from the date of issue of purchase order.
6. The supplier should provide a warranty for any defective Printing Materials supplied.
7. The suppliers should provide sample of the Printing Materials for our inspection of required.
8. The successful bidder has to deposit Rs.3,000/- (Rupees Three Thousand) only towards security deposit which is refundable.
9. The quotations should reach to the under signed through Registered/Speed Post by dt: 10.6.2025 11.00 AM which will be opened in presence of the Quotationer or his/her Authorized representative at 12.00 noon on the same day.
10. The quotations received after stipulated date and time shall not be entertained.
11. The undersigned reserves the right to reject any or all the quotations without assigning any reason thereof.

Sd/- Executive Officer
Jeypore Municipality
OIPR : 13079/11/0041/2526

OFFICE OF THE CDMO & DISTRICT MISSION DIRECTOR, DEOGARH DISTRICT PROGRAMME MANAGEMENT UNIT (DPMU)
(Department of Health & Family Welfare, Govt, of Odisha)
DISTRICT HEAD QUARTER HOSPITAL, AT/PO/DIST. - DEOGARH, 768 108
Ph. (06641) 226103, Fax; (06641) 226103, E-mail: nhmdeogarh@gmail.com
ZILLA SWASTHYA SAMITI, DEOGARH
(Deptt. of Health & FW, Govt, of Odisha.)
No. 998 Dt.23.05.2025
(Tender Call Notice)

E-118 : Sealed Tenders are invited from registered Catering/Hotel/Supplier/Agency/authorized dealers for supply of working lunch for training/workshop/meeting under ZSS, DEOGARH. The tender documents shall have to submit in one envelope containing two separate envelopes, one for technical bid & another for financial bid through speed post/register post/courier only on or before 25.06.2025 by 5.00PM to the office of CDM & PHO, DHH, Deogarh. The quotation will open on the Dt.26.06.2025 at 11.00 AM in the presence of bidders or their audiorized representative. The tender paper along with terms and conditions will be available in the website www.deogarh.gov.in & deposit the tender paper cost of Rs 1000/-in shape of DD in favour of "ZSS/ Non-NRHM Funds Account, Deogarh Payable at Deogarh", which is not refundable. The authority reserves right to accept or reject any or all the tender without assigning any reason thereof. The envelope containing the tender document must be clearly super scribed as "Tender for supply of working lunch for training/workshop/meeting under ZSS, DEOGARH"

Sd/- CDM & PHO cum- District Mission Director,
Deogarh
OIPR : 10113/11/0011/2526

Government of Odisha
Higher Education Department
N-54
MUKHYAMANTRI RESEARCH FELLOWSHIP-2025-26 UNDER MRIP
*************
Timeline for Registration of Ph.D. Applicants under SAMS for the State Public Universities

The timeline for the Registration of Ph.D. Applicants for the session 2025-26 in the State Public Universities under the Higher Education Departments as well as other Departments of the Government of Odisha, through the project 'Student Academic Management System (SAMS)' is given below. Any changes in the dateline will be published in the newspapers as well as in the website www.samsodisha.gov.in. The Common Prospectus (CP) for the said Course is available on the SAMS Portal. Kindly refer to the CP for the below mentioned activities.

| Sl# | Activities | Timeline |
|---|---|---|
| 1 | Availability of Online CAF in the website www.samsodisha.gov.in | 29-May-2025 (Thursday) (04:00 PM) |
| 2 | Last date of applying online CAF through www.samsodisha.gov.in | 24-Jun-2025 (Tuesday) (11.45 PM) |
| 3 | Editing of the CAF (If required), by the eligibile applicants for the CAF submitted earlier (New CAF submission is not allowed on this day) | 25-Jun-2025 (Wednesday) (10.00 AM to 11.45 PM) |
| 4 | Submision of applicant's data to Odisha State Higher Education Council (OSHEC) by OCAC | 03-July-2025 (Thursday) |
| 5 | Document Verification for the candidates by Odisha State Higher Education Council (OSHEC) | Dates will be notified by the Higher Education Department Later |

For more details please contact : e-Admission Helpline (Toll Free) Number 155335 / 1800-345-6770

N.B. : To enroll into the MRF, the candidates must be a permanent resident of Odisha. The candidates may complete the required Pre Ph.D. course work at any of the State Universities of Odisha or outside Odisha, but must have registered under an approved research guide at any of the state public universities of Odisha.

Sd/- Deputy Director
PTC Section
OIPR : 11001/11/0056/2526

OFFICE OF THE COLLECTOR-CUM CHAIRMAN DISTRICT LEVEL ABS NODAL COMMITTEE. DEOGARH
F-20
TENDER NOTICE
Letter No.: 166 Date : 20.05.25

Selection of Agency for providing Facility Management Services (FMS) at Various location of Atal Bus Stand(s). Deogarh District, Odisha

Request for Proposal is invited from eligible Firm/Agency interested to provide different Manpower Services/Facility Management Services (FMS) at various location of Atal Bus Stand(s), Deogarh District, Odisha on outsourcing basis. Details regarding the eligibility criteria, terms & conditions and formats of submission of tender may be downloaded from the website https://deogarh.odisha.gov.in / and the tender should reach the office of the undersigned by 16.06.2025 (3:00 PM). The RFP (Technical Bid) will be opened on Dt. 17.06.2025 at 11.00 AM. The undersigned reserves the right to reject any or all the tenders without assigning any reason thereof.

Sd/- Collector-Cum-Chairman
District Level ABS Nodal Committee,
Deogarh
OIPR : 24422/11/0001/2526

# ଓଡ଼ିଶୀ ଫାଉଣ୍ଡେସନ ଦ୍ୱାରା ଓଡିଶୀ ଶୌର୍ଯ୍ୟ ସମ୍ମାନ



ଭୁବନେଶ୍ୱର, (ସବ୍ୟୁ) : ଜନତା ମଇଦାନରେ ହେଉଥିବା ଅନ୍ତର୍ଜାତୀୟ ଟ୍ରେଡ଼ ଫେୟାରରେ ଆୟୋଜିତ ଉତ୍ସବ ରେ ଅବହେଳିତ ପିଲା ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ଓଡିଶୀ ନାଚ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏକାମ୍ର ମାନ୍ୟବର ବିଧାୟକ ବାବୁ ସିଂ ସମ୍ମାନୀୟ ଅତିଥି ଭାବେ ପ୍ରିୟଦର୍ଶୀ ମିଶ୍ର ଓ ପରିଚୟ ଫାଉଣ୍ଡେସନର ଡ଼ ରୋଜାଲିନ ମିଶ୍ର, ନିବେଦିତା ଶତପଥୀ ଯୋଗଦେଇଥିଲେ। ଅତିଥି ମାନଙ୍କ ଦ୍ୱାରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ ପରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା, ସୋନାଲିଶାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବିକ୍ତିତ୍ୱଙ୍କ ମଧ୍ୟରୁ ଶ୍ରୀଜଗନ୍ନାଥ ଓ ମା ଆଦିଶକ୍ତିଙ୍କ ପ୍ରଚାର ଓ ପ୍ରସାର ଦିଗରେ ଉଲ୍ଲେଖନିୟ କାର୍ଯ୍ୟ କରି ଥିବାରୁ ଡ଼ ନାରାୟଣ ମହାପାତ୍ରଙ୍କୁ ଓଡିଶୀ ଶୌର୍ଯ୍ୟ ସମ୍ମାନ ୨୦୨୫ ରେ ଅତିଥି ମାନେ ସମ୍ବର୍ଦ୍ଧିତ କରି ଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଡ଼ ଦିଲ୍ଲୀପ ଶ୍ରୀଚନ୍ଦନ, ଶୁଭକାନ୍ତ ସାମଲ ଡ଼ ବନୋଜ ରାୟ, କଳିଙ୍ଗ ଯୁବ ସଙ୍ଗଠନ, ପ୍ରଦୀପ୍ତ କୁମାର କର, ମହମ୍ମଦ ଜାହୀର.ଜୟକୃଷ୍ଣ ରାଜହଂସା,କୁମୁଲି ହେମଲତା,ଶ୍ରୀ ବିଚିତ୍ରା ନନ୍ଦ ଖୁଣ୍ଟିଆ, ପ୍ରମୁଖ ସମ୍ବର୍ଦ୍ଧିତ ହୋଇ ଥିଲେ । ପିଲାମାନଙ୍କର ସାଂସ୍କୃତିକ କାର୍ଯ୍ୟକ୍ରମ ଅତି ଉଚ୍ଚକୋଟୀର ହୋଇ ଥିଲା, ଓଡିଶୀ ଫାଉଣ୍ଡେସନର ବର୍ଷା ଓ ଶୁଭ୍ରଜିତ ଅତି ସୁନ୍ଦର ଭାବେ ମଞ୍ଚ ପରିଚାଳନା କରି ଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ଶେଷ କରିବାରେ ସାଇ କ୍ରିଷ୍ଣା ମହାନ୍ତି, ମୋନାଲିସା ରଥ ଭାଗ୍ୟଶ୍ରୀ ପ୍ରମୁଖଙ୍କ ଉଦ୍ୟମ ପ୍ରଶଂସନିୟ। ଏହି ଉତ୍ସବରେ ପାୟଲ ଆଚାର୍ଯ୍ୟ ନାରାୟଣ ମହାଭୋଇ ମୋନାଲିସା ବେହେରା ଓମ ପ୍ରକାଶ ଧଳ, ଶୁଚିସ୍ମିତା ସାହୁ, ଅନୁଶ୍ରୀ ଶୁକ୍ଳା, ସୌମ୍ୟ ଭୂଷଣ ଶତପଥୀ, ଦୀପିକା ମିଶ୍ର, ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ହିମାଳୟାନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଚ୍ୟୁତ ସାମନ୍ତଙ୍କୁ ୬୭ ତମ ସମ୍ମାନ ସୂଚକ ଡକ୍ଟରେଟ୍



ଭୁବନେଶ୍ୱର,(ସବ୍ୟୁ): ଶିକ୍ଷାବିତ, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଅରୁଣାଚଳ ପ୍ରଦେଶର ଇଟାନଗରସ୍ଥିତ ହିମାଳୟାନ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଛି । ବୁଧବାର ଅନୁଷ୍ଠିତ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ସମାରୋହରେ ଆନୁଷ୍ଠାନିକ ଭାବରେ ଶ୍ରୀ ସମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା । ଏହା ହେଉଛି ଶ୍ରୀ ସାମନ୍ତଙ୍କ ୬୭ ତମ ସମ୍ମାନସୂଚକ ଡକ୍ଟରେଟ୍ । ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏଥିପାଇଁ ହିମାଳୟାନ ବିଶ୍ୱବିଦ୍ୟାଳୟର ଏକାଡେମିକ୍ ପରିଷଦ ଏବଂ ପରିଚାଳନା ବୋର୍ଡ ଶ୍ରୀ ସାମନ୍ତଙ୍କ ନାମ ସୁପାରିଶ କରିଥିଲେ ଏବଂ ସର୍ବସମ୍ମତି କ୍ରମେ ଶ୍ରୀ ସମନ୍ତଙ୍କୁ ସମ୍ମାନଜନକ ଡକ୍ଟର ଅଫ୍ ଲେଟରସ୍ ଡିଗ୍ରୀ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲେ । ଏହି କାର୍ଯ୍ୟକ୍ରମରେ ଅରୁଣାଚଳ ପ୍ରଦେଶର ଶିକ୍ଷା, ଗ୍ରାମୀଣ ନିର୍ମାଣ, ସଂସଦୀୟ ବ୍ୟାପାର, ପର୍ଯ୍ୟଟନ ଏବଂ ପାଠାଗାର ବିଭାଗ ମନ୍ତ୍ରୀ ପାସାଙ୍ଗ ଦୋର୍ଜୀ ସୋନା, ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ହେମନ୍ତ ଗୋଏଲ, କୁଳପତି ପ୍ରଫେସର (ଡ) ପ୍ରକାଶ ଦିବାକରଣଙ୍କ ସମେତ ବହୁ ବିଶିଷ୍ଟ ଗଣମାନ୍ୟ ବ୍ୟକ୍ତି, ବିଦ୍ୱାନ ଏବଂ ଛାତ୍ରଛାତ୍ରୀ ଏହି ଅବସରରେ ଉପସ୍ଥିତ ଥିଲେ ।

# ଆମ ବସ ଧକ୍କାରେ ୩ ବାଇକ୍ ନଷ୍ଟ : ୩ ଗୁରୁତର

ସାକ୍ଷୀଗୋପାଳ ,(ସବ୍ୟୁ) : ବୁଧବାର ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ସାକ୍ଷୀଗୋପାଳ ଅଳଗୁମ ରାସ୍ତାର ସାକ୍ଷୀଗୋପାଳ ରେଳ ଫାଟକ ନିକଟରେ ରାଜ୍ୟ ସରକାରଙ୍କ ଅଧୀନରେ ପୁରୀରୁ ସାକ୍ଷୀଗୋପାଳ ଚାଲୁଥିବା (କ୍ରୁଟ)ଅର୍ଥାତ ମୋ ବସ ଦୁର୍ଘଟଣାରେ ତିନୋଟି ବାଇକ ସମ୍ପୂର୍ଣ୍ଣ ନଷ୍ଟ ହେବା ସହ ତିନି ଜଣ ଗୁରୁତର ଆହତ ହୋଇଛନ୍ତି । ଗୁରୁତର ୩ ଆହତମାନେ ହେଲେ ସ୍ଥାନୀୟ ନହଳା ଗ୍ରାମର ହାଡ଼ିଆ ବେହେରା (୫୫) , ଷୋଳହଳ ଗ୍ରାମର ଶଙ୍କର ବେହେରା ୪୦ ଓ ତାଙ୍କ ଧର୍ମପତ୍ନୀ ସ୍ତ୍ରୀ ପାର୍ବତୀ ବେହେରା (୩୦)। ଚିକିତ୍ସା ପାଇଁ ସେମୋନଙ୍କୁ ପ୍ରଥମେ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି । ଅନ୍ୟ ଏକ ବାଇକର ଚନ୍ଦନ ପୁର ଥାନା ଅନ୍ତର୍ଗତ ତଳଜଙ୍ଗ ଅଞ୍ଚଳର ଭରତ ସ୍ୱାଇଁ (୪୪) ତାଙ୍କ ଧର୍ମପତ୍ନୀ ପୁଷ୍ପ ସ୍ୱାଇଁ (୩୪) ଓ ୧୧ ବର୍ଷର ଶିଶୁପୁତ୍ର ଆଦିତ୍ୟ ସ୍ୱାଇଁ ସୌଭାଗ୍ୟ ବଶତଃ ଦୁର୍ଘଟଣାରୁ ଅଳ୍ପକେ ବର୍ତିଯାଇଛନ୍ତି ।ଘଟଣା ଅନୁଯାୟୀ ବୁଧବାର ଅପରାହ୍ନ ୪ଟା୪୫ ସମୟରେ ରେଳ ଯାତାୟାତ ନିମନ୍ତେ ସାକ୍ଷୀଗୋପାଳ ବଜାର ମଧ୍ୟରେ ଥିବା ରେଳ ଫାଟକ ପଡିଥିଲା । ଏହି ସମୟରେ ଫାଟକ ଉଭୟ ପଟେ ଶତାଧିକ ଗାଡି ମଟର ଛିଡ଼ା ହୋଇଥିଲା । ଟ୍ରେନ ଯିବା ପରେ ରେଳ ଫାଟକ ଖୋଲିଲା ସମୟରେ ସାକ୍ଷୀଗୋପାଳ ବସଷ୍ଟାଣ୍ଡ ପଟୁ ସାକ୍ଷୀଗୋପାଳ ମନ୍ଦିର ପଟକୁ ଆସୁଥିବା ତିନୋଟି ମଟର ସାଇକେଲକୁ ଭାରସାମ୍ୟ ହରାଇ ପଛପଟୁ ଧକ୍କା ଦେଇଥିଲା ମୋ ବସ ନମ୍ବର ( ଓଡ଼ି ୧୩ ୟୁ ୯୧୩୭ )। ଦୁର୍ଘଟଣା ସ୍ଥଳରେ ବସ ଧକ୍କାରେ ତିନୋଟି ମଟର ସାଇକେଲ ରେ ଥିବା ସମସ୍ତ ବ୍ୟକ୍ତିମାନେ କିଛି ବୁଝିବା ପୂର୍ବରୁ ତଳେ ପଡି ଛଟପଟ ହେଉଥିଲେ । ଅନ୍ୟ ପାର୍ଶ୍ୱରେ ପେଟ୍ରୋଲିଂ ନିମନ୍ତେ ଯାଉଥିବା ସାକ୍ଷୀଗୋପାଳ ପୋଲିସ ଭ୍ୟାନ ଫାଟକ ପଡିଥିବାରୁ ଅଟକି ରହିଥିଲା । ତେଣୁ ସେଥିରେ ଥିବା ପୋଲିସ ଅଧିକାରୀଙ୍କ ସହ ସ୍ଥାନୀୟ ଲୋକମାନେ ଦୁର୍ଘଟଣା ସ୍ଥଳରୁ ଦୁର୍ଘଟଣା ଗ୍ରସ୍ତ ସମସ୍ତ ଆହତଙ୍କୁ ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ଦୁର୍ଘଟଣା ଗ୍ରସ୍ତ ବସ ଓ କ୍ଷତିଗ୍ରସ୍ତ ତିନୋଟି ମଟର ସାଇକେଲକୁ ସତ୍ୟବାଦୀ ପୋଲିସ ଜବତ କରିଥିବା ବେଳେ ବସ ଡ୍ରାଇଭରକୁ ଥାନାରେ ଅଟକ ରଖିଛି ।ମାତ୍ର ଦୁର୍ଘଟଣା ସ୍ଥଳ ରେଳ ବିଭାଗ ଅନ୍ତର୍ଗତ ହୋଇଥିବାରୁ ଏହି ଘଟଣାକୁ ରେଳବାଇ ପୋଲିସକୁ ହସ୍ତାନ୍ତର କରାଯାଇଥିବା ପ୍ରକାଶ କରିଛନ୍ତି ସତ୍ୟବାଦୀ ଥାନା ଅଧିକାରୀ ବିଜୟ କେତନ ବେହେରା। ସେହିପରି ପୁରୀ ରେଳବାଇ ପୋଲିସ ଅଧିକାରୀ ସନ୍ତୋଷ କୁମାର ବାହିନୀପତିଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି ଦୁର୍ଘଟଣା ସମ୍ପର୍କରେ ଆମେ ସତ୍ୟବାଦୀ ଥାନା ଅଧିକାରୀଙ୍କ ସହ ଯୋଗାଯୋଗ କରିଛୁ । ଏ ପର୍ଯ୍ୟନ୍ତ କୌଣସି ଅଭିଯୋଗ ଆସିନଥିଲେ ମଧ୍ୟ ଆମେ ଘଟଣା ସ୍ଥଳ ଅନୁଧ୍ୟାନ କରି ଦୁର୍ଘଟଣାର ତଦନ୍ତ କରୁଛୁ ।

# କେନ୍ଦ୍ର ଓ ରାଜ୍ୟ ଉନ୍ନୟନ ଯୋଜନା ସମୀକ୍ଷାକଲେ ସମବାୟ, ହସ୍ତତନ୍ତ, ମନ୍ତ୍ରୀ

ଖୋର୍ଦ୍ଧା,(ସବ୍ୟୁ): ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ (ଖୋର୍ଦ୍ଧା ଜିଲ୍ଲା ପ୍ରଭାରୀ ମନ୍ତ୍ରୀ) ଏକ ଦିନିକିଆ ଖୋର୍ଦ୍ଧା ଜିଲ୍ଲା ଗସ୍ତରେ ଆସି ପୂର୍ବାହ୍ନରେ ଜିଲ୍ଲାର ବିଭିନ୍ନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ଉନ୍ନୟନ ଅଗ୍ରଣୀ ଯୋଜନା ଗୁଡିକ ର ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଉଚ୍ଚ ପଦସ୍ତ ଅଧିକାରୀ ମାନଙ୍କ ସହ ସମୀକ୍ଷା କରିଛନ୍ତି ।

ବୈଠକରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଜିଲ୍ଲାପାଳ ଚଞ୍ଚଳ ରାଣା ଯୋଗଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ମନ୍ତ୍ରୀ , ବିଧାୟ କ୍ଙୁ ସ୍ୱାଗତ କରିବାସହ ସମସ୍ତ ଅଧିକାରୀ ନିଜ ନିଜ ବିଭାଗର ବିଭିନ୍ନ ଉନ୍ନୟନ ଯୋଜନା ପ୍ରକଳ୍ପର ଅଗ୍ରଗତି କାର୍ଯ୍ୟ ସମ୍ବନ୍ଧରେ ମନ୍ତ୍ରୀଙ୍କୁ ତଥ୍ୟ ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପ୍ରଥମେ ଭୁବନେଶ୍ୱର ଅତିରିକ୍ତ ଉପ ପୁଲିସ ଆୟୁକ୍ତ ସୁନାରାମ ହେମ୍ବ୍ରମ୍ ପୁଲିସ ଜିଲ୍ଲା ର ଆଇନ ଶୃଙ୍ଖଳା ପରିସ୍ଥିତି, ଭି ଭି ଆଇ ପି ପ୍ରୋଗ୍ରାମ,ଭି ଆଇ ପି ପ୍ରୋଗ୍ରାମ ସମ୍ବନ୍ଧରେ ପ୍ରଭାରୀ ମନ୍ତ୍ରୀ ଙ୍କୁ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ ।

୨୦୨୫ ବର୍ଷରେ ୨୦୨୩, ୨୦୨୪ ବର୍ଷ ଅପେକ୍ଷା କମ କେସ ୪୩୭୧ ପଞ୍ଜୀକୃତ ହୋଇଥିବା ପ୍ରକାଶ କରିଥିଲେ । ସେହିପରି ଭିଭିଆଇପି ପ୍ରୋଗ୍ରାମ ୯ଗୋଟି ଅନୁଷ୍ଠିତ ହୋଇଥିବାବେଳେ ଭିଆଇପି ପ୍ରୋଗ୍ରାମ ୨୯୮ଗୋଟି ଅନୁଷ୍ଠିତ ହୋଇଛି । ଏଥିସହ ଖଣ୍ଡଗିରି ମାଘ ସପ୍ତମୀ ମେଳା, ଅଶୋକାଷ୍ଟମୀ, ଦୋଳ ପୂର୍ଣ୍ଣିମା, ରାମ ନବମୀ, ହନୁମାନ ଜୟନ୍ତୀ, ମହାବିଷୁବ ସଂକ୍ରାନ୍ତି,ମହାଶିବରାତ୍ରି ଆଦି ଗୁରୁତ୍ୱପୂର୍ଣ୍ଣ ପର୍ବପର୍ବାଣୀରେ ସଫଳ ଭାବେ ଆଇନଶୃଙ୍ଖଳା ସେବା ଯୋଗାଇ ଦିଆଯାଇଛି । ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ ଯୋଗଦେଇ ଖୋର୍ଦ୍ଧା ପୁଲିସ ଉପଖଣ୍ଡରେ ଖୋର୍ଦ୍ଧା ମଡେଲ ପୁଲିସ ଷ୍ଟେସନ,ଖୋର୍ଦ୍ଧା ଶିଳ୍ପାଂଚଳ ଥାନା, ସଦର ଥାନା, ବାଘମାରି ଥାନା, ବେଗୁନିଆ ଥାନା, ଜଙ୍କିଆ ଥାନା ଏବଂ ବାଲୁଗାଁ ପୁଲିସ ଉପଖଣ୍ଡର ନିରାକାରପୁର ଥାନା, ଟାଙ୍ଗୀ ଥାନା, ନାଚୁଣୀ ଥାନା, ବାଲୁଗାଁ ଥାନା ଓ ବାଣପୁର ଥାନାର ଆଇନ ଶୃଙ୍ଖଳା ବ୍ୟବସ୍ଥା ଉପରେ ଉପସ୍ଥାପନ କରିଥିଲେ ।

ପରେ ବନଖଣ୍ଡ ଅଧିକାରୀ ପୂର୍ଣ୍ଣିମା ପାଣ୍ଡିଆନ କହିଲେ ଖୋର୍ଦ୍ଧା ବନଖଣ୍ଡ ରେ ପ୍ରାୟ ୬୦/୭୦ ହାତୀ ଅଛନ୍ତି । ୨୦୨୪-୨୦୨୫ବର୍ଷରେ ୩୮୬୬ କ୍ଷତିଗ୍ରସ୍ତ ଦରଖାସ୍ତ ଆସିଥିବାବେଳେ ସହାୟତା ରାଶି ବାବଦକୁ ୨୦୯୨୨୩୯୦ଟଙ୍କା ଦିଆଯାଇଛି । ବର୍ତମାନ ଡ୍ରୋନ ଦ୍ୱାରା ହାତୀର ସ୍ଥିତି ଜାଣି ଲୋକମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯାଉଛି ।

ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ



ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ପ୍ରକଳ୍ପ ଅଗ୍ରଗତି ୭୦.୯୪/- ଥିବାବେଳେ ଅନ୍ତୋଦ୍ଧୟ ଗୃହ ଯୋଜନା ୨୦୨୪-୨୫ବର୍ଷରେ ୧୭୫୭ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ୧୪୬୦ହିତାଧିକାରୀଙ୍କୁ ପ୍ରଥମ କିସ୍ତି ପ୍ରଦାନ କରାଯାଇଛି । ଅମୃତ ସରୋବର ଯୋଜନାରେ ଦ୍ୱିତୀୟ ପର୍ଯ୍ୟାୟରେ ୫୭୦ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ୫୮୩ ଗୋଟି ଚିହ୍ନଟ କରାଯାଇଛି । ଲକ୍ଷପତି ଦିଦି ଯୋଜନାରେ ୫୪୭୯୨ ଜଣଙ୍କୁ ସାମିଲ କରାଯାଇ ୯୪.୪୨ଶତକଡା ସଫଳତା ମିଳିଛି ।

ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ରାଜ୍ୟଶ୍ରୀ ପଟ୍ଟନାୟକ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଆରୋଗ୍ୟ ଯୋଜନା, ବୟୋବନ୍ଦନା ଯୋଜନା ୭୮୯୩୧୧ କାର୍ଡ ପ୍ରାପ୍ତ ହୋଇଥିବା ବେଳେ ୫୩୬୨୬୫ହିତାଧିକାରୀଙ୍କୁ କାର୍ଡ ବଂଟାଜାଇ ଶତକଡା ୬୮ ପ୍ରତିଶତ ସଫଳତା ମିଳିଛି । ଜିଲ୍ଲାରେ ଡାକ୍ତର ମଞ୍ଜୁରୀ ପଦବୀ ୫୧୬ ଥିବାବେଳେ ୨୬୬ ଡାକ୍ତର ସେବାରତ ଅଛନ୍ତି ଏବଂ ୨୫୦ ପଦବୀ ଖାଲି ଅଛି ବୋଲି ଉଲ୍ଲେଖ କରିଥିଲେ । ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକ ୨୦୨୪-୨୫ବର୍ଷର ହସ୍ତ ଶିଳ୍ପ ସଫଳତା ତଥ୍ୟ ପ୍ରଭାରିମନ୍ତ୍ରୀଙ୍କୁ ଉପସ୍ଥାପନ କରି ଥିବା ବେଳେ ବୟନଶିଳ୍ପ ସହକାରୀ ନିର୍ଦ୍ଦେଶକ ବଳିଆ ଯୋଜନା ରେ୨୦୨୪-୨୫ ବର୍ଷରେ ସଭ୍ୟ ସଂଖ୍ୟା ୩୦୯୧୫ ଓ ଉତ୍ପାଦ ବିକ୍ରୀ ୩୦୩.୮୪୭ ଲକ୍ଷ, ମୁଖ୍ୟ ମନ୍ତ୍ରୀ ବୟନ ଜ୍ୟୋତି ଯୋଜନା ଉପରେ ସୁବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ ।

ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସାଫଲ୍ୟ ମଣ୍ଡିତ ପ୍ରଧାନ ସିକିମ ସତ୍ୱ ୨୦୦୧, ବସୁନ୍ଧରା ୨୨୨, ବେବନ୍ଦୋବସ୍ତ ୪୪୫, ଖାସ ମାହାଲ ୧୫୭, ଏଫଆର ଟାଇଟଲସ୧୯୭୦ , ପ୍ରାଥମିକ ବିଦ୍ୟାଳୟ କୁ ଆର ଓ ଆର ସଂଶୋଧନ କରାଯାଇ ୪୨୦ ପଟ୍ଟା, ଉଚ୍ଚବିଦ୍ୟାଳୟ କୁ ୧୧୩ପଟ୍ଟା, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ୨୫ପଟ୍ଟା ଏବଂ ସ୍ନାତକ ମହାବିଦ୍ୟାଳୟକୁ ୧୫ପଟ୍ଟା ପ୍ରଦାନ କରାଯାଇଛି ବୋଲି ପ୍ରକାଶ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ୧ଜୁଲାଇ ୨୦୨୪ରୁ ୨୭ମଇ ୨୦୨୫ପର୍ଯ୍ୟନ୍ତ ସିଏମଓ ଅଭିଯୋଗ ୪୪୯୩ପ୍ରାପ୍ତ ହୋଇଥିବା ବେଳେ ୪୧୮୩ ଅଭିଯୋଗ ସମାଧାନ କରାଯାଇ ୩୧୦ଅଭିଯୋଗ ଖୁବ ଶୀଘ୍ର ସମାଧାନ ହେବ ବୋଲି କହିଥିଲେ । ପରେ ବିଭିନ୍ନ ବିଭାଗର ଅଧିକାରୀମାନେ ମନ୍ତ୍ରୀଙ୍କୁ ତଥ୍ୟ ଉପସ୍ଥାନ କରିଥିଲେ । ମନ୍ତ୍ରୀ ଖୋର୍ଦ୍ଧା ଜିଲ୍ଲାରେ ପ୍ରଶାସନିକ ଦକ୍ଷତା ଯୋଗୁ ସମସ୍ତ ଅଗ୍ରଣୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉନ୍ନୟନ ଯୋଜନା କାର୍ଯ୍ୟ କାରିତାରେ ସନ୍ତୁଷ୍ଟି ପ୍ରକାଶ କରିଥିଲେ । କରିବାସହ ଜିଲ୍ଲା ପ୍ରଶାସନ କୁ ଓ ଅଧିକାରୀ ମାନଙ୍କୁ ପ୍ରକୃତ ହିତାଧିକାରୀଙ୍କ ସମସ୍ୟା ବୁଝି ଯୋଜନାର ସୁଫଳ ପହଁଚାଇ ମୁଖ୍ୟସ୍ରୋତରେ ସାମିଲ୍ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

# ମହାନଦୀବିହାର ବରିଷ୍ଠ ନାଗରିକ ମଞ୍ଚର ମାନସିକ ସ୍ୱାସ୍ଥ୍ୟ ସଚେତନତା ଶିବିର




କଟକ, (ସ୍ୱପ୍ର): ମହାନଦୀବିହାର ବରିଷ୍ଠ ନାଗରିକ ମଞ୍ଚର ମାନସିକତା ସ୍ୱାସ୍ଥ୍ୟ ଶିବିର ବୁଧବାର ଉଦ୍‌ଘାଟିତ ହୋଇଛି । ଏଥିରେ ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ ହେମନ୍ତ ପାଇକରାୟ ଶିବିରକୁ ଉଦ୍‌ଘାଟନ କରି ବରିଷ୍ଠ ନାଗରିକମାନେ ମାନସିକ ଓ ଶାରୀରିକ ସ୍ଥରରେ ବିନା ଔଷଧରେ ଖାଦ୍ୟ, ପାନୀୟ, ଶୟନ ଓ ଶାରୀରିକ ପରିଶ୍ରମ ଦ୍ୱାରା କିପରି ନିରୋଗ ଜୀବନଯାପନ କରିବେ ସେନେଇ ବିସ୍ତୃତ ଭାବେ ତଥ୍ୟ ଭିତିକ ପରାମର୍ଶ ଦେଇଥିଲେ । ଏଥିରେ ଶତାଧିକ ବରିଷ୍ଠ ଲୋକମାନେ ଯୋଗଦେଇ ବିଶେଷଜ୍ଞଙ୍କ ପରାମର୍ଶ ଗ୍ରହଣ କରିଥିଲେ । ଏଥିରେ ବରିଷ୍ଠ ନାଗରିକ ମଞ୍ଚର ସଭାପତି ରବୀନ୍ଦ୍ର ନାଥ ମହାନ୍ତି ଏହି ବିଷୟରେ ଆଲୋଚନା କରି ସମସ୍ତ ସଭ୍ୟ ମାନଙ୍କୁ ପ୍ରତିଦିନ ଯୋଗ, ଖାଦ୍ୟ, ପାନୀୟ ଓ ପରିଶ୍ରମ କରିବା ପାଇଁ ଉତ୍ସାହିତ କରିଥିଲେ । ଏଥିପାଇଁ ଯାହା ଆବଶ୍ୟକ ତାହା ମଞ୍ଚ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ପ୍ରତିଶୃତି ଦେଇଥିଲେ । ଏଥିରେ ମଞ୍ଚର ସମ୍ପାଦକ ଭାଗିରଥି ସାମଲ, ଉପସଭାପତି ପ୍ରହଲ୍ଲାଦ ଚନ୍ଦ୍ର ମହାନ୍ତି, ସହ ସମ୍ପାଦକ ନିକୁଞ୍ଜ ବିହାରୀ ରଥ, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ଦାସ, ଉପଦେଷ୍ଟା ଗୋପାଳ କୃଷ୍ଣ ବେହେରା, ରବୀନ୍ଦ୍ର ପ୍ରସାଦ ତ୍ରିପାଠୀ, ଯଦୁନାଥ ମହାପାତ୍ର ସ୍ଥାନୀୟ କର୍ପୋରେଟର ଇଂ ସୁବ୍ରତ ଘଡ଼ାଇ, ଏମଡିଏ ସଭାପତି ସଞ୍ଜୟ ଜେନା, ସମ୍ପାଦକ ହିମାଂଶୁ ଷଡଙ୍ଗୀ, ମହିଳା ସମିତି ସଭାନେତ୍ରୀ ନମିତା ଦାଶ ଓ ସମ୍ପାଦକ ମଧୁସ୍ମିତା ଷଡ଼ଙ୍ଗୀଙ୍କ ସମେତ ବହୁ ସଭ୍ୟସଭ୍ୟା ମାନେ ଯୋଗ ଦେଇଥିଲେ ।

## ଆମ ବସ୍ ଧକ୍କାରେ ସିକ୍ୟୁରିଟି ଗାର୍ଡଙ୍କ ମୃତ୍ୟୁ

# ବସ୍ ଭଙ୍ଗାରୁଜା, ରାସ୍ତା ଅବରୋଧ

ଭୁବନେଶ୍ୱର, (ସବ୍ୟୁ) : ଖଣ୍ଡଗିରି ଛକ ନିକଟରେ ଆମ ବସ୍ ଧକ୍କାରେ ଜଣେ ସିକ୍ୟୁରିଟି ଗାର୍ଡଙ୍କ ମୃତ୍ୟୁ ହୋଇଛି। ଉତ୍ତ୍ୟକ୍ତ ଲୋକେ ବସ୍‌କୁ ଭଙ୍ଗାରୁଜା କରିବା ସହ ଦୁଇ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ରାସ୍ତା ଅବରୋଧ କରିଥିଲେ। ଡିସିପି ଜଗମୋହନ ମିନା ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।

ମୃତକ ଖଣ୍ଡଗିରି ଅଞ୍ଚଳରେ ଏକ ବାଇକ୍ ଶୋରୁମ୍‌ରୁ ସିକ୍ୟୁରିଟି ଗାର୍ଡ ଭାବେ କାମ କରନ୍ତି। ସେ ବୁଧବାର ଡ୍ୟୁଟି ସାରି ସାଇକେଲ୍ ଯୋଗେ ଭୀମଟାଙ୍ଗି ଘରକୁ ଫେରୁଥିବା ବେଳେ ତାଙ୍କୁ ମୋ ବସ୍ ଧକ୍କା ଦେଇଥିଲା। ଘଟଣା ସ୍ଥଳରୁ ୨୦୦ ମିଟର ପର୍ଯ୍ୟନ୍ତ ସିକ୍ୟୁରିଟି ଗାର୍ଡଙ୍କୁ ବସ୍ ଘୋଷାଡି ନେଇଥିଲା। ଏହା ଦେଖି ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ବସ୍‌କୁ ଅଟକାଇ ଭଙ୍ଗାରୁଜା କରିଥିଲେ। ଗୋଟିଏ ବସ୍ ନୁହେଁ ୨/୪ ଆମ



ବସ୍‌କୁ ଭଙ୍ଗାରୁଜା କରିଥିବା ସୂଚନା ମିଳିଛି। ରାସ୍ତା ଉପରେ ଶବ ରଖି ଅବରୋଧ କରିବାରୁ ଦୁଇ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଗାଡି ମଟର ଚଳାଚଳ ବନ୍ଦ ହୋଇଥିଲା। ତୀବ୍ର ଉତ୍ତେଜନା ପ୍ରକାଶ ପାଇବାରୁ ଫୋର୍ସ ସହ ଡିସିପି ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ।

ରାସ୍ତାରୋକ ହଟିବା ପରେ ପୋଲିସ ଶବ ଜବତ କରି କ୍ୟାପିଟାଲ୍ ହସ୍ପିଟାଲ୍‌କୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ମୃତଙ୍କ ଘରକୁ ଖବର ଦେଇଥିଲେ। ସିକ୍ୟୁରିଟି ଗାର୍ଡରେ କାମ କରି ମୃତକ ପରିବାର ପ୍ରତିପୋଷଣ କରୁଥିବାରୁ ଉତ୍ତ୍ୟକ୍ତ ଲୋକେ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରିଥିଲେ। କିଛି ସମୟ ବୁଝାସୁଝା ପରେ ଉତ୍ତ୍ୟକ୍ତ ଲୋକମାନେ ରାସ୍ତାରୁ ହଟିବା ପରେ ଗାଡି ଚଳାଚଳ ଶୋଭାବିକ ହୋଇଥିଲା। ଦୁର୍ଘଟଣା ଘଟାଇଥିବା ବସ୍‌କୁ ପୋଲିସ ଜବତ କରି ତଦନ୍ତ କରୁଛି।

# ଧାନ ଚାଷୀଙ୍କ ପାଇଁ ବିଏସ୍ଏଫ୍‌ର ଦୁଇଟି ଉଦ୍ଭାବନ




ଭୁବନେଶ୍ୱର,(ସବ୍ୟୁ): ବିଏଏସଏଫ ଇଣ୍ଡିଆ ଏହାର ଦୁଇଟି ନୂତନ ବିଶ୍ୱ ଫସଲ ସୁରକ୍ଷା ସମାଧାନ, ଭାଲେକ୍ସିଓ କୀଟନାଶକ ଏବଂ ମିବେଲ୍ୟା ଫଙ୍ଗିସାଇଡ୍ ଶୁଭାରମ୍ଭ କରିଛି, ଯାହା ଧାନ ଫସଲକୁ ସୁରକ୍ଷା ଓ ସେବା ପ୍ରଦାନ କରିବ । ଏହି ଦୁଇଟି ଉଦ୍ଭାବନର ପରିଚୟ ଭାରତର ଜାତୀୟ ଖାଦ୍ୟ ସୁରକ୍ଷା ଏଜେଣ୍ଡାକୁ ସମର୍ଥନ କରିବ । ଏହି ସମାଧାନଗୁଡ଼ିକ ଧାନ ଚାଷୀମାନଙ୍କୁ ସେମାନଙ୍କର ଧାନ ଅମଳ ବୃଦ୍ଧି କରିବାରେ ସାହାଯ୍ୟ କରିବ କାରଣ ଏହା ଏକ ପ୍ରମୁଖ ଧାନ କୀଟ ରାଇସ୍ ହପର ପରିଚାଳନା କରିବାରେ ଏବଂ ସିଥ୍ ବ୍ଲାଇଟ୍ ଭଳି ରୋଗକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିବ । ବାର୍ଷିକ ୧୦୦ ନିୟୁତ ମେଟ୍ରିକ୍ ଟନ୍ ରୁ ଅଧିକ ଉତ୍ପାଦନ ସହିତ, ଭାରତ ବିଶ୍ୱର ଦ୍ୱିତୀୟ ସର୍ବବୃହତ ଧାନ ଉତ୍ପାଦକ, ବିଶ୍ୱ ଧାନ ବାଣିଜ୍ୟର ପ୍ରାୟ ୪୦ ପ୍ରତିଶତରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଛି ।

ବିଏଏସଏଫ କୃଷି ସମାଧାନର ଗ୍ଲୋବାଲ୍ ଷ୍ଟ୍ରାଟେଜିକ୍ ମାର୍କେଟିଂ ଏବଂ ସଷ୍ଟେନେବିଲିଟିର ବରିଷ୍ଠ ଉପାଧ୍ୟକ୍ଷ ମାର୍କୋ ଗ୍ରୋଜଡାନୋଭିକ୍ କହିଛନ୍ତି ଯେ ‘‘ଭାଲେକ୍ସିଓ ହେଉଛି ବିଏଏସଏଫର ନୂତନତମ କୀଟନାଶକ ଏବଂ ଏହା କେବଳ ଏସିଆ ପ୍ୟାସିଫିକ ଧାନ ଚାଷୀମାନଙ୍କ ପାଇଁ ନୁହେଁ, ବରଂ ଏହି ଅଞ୍ଚଳର ଧାନ ଫସଲ ବ୍ୟବସ୍ଥା ପ୍ରତି ଆମର ଦୀର୍ଘକାଳୀନ ପ୍ରତିବଦ୍ଧତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ । ଆମେ ଏହାକୁ ଭାରତରେ ପ୍ରଥମେ ଆରମ୍ଭ କରିବାକୁ ସକ୍ଷମ ହେବା ପାଇଁ ବହୁତ ଉତ୍ସାହିତ କାରଣ ଆମେ ଜାଣୁ ଯେ ଧାନ ଚାଷୀମାନେ ସେମାନଙ୍କର କୀଟ ପରିଚାଳନାକୁ ସମର୍ଥନ କରିବା ପାଇଁ ନୂତନ ରସାୟନ ବିଜ୍ଞାନର ଆବଶ୍ୟକତା କିପରି ରଖିଛନ୍ତି, ସକ୍ରିୟ ଉପାଦାନର ବଜାର ମାନଦଣ୍ଡ ପ୍ରତି କୌଣସି ଜଣାଶୁଣା କ୍ରସ୍-ପ୍ରତିରୋଧ ନାହିଁ, ଏବଂ ଏହା ଚାରୋଟି ଧାନ ହପର ପ୍ରଜାତିର ସମସ୍ତ କ୍ଷତିକାରକ ଜୀବନ ପର୍ଯ୍ୟାୟ ବିରୁଦ୍ଧରେ ଉତ୍କୃଷ୍ଟ ପ୍ରଭାବ ଏବଂ ଦୀର୍ଘ ଅବଶିଷ୍ଟ ନିୟନ୍ତ୍ରଣ ପ୍ରଦାନ କରେ ।

# ହୀରାପୁରରେ ବିଶ୍ୱ ଋତୁସ୍ରାବ ଦିବସ




ଭୁବନେଶ୍ୱର,(ସବ୍ୟୁ): ଭୁବନେଶ୍ୱରର ବାଲଅନ୍ତା ହୀରାପୁର ଠାରେ ଚାଇଲ୍ଡ ହେଲ୍ପ ଫାଉଣ୍ଡେସନ୍ ଓ ଶୈଳବାଳା ଫାଉଣ୍ଡେସନ୍‌ର ମିଳିତ ଆନୁକୂଲ୍ୟରେ ହୀରାପୁର ଗ୍ରାମ ପଞ୍ଚାୟତ ଅଫିସରେ ବିଶ୍ୱ ଋତୁ ସ୍ରା ବ ଦିବସ ପାଳିତ ହୋଇଯାଇଛି । ଏଥିରେ ମହିଳା ମାନଙ୍କର ଋତୁ ସ୍ରାବ ଓ ପରିଷ୍କାର ପରିଚ୍ଛନ୍ନତା ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା । ଏଥିରେ ଚାଇଲ୍ଡ ହେଲ୍ପ ଫାଉଣ୍ଡେସନ୍‌ର ଭୁବନେଶ୍ୱର ଶାଖାର ମୁଖ୍ୟ ପରିଚାଳକ ନମ୍ରତା ପ୍ରସାଦ ଓ ଶୈଳବାଳା ଫାଉଣ୍ଡେସନ୍‌ର ସଂପାଦକ ବେବି ନାୟକ ମୁଖ୍ୟ ତିଥି ଡ. ବିଘ୍ନେଶ୍ୱର ଦାସ, ଡ. ଦିଶାଙ୍କ ଦୁଶିକ୍ଷା, ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଗ୍ରାମପଞ୍ଚାୟତର ମୁଖ୍ୟ ସରପଞ୍ଚ ଓ ମହିଳାମାନେ ଉପସ୍ଥିତ ଥିଲେ ।

# ହମାସର ଗାଜା ମୁଖ୍ୟ ନିହତ



ଗାଜା ସିଟି: ଇସ୍ରାଏଲ ସେନାର ଆକ୍ରମଣରେ ହମାସର ଗାଜା ମୁଖ୍ୟ ମହମ୍ମଦ ସିନୱାର ପ୍ରାଣ ହରାଇଛନ୍ତି । ମହମ୍ମଦ ସିନୱାର ହେଉଛନ୍ତି ଇସ୍ରାଏଲର ମୋଷ୍ଟ ୱାଣ୍ଟେଡ ତଥା ହମାସର ଦିବଂଗତ ମୁଖିଆ ୟାହୟା ସିନୱାରଙ୍କ ଭାଇ । ୟାହୟା ସିନୱାରଙ୍କୁ ଇସ୍ରାଏଲ ସେନା ଗତବର୍ଷ ଅକ୍ଟୋବର ମାସରେ ହତ୍ୟା କରିଥିଲେ । ସିନୟର ସିନୱାରଙ୍କ ମୃତ୍ୟୁ ପରେ ମହମ୍ମଦ ସିନୱାର ହମାସର ସବୁ ଦାୟିତ୍ୱ ଗ୍ରହଣ କରିଥିଲେ ।ସେ ସଂଗଠନର ସବୁଠାରୁ ବରିଷ୍ଠ ସଦସ୍ୟ ଭାବେ କାମ କରୁଥିଲେ । ମହମ୍ମଦ ସିନୱାର ଏୟାର ଷ୍ଟ୍ରାଇକରେ ପ୍ରାଣ ହରାଇଥିବା ନେତାନ୍ୟାହୁ ଘୋଷଣା କରିଛନ୍ତି ।

ମିଳିଥିବା ସୂଚନା ଅନୁସାରେ, ଦକ୍ଷିଣ ଗାଜାରେ ରହିଛି ୟୁରୋପୀୟ ହସ୍ପିଟାଲ । ଏହାର ଆଡୁଆଳରେ ହମାସ ପକ୍ଷରୁ ଗୋଟିଏ ଅଣ୍ଡର ଗ୍ରାଉଣ୍ଡ କମାଣ୍ଡ ସେଣ୍ଟର ଖୋଲା ଯାଇଥିଲା । ସେଠାରେ ମହମ୍ମଦ ସିନୱାର ଛପି ରହିଥିଲେ । କିନ୍ତୁ ମେ' ୧୪ରେ ଇସ୍ରାଏଲ ସେନା ସେଠାରେ କରିଥିବା ଏୟାର ଷ୍ଟ୍ରାଇକରେ ସେ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ତୁରନ୍ତ ଖାନ ୟୁନିସରେ ଥିବା ୟୁରୋପୀୟ ହସ୍ପିଟାଲକୁ ନିଆଯାଇଥିଲା । ହେଲେ ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି । ସମାନ ଷ୍ଟ୍ରାଇକରେ ହମାସର ରାଫା ବ୍ରିଗେଡ କମାଣ୍ଡର ମହମ୍ମଦ ଶବନା ମଧ୍ୟ ପ୍ରାଣ ହରାଇଥିବା କୁହାଯାଉଛିଛ ଉଭୟ ଅଣ୍ଡର ଗ୍ରାଉଣ୍ଡ କମାଣ୍ଡରେ ତଳେ ଥିବା ବେଳେ ଏୟାର ଷ୍ଟ୍ରାଇକରେ ନିହତ ହୋଇଥିବା ଇସ୍ରାଏଲ ପକ୍ଷରୁ କୁହାଯାଇଛି ।

୨୦୨୩ ଅକ୍ଟୋବର ୭ରୁ ଇସ୍ରାଏଲ ଓ ହମାସ ମଧ୍ୟରେ ଯୁଦ୍ଧ ଲାଗି ରହିଛିଛ ହମାସକୁ ମୂଳପୋଛ କରିବା ପାଇଁ ଇସ୍ରାଏଲ ସେନା ଗାଜା ପଟିରେ ଘନଘନ ଆକ୍ରମଣ କରିଚାଲିଥିଲା । ଏଥିରେ ହମାସ ସଦସ୍ୟଙ୍କ ସମେତ ନିରୀହ ଲୋକଙ୍କ ମଧ୍ୟ ଜୀବନ ଯାଉଛି । ହେଲେ ଇସ୍ରାଏଲ ଏହାକୁ ଖାତିର ନ କରି ପୂରା ଗାଜାକୁ ନିଜ ନିୟନ୍ତ୍ରଣକୁ ନେବାକୁ ଅପରେସନକୁ ଜୋରଦାର କରିଛି ।

# ଏମ୍ଆଇଏସ୍ଏସ୍ ଲାଗି ପାଣ୍ଠି ମଞ୍ଜୁର

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ବୁଧବାର ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ସଂଶୋଧିତ ସୁଧ ସବସିଡି ଯୋଜନା (ଏମଆଇଏସଏସ) ଅନ୍ତର୍ଗତ ସୁଧ ସବସିଡି (ଆଇଏସ) ବ୍ୟବସ୍ଥା ଜାରି ରଖିବାକୁ ଏବଂ ଏଥିପାଇଁ ଆବଶ୍ୟକ ପାଣ୍ଠି ବନ୍ଦବୋସ୍ତକୁ ମଂଜୁର କରିଛନ୍ତି ।

ସଂଶୋଧିତ ସୁଧ ସବସିଡି ଯୋଜନା ହେଉଛି ଏକ କେନ୍ଦ୍ରୀୟ କ୍ଷେତ୍ର ଯୋଜନା ଯାହାର ଲକ୍ଷ୍ୟ ହେଉଛି କିଷାନ କ୍ରେଡିଟ୍ କାର୍ଡ (କେସିସି) ମାଧ୍ୟମରେ ଚାଷୀମାନଙ୍କୁ ସୁଲଭ ସୁଧ ହାରରେ ସ୍ୱଳ୍ପକାଳୀନ ଋଣ ଉପଲବ୍ଧତା ସୁନିଶ୍ଚିତ କରିବା ।

ଏହି ଯୋଜନା ଅଧୀନରେ ଚାଷୀମାନେ କିଷାନ କ୍ରେଡିଟ୍ କାର୍ଡ (କେସିସି) ମାଧ୍ୟମରେ ୭ ପ୍ରତିଶତ ରିହାତି ସୁଧ ହାରରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱଳ୍ପକାଳୀନ ଋଣ ପାଆନ୍ତି, ଯୋଗ୍ୟ ଋଣ ପ୍ରଦାନକାରୀ ସଂସ୍ଥାଗୁଡ଼ିକୁ ୧.୫ ପ୍ରତିଶତ ସୁଧ ରିହାତି ପ୍ରଦାନ କରାଯାଏ । ଏହା ସହିତ, ଯେଉଁମାନେ ସମୟସୀମା ମଧ୍ୟରେ ସେମାନଙ୍କର ଋଣ ପରିଶୋଧ କରନ୍ତି, ସେମାନେ ତୁରନ୍ତ ପରିଶୋଧ ପ୍ରୋତ୍ସାହନ (ପିଆରଆଇ) ଭାବରେ ୩ ପ୍ରତିଶତ ପର୍ଯ୍ୟନ୍ତ ପ୍ରୋତ୍ସାହନ ପାଇବାକୁ ଯୋଗ୍ୟ, ଯାହା ପ୍ରଭାବଶାଳୀ ଭାବରେ କିଷାନ କ୍ରେଡିଟ୍ କାର୍ଡ ଋଣ ଉପରେ ସେମାନଙ୍କର ସୁଧ ହାରକୁ ୪ ପ୍ରତିଶତକୁ ହ୍ରାସ କରିଥାଏ । ପଶୁପାଳନ କିମ୍ବା ମତ୍ସ୍ୟପାଳନ ପାଇଁ ନିଆଯାଇଥିବା ଋଣ ଉପରେ କେବଳ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏହି ସୁଧ ଲାଭ ପ୍ରଯୁଜ୍ୟ । ଏହି ସ୍କିମର ଢାଞ୍ଚା ଓ ଅନ୍ୟ ଉପାଦାନଗୁଡ଼ିକ ଲାଗି କୌଣସି ପରିବର୍ତ୍ତନର ପ୍ରସ୍ତାବ ନାହିଁ ।



ଦେଶରେ ୭.୭୫ କୋଟିରୁ ଅଧିକ କିଷାନ କ୍ରେଡିଟ୍ କାର୍ଡ ଖାତା ଅଛି । କୃଷିକୁ ସଂସ୍ଥାଗତ ଋଣ ପ୍ରବାହ ବଜାୟ ରଖିବା ପାଇଁ ଏହି ସମର୍ଥନ ଜାରି ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯାହା ଉତ୍ପାଦକତା ବୃଦ୍ଧି ଏବଂ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ପାଇଁ ଆର୍ଥିକ ଅନ୍ତର୍ଭୁକ୍ତି ସୁନିଶ୍ଚିତ କରିବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କୃଷି ଋଣର ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ କିଷାନ କ୍ରେଡିଟ୍ କାର୍ଡ ମାଧ୍ୟମରେ ସଂସ୍ଥାଗତ ଋଣ ପ୍ରଦାନ ୨୦୧୪ ମସିହାରେ ୪.୨୬ ଲକ୍ଷ କୋଟି ଟଙ୍କାରୁ ଡିସେମ୍ବର ୨୦୨୪ ସୁଦ୍ଧା ୧୦.୦୫ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି ।

ସାମଗ୍ରିକ କୃଷି ଋଣ ପ୍ରବାହ ମଧ୍ୟ ୨୦୧୩-୧୪ ଆର୍ଥିକ ବର୍ଷରେ ୭.୩ ଲକ୍ଷ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୦୨୩-୨୪ ଆର୍ଥିକ ବର୍ଷରେ ୨୫.୪୯ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଅଗଷ୍ଟ ୨୦୨୩ରେ ଆରମ୍ଭ ହୋଇଥିବା କିଷାନ ଋଣ ପୋର୍ଟାଲ୍ (କେଆରପି) ଭଳି ଡିଜିଟାଲ୍ ସଂସ୍କାର ଦାବି ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ଦକ୍ଷତା ବୃଦ୍ଧି କରିଛି । ବର୍ତ୍ତମାନର କ୍ରେଡିଟ୍ ଖର୍ଚ୍ଚ ଧାରା, ହାରାହାରି ଏମସିଏଲଆର ଏବଂ ରେପୋ ହାର ପରିବର୍ତ୍ତନକୁ ଦୃଷ୍ଟିରେ ରଖି, ଗ୍ରାମୀଣ ଏବଂ ସମବାୟ ବ୍ୟାଙ୍କଗୁଡ଼ିକୁ ସମର୍ଥନ କରିବା ଏବଂ କୃଷକମାନଙ୍କ ପାଇଁ କମ ମୂଲ୍ୟର ଋଣ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ସୁଧ ସବଭେନ୍ସନ୍ ହାରକୁ ୧.୫ ପ୍ରତିଶତରେ ବଜାୟ ରଖିବା ଜରୁରୀ ହୋଇଯାଇଛି ।

ଏହି କ୍ୟାବିନେଟ୍ ନିଷ୍ପତ୍ତି ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା, ଗ୍ରାମୀଣ ଋଣ ଇକୋ-ସିଷ୍ଟମକୁ ସୁଦୃଢ଼ କରିବା ଏବଂ ସମୟୋଚିତ ଏବଂ ସୁଲଭ ଋଣ ଉପଲବ୍ଧତା ମାଧ୍ୟମରେ କୃଷି ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ ଅଟଳ ପ୍ରତିବଦ୍ଧତାକୁ ଦର୍ଶାଉଛି ।

# ୩ ଭାରତୀୟ ଯୁବକଙ୍କୁ ଇରାନକୁ ଅପହରଣ

ତେହେରାନ: ପଞ୍ଜାବର ୩ ଯୁବକଙ୍କୁ ଅଷ୍ଟ୍ରେଲିଆରେ କାମ ଦେବାକୁ କହି ଇରାନ୍ ଅପହରଣ କରି ନିଆଯାଇଥିବା ଅଭିଯୋଗ ହୋଇଛି । ଟ୍ରାଭେଲ୍ ଏଜେଣ୍ଟ ସେମାନଙ୍କୁ ଅଷ୍ଟ୍ରେଲିଆ କହି ଠକି ଦେଇଛି । ଯାହା ଫଳରେ ୩ ଭାରତୀୟ ଯୁବକ ଇକାନରେ ଠକଙ୍କ ଦ୍ୱାରା ବନ୍ଦୀ ଅଛନ୍ତି । ତେବେ ଏହି ୩ ଭାରତୀୟ ଯୁବକଙ୍କ ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ ସେମାନେ ମେ ୧ ତାରିଖରୁ ଘର ସହ କୌଣସି ଯୋଗାଯୋଗ କରି ନାହାନ୍ତି । ଅପହରଣର ୧୧ ଦିନ ପରେ ସେମାନଙ୍କ ପରିବାରକୁ ଠକଙ୍କ ତରଫରୁ ଭିଡିଓ କଲ କରାଯାଇଥିଲା ଯେଉଁଥିରେ ୩ ଭାରତୀୟ ଯୁବକଙ୍କ ହାତ ବନ୍ଧାଥିବା ସହ ଦେହରେ କଟା ଦାଗ ଥିବା ଦେଖିବାକୁ ମିଳିଥିଲା । ଠକ ଏମାନଙ୍କୁ ମାରି ଦେବାକୁ ଧମକ ଦେବା ସହ ଛାଡିବାକୁ କୋଟି କୋଟି ଟଙ୍କା ମାଗୁଥିବା ପରିବାର ଲୋକେ ଅଭିଯୋଗ କରିବା ସହ ସେମାନଙ୍କ ପିଲାଙ୍କୁ ସୁରକ୍ଷିତ ଫେରାଇ ଆଣିବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି ।

# ଆଜି ୪ ରାଜ୍ୟରେ ପୁଣି ହେବ ମକ୍ ଡ୍ରିଲ୍



ନୂଆଦିଲ୍ଲୀ : ଦେଶରେ ପୁଣି ଥରେ ମକ୍ ଡ୍ରିଲ୍ ପାଇଁ ପ୍ରସ୍ତୁତି ଚାଲିଛି । ପାକିସ୍ତାନକୁ ଲାଗିଥିବା ରାଜସ୍ଥାନ, ଗୁଜରାଟ, ପଞ୍ଜାବ ଏବଂ ଜମ୍ମୁ-କାଶ୍ମୀରରେ ଗୁରୁବାର ମକ୍ ଡ୍ରିଲ୍ ହେବ । ଏହି ସମୟ ମଧ୍ୟରେ ଲୋକଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ଏହି ମକଡ୍ରିଲକୁ ନେଇ କଳ୍ପନାଜଳ୍ପନା ବଢିଯାଇଛି । କାରଣ ଚଳିତ ମାସ ୭ ତାରିଖରେ ଦେଶ ବିଭିନ୍ନ ରାଜ୍ୟରେ ମକଡ୍ରିଲ ହୋଇଥିଲା । ସେହିଦିନ ରାତିରେ ହିଁ ଭାରତୀୟ ବାୟୁସେନା ଅପରେସନ୍ ସିନ୍ଦୂର କରିଥିଲା ।ଏହା ମାଧ୍ୟମରେ ଭାରତ ପାକିସ୍ତାନ ଅଧିକୃତ କଶ୍ମୀର ଓ ପାକିସ୍ତାନର ବିଭିନ୍ନ ସ୍ଥାନରେ ଥିବା ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ନଷ୍ଟ କରିଦେଇଥିଲା । ପାକିସ୍ତାନର ସବୁ ଉଦ୍ୟମ ଭାରତୀୟ ସେନାର ଏୟାର ଡିଫେନ୍ସ ନଷ୍ଟ କରି ଦେଇଥିଲା । ପାକିସ୍ତାନର ଡ୍ରୋନ ଆଟାକ ବେଳେ ସୀମାନ୍ତ ସହର ଗୁଡ଼ିକରେ ଯୁଦ୍ଧ ସାଇରନ ବଜା ଯାଇଥିଲା ଓ ବ୍ଲାକଆଉଟ କରାଯାଇଥିଲା । ଅପରେସନ ସିନ୍ଦୂର ବେଳେ ପାକିସ୍ତାନର ୫୩୨ କିମି ସୀମାନ୍ତ ଅଞ୍ଚଳକୁ ଲାଗିଥିବା ପଞ୍ଜାବର ସମସ୍ତ ସୀମାନ୍ତ ଜିଲ୍ଲାରେ ହାଇଆଲର୍ଟ ଜାରି କରାଯାଇଥିଲା ।

# ଅସ୍ତ୍ରବିରତି ପାଇଁ ସମ୍ପର୍କ କରିଥିଲା ପାକିସ୍ତାନ

ନୂଆଦିଲ୍ଲୀ: ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଅପରେସନ ସିନ୍ଦୂର ଜରିଆରେ ଆତଙ୍କବାଦୀଙ୍କ ଉପରେ ଶକ୍ତିଶାଳୀ ଆକ୍ରମଣ କରି ପ୍ରତିଶୋଧ ନେଇଥିଲା । ଏହି ଆକ୍ରମଣ ପରେ ପାକିସ୍ତାନ କ୍ରମାଗତ ଭାବେ ଅସ୍ତ୍ରବିରତି ଉଲ୍ଲଙ୍ଘନ କରି ଚାଲିଥିଲା । ଏହାର ବି କଡ଼ା ଜବାବ ଦେଇଥିଲା ଭାରତ ।ଏହାପରେ ଭାରତ-ପାକିସ୍ତାନ ମଧ୍ୟରେ ଅନିର୍ଦ୍ଦିଷ୍ଟକାଳ ଯାଏ ଅସ୍ତ୍ରବିରତି ଜାରି ରହିବା ନେଇ ସେନା ପକ୍ଷରୁ ସୂଚନା ଦିଆଯାଇଥିଲା । ସମ୍ପ୍ରତି ଅସ୍ତ୍ରବିରତିକୁ ନେଇ ଏକ ନୂଆ ସୂଚନା ସାମ୍ନାକୁ ଆସିଛ ।




ବିଶେଷ ସୂତ୍ରରୁ ଖବର ମିଳିଛି, ଅସ୍ତ୍ରବିରତି ପାଇଁ ପାକିସ୍ତାନ ଭାରତକୁ ଥରେ ନୁହେଁ ଦୁଇଥର ସମ୍ପର୍କ କରିଥିଲା । ପ୍ରଥମେ ମଇ ୭ ତାରିଖରେ ପାକିସ୍ତାନର ନିର୍ଦ୍ଦେଶକ ଜେନେରାଲ ଅଫ ମିଲିଟାରୀ ଅପରେସନ୍ସ ପକ୍ଷରୁ ଔପଚାରିକ ଭାବେ ବାର୍ତ୍ତା ସହିତ ଅସ୍ତ୍ରବିରତି ପାଇଁ ଭାରତ ସହ ସମ୍ପର୍କ କରାଯାଇଥିଲା । ଏହାପରେ ପୁଣି ମଇ ୧୦ ତାରିଖ ସନ୍ଧ୍ୟା ୩.୩୫ ମିନିଟରେ ଡିଜିଏମଓସ୍ତରରେ ଆଲୋଚନା ହୋଇଥିଲା ।

ଏହାପରେ ଉଭୟ ଦେଶ ଅସ୍ତ୍ରବିରତି ପାଇଁ ରାଜି ହୋଇଯାଇଥିଲେ । କାରଣ ଉଦ୍ଦେଶ୍ୟ ଥିଲା ଯୁଦ୍ଧ ବାତାବରଣକୁ ଶାନ୍ତ କରିବାଛ ଅପରେସନ ସିନ୍ଦୂର ଆକ୍ରମଣରେ ପାକିସ୍ତାନରେ ପ୍ରାଣ ହରାଇଥିବା ମୃତକଙ୍କ ସଂଖ୍ୟା ୧୬୦ ହୋଇଯାଇଛ । ପାକିସ୍ତାନ ସେନାର ୪୦ଜଣ ସୈନିକଙ୍କ ମୃତ୍ୟୁ ହୋଇଥିବା ବେଳେ ପାକିସ୍ତାନ ମାତ୍ର ୧୧ଜଣ ସୈନିକଙ୍କ ମୃତ୍ୟୁ ହୋଇଥିବା ସୂଚନା ଦେଇଛି ।

# ଅପରେସନ ସିନ୍ଦୂର ଚର୍ଚ୍ଚାରେ ଦୁଇ ଯବାନ

ନୂଆଦିଲ୍ଲୀ: ଭାରତୀୟ ସେନା ନିଜର ବୀରତ୍ୱ ଏବଂ ସାହସ ଦେଖାଇ ମେ ୬ ରାତିରେ ପାକିସ୍ତାନରେ ପ୍ରବେଶ କରି ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ଧ୍ୱଂସ କରିଥିଲା । ଏହା ପରେ ସେନା ଅପରେସନ ସିନ୍ଦୂରର ଏକ ଲୋଗୋ ଜାରି କରିଥିଲା । ସେବେଠାରୁ,




ଅପରେସନ ସିନ୍ଦୁରର ଏହି ଲୋଗୋ ବହୁତ ଲୋକପ୍ରିୟ ହୋଇଛି । ଭାରତୀୟ ସଶସ୍ତ୍ର ବାହିନୀର 'ଅପରେସନ୍ ସିନ୍ଦୂର'ର ସରଳ ଏବଂ ପ୍ରତୀକାତ୍ମକ ଲୋଗୋ ଦୁଇଜଣ ଯବାନଙ୍କ ଦ୍ୱାରା ଡିଜାଇନ୍ କରାଯାଇଥିଲା । ଏହି ଲୋଗୋ ଦେଶର କୋଟି କୋଟି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ।

ସୂଚନା ମୁତାବକ ଏହି ନିର୍ଣ୍ଣାୟକ ସାମରିକ କାର୍ଯ୍ୟାନୁଷ୍ଠାନର ଲୋଗୋ ଲେଫ୍ଟନାଣ୍ଟ କର୍ଣ୍ଣେଲ ହର୍ଷ ଗୁପ୍ତା ଏବଂ ହାବିଲଦାର ସୁରିନ୍ଦର ସିଂହ ଡିଜାଇନ୍ କରିଥିଲେ । ବାସ୍ତବରେ ଭାରତୀୟ ସେନାର ଅପରେସନ ସିନ୍ଦୂରକୁ ନେଇ ଉତ୍ସର୍ଗୀକୃତ ପତ୍ରିକା 'ବାତଚିତ୍'ର ସଦ୍ୟତମ ସଂସ୍କରଣରେ ଉଭୟଙ୍କ ଫଟୋ ମଧ୍ୟ ସ୍ଥାନ ପାଇଛି ।

# କମଲ ହାସନ ଯିବେ ରାଜ୍ୟସଭା

ନୂଆଦିଲ୍ଲୀ: ଅଭିନେତାରୁ ରାଜନେତା ପାଲଟିଥିବା କମଲ ହାସନ ରାଜ୍ୟସଭା ଯାଇପାରନ୍ତି । ତାମିଲନାଡୁର ଶାସକ



ଡିଏମକେ ବୁଧବାର ପ୍ରକାଶ କରିଛି ଯେ ଏହା ରାଜ୍ୟସଭାର ନିର୍ବାଚନରେ ୪ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିବ । ଦଳ କହିଛି ଯେ ଏହା କମଲ ହାସନଙ୍କ ଦଳ ମକ୍କଲ ନିଧି ମୟମକୁ ଗୋଟିଏ ଆସନ ଦେଇଛି । ରାଜ୍ୟସଭା ପାଇ ନିର୍ବାଚନ ଜୁନ ୧୯ରେ ଅନୁଷ୍ଠିତ ହେବାକୁ ଯାଉଛ । ଡିଏମକେ ରାଜ୍ୟସଭା ନିର୍ବାଚନ ପାଇଁ ୩ ଜଣ ପ୍ରାର୍ଥୀଙ୍କ ନାମ ମଧ୍ୟ ଘୋଷଣା କରିଛି ।

# ମଣିପୁରରେ ନୂଆ ସରକାର ଗଠନ ପାଇଁ ପ୍ରୟାସ

ନୂଆଦିଲ୍ଲୀ : ଦୀର୍ଘ ଦିନ ଧରି ଅଶାନ୍ତ ଥିବା ମଣିପୁରରେ ଏକ ରାଜନୈତିକ ଘଟଣାକ୍ରମ ଘଟିଛି । ବିଜେପି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଥୋକ୍‌ଚମ୍ ରାଧେଶ୍ୟାମ ରାଜ୍ୟପାଳଙ୍କୁ ସାକ୍ଷାତ କରି ୪୪ ବିଧାୟକଙ୍କ ସମର୍ଥନ ଥିବା ଦର୍ଶାଇ ସରକାର ଗଠନ କରିବାକୁ ଦାବି କରିଛନ୍ତି । ରାଧେଶ୍ୟାମଙ୍କ ନେତୃତ୍ୱରେ ବିଧାୟକମାନେ ଇମ୍ଫାଲ ରାଜଭବନରେ ରାଜ୍ୟପାଳ ଏକେ ଭାଲାଙ୍କୁ ସାକ୍ଷାତ କରିଛନ୍ତି ।

ରାଧେଶ୍ୟାମ କହିଛନ୍ତି ଯେ ସମସ୍ତ ୪୪ ବିଧାୟକ ଏକ ଲୋକପ୍ରିୟ ସରକାର ଗଠନ ପାଇଁ ରାଜି ହୋଇଛନ୍ତି । ଲୋକଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ବିଧାୟକମାନେ ସରକାର ଗଠନ କରିବେ । ସମସ୍ତ ପ୍ରସଙ୍ଗର ସମାଧାନ ନେଇ ଆଲୋଚନା ହୋଇଛି । ୧୦ ବିଧାୟକ ଓ ତାଙ୍କ ପ୍ରତିନିଧିମାନେ ରାଜ୍ୟପାଳଙ୍କୁ ସାକ୍ଷାତ କରି ତାଙ୍କ ସ୍ଥିତି ସ୍ପଷ୍ଟ କରିଛନ୍ତି । ତେବେ ରାଜ୍ୟପାଳ ଲୋକଙ୍କ ହିତ ଦୃଷ୍ଟିରୁ ପଦକ୍ଷେପ ନେବେ ବୋଲି ସୂଚନା ମିଳିଛି । ତେବେ ବିଜେପି ବିଧାୟକ କହିଛନ୍ତି ଯେ ତାଙ୍କ ଦଳ ଏକ ଜାତୀୟ ପାର୍ଟି । ତେଣୁ କେନ୍ଦ୍ରୀୟ ନେତୃତ୍ୱଙ୍କ ନିଷ୍ପତ୍ତି ଉପରେ ଅପେକ୍ଷା କରାଯାଇଛି । ଆମେ ସେମାନଙ୍କୁ ସୂଚନା ଦେବୁ ଓ ରାଜ୍ୟପାଳଙ୍କୁ ସରକାର ଗଠନ ପାଇଁ ଦାବି କରିବୁ । ସରକାର ଗଠନ ପାଇଁ କେହି ବିରୋଧ କରିନାହାନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ୍ ବିରେନ୍ ସିଂହ ମଧ୍ୟ ମଙ୍ଗଳବାର ରାଜ୍ୟପାଳଙ୍କୁ ସାକ୍ଷାତ କରିଥିଲେ ।

ବିଜେପି ରାଜ୍ୟସଭା ସାଂସଦ ମହାରାଜା ସଞ୍ଜୋବା କହିଛନ୍ତି ଯେ ଦୁଇ ମାସ ଆଶା କରାଯାଉଛି ଲୋକପ୍ରିୟ ସରକାର ଗଠନ ହୋଇଯିବ । ଏବେ ମଣିପୁରରେ ରାଷ୍ଟ୍ରପତି ଶାସନ ଚାଲିଛି । ରାଷ୍ଟ୍ରପତି ଶାସନ ସବୁ ସମସ୍ୟାକୁ ସମାଧାନ କରିପାରୁନାହିଁ । ଏକ ଲୋକପ୍ରିୟ ସରକାର ସଠିକ୍ କାର୍ଯ୍ୟ କରି ବର୍ତ୍ତମାନ ଦେଖାଦେଇଥିବା ସମସ୍ୟାକୁ ସମାଧାନ କରିପାରିବ ।

# ଶଶି ଥରୁର୍‌ଙ୍କ ପ୍ରଶଂସା ନେଇ କଂଗ୍ରେସର ଆପତ୍ତି

ନୂଆଦିଲ୍ଲୀ : ସଂସଦୀୟ କମିଟିରେ ସାମିଲ ହୋଇଥିବା କଂଗ୍ରେସ ସାଂସଦ ଶଶି ଥରୁର୍ ନରେନ୍ଦ୍ର ମୋଦି ସରକାରଙ୍କୁ ପହଲଗାମ୍ ଆତଙ୍କୀ ଆକ୍ରମଣ ଘଟଣାରେ ଦେଇଥିବା



ଜବାବ ନେଇ ପ୍ରଶଂସା କରିଛନ୍ତି । ଯାହାକୁ ନେଇ କଂଗ୍ରେସ ଆପତ୍ତି ଉଠାଇଛି । ପାନାମାରେ ଶ୍ରୀ ଥରୁର କହିଥିଲେ ଯେ ବର୍ତ୍ତମାନର ମୋଦି ସରକାର ୪ ଥର ସର୍ଜିକାଲ ଷ୍ଟ୍ରାଇକ୍ କରିଛନ୍ତି । କଂଗ୍ରେସ ପକ୍ଷରୁ ଏହାକୁ ନେଇ ଆପତ୍ତି ଉଠାଯାଇ କୁହାଯାଇଛି ଯେ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ଶାସନ କାଳରେ ୬ ସର୍ଜିକାଲ୍ ଷ୍ଟ୍ରାଇକ୍ ହୋଇଥିଲା । ମାତ୍ର ତାହାର ପ୍ରଚାର କରାଯାଇନଥିଲା । ଶଶି ଥରୁର୍‌ଙ୍କର ୪ ଥର ସର୍ଜିକାଲ ଷ୍ଟ୍ରାଇକ୍ ମନ୍ତବ୍ୟକୁ ନେଇ ଏବେ କଂଗ୍ରେସ ତାଙ୍କୁ ଘେରିବା ଆରମ୍ଭ କରିଛି । କଂଗ୍ରେସ ମୁଖପାତ୍ର ପୱନ ଖେରା କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମନ୍‌ମୋହନ ସିଂହଙ୍କ କାର୍ଯ୍ୟକାଳରେ ବହୁ ସର୍ଜିକାଲ ଷ୍ଟ୍ରାଇକ୍ ହୋଇଥିଲା । ମାତ୍ର ଥରୁର୍‌ଙ୍କ ଭଳି କଂଗ୍ରେସର ଜଣେ ବରିଷ୍ଠ ନେତା ସେ ସମ୍ପର୍କରେ କିଛି କହୁନାହାନ୍ତି । ଅପରପକ୍ଷରେ ଅପରେସନ୍ ସିନ୍ଦୂର ପୋଷ୍ଟ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କୁ ପ୍ରଶଂସା କରିବାରେ ଲାଗିଛନ୍ତି । କଂଗ୍ରେସ ବିଶ୍ୱାସ କରେ ଯେ ସରକାର ବର୍ତ୍ତମାନ ଅସ୍ତ୍ରବିରତୀ ପ୍ରସଙ୍ଗରେ ବ୍ୟାକ୍‌ଫୁଟ୍‌ରେ ଅଛନ୍ତି । ଏହି ପ୍ରସଙ୍ଗ ସବୁବେଳେ ଉଠାଯିବ । ଶଶି ଥରୁର ଏବେ ଭାରତ ପକ୍ଷରୁ ଯାଇଥିବା ସର୍ବଦଳୀୟ ପ୍ରତିନିଧିର ନେତୃତ୍ୱ ନେଇ ପାନାମାରେ ଅଛନ୍ତି । ସେ ଆମେରିକା ଗସ୍ତ ଶେଷ କରିଛନ୍ତି । କଂଗ୍ରେସ ନେତା ଉଦିତ୍ ରାଜ୍ ଶଶି ଥରୁରଙ୍କୁ ବିଜେପିର ସୁପର ମୁଖପାତ୍ର ବୋଲି ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି ଯେ ବିଜେପି ସଦସ୍ୟଙ୍କ ଅପେକ୍ଷା ଶ୍ରୀ ଥରୁର୍ ପ୍ରଧାନମନ୍ତ୍ରୀଙ୍କୁ ପ୍ରଶଂସା କରିବାରେ ଆଗରେ ଅଛନ୍ତି । ସେନା କାର୍ଯ୍ୟାନୁଷ୍ଠାନର କେନ୍ଦ୍ର ସରକାର ଅଯଥା ଶ୍ରେୟ ନେବାକୁ ଚାହୁଁଛି ।

# ପାକ୍ ଭୋଲାରୀ ଏୟାର୍‌ବେସ୍ ଛାରଖାର

ନୂଆଦିଲ୍ଲୀ: ଭାରତୀୟ ସେନାର ପ୍ରଚଣ୍ଡ ଆକ୍ରମଣରେ ଛାରଖାର ହୋଇଛି ପାକିସ୍ତାନର ଭୋଲାରୀ ଏୟାରବେସ୍ । ଅପରେସନ ସିନ୍ଦୂର ବେଳେ ଭାରତ ପକ୍ଷରୁ ୧୨ରୁ ଅଧିକ ପାକିସ୍ତାନୀ ଏୟାର ବେସ୍ ଉପରେ ଆକ୍ରମଣ ହୋଇଥିବା ବେଳେ ଏବେ ଭୋଲାରୀ ଏୟାରବେସର କ୍ଷତିଗ୍ରସ୍ତ ଦୃଶ୍ୟ ସାମ୍ନାକୁ ଆସିଛି । ଭୋଲାରୀ ଏୟାରବେସର ଏକ ନିର୍ଦ୍ଦିଷ୍ଟ ସ୍ଥାନକୁ ଆକ୍ରମଣ କରାଯାଇଥିବା ବେଳେ ସେଠାରେ ୪ଟି ଲଢୁଆ ବିମାନ ସହ ଅନେକ ଯୁଦ୍ଧାସ୍ତ୍ର ଥିଲା । ବ୍ରହ୍ମୋସ୍ ମିସାଇଲ୍ ଦ୍ୱାରା ଏହି ଆକ୍ରମଣ କରାଯାଇଥିବା ବେଳେ ଭୋଲାରୀ ଏୟାରବେସର ଭୟଙ୍କର କ୍ଷୟକ୍ଷତି ହୋଇଛି । କୁହାଯାଉଛି ୬ ଜଣ ପାକିସ୍ତାନୀ ବାୟୁସେନାର ଯବାନ ମଧ୍ୟ ଏଥିରେ ପ୍ରାଣ ହରାଇଛନ୍ତି ।


ଭୋଲାରୀ ଏୟାରବେସ ପାକିସ୍ତାନର ସବୁଠାରୁ ଉନ୍ନତମାନର ଯୁଦ୍ଧବିମାନ ସୁରକ୍ଷିତ ରହୁଥିବା ସ୍ଥାନ । ଅପରେସନ୍ ସିନ୍ଦୂର ଜରିଆରେ ଭାରତ ପାକିସ୍ତାନରେ କେବଳ ଆଡ୍ଡା ଜମାଇଥିବା ଆତଙ୍କବାଦୀଙ୍କ ଠିକଣା ଧ୍ୱଂସ କରିନି ବରଂ ଭୋଲାରୀ ଏୟାରବେସ୍ ପରି ଅନେକ ଏୟାରବେସକୁ ମଧ୍ୟ ମାଟିରେ ମିଶାଇଛି । ପାକ୍ ସେନାର ମେରୁଦଣ୍ଡ କୁହାଯାଉଥିବା ନୁରଖାନ ଓ ମୁରିଦ ଏୟାରବେସ୍‌କୁ ଧ୍ୱଂସ କରିଛି ଭାରତ । ପାକ୍ ସେନା ମୁଖ୍ୟାଳୟଠୁ କେବଳ ୧୦ କିଲୋମିଟର ଦୂରରେ ରହିଥିବା ଏହି ଏୟାରବେସରେ ତାଣ୍ଡବ ରଚିଥିଲା ଭାରତ ।



# ଗୁପ୍ତଚର ପାଇଁ ଗିରଫ ଯବାନଙ୍କୁ ନେଇ ଆସିଲା ନୂଆ ତଥ୍ୟ

ନୂଆଦିଲ୍ଲୀ: ପାକିସ୍ତାନକୁ ଗୁପ୍ତ ତଥ୍ୟ ଯୋଗାଉଥିବା ସନ୍ଦେହରେ ଏନଆଇଏ ସିଆରପିଏଫ ଯବାନଙ୍କୁ ଗିରଫ କରିଥିଲା । ସିଆରପିଏଫ ଯବାନ ତାଙ୍କ ବୟାନରେ କହିଛନ୍ତି ଯେ ସେ ଭୁଲରେ ଫସି ଯାଇଥିଲେ ଏବଂ ଏଥିରୁ ବାହାରି ପାରିନଥିଲେ । ଅଭିଯୋଗ ହୋଇଛି ଯେ ସିଆରପିଏଫ ଯବାନ ମୋତି ରାମ ଜାଟ ଭାରତର ସମ୍ବେଦନଶୀଳ ସୂଚନା ପାକିସ୍ତାନକୁ ପଠାଇଛନ୍ତି । ଏଥିପାଇଁ ମୋତି ରାମଙ୍କୁ ଟଙ୍କା ଦିଆଯାଇଥିଲା । ଗୁପ୍ତଚର ଅଭିଯୋଗରେ ଅଭିଯୁକ୍ତ ଯବାନଙ୍କୁ ସିଆରପିଏଫ ବରଖାସ୍ତ କରିଛି । ଏନଆଇଏ ଅଧିକାରୀମାନେ ସିଆରପିଏଫ ଯବାନଙ୍କୁ ପଚରାଉଚରା କରିଛନ୍ତ ।

ଜଣେ ଅଧିକାରୀ ମୋତି ରାମଙ୍କ ପଚରାଉଚରା ଉପରେ କହିଛନ୍ତି, ତାଙ୍କ ଫୋନରୁ ପାକିସ୍ତାନୀ ହ୍ୟାଣ୍ଡଲରଙ୍କ ଚାଟ୍ ମିଳିଛି । ସେ ଚାଟ୍ ଡିଲିଟ୍ କରିନାହାଁନ୍ତି । ଏନଆଇଏ



ଏବେ ତଦନ୍ତ କରିବ ଯେ ସେ କିଛି ଡିଲିଟ୍ କରିଛନ୍ତି କି ନାହିଁ । ସେ ନିଜର ଭୁଲ ବୁଝିପାରୁଛନ୍ତି ଏବଂ ଅନୁତାପ ମଧ୍ୟ କରୁଛନ୍ତି । ସେ କହିଛନ୍ତି ଯେ ସେ ପାକିସ୍ତାନୀ ହ୍ୟାଣ୍ଡଲରଙ୍କ ଜାଲରେ ଫସି ଯାଇଥିଲେ ଏବଂ ବାହାରକୁ ବାହାରି ପାରିନଥିଲେ ।

ରିପୋର୍ଟ ଅନୁଯାୟୀ, ମୋତି ରାମ ୨୦୨୩ ମସିହାରୁ ପାକିସ୍ତାନକୁ ସମ୍ବେଦନଶୀଳ ସୂଚନା ପଠାଉଥିଲେ । ତାଙ୍କୁ ପାକିସ୍ତାନୀ ଗୁଇନ୍ଦା ସଂସ୍ଥାରୁ ମଧ୍ୟ ପାଣ୍ଠି ମିଳିଛି । ମୋତି ରାମଙ୍କ ଫୋନ୍ ଚାଟ୍ ଏବଂ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଏକ ଗୁରୁତ୍ୱପୂର୍ଣ୍ଣ ସୁରାକ ମିଳିଛି । ଅଧିକାରୀମାନେ କହିଛନ୍ତି ଯେ ପ୍ରତି ମାସରେ ତାଙ୍କ ଆକାଉଣ୍ଟରେ ୩୦୦୦ ଟଙ୍କା ଆସୁଥିଲା ଏବଂ ଏହି ରାଶି ଏକ ବିଦେଶୀ ଆକାଉଣ୍ଟ ମାଧ୍ୟମରେ ସ୍ଥାନାନ୍ତର ହେଉଥିଲା । ଏହି କାରଣରୁ ସନ୍ଦେହ ଆହୁରି ଘନିଷ୍ଠ ହୋଇଥିଲା । ଅଭିଯୁକ୍ତ ସିଆରପିଏଫ ଯବାନ ସୋସିଆଲ ମିଡିଆ ମାଧ୍ୟମରେ ପାକିସ୍ତାନୀ ଏଜେଣ୍ଟଙ୍କ ସହ କଥା ହେଉଥିଲେ ।

# ବିଦେଶ ଗସ୍ତରେ ଥିବା ଗୁଲାମ ନବୀ ଅସୁସ୍ଥ



ନୂଆଦିଲ୍ଲୀ : କୁଏତ ଗସ୍ତରେ ଥିବା ସର୍ବଦଳୀୟ ପ୍ରତିନିଧିମଣ୍ଡଳର ସଦସ୍ୟ ଗୁଲାମ ନବୀ ଆଜାଦ ଅସୁସ୍ଥ ହୋଇପଡ଼ିଛନ୍ତି । ତାଙ୍କୁ ଏକ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାଯାଇଛି । ତାଙ୍କ ସହିତ ବିଦେଶ ଗସ୍ତରେ ଯାଇଥିବା ବିଜେପି ସାଂସଦ ନିଶିକାନ୍ତ ଦୁବେ କହିଛନ୍ତି ଯେ ପୂର୍ବରୁ ଅସୁସ୍ଥ ଥିବା ସତ୍ତ୍ୱେ ସେ ପ୍ରତିନିଧିମଣ୍ଡଳରେ ସାମିଲ ହେବାକୁ ନିଷ୍ପତ୍ତି ନେଇଥିଲେ । ଆଜିର ସମୟରେ ଏପରି ରାଜନେତା ଖୋଜିବା କଷ୍ଟକର । ସେ କହିଥିଲେ ଯେ ଯେତେବେଳେ ଆମେ ହସ୍ପିଟାଲରେ ଗୁଲାମନବୀ ଆଜାଦଙ୍କୁ ଭେଟିବାକୁ ଗଲୁ, ତାଙ୍କ ଆଖି ଲୁହରେ ଭରି ଯାଇଥିଲା । ସୂଚନାଯୋଗ୍ୟ ଯେ, ଗୁଲାମ ନବୀ ଆଜାଦ ଯେଉଁ ପ୍ରତିନିଧିମଣ୍ଡଳର ଅଂଶ, ତାହାର ନେତୃତ୍ୱ ବିଜେପି ସାଂସଦ ବୈଜୟନ୍ତ ପଣ୍ଡା ନେଉଛନ୍ତି ।

ଇନଷ୍ଟାଗ୍ରାମରେ ଫଟୋ ସେୟାର କରିବା ସମୟରେ ସେ ଲେଖିଛନ୍ତି ଯେ ଆଜାଦଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଅଛି । 'ଏକ୍ସ'ରେ ବୈଜୟନ୍ତ ଲେଖିଛନ୍ତି, ଆମର ପ୍ରତିନିଧିମଣ୍ଡଳର ଗସ୍ତ ମଧ୍ୟରେ ଗୁଲାମ ନବୀ ଆଜାଦଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିବାକୁ ପଡିଲା । ତାଙ୍କ ଅବସ୍ଥା ସ୍ଥିର ଅଛି, ସେ ଡାକ୍ତରୀ ତଦାରଖରେ ଅଛନ୍ତି ଏବଂ କିଛି ପରୀକ୍ଷା କରାଯିବ । ବାହାରିନ ଏବଂ କୁଏତରେ ଅନୁଷ୍ଠିତ ବୈଠକରେ ତାଙ୍କର ଅବଦାନ ବହୁତ ପ୍ରଭାବଶାଳୀ ଥିଲା ଏବଂ ସେ ଅସୁସ୍ଥ ହୋଇଯାଇଥିବାରୁ ଆମେ ନିରାଶ । ଆମେ ସାଉଦି ଆରବ ଏବଂ ଆଲଜେରିଆରେ ତାଙ୍କର ଉପସ୍ଥିତିକୁ ମିସ୍ କରିବୁ ।

# ସିଏମ୍ ଟ୍ରଫି ଉଦ୍‌ଘାଟିତ




ଭୁବନେଶ୍ୱର, ୨୮।୫ (ସବ୍ୟୁ): ୧୫ ବର୍ଷରୁ କମ୍ ଆନ୍ତଃ ଜିଲ୍ଲା ଫୁଟ୍‌ବଲ ଚାମ୍ପିଅନସିପ୍ ସିଏମ୍ ଟ୍ରଫି ବୁଧବାର ୪ଟି ଜୋନ୍ କେନ୍ଦୁଝର, ସମ୍ବଲପୁର, ବ୍ରହ୍ମପୁର ଓ ଭୁବନେଶ୍ୱରରେ ଆରମ୍ଭ ହୋଇଛି । ଅପରାହ୍ନ ୪ଟାରେ ସମସ୍ତ ଜୋନ୍‌ରେ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା । କେନ୍ଦୁଝର ଜୋନ୍‌ରେ ମୁଖ୍ୟ ଅତିଥି ଭାବେ ବିଜେପି ଉପସଭାପତି ଗଣେଶ୍ୱର ମହନ୍ତ, ଫାଓ ଯୁଗ୍ମ ସମ୍ପାଦକ ବିଶ୍ୱରଞ୍ଜନ ଘଡ଼େଇ, ଫାଓ ସଦସ୍ୟ ମଣ୍ଟୁ ନାୟକ, କାର୍ତ୍ତିକ ବେହେରା ଓ କେନ୍ଦୁଝର ଜିଲ୍ଲା ଆଥ୍‌ଲେଟିକ୍ ଆସୋସିଏସନ ସମ୍ପାଦକ ଜନାର୍ଦ୍ଦନ ଦାସ ଯୋଗ ଦେଇଥିଲେ ।

ସମ୍ବଲପୁର ଜୋନ୍‌ରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଜୟନାରାୟଣ ମିଶ୍ର, ଝାରସୁଗୁଡ଼ା ବିଧାୟକ ତଥା ଫାଓ ସଭାପତି ଟଙ୍କଧର ତ୍ରିପାଠୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସତ୍ୟନାରାୟଣ ତାଣ୍ଡି, ସୁନୀଲ ସାହୁ, ଅବ୍‌ଦୁଲ୍ ଗଫର, ଦୁଲ୍ଲାଲ୍ ପ୍ରଧାନ ଓ ସବିର ଅହମ୍ମଦ ଯୋଗ ଦେଇଥିଲେ ।

ବ୍ରହ୍ମପୁର ଜୋନ୍‌ରେ ମୁଖ୍ୟ ଅତିଥି ଭାବେ ଏସ୍‌ପି ସର୍ଭଣ, ବିବେକ, ବ୍ରହ୍ମପୁର ତହସିଲଦାର ଈଶ୍ୱର ଚନ୍ଦ୍ର ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସନ୍ତୋଷ କୁମାର ମିଶ୍ର, ଫାଓ କୋଷାଧକ୍ଷ ଭକ୍ତବଲ୍ଲଭ ଦାସ ଯୋଗ ଦେଇଥିଲେ ।

ଭୁବନେଶ୍ୱର ଜୋନ୍‌ରେ ଦୀପଙ୍କର ମହାପାତ୍ର, ବିଜୟ କୁମାର ସ୍ୱାଇଁ, ଅମିତ କୁମାର ନାୟକ, ପଦ୍ମଚରଣ ସାହୁ, ସୌମ୍ୟ ସାର୍ଥକ ମିଶ୍ର, ଶାଶ୍ୱତ ରାଉତ, ସମୀର ମହାନ୍ତି (ଓଡ଼ିଶା ଅଲିମ୍ପିକ୍ ସଂଘ ସଭାପତି), ବୀରେନ୍ଦ୍ର କୁମାର ବେହେରା, ସହଦେବ ରାଉତ, ସୌର୍ଯ୍ୟ ରଞ୍ଜନ ପରିଜା, ଦିଲ୍ଲୀପ କୁମାର ଦାସ ଓ ଅଶୋକ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ ।

ପ୍ରଥମ ଦିନ ଅନୁଷ୍ଠିତ ମ୍ୟାଚ୍‌ଗୁଡ଼ିକରେ ଭୁବନେଶ୍ୱର, କନ୍ଧମାଳ, ସମ୍ବଲପୁର, ଝାରସୁଗୁଡ଼ା, କେନ୍ଦୁଝର, କଳାହାଣ୍ଡି ଓ ରାୟଗଡ଼ା ବିଜୟୀ ହୋଇଛନ୍ତି । ପ୍ରତ୍ୟେକ ଜୋନ୍‌ରେ ଦୁଇଟି ଲେଖାଏ ମ୍ୟାଚ୍ ଖେଳାଯାଇଥିଲା ।

# ଏସିଆନ୍ ଜୁଜିଟସୁ: ଅନୁପମାଙ୍କୁ ଡବଲ ପଦକ



ଭୁବନେଶ୍ୱର, ୨୮।୫ (ସବ୍ୟୁ): ଜୋର୍ଡାନ୍‌ରେ ଶେଷ ହୋଇଥିବା ନବମ ଏସୀୟ ବରିଷ୍ଠ ଜୁଜିଟସୁ ପ୍ରତିଯୋଗିତାରେ ଓଡ଼ିଶା ଜୁଜିଟସୁ ସଂଘ ପକ୍ଷରୁ ଭାରତକୁ ପ୍ରତିନିଧିତ୍ୱ କରୁଥିବା ୪ ଜଣ ଖେଳାଳିଙ୍କ ମଧ୍ୟରୁ ଅନୁପମା ସ୍ୱାଇଁ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । କଣ୍ଟାକ୍ଟସ୍ ଜୁଜିଟସୁ ସିଷ୍ଟମ ପ୍ରତିଯୋଗିତାରେ ଭିଏତ୍‌ନାମ ପ୍ରତିଯୋଗୀଙ୍କୁ ହରାଇ ଅନୁପମା ରୌପ୍ୟ ପଦକ ହାସଲ କରିଥିବାବେଳେ ଫାଇଟିଂ ସିଷ୍ଟମରେ କାଜାକିସ୍ତାନକୁ ହରାଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି ।

ଓଡ଼ିଶା ପୋଲିସରେ କାର୍ଯ୍ୟରତ ଅନୁପମା ୫୨ କେଜି ବର୍ଗରେ ଅଂଶଗ୍ରହଣ କରିଥିଲେ । ଏହା ତାଙ୍କର ପଞ୍ଚମ ଏସୀୟ ପଦକ । ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ଅନୁପମାଙ୍କୁ ରାଜ୍ୟ କ୍ରୀଡ଼ା ବିଭାଗ ତରଫରୁ ସ୍ୱତନ୍ତ୍ର କାର୍ଯ୍ୟରତ ଅଧିକାରୀ ବିଜୟ କୁମାର ରାଉତ ଏବଂ ଓଡ଼ିଶା ପୋଲିସର କିଛି ଅଧିକାରୀଙ୍କ ସହ ରାଜ୍ୟ ଜୁଜିଟସୁ ସଂଘ ଉତ୍କଳ କରାଟେ ସ୍କୁଲର ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳିମାନେ ଅନୁପମାଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଛନ୍ତି ।

**ଆଇପିଏଲ୍ ମହାସମର**

# ଆଜି ପଞ୍ଜାବ-ବେଙ୍ଗାଲୁରୁ କ୍ୱାଲିଫାୟର ୧

ମୁଲାନପୁର, ୨୮।୫ (ଏଜେନ୍ସି): ଆଇପିଏଲ୍ ମହାସମର ଏବେ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଆଉ ୪ଟି ମ୍ୟାଚ୍ ପରେ ଆଇପିଏଲ ୧୮ତମ ସଂସ୍କରଣରେ ପୂର୍ଣ୍ଣଚ୍ଛେଦ ପଡ଼ିବ । ୨ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଜାରି ରହିଥିବା ଆଇପିଏଲ୍‌ର ଲିଗ୍ ପର୍ଯ୍ୟାୟ ପରେ ୪ଟି ଦଳ କ୍ୱାଲିଫାୟରକୁ ଉନ୍ନୀତ ହୋଇଛନ୍ତି । ପଞ୍ଜାବ, ବେଙ୍ଗାଲୁରୁ, ଗୁଜରାଟ ଓ ମୁମ୍ବାଇ ମଧ୍ୟରେ ଚଳିତ ସଂସ୍କରଣର କିଏ ବିଜେତା ହେବ ସେ ନେଇ ଅଙ୍କକଷା ଚାଲିଛି । ତେବେ ଗୁରୁବାର ମୁଲାନପୁରରେ କ୍ୱାଲିଫାୟର-୧ ଲଢ଼େଇ ପଞ୍ଜାବ କିଙ୍ଗସ୍ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ହେବ । ପୁଣି ୩୦ ତାରିଖରେ ଏଲିମିନେଟର ମ୍ୟାଚ୍ ଗୁଜରାଓ ଏବଂ ମୁମ୍ବାଇ ମଧ୍ୟରେ ଖେଳାଯିବ । ଜୁନ୍ ୧ରେ ଦ୍ୱିତୀୟ କ୍ୱାଲିଫାୟର ଖେଳାଯିବ । ଅର୍ଥାତ୍ ଏହି ମ୍ୟାଚ୍‌ରେ ମୁହାଁମୁହିଁ ହେବେ କ୍ୱାଲିଫାୟର ପରାଜିତ ଦଳ ଓ ଏଲିମିନେଟର ମ୍ୟାଚ୍ ବିଜେତା ଦଳ । କ୍ୱାଲିଫାୟର-୧ ଜିତିଥିବା ଦଳ ସିଧାସଳଖ ଫାଇନାଲରେ ପ୍ରବେଶ କରିବ । ପୁଣି କ୍ୱାଲିଫାୟର-୨ ବିଜେତା ଦଳ ମଧ୍ୟ ଫାଇନାଲ ଯିବ । ଜୁନ୍-୩ରେ ମହାଲଢ଼େଇ ହେବ ।



କ୍ୱାଲିଫାୟର-୧ ପାଇଁ ପଞ୍ଜାବ କିଙ୍ଗସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପ୍ରସ୍ତୁତ ଅଛନ୍ତି । ୨୦୧୪ ପରେ ପଞ୍ଜାବ ପ୍ଲେ-ଅଫ୍‌ରେ ପ୍ରବେଶ କରିଛି । ବିଗତ କିଛି ସଂସ୍କରଣରେ ବେଙ୍ଗାଲୁରୁର ପ୍ରଦର୍ଶନ ଜମାଣିଆ ରହିଛି । ଦଳ ବହୁବାର ପ୍ଲେ-ଅଫ୍‌କୁ ଯାଇଛି । କିନ୍ତୁ ଟାଇଟଲ ହାସଲ କରିପାରି ନାହିଁ । ୨୦୧୬ରେ ବେଙ୍ଗାଲୁରୁ ଫାଇନାଲରେ ସନ୍‌ରାଇଜର୍ସ ହାଇଦ୍ରାବାଦ ନିକଟରୁ ପରାଜିତ ହୋଇ ସନ୍ତୁଷ୍ଟ ହୋଇଥିଲା । ବେଙ୍ଗାଲୁରୁର ନେତୃତ୍ୱ ନେବେ ରଜତ ପଟ୍ଟିଦାର । ସେ ୪ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି । ଉପଅଧିନାୟକ ଜିତେଶ ଶର୍ମା ୯ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି । ଅନ୍ତର୍ଜାତୀୟ ଅଭିଜ୍ଞତା କମ୍ ସତ୍ତ୍ୱେ ଆଇପିଏଲ୍‌ରେ ଏମାନଙ୍କ ପ୍ରଦର୍ଶନ ଜମାଣିଆ ରହିଛି । ଅପରପକ୍ଷରେ ପଞ୍ଜାବ ପାଇଁ ଦୁଃଖଦ ଖବର । କାରଣ ଆହତ ସମସ୍ୟା ଯୋଗୁ ୟୁଜବେନ୍ଦ୍ର ଚହଲ ଏହି ମ୍ୟାଚ୍ ଖେଳିପାରିବେ ନାହିଁ । ଗତ ଦୁଇଟି ମ୍ୟାଚ୍‌ରେ ମଧ୍ୟ ଚହଲଙ୍କୁ ଦେଖିବାକୁ ମିଳି ନଥିଲା । ସେହିଭଳି ବେଙ୍ଗାଲୁରୁକୁ ଆଶ୍ୱସ୍ତି ମିଳିଛି । ଆହତ ସମସ୍ୟାରୁ ମୁକୁଳି ଜୋସ୍ ହାଜଲେଉଡ୍ ଦଳ ସହ ଯୋଗ ଦେଇଛନ୍ତି । ସେ କ୍ୱାଲିଫାୟର-୧ ଖେଳିପାରନ୍ତି । ପଞ୍ଜାବର ଅଲରାଉଣ୍ଡର ତାଲିକାରେ ଥିବା ସବୁଠୁ ଦକ୍ଷ ମାର୍କୋ ଜନସେନ୍ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ପ୍ରସ୍ତୁତି ପାଇଁ ଦକ୍ଷିଣ ଆଫ୍ରିକା ଫେରିଯାଇଛନ୍ତି । ହାମଷ୍ଟ୍ରିଂ ଇଞ୍ଜୁରୀ ଯୋଗୁ ଟିମ୍ ଡେଭିଡ୍ ଏହି ମ୍ୟାଚ୍ ଖେଳିବେ ନାହିଁ । ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚ୍‌ରେ ହେଭିଡ୍ ଆହତ ହୋଇଥିଲେ । ବିଗତ ୫ଟି ମ୍ୟାଚ୍‌ର ପ୍ରଦର୍ଶନ ଉପରେ ନଜର ପକାଇଲେ ଉଭୟ ପଞ୍ଜାବ ଓ ବେଙ୍ଗାଲୁରୁ ଦଳ ୪ଟି ଲେଖାଏ ଜିତିଥିବାବେଳେ ଗୋଟିଏ ଲେଖାଏ ହାରିଛନ୍ତି ।

ଏହି ମ୍ୟାଚ୍‌ରେ ଦୁଇ ତାରକା ଶ୍ରେୟାସ ଆୟର ଓ ବିରାଟ କୋହଲିଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ । କୋହଲି ଏପର୍ଯ୍ୟନ୍ତ ୧୪ଟି ମ୍ୟାଚ୍ ଖେଳି ୧୪୭.୯୧ ଷ୍ଟ୍ରାଇକ୍ ରେଟ୍‌ରେ ୬୦୮ ରନ ସଂଗ୍ରହ କରିଛନ୍ତି । ଶ୍ରେୟାସ ୧୪ ମ୍ୟାଚ୍‌ରୁ ୫୧୪ ରନ କରିଛନ୍ତି । ତେଣୁ ଉଭୟଙ୍କ ପ୍ରଦର୍ଶନ ମ୍ୟାଚ୍‌ର ଫଳାଫଳକୁ ପ୍ରଭାବିତ କରିବ । ମୁଲାନପୁରରେ ଶ୍ରେୟାସ ୪ଟି ଇନିଂସ୍‌ରେ ମାତ୍ର ୨୫ ରନ କରିଛନ୍ତି । ଅର୍ଥାତ୍ ଏହି ଗ୍ରାଉଣ୍ଡ ଶ୍ରେୟାସ ଆୟରଙ୍କ ପାଇଁ ଶୁଭଙ୍କର ହୋଇନାହିଁ । ଅପରପକ୍ଷେ କୋହଲି ଜମାଣିଆ ଫର୍ମରେ ଅଛନ୍ତି । ଏଠାରେ ସେ ୫୪ ବଲ୍‌ରୁ ୭୩ ରନର ଇନିଂସ୍ ଖେଳି ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ । ଏଠାରେ ଆର୍‌ସିବି ୨ଟି ମ୍ୟାଚ୍ ଜିତିଛି ।

ଚଳିତ ସିଜନ୍‌ରେ ମୁଲାନପୁରରେ ୪ଟି ଆଇପିଏଲ୍ ମ୍ୟାଚ୍ ଖେଳାଯାଇଛି । ୨ଟି ମ୍ୟାଚ୍‌ରେ ୨୦୦ରୁ ଅଧିକ ରନ ହୋଇଛି । ଆଉ ଦୁଇଟି ମ୍ୟାଚ୍ ଧିମା ସ୍କୋର ହୋଇଛି । ତେଣୁ ଗୁରୁବାର ମ୍ୟାଚ୍ ହାଇସ୍କୋରିଂ ହେବା ନେଇ କ୍ୟୁରେଟର ଆଶାବାଦୀ ଅଛନ୍ତି । ମୁଲାନପୁରରେ ଦିନର ତାପମାତ୍ରା ୩୦° ରହିବ । ବର୍ଷାର ସମ୍ଭାବନା ନାହିଁ । ତେଣୁ ଦର୍ଶକ ଏକ ପୂର୍ଣ୍ଣ ମ୍ୟାଚ୍ ଦେଖିବାର ସୁଯୋଗ ପାଇବେ ।

**: ହାଇଲାଇଟ୍ସ :**

– ଚଳିତ ସିଜନରେ ୫୦୦ରୁ ଅଧିକ ରନ କରିଥିବା ୧୦ ଜଣ ବ୍ୟାଟରଙ୍କ ମଧ୍ୟରେ ଶ୍ରେୟାସ ଆୟରଙ୍କ ଷ୍ଟ୍ରାଇକ୍ ରେଟ୍ ୧୭୧.୯୦ ରହିଛି । ନିକୋଲାସ ପୁରନ୍‌ଙ୍କ ଷ୍ଟ୍ରାଇକ୍ ରେଟ୍ ୧୯୬.୨୫ ।

– ବେଙ୍ଗାଲୁରୁ ବୋଲରଙ୍କ ବିପକ୍ଷରେ ଆୟରଙ୍କ ପ୍ରଦର୍ଶନ ସବୁଠୁ ଖରାପ ରହିଛି । ଟି-୨୦ କ୍ରିକେଟରେ ହାଜଲେଉଡ୍ ୧୯ ବଲ୍ ମଧ୍ୟରେ ୩ଥର ଆୟରଙ୍କୁ ଆଉଟ କରିଛନ୍ତି । ଭୁବନେଶ୍ୱର କୁମାର ମଧ ତାଙ୍କୁ ୩ ଥର ଆଉଟ କରିଛନ୍ତି । କ୍ରୁନାଲ୍ ପାଣ୍ଡ୍ୟା ତାଙ୍କୁ କେବଳ ଥରେ ଆଉଟ କରିଛନ୍ତି ।

– ଅର୍ଶଦୀପ ସିଂ ୩୨ଟି ବଲ୍‌ରେ ୪ ଥର ଫିଲ୍ ସଲ୍ଟଙ୍କୁ ଆଉଟ୍ କରିଛନ୍ତି ।

– ମୟଙ୍କ ଆଗ୍ରୱାଲ ସ୍ପିନର ୟୁଜବେନ୍ଦ୍ର ଚହଲଙ୍କ ବିପକ୍ଷରେ ମାତ୍ର ୧୨ ହାରରେ ରନ୍ ସଂଗ୍ରହ କରିଛନ୍ତି । ଚହଲ ତାଙ୍କୁ ୬ ଥର ଆଉଟ୍ କରିଛନ୍ତି ।

ପଞ୍ଜାବ କିଙ୍ଗସ୍ : ପ୍ରିଅନ୍ସ ଆର୍ଯ୍ୟ, ପ୍ରଭସିମ୍‌ରନ୍ ସିଂ, ଜୋସ୍ ଇଙ୍ଗଲିସ୍, ଶ୍ରେୟାସ ଆୟର, ନେହାଲ ୱାଧେରା, ଶଶାଙ୍କ ସିଂ, ମାର୍କସ ଷ୍ଟୋଇନିସ, ଅଜମତୁଲ୍ଲା ଉମାରଜାଇ, କାଏଲ ଜାମିସନ, ହରପ୍ରୀତ ବ୍ରାର୍, ଅର୍ଶଦୀପ ସିଂ, ୟୁଜବେନ୍ଦ୍ର ଚହଲ ।

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ : ବିରାଟ କୋହଲି, ଫିଲ୍ ସଲ୍ଟ, ମୟଙ୍କ ଅଗ୍ରୱାଲ, ରଜତ ପଟ୍ଟିଦାର, ଜିତେଶ ଶର୍ମା, କ୍ରୁନାଲ ପାଣ୍ଡ୍ୟା, ଲିଆମ ଲିଭିଂଷ୍ଟୋନ, ରୋମାରିଓ ସେଫର୍ଡ, ଭୁବନେଶ୍ୱର କୁମାର, ଯଶ ଦୟାଲ, ଜୋସ୍ ହାଜଲେଉଡ୍, ସୂୟାଶ ଶର୍ମା ।

**ଆଜିର ମ୍ୟାଚ**

ପଞ୍ଜାବ-ବେଙ୍ଗାଲୁରୁ
ସମୟ: ରାତି ୭.୩୦
ସ୍ଥାନ: ମୁଲାନପୁର
ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ହଟ୍‌ଷ୍ଟାର୍

# ଉଦ୍‌ଯାପନୀ ଉତ୍ସବରେ ସେନାକୁ କରାଯିବ ସମ୍ମାନିତ

ନୂଆଦିଲ୍ଲୀ, ୨୮।୫ (ଏଜେନ୍ସି): ଆଇପିଲ୍‌ର ଉଦ୍‌ଯାପନୀ ସମାରୋହରେ ଭାରତୀୟ ସେନାକୁ ସମ୍ମାନିତ କରାଯିବ । ଅପରେସନ ସିନ୍ଦୂରର ବୀର ଯବାନଙ୍କୁ ଫାଇନାଲ ମ୍ୟାଚ୍ ଦେଖିବା ପାଇଁ ଆମନ୍ତ୍ରିତ କରାଯିବ ସହ ସମ୍ମାନିତ କରାଯିବାର ବ୍ୟବସ୍ଥା ହୋଇଛି । ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ଼ ପକ୍ଷରୁ ଏହି ଘୋଷଣା କରାଯାଇଛି । ଆଇପିଏଲ୍‌ର ଶେଷ ଉତ୍ସବ ଭାରତୀୟ ସଶସ୍ତ୍ର ବାହିନୀର ସମ୍ମାନାର୍ଥେ ଉତ୍ସର୍ଗ କରାଯିବ ବୋଲି ଘୋଷଣା ହୋଇଛି । ଜୁନ୍ ୩ ତାରିଖରେ ଉଦ୍‌ଯାପନୀ ଉତ୍ସବ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଅନୁଷ୍ଠିତ ହେବ । ଏହି ସମୟରେ ଅପରେସନ ସିନ୍ଦୂର ଅଧୀନରେ ଆତଙ୍କବାଦୀ ଆଡ୍ଡାକୁ ଧ୍ୱଂସ କରିବା ପାଇଁ ଭାରତୀୟ ସେନା ଦ୍ୱାରା ନିଆଯାଇଥିବା ସଫଳ କାର୍ଯ୍ୟାନୁଷ୍ଠାନକୁ ସମ୍ମାନିତ କରିବା ଲାଗି ଏହି ପଦକ୍ଷେପ ନିଆଯାଇଛି । ଫାଇନାଲ ସମୟରେ ତିନି ସେନାର ମୁଖ୍ୟଙ୍କୁ ନିମନ୍ତ୍ରଣ କରାଯାଇଛି । ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, ନୌସେନା ମୁଖ୍ୟ ଆଡ୍‌ମିରାଲ ଦିନେଶ କେ ତ୍ରିପାଠୀ ଏବଂ ବାୟୁସେନା ମୁଖ୍ୟ ମାର୍ଶାଲ ଅମରପ୍ରୀତ ସିଂହଙ୍କୁ ନିମନ୍ତ୍ରଣ କରାଯାଇଛି । ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି, ଆମେ ଆମର ସାହସୀ ଯବାନଙ୍କ ବାହାଦୂରୀ, ସାହସ ଏବଂ ନିଃସ୍ୱାର୍ଥପର ସେବାକୁ ସଲାମ କରୁଛୁ । ଅପରେସନ ସିନ୍ଦୂର ମାଧ୍ୟମରେ ଯବାନମାନେ ଯେଉଁ ସାହସିକତା ଦେଖାଇଛନ୍ତି, ତାହା କେବଳ ଦେଶକୁ ସୁରକ୍ଷିତ ରଖିନାହିଁ, ବରଂ ଆମ ସମସ୍ତଙ୍କୁ ପ୍ରେରଣା ଦେଇଛି ।

# ରୋହିତଙ୍କ ଅନୁରୋଧ ରଖିଲା ବିସିସିଆଇ

ନୂଆଦିଲ୍ଲୀ, ୨୮।୫ (ଏଜେନ୍ସି): ଆଗାମୀ ଜୁନ ୨୦ରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ଆରମ୍ଭ ହେବାକୁ ଯାଉଛି । ଏହି ଶୃଙ୍ଖଳା ସହ ଭାରତ ୨୦୨୫-୨୭ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଅଭିଯାନ ଆରମ୍ଭ କରିବ । ପ୍ରଥମ ଥର ପାଇଁ ଅଧିନାୟକ ରୋହିତ ଶର୍ମା ଓ ଷ୍ଟାର ବ୍ୟାଟର ବିରାଟ କୋହଲିଙ୍କ ଅବସର ପରେ ଭାରତୀୟ ଦଳ ଇଂଲଣ୍ଡରେ ଟେଷ୍ଟ ଶୃଙ୍ଖଳା ଖେଳିବ । ଶୁଭମନ ଗିଲ୍‌ଙ୍କୁ ଦଳର ନୂଆ ଅଧିନାୟକ କରାଯାଇଥିଲା ବେଳେ ଏହି ଗସ୍ତରେ ଗିଲ୍ ତଥା ଭାରତୀୟ ଦଳର ପ୍ରଦର୍ଶନ କିପରି ରହିବ, ତା'ଉପରେ ସମସ୍ତଙ୍କ ନଜର ରହିଛି । ଗିଲ୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ନୂଆ ଯାତ୍ରା ଆରମ୍ଭ କରିବାକୁ ଯାଉଛି । ରୋହିତ ଓ ବିରାଟଙ୍କ ଅବସର ପୂର୍ବରୁ ବିସିସିଆଇ ଭାରତୀୟ ଦଳର ସହଯୋଗୀ କୋଚ୍ ଅଭିଶେକ ନାୟାର ଓ ଫିଲ୍ଡିଂ କୋଚ୍ ଦିଲ୍ଲୀପଙ୍କୁ ବିଦା କରିଦେଇଥିଲା । କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ବିସିସିଆଇ ପୁଣି ଥରେ ଦିଲ୍ଲୀପଙ୍କୁ ଭାରତୀୟ ଦଳର ଫିଲ୍ଡିଂ କୋଚ୍ ଭାବେ ନିଯୁକ୍ତି ଦେବାକୁ ରାଜି ହୋଇଛି । ଅର୍ଥାତ୍ ଆଗାମୀ ଇଂଲଣ୍ଡ ଗସ୍ତରେ ସେ ଦଳର ଫିଲ୍ଡିଂ କୋଚ୍ ରହିବେ ।



ବିଦେଶୀ କୋଚ୍‌ଙ୍କୁ ନିଯୁକ୍ତି ଦେବାପାଇଁ ବିସିସିଆଇ ଚାହୁଁଥିଲା । କିନ୍ତୁ ଧାର୍ଯ୍ୟ ସମୟ ମଧ୍ୟରେ ଉପଯୁକ୍ତ ପ୍ରାର୍ଥୀ ମିଳି ନଥିଲେ । ତେଣୁ ବାଧହୋଇ ବିସିସିଆଇ ଦିଲ୍ଲୀପଙ୍କୁ ପୁନଃ ନିଯୁକ୍ତି କରିଥିଲା ।

ଗଣମାଧ୍ୟମରେ ଚର୍ଚ୍ଚିତ କଲାଭଳି ଏକ ଖବର ପ୍ରକାଶ ପାଇଛି । ଦିଲ୍ଲୀପଙ୍କୁ ପୁନଃ ନିଯୁକ୍ତି ପଛରେ ରୋହିତ ଶର୍ମାଙ୍କ ହାତ ଥିବା ଦାବି କରାଯାଇଛି । ରିପୋର୍ଟରେ କୁହାଯାଇଛି ଯେ ହାଇଦ୍ରାବାଦଭିତ୍ତିକ କୋଚ୍ ଦିଲ୍ଲୀପଙ୍କୁ ଗୋଟିଏ ବର୍ଷ ପାଇଁ ରଖିବାକୁ ରୋହିତ ଶର୍ମା ବ୍ୟକ୍ତିଗତ ଭାବେ ଗୌତମ ଗମ୍ଭୀରଙ୍କୁ ଅନୁରୋଧ କରିଥିଲେ । ଏହାପରେ ବିସିସିଆଇ ଦିଲ୍ଲୀପଙ୍କୁ ପୁଣି ଫିଲ୍ଡିଂ କୋଚ୍ ଭାବେ ନିଯୁକ୍ତି ଦେଇଛି ।

ଦିଲ୍ଲୀପ ଫିଲ୍ଡିଂ କୋଚ୍ ଥିବାବେଳେ କୌତୁହଳ ପଦକ୍ଷେପ ନେଇଥିଲେ । ମ୍ୟାଚ୍ ଦିନ ସେ କିମ୍ବା କିମ୍ବଦନ୍ତୀ ବ୍ୟକ୍ତିବିଶେଷଙ୍କୁ ଡ୍ରେସିଂ ରୁମ୍‌କୁ ଡାକି ଶ୍ରେଷ୍ଠ ଫିଲ୍ଡରଙ୍କୁ ମେଡାଲ ଦେଉଥିଲେ । ଏହା ସୋସିଆଲ୍ ମିଡିଆରେ ବେଶ୍ ଟ୍ରେଣ୍ଡ ମଧ୍ୟ ହୋଇଥିଲା । ଦିନିକିଆ ବିଶ୍ୱକପଠାରୁ ଆରମ୍ଭ କରି ୨୦୨୪ ଟି-୨୦ ବିଶ୍ୱକପ ଯାଏ ଦିଲୀପ ସବୁବେଳେ ଶ୍ରେଷ୍ଠ ଫିଲ୍ଡରମାନଙ୍କୁ ମେଡାଲ ଦେଇ ସମ୍ବର୍ଦ୍ଧିତ କରୁଥିଲେ । ଏବେ ସେ ପୁଣି ନିଯୁକ୍ତି ପାଇଥିବାରୁ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳାରେ ଏହି ଧାରା ଜାରି ରହିବ ବୋଲି ଆଶା କରାଯାଉଛି ।

**ସୂଚନା**

ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

## ୧୫ ବର୍ଷରୁ କମ ଆନ୍ତଃ ଜିଲ୍ଲା ଫୁଟବଲ

# କେନ୍ଦୁଝର ବିଜୟୀ, ଯାଜପୁର-ଭଦ୍ରକ ମ୍ୟାଚ୍ ଡ୍ର

କେନ୍ଦୁଝର, ୨୮।୫ (ସବ୍ୟୁ) : ଫୁଟବଲ ଆସୋସିଏସନ ଅଫ ଓଡିଶା, ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ ଓ ଜିଲ୍ଲା କ୍ରୀଡା ସଂସ୍ଥା ମିଳିତ ସହଯୋଗରେ କେନ୍ଦୁଝର ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ୧୫ ବର୍ଷରୁ କମ ସିଏମ କପ ଆନ୍ତଃ ଜିଲ୍ଲା ଫୁଟବଲ ଟୁର୍ନାମେଣ୍ଟ ଆଜି ସକାଳେ କେନ୍ଦୁଝର ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଲିକଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । ଲିଗ କମ ନକ ଆଉଟ ପଦ୍ଧତିରେ ଅନୁଷ୍ଠିତ ଆଜିର ପୂର୍ବାହ୍ନ ଖେଳରେ କେନ୍ଦୁଝର ଜିଲ୍ଲା ଢେଙ୍କାନାଳ ବିପକ୍ଷରେ ୭-୦ ଗୋଲରେ ବିପୁଳ ବିଜୟ ଲାଭ କରି ପୁରା ପଏଣ୍ଟ ହାସଲ କରିଛି । ଖେଳର ନବମ ମିନିଟରେ ଅନୁଭବ ନାୟକ ଦଳ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିବା ବେଳେ ୨୩ତମ ମିନିଟରେ କ୍ରିଷ୍ଣା ନାଏକ ଦ୍ୱିତୀୟ ଗୋଲ ୨୫ତମ ମିନିଟରେ ଅନୁଭବ ନାଏକ ତୃତୀୟ ଗୋଲ, ୨୯ତମ ମିନିଟରେ ଆଦିତ୍ୟ ନାଏକ ଚତୁର୍ଥ ଗୋଲ ସ୍କୋର କରିଥିଲେ ଏବଂ ଦ୍ୱିତୀୟାର୍ଦ୍ଧର ୫୩ତମ ମିନିଟରେ ଆଦିତ୍ୟ ନାଏକ ପଞ୍ଚମ ଗୋଲ, ୫୫ ମିନିଟରେ ବଚନ ନାଏକ ଷଷ୍ଠ ଗୋଲ ଏବଂ ୬୫ ମିନିଟରେ ଅନୁଭବ ନାଏକ ଦଳ ପକ୍ଷରୁ ସପ୍ତମ ଗୋଲ ସ୍କୋର କରିଥିଲେ । ଆଜିର ପ୍ରଥମ ଖେଳରେ କେନ୍ଦୁଝରର ଅନୁଭବ ନାୟକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ ।

ଅପରାହ୍ନରେ ଅନୁଷ୍ଠିତ ଦ୍ୱିତୀୟ ଖେଳରେ ଯାଜପୁର ଏବଂ ଭଦ୍ରକ ମଧ୍ୟରେ ଖେଳ ୧-୧ ଗୋଲରେ ଅମୀମାଂଶିତ ରହି ପରସ୍ପର ପଏଣ୍ଟ ଭାଗ କରିଥିଲେ । ପ୍ରଥମାର୍ଦ୍ଧ ଖେଳର ୧୦ ମିନିଟରେ ଯାଜପୁର ପକ୍ଷରୁ ଲକ୍ଷ୍ମଣ ମୁଣ୍ଡା ପ୍ରଥମେ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିବା ବେଳେ ୨୬ତମ ମିନିଟରେ ଲଛୁ ହାଁସଦା ଗୋଲଟିକୁ ପରିଶୋଧ କରି ଦେଉଥିଲେ । ଏହି ଖେଳରେ ଲଛୁ ହାଁସଦା ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ । ଏହି ଖେଳରେ ଫାଓ ପକ୍ଷରୁ ଶିବ ଶଙ୍କର ପଣ୍ଡା ମ୍ୟାଚ କମିଶନର କାର୍ଯ୍ୟ ତୁଲାଇଥିବା ବେଳେ ବୀରେନ୍ଦ୍ର ମହାନ୍ତ, ରାମକ୍ରୀଷ୍ଣା ବେହେରା, କୃଷ୍ଣ ଚନ୍ଦ୍ର ମହାନ୍ତ, ସଞ୍ଜୟ ନାୟକ ପ୍ରମୁଖ ସିଲେକ୍ଟର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ।

# ଆନ୍ତଃ ସ୍କୁଲ କ୍ରିକେଟ : ଡିଏଭି ପବ୍ଲିକ ସ୍କୁଲ ବିଜୟୀ

କେନ୍ଦୁଝର, ୨୮।୫ (ସବ୍ୟୁ) : ଓଡିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଏବଂ ଜିଲ୍ଲା କ୍ରୀଡା ସଂସ୍ଥା ସହଯୋଗରେ ସ୍ଥାନୀୟ ଷ୍ଟାଡିୟମ ପଡିଆ ଠାରେ ଆଜିର ନବମ ଦିବସର ଗ୍ରୁପ 'ବି' ର ଅନ୍ତିମ ଲିଗ ପର୍ଯ୍ୟାୟ ଖେଳରେ 'ଡିଏଭି' ପବ୍ଲିକ ସ୍କୁଲ (ମିଳିତ) ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ମିଳିତ) ବିପକ୍ଷରେ ୮ ଉଇକେଟରେ ବିପୁଳ ବିଜୟ ହାସଲ କରିଛି । ଏକ ବ୍ୟାଟିଂ ପିଚରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଟସରେ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ ଏବଂ ନିର୍ଦ୍ଧାରିତ ୩୦ ଓଭର ଠାରୁ ୨ ଓଭର କମ ଖେଳି ୨୦୦ ରନ ସଂଗ୍ରହ କରି ସମସ୍ତ ୱିକେଟ ହରାଇଥିଲେ । ଦଳ ପକ୍ଷରୁ ଭୂପେଶ ନାୟକ ୭୯ଟି ବଲର ସମ୍ମୁଖୀନ ହୋଇ ୧୩ଟି ଚୌକା ସହାୟତାରେ ୧୦୫.୦୬ ଷ୍ଟ୍ରାଇକ ରେଟ ସହ ୮୩ ରନ ସଂଗ୍ରହ କରି ଅର୍ଦ୍ଧ ଶତକ ହାସଲ କରିଥିଲେ । ପ୍ରତିପକ୍ଷ ଦଳର ଅଧିନାୟକ ଈଶାନ୍ତ ମୁର୍ମୁ ୪୬ ରନ ଦେଇ ୪ଟି ଉଇକେଟ ହାସଲ କରିଥିବା ବେଳେ ଶୁଭମ ଦାସ ୫ ଓଭର ବୋଲିଂରେ ୩୫ ରନ ଦେଇ ୩ଟି ୱିକେଟ ହାସଲ କରିଥିଲେ । ଏହାର ଜବାବରେ ଡିଏଭି ପବ୍ଲିକ ସ୍କୁଲ ମ୍ୟାଚ ଜିତିବା ପାଇଁ ଓଭର ପିଛା ୬.୭ ହାରରେ ରନ ସଂଗ୍ରହ କରିବାର ଲକ୍ଷ୍ୟ ନେଇ ଖେଳ ଆରମ୍ଭ କରିଥିଲେ ଏବଂ ୨୪.୪ ଓଭର ବ୍ୟାଟିଂ କରି ମାତ୍ର ଦୁଇଟି ୱିକେଟ ହରାଇ ଜିତିବା ପାଇଁ ଆବଶ୍ୟକ ରନ ସଂଗ୍ରହ କରିନେଇଥିଲେ ।

ଦଳ ପକ୍ଷରୁ ଅଧିନାୟକ ଈଶାନ୍ତ ମୁର୍ମୁ ୫୮ଟି ବଲର ସମ୍ମୁଖୀନ ହୋଇ ୧୩ଟି ଚୌକା ଏବଂ ୫ଟି ଛକା ସହାୟତାରେ ଅପରାଜିତ ୯୭ ରନ ସଂଗ୍ରହ କରି ମାତ୍ର ୩ ରନ ପାଇଁ ଶତକ ଲାଭରୁ ବଞ୍ଚିତ ହୋଇଥିବା ବେଳେ ଆଶୁତୋଷ ମହାନ୍ତ ୬୬ଟି ବଲର ସମ୍ମୁଖୀନ ହୋଇ ୩ଟି ଚୌକା ସହାୟତାରେ ୩୮ ରନ ସଂଗ୍ରହ କରିଥିଲେ । ଦ୍ରୁତ ଗତିରେ ବ୍ୟାଟିଂ କରି ୯୭ ରନ ସଂଗ୍ରହ କରିବା ସହ ୪ଟି ମୂଲ୍ୟବାନ ୱିକେଟ ଅକ୍ତିଆର କରି ଅଲରାଉଣ୍ଡ ସଫଳତା ହାସଲ କରିଥିବା ଡିଏଭି ସ୍କୁଲର ଅଧିନାୟକ ଈଶାନ୍ତ ମୁର୍ମୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ । ଏହି ଖେଳକୁ ବିଶ୍ୱମ୍ବର ମହାକୁଡ଼, ଯଶୋବନ୍ତ ମହାପାତ୍ର (ଲୁନା) ପରିଚାଳନା କରିଥିବା ବେଳେ ଗିରୀଶ ଚନ୍ଦ୍ର ହୋତା ମ୍ୟାଚ ରେଫରୀ ଏବଂ ରାଜେନ୍ଦ୍ର ସାହୁ ସ୍କୋରର ଦାୟିତ୍ୱ ତୁଲାଇ ଥିଲେ ।

୧୩ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଅନୁପ କୁମାର ଦାସ (କୁନାଭାଇ)

ଆବିର୍ଭାବ : ୨୮.୪.୧୯୬୭ ◆ ତିରୋଧାନ : ୨୯.୫.୨୦୧୨

ଆମ୍ଭମାନଙ୍କୁ ହଠାତ ଛାଡ଼ି ଚାଲିଗଲ ଆରପାରିକୁ। ଚାହିଁ ଚାହିଁ ୧୩ ବର୍ଷ ହୋଇଗଲା। ସମସ୍ତ ସମ୍ପର୍କକୁ ଛିନ୍ନକରି ଅଭିମାନରେ ଚାଲିଗଲ ଏମିତି ଏକ ଜାଗାକୁ ଆଉ ଫେରିବାର ବୃଥା ପ୍ରୟାସ କରାଯାଇନପାରେ। ଆପଣଙ୍କ କାର୍ଯ୍ୟ ଦକ୍ଷତା, ସ୍ନେହ, ଶ୍ରଦ୍ଧା, ପରୋପକାର, ଚିରୋସ୍ମୃତି ହୋଇ ରହିବ। ଆଜି ଏହି ଶ୍ରାଦ୍ଧ ଦିବସରେ ଆପଣଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁଙ୍କଠାରେ ପ୍ରାର୍ଥନା।

ଶ୍ରଦ୍ଧାଞ୍ଜଳି ସହ:

ରମାରାଣୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ରମାରାଣୀ ହାୟର ସେକେଣ୍ଡାରୀ ସ୍କୁଲ ଅଫ୍ ସାଇନ୍ସ ଏଣ୍ଡ ଟେକ୍ନୋଲୋଜି, ରମାରାଣୀ ପବ୍ଲିକ ସ୍କୁଲ, ରମାରାଣୀ ମେଡିକାଲ ଏକାଡେମି, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ତାମୁଲିଆ, ବାଲେଶ୍ୱର

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, **ମୁଖ୍ୟ ସମ୍ପାଦକ:** ଗୁରୁକଲ୍ୟାଣ ମହାପାତ୍ର, **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି